NITIDIN

# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

FRIDAY
5 SEPTEMBER 2025
ଶୁକ୍ରବାର
୫ ସେପ୍ଟେମ୍ବର ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 112 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୧୧୨ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର



DSPL-249





**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ରାଜ୍ୟସ୍ତରୀୟ ଗୁରୁ ଦିବସ ଉତ୍ସବ
## ଏବଂ
## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ

ଶିକ୍ଷା ହିଁ ପ୍ରଗତି । ପିଲାମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶର ଦାୟିତ୍ୱ ଶିକ୍ଷକମାନଙ୍କର । ସେଥିପାଇଁ ସେମାନଙ୍କୁ ଗୁରୁ ଭାବରେ ସମ୍ମାନିତ କରାଯାଏ । ଏହି ଦାୟିତ୍ୱକୁ ଠିକ୍ ଭାବରେ ସମ୍ପାଦନ କରି ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଶିକ୍ଷକମାନେ ଉଦ୍ୟମ ଅବ୍ୟାହତ ରଖିବେ ବୋଲି ମୋର ଆଶା ଓ ବିଶ୍ୱାସ ।

(ମୋହନ ଚରଣ ମାଝୀ)

**ମୁଖ୍ୟ ଅତିଥି**

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ସମ୍ମାନିତ ଅତିଥି**

**ଶ୍ରୀ ନିତ୍ୟାନନ୍ଦ ଗଣ୍ଡ**
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ

**ଶ୍ରୀ ସୂର୍ଯ୍ୟବଂଶୀ ସୁରଜ**
ମନ୍ତ୍ରୀ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି

**୦୫ ସେପ୍ଟେମ୍ବର ୨୦୨୫**
**କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ**

OIPR-27068/13/0056/2526

**ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର**

# ସିପେଟ୍, ଓଏସ୍ ବିସିଏଲ୍ ଦ୍ୱାରା ୧୫ଙ୍କୁ ରୋଜଗାର ପ୍ରଦାନ

**ଭୁବନେଶ୍ୱର,୪।୯/ଏନ୍ଏନ୍ଏସ୍:** ଭୁବନେଶ୍ୱର ସ୍ଥିତ ସିପେଟ୍ ସିଏସ୍ ଟିଏସ୍‌ର ୧୫ ଜଣ ଛାତ୍ରଛାତ୍ରୀଙ୍କୁ ଭାରତର ଅଗ୍ରଣୀ ଉଦ୍ୟୋଗରେ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ ଯେ ପ୍ରଯୁକ୍ତି ଭିତ୍ତିକ ନିର୍ଭରଯୋଗ୍ୟ ତଥା ଉନ୍ନତମାନର ଜୀବନ ଶୈଳିର ଅଭିବୃଦ୍ଧି ପାଇଁ ଓଡିଶା ଷ୍ଟେଟ୍ ବିଭରେଜେସ୍ କର୍ପୋରେସନ ଲିମେଟଡ୍ (ଓଏସ୍ ବିସିଏଲ୍) ଭୁବନେଶ୍ୱର, ଓଡିଶାର ୧୫ ଯୁବକ ଯୁବତୀଙ୍କୁ ରୋଜଗାରକ୍ଷମ କରାଇବା ପାଇଁ ଭାରତ ସରକାରଙ୍କ ଅଧୀନରେ ଥିବା ସିପେଟ ଅନୁଷ୍ଠାନ ସହ ଏମ୍ଓୟୁ କରିଥିଲା । ଓଏସ୍ ବିସିଏଲ୍ ଦ୍ୱାରା ପ୍ରାୟୋଜିତ ଏହି ପ୍ରକଳ୍ପ ଆଧୀନରେ ୧୫ ଜଣ ଛାତ୍ର ଛାତ୍ରୀମାନଙ୍କୁ ନିଯୁକ୍ତି ଭିତ୍ତିକ ଦକ୍ଷତା ବିକାଶ ତାଲିମ ସିପେଟରେ ଦିଆଯାଇଥିବା ବେଳେ ଏହାର ସଫଳ ପରିସମାପ୍ତି ଅବସରରେ ନିଯୁକ୍ତିର ବ୍ୟବସ୍ଥା ମଧ୍ୟ କରାଯାଇଛି । ବର୍ତ୍ତମାନ ସୁଦ୍ଧା ଓଏସ୍ ବିସିଏଲ୍ ଦ୍ୱାରା ସିପେଟରେ ୮୫ ଜଣ ବେରୋଜଗାର ଯୁବକଯୁବତୀମାନଙ୍କୁ ପାଖାପାଖି ୬ଟି ବ୍ୟାଚରେ ତାଲିମ ଦିଆଯାଇ ଆତ୍ମନିର୍ଭର କରାଯାଇଛି । ଏବେ ଏହି ବ୍ୟାଚ୍ ଶେଷ ହେବା ସଂଗେ ଛାତ୍ର ଛାତ୍ରୀଙ୍କୁ ପୁନେ ସ୍ଥିତ ଟାଟା ଅଟୋ କୋମ୍ପ କଂମ୍ପାନୀରେ ନିଯୁକ୍ତିର ବ୍ୟବସ୍ଥା କରାଯାଇଛି । ସିପେଟର ଡାଇରେକ୍ଟର ବି.ପି.ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି ତାଲିମ କାର୍ଯ୍ୟକ୍ରମର ଉଦଯାପନୀ ସମାରୋହ ସିପେଟରେ ଅନୁଷ୍ଠିତ ହୋଇଥିବା ବେଳେ ଓଏସ୍ ବିସିଏଲ୍‌ର ମ୍ୟାନେଜିଂ ଡାଇରେକ୍ଟର ଦେବେନ୍ କୁମାର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ଓଏସ୍ ବିସିଏଲ୍‌ର ଚିଫ୍ ଜେନେରାଲ ମ୍ୟାନେଜର ଫାଇନାନ୍ସ ଭାନୁପ୍ରୀୟା ସବର ମଧ୍ୟ ଉପସ୍ଥିତ ଥିଲେ । ସିପେଟ ଶାଖାର ପ୍ରଶାସନିକ ଅଧିକାରୀ ଜୟନ୍ତ କୁମାର ଦାସ ସଭା କାର୍ଯ୍ୟ ତୁଲାଇଥିଲେ । ଏହି କାର୍ଯ୍ୟକ୍ରମ ଅବସରରେ ଛାତ୍ର ଛାତ୍ରୀମାନଙ୍କୁ ମାନପତ୍ର ସହ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା ।




# ଖୋର୍ଦ୍ଧା ରୋଡ ରେଳମଣ୍ଡଳ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ

**କଟକ,ଖୋର୍ଦ୍ଧାରୋଡ୍,୪।୯/ଏନ୍ଏନ୍ଏସ୍:** ଏକ ସୁରକ୍ଷିତ, ସମ୍ମାନଜନକ କର୍ମକ୍ଷେତ୍ର ସୃଷ୍ଟି କରିବାର ପ୍ରତିବଦ୍ଧତା ଅନୁଯାୟୀ, ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ କଟକ ରେଳ ଷ୍ଟେସନରେ 'କାର୍ଯ୍ୟସ୍ଥଳରେ ମହିଳାମାନଙ୍କୁ ଯୌନ ନିର୍ଯାତନା (ନିବାରଣ, ନିଷେଧ ଏବଂ ପ୍ରତିକାର) ଆଇନ, ୨୦୧୩ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୟୁନିକ୍ ମେଡିକାଲ୍ ଆଇଡେଣ୍ଟିଟି କାର୍ଡ ଏବଂ ମାନବ ସମ୍ବଳ ପରିଚାଳନା ପ୍ରଣାଳୀ ସମ୍ବନ୍ଧୀୟ ଅଭିଯୋଗ ସମାଧାନ ଉପରେ ଏକ ସ୍ୱତନ୍ତ୍ର ଅଧିବେଶନ ମଧ୍ୟ ଅନ୍ତର୍ଭୁକ୍ତ ଥିଲା । ଏହି ଅଧିବେଶନରେ ସିନିୟର ଡ଼ିଭିଜନାଲ ମେକାନିକାଲ ଇଞ୍ଜିନିୟର (ପରିବେଶ ଏବଂ ଗୃହରକ୍ଷା ପରିଚାଳନା) ତଥା ରେଳମଣ୍ଡଳ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି)ର ଅଧ୍ୟକ୍ଷା ସ୍ୱାଧୀନତା ଦାସ ଏବଂ ରେଳମଣ୍ଡଳର ସହାୟକ କାର୍ମିକ ଅଧିକାରୀ ତଥା ଆଇସିସିର କାର୍ଯ୍ୟନିର୍ବାହୀ ସଦସ୍ୟ ଏବଂ ଶୀ-ବକ୍ସ ନୋଡାଲ ଅଧିକାରୀ ତପସ୍ୱିନୀ ମହାନନ୍ଦିଆ ଯୋଗ ଦେଇଥିଲେ । ଉଭୟ ଅତିଥି ଉତ୍ପୀଡ଼ନମୁକ୍ତ କର୍ମକ୍ଷେତ୍ର ନିର୍ମାଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ କର୍ମଚାରୀ-କେନ୍ଦ୍ରିକ ଅଭିଯୋଗ ସମାଧାନ ବ୍ୟବସ୍ଥା ସମ୍ପର୍କରେ ଅଧିକ ସଚେତନତା ସୁନିଶ୍ଚିତ କରି ୟୁନିକ୍ ମେଡିକାଲ୍ ଆଇଡେଣ୍ଟିଟି କାର୍ଡ ଏବଂ ମାନବ ସମ୍ବଳ ପରିଚାଳନା ପ୍ରଣାଳୀ ସୁବିଧା ସମ୍ପର୍କରେ କର୍ମଚାରୀଙ୍କ ପ୍ରଶ୍ନର ମଧ୍ୟ ସମାଧାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କଟକର ବରିଷ୍ଠ ରେଳବାଇ କର୍ମଚାରୀଙ୍କ ସହ ଅନ୍ୟାନ କର୍ମଚାରୀ ଅଂଶଗ୍ରହଣ କରିଥିଲେ ।



## ୧୫ରେ ଡ୍ରିମ୍‌ସରେ ପୂଜ୍ୟପୂଜା ସମାରୋହ

# ୫ ପ୍ରତିଭାଧାରୀ ପାଇବେ 'ଧନେଶ୍ୱର ରଥ ସ୍ମୃତି ସମ୍ମାନ'

**କଟକ,୪।୯/ଏନ୍ଏନ୍ଏସ୍:** ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ରାଜ୍ୟର ୫ ପ୍ରତିଭା ସମ୍ପନ୍ନ ବ୍ୟକ୍ତିବିଶେଷଙ୍କୁ 'ଧନେଶ୍ୱର ରଥ ସ୍ମୃତି ସମ୍ମାନ-୨୦୨୫' ପ୍ରଦାନ ଲାଗି ମନୋନୀତ କରାଯାଇଛି । ସେମାନେ ହେଲେ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ବିଶିଷ୍ଟ ସଂସ୍କୃତ ବିଦ୍ୱାନ ପ୍ରଫେସର୍ ଡକ୍ଟର୍ ପ୍ରଫୁଲ୍ଲ କୁମାର ମିଶ୍ର, ଶ୍ରୀଜଗନ୍ନାଥ ସଂସ୍କୃତି ଓ ଗବେଷଣାରେ ଡକ୍ଟର ସିଦ୍ଧେଶ୍ୱର ମହାପାତ୍ର, କଳା-ସଂସ୍କୃତିରେ ବିଶିଷ୍ଟ ଚଳଚ୍ଚିତ୍ର ଓ ମଞ୍ଚ ଅଭିନେତା କୁନା ତ୍ରିପାଠୀ, ସେବା କ୍ଷେତ୍ରରେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ସୁଶ୍ରୀ ତେଜସ୍ୱିନୀ ବେହେରା ଏବଂ କ୍ରୀଡ଼ା କ୍ଷେତ୍ରରେ ବିଶିଷ୍ଟ ହକି ଖେଳାଳି ତଥା ଅଲମ୍ପିଆନ୍ ସୁଶ୍ରୀ ଲିଲିମା ମିଞ୍ଜ୍ । ସେମାନଙ୍କୁ ପୁରସ୍କାର ସ୍ୱରୂପ ଉପଢ଼ୌକନ, ଶ୍ରୀଜଗନ୍ନାଥଙ୍କ ଖଣ୍ଡୁଆ ଓ ୨୫ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ । ଆସନ୍ତା ୧୫ତାରିଖ ସୋମବାର ପୂର୍ବାହ୍ଣ ୧୧ଟାରେ କର୍ମଯୋଗୀ ଧନେଶ୍ୱର ରଥଙ୍କ ୩୧ତମ ପୁଣ୍ୟ ତିଥି ଅବସରରେ ଟାଙ୍ଗୀ (କଟକ) ସ୍ଥିତ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପରିସରସ୍ଥ ଜୟଶ୍ରୀ ଅଡିଟୋରିୟମ୍‌ରେ ଆୟୋଜିତ 'ପୂଜ୍ୟ ପୂଜା ସମାରୋହ-୨୦୨୫'ରେ ଏହି ସମ୍ମାନ ପ୍ରଦାନ କରାଯିବ । ଚିନ୍ମୟ ମିଶନର ବିଶିଷ୍ଟ ସନ୍ଥ ସ୍ୱାମୀ ଶ୍ରୀ ନିଗମାନନ୍ଦ ସରସ୍ୱତୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗଦେବେ ବୋଲି ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡକ୍ଟର ପ୍ରମୋଦ ଚନ୍ଦ୍ର ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି ।

# ସଂଗଠନ ଶ୍ରୀଜନ ଅଭିଯାନରେ ବ୍ଲକ୍ କର୍ମୀଙ୍କ ସହ ଆଲୋଚନା

**କଟକ,୪।୯/ଏନ୍ଏନ୍ଏସ୍:** କଟକ ନଗର କଂଗ୍ରେସ ସଭାପତି ଚୟନ ପାଇଁ ଆଜି ଦ୍ୱିତୀୟ ଦିନରେ ମଧ୍ୟ ସଂଗଠନ ଶ୍ରୀଜନ ଅଭିଯାନ ଜରିଆରେ ଅଖିଳ ଭାରତ କଂଗ୍ରେସ କମିଟି ପର୍ଯ୍ୟବେକ୍ଷକ ତଥା କର୍ଣ୍ଣାଟକ ସରକାରର ମୁଖ୍ୟ ସଚେତକ ସଲିମ ଅହମ୍ମଦ ତୃଣମୂଳ ସ୍ତରରୁ ମତାମତ ସଂଗ୍ରହ କରିଛନ୍ତି । ଆଜି କଟକ ନଗର କଂଗ୍ରେସର ବ୍ଲକ-୧, ବ୍ଲକ-୨ ଓ ବ୍ଲକ-୩ ଅନ୍ତର୍ଗତ ୨୦ ଟି ୱାର୍ଡର ସମସ୍ତ ବରିଷ୍ଠ କଂଗ୍ରେସ ନେତା, କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ପୂଜା କମିଟିର ସଭାପତି ଓ ସଂପାଦକମାନଙ୍କ ସହ ପାଖାପାଖି ୫୦୦ରୁ ଉର୍ଦ୍ଧ୍ୱ କର୍ମୀଙ୍କୁ ଭେଟି ଆଲୋଚନା ଓ ମତାମତ ଗ୍ରହଣ କରିଛନ୍ତି । ଏଥିରେ ପିସିସି ପର୍ଯ୍ୟବେକ୍ଷକ ତଥା ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ଉଚ୍ଛବ ସାହୁ ଓ ସତ୍ୟବ୍ରତ ଦାସ ପ୍ରମୁଖ ସହଯୋଗ କରିଥିଲେ ।

# 'ସରକାରଙ୍କ ସଫଳତା ବେସରକାରୀ ସଂଗଠନର ସହଯୋଗରେ ହିଁ ସମ୍ଭବ'

**ଭୁବନେଶ୍ୱର,୪।୯/ଏନ୍ଏନ୍ଏସ୍:** ବେସରକାରୀ ସଂଗଠନଗୁଡ଼ିକ ସରକାର କରିପାରୁନ ଥିବା କାର୍ଯ୍ୟକୁ କ୍ଷେତ୍ର ଉପରେ କରି ସରକାରଙ୍କୁ ସମସ୍ତ ପ୍ରକାର ସହାୟତା କରିଥାନ୍ତି ଏବଂ ସରକାରଙ୍କ ସଫଳତା ବେସରକାରୀ ସଂଗଠନର ସହଯୋଗରେ ହିଁ ସମ୍ଭବ ବୋଲି ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ କହିଛନ୍ତି । ଗୁରୁବାର ସ୍ଥାନୀୟ ଭଞ୍ଜକଳା ମଣ୍ଡପଠାରେ ବେସରକାରୀ ସଂଗଠନ 'ବିକାଶ'ର ୪୦ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେୟର ଶ୍ରୀମତୀ ଦାସ କହିଛନ୍ତି ଯେ, ବର୍ତ୍ତମାନ ରାଜ୍ୟରେ ଏକ ବଡ଼ ବେସରକାରୀ ସଂଗଠନ ଭାବରେ ବିକାଶ ସଂସ୍ଥା ୪୦ ବର୍ଷ ଧରି କାର୍ଯ୍ୟ କରିବା ଏକ ବଡ଼ ସଫଳତା ଏବଂ ଏହା କୋରାପୁଟ ଓ ମାଲକାନଗିରି ଜିଲ୍ଲା ସମେତ ରାଜ୍ୟର ୧୭ଟି ଜିଲ୍ଲାରେ ଲୋକମାନଙ୍କ ସହିତ ଅଛି ଓ କାମ କରୁଛି । ଅନ୍ୟତମ ଅତିଥି ଭାବରେ ଯୋଗଦେଇ ବିଧାୟକ ଅନନ୍ତ ନାରାୟଣ ଜେନା ବିକାଶ ସଂସ୍ଥାର ଜନ୍ମଦିନ ବିଶେଷାଙ୍କର ଏକ ସ୍ୱତନ୍ତ୍ର ପୁସ୍ତିକା 'ସ୍ପନ୍ଦନ'କୁ ଉନ୍ମୋଚନ କରି ସହରୀ ଗୃହହୀନ ଲୋକମାନଙ୍କ ପାଇଁ କୋଠାଘର ଯୋଗାଇବା କ୍ଷେତ୍ରରେ ଏହି ସଂସ୍ଥାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଥିଲେ । ସମାଜସେବୀ ବିଜୟ କୁମାର ବାବୁ କନ୍ଧମାଳ ଜିଲ୍ଲାର ବିଭିନ୍ନ ସଂଗଠନ ସକରାତ୍ମକ ଭୂମିକା ନେଇ ସମାଜର ଦଳିତ, ଅବହେଳିତ, ନିଷ୍ପେଷିତ ଲୋକଙ୍କର ଜୀବନରେ ପରିବର୍ତ୍ତନ ଆଣିବା କଥା କହିଥିଲେ । ସେହିପରି କାର୍ଯ୍ୟକ୍ରମରେ ସାମୁଏଲ ବେହେରା, କେ. ହରିହର ରାଓ, ପ୍ରଦୀପ ପଟ୍ଟନାୟକ, ପ୍ରମୁଖ ଉପସ୍ଥିତ ରହିଥିଲେ । ଉତ୍ସବର ଦ୍ୱିତୀୟ ଅଧିବେଶନରେ ବିକାଶ ସଂସ୍ଥାର ପ୍ରତିଷ୍ଠାତା ସମ୍ପାଦକ ଅଶୋକ ନନ୍ଦ ଦେଶରେ ବେସରକାରୀ ସଂଗଠନର ଇତିହାସ, କ୍ରମବିକାଶ ଏବଂ ବିଭିନ୍ନ ପର୍ଯ୍ୟାୟ ସମ୍ପର୍କରେ ଆଲୋଚନା କରିଥିଲେ । 'ଆଇନା' ସଂସ୍ଥାର ମୁଖ୍ୟ ତଥା ବିଶିଷ୍ଟ ସମାଜସେବୀ ସ୍ନେହ ମିଶ୍ର, ଏମ୍ଏସ୍‌ଡବ୍ଲୁ ପାଠ୍ୟକ୍ରମ ଏବଂ ଏହି ପାଠ୍ୟକ୍ରମ ପରେ ଛାତ୍ରଛାତ୍ରୀମାନେ ଚାକିରି ଖୋଜିବା ଭଳି ପରିସ୍ଥିତି ଉପୁଜିଥିବା ବିଷୟରେ ସମ୍ପୃକ୍ତ ଥିବା ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିକାଶ ସଂଗଠନର ବିବେକାନନ୍ଦ ମିଶ୍ର, ପଦ୍ମାଳୟା ଚୌଧୁରୀ, ବିରଜା ଶଙ୍କର ବାରିକ, ବିଭୁପ୍ରସାଦ ଡାହାଣ, ସୁଶାନ୍ତ କୁମାର ବେହେରା, ଅନୁକୂଳ ପାଣିଗ୍ରାହୀ ଓ ପ୍ରିୟମ୍ବଦା ବେହେରା ପ୍ରମୁଖ ସହାୟତା କରିଥିଲେ ।

# ପରିବେଶ ସୁରକ୍ଷା ଅଭିଯାନ ଦ୍ୱାରା ବୃକ୍ଷରୋପଣ

**ଜଗତପୁର,୪।୯/ଏନ୍ଏନ୍ଏସ୍:** ଜଗତପୁରସ୍ଥିତ ଲକ୍ଷ୍ମୀନାରାୟଣ ସାହୁ ସ୍ନାତକ ମହାବିଦ୍ୟାଳୟରେ ଆଜି ଅପରାହ୍ଣରେ ପରିବେଶ ସଚେତନତା ତଥା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱରସ୍ଥିତ ରାଜ୍ୟସ୍ତରୀୟ ପରିବେଶ ସଂସ୍ଥା 'ପରିବେଶ ସୁରକ୍ଷା ଅଭିଯାନ' ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏହାର ସମ୍ପାଦକ ରଘୁନାଥ ପୃଷ୍ଟି, ଯୁଗ୍ମ ସମ୍ପାଦକ ଡ଼ଃ ନାରାୟଣ ତ୍ରିପାଠୀ ତଥା ଏହାର କାର୍ଯ୍ୟନିର୍ବାହୀ ସଦସ୍ୟବୃନ୍ଦ ଡ଼ଃ ସଚ୍ଚିଦାନନ୍ଦ ପ୍ରଧାନ, ଡ଼ଃ ଜୀବନ ଜ୍ୟୋତି ଆଚାର୍ଯ୍ୟ ଓ ଅରୁଣ ଶଙ୍କର ଜେନା ତଥା ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ମୁଖ୍ୟ ଅଲେଖ ଚନ୍ଦ୍ର ମହାନ୍ତି ସାମ୍ପ୍ରତିକ ପରିବେଶ ଅବକ୍ଷୟର ଭୟାବହତା ସମ୍ପର୍କରେ ଆଲୋଚନା କରିବା ସହିତ ଏହାର କାରଣ ଓ ନିରାକରଣ ଉପରେ ବିସ୍ତୃତ ଆଲୋଚନା କରିଥିଲେ ।



ଏହି ପ୍ରସଙ୍ଗରେ ବକ୍ତାମାନେ ଛାତ୍ରଛାତ୍ରୀମାନଙ୍କୁ ସଚେତନ ଓ ସମ୍ବେଦନ କରିବା ସହିତ ଏକ ସନ୍ତୁଳିତ ପରିବେଶ ପାଇଁ ଅଧିକରୁ ଅଧିକ ବୃକ୍ଷରୋପଣ କରିବା ପାଇଁ ଉପଦେଶ ଦେଇଥିଲେ । ପରିବେଶ ସୁରକ୍ଷା ଅଭିଯାନର କୋଷାଧ୍ୟକ୍ଷା ନମିତା ମହାପାତ୍ର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପରିବେଶ ଜନିତ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ମହାବିଦ୍ୟାଳୟର ଅଧ୍ୟକ୍ଷା ସୁନିତା ଷଡ଼ଙ୍ଗୀ ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ ।ପରିଶେଷରେ ମହାବିଦ୍ୟାଳୟର ପରିସରରେ ବୃକ୍ଷରୋପଣ କରାଯାଇଥିଲା ।

# ହୀରାକୁଦର ୧୪ ଗେଟ୍ ଖୋଲିଲା

## ତଳିଆ ଅଞ୍ଚଳର ଲୋକେ ସତର୍କ ରହିବାକୁ ପରାମର୍ଶ

**କଟକ,୪।୯/ଏନ୍ଏନ୍ଏସ୍:** ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ହୀରାକୁଦ ଜଳଭଣ୍ଡାରକୁ ମହାନଦୀର ଉପରମୁଣ୍ଡରୁ ବନ୍ୟାଜଳ ପ୍ରବେଶ କରୁଛି । ହୀରାକୁଦ ଜଳଭଣ୍ଡାରର ସ୍ଥିତିକୁ ନଜର ରଖି ଗୁରୁବାର ଅପରାହ୍ଣରେ ପୁଣି ଦୁଇଟି ଗେଟ୍ ଖୋଲିବା ଫଳରେ ମୋଟ ୧୪ଟି ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସନ ହେଉଛି । ଫଳରେ ମହାନଦୀରେ ୨.୫ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେବାର ଆଶା କରାଯାଉଛି । ଫଳରେ ହୀରାକୁଦ ଡ୍ୟାମ୍‌ର ତଳମୁଣ୍ଡରେ ଥିବା ନଦୀ ଶଯ୍ୟା ଅଞ୍ଚଳରେ ବନ୍ୟା ଆସିବାର ଆଶଙ୍କା ରହିଛି । ଜନସାଧାରଣଙ୍କ ଜୀବନ ଏବଂ ସମ୍ପତ୍ତିର ସୁରକ୍ଷା ପାଇଁ ନଦୀକୂଳ ଅଞ୍ଚଳରେ ବସବାସ କରୁଥିବା ଲୋକେ ନଦୀ ଶଯ୍ୟାଠାରୁ ଦୂରେଇ ରହିବା ସହିତ ସମସ୍ତ ସତର୍କତାମୂଳକ ପଦକ୍ଷେପ ଅବଲମ୍ବନ କରିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଉଛି ।

# ୨୦ଲକ୍ଷର ବ୍ରାଉନ୍‌ସୁଗର୍ ଜବତ, ୨ ଗିରଫ

**କଟକ,୪।୯/ଏନ୍ଏନ୍ଏସ୍:** ବ୍ରାଉନ୍‌ସୁଗର୍ ବେପାର କରିବା ଅଭିଯୋଗରେ ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାଡ୍ ସ୍ଥାନୀୟ ଟାଙ୍ଗୀ ସ୍ଥିତ ଜାତୀୟ ରାଜପଥ ଟୋଲଗେଟ୍ ଠାରେ ୨ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଯାଜପୁର ଜିଲ୍ଲା ବଇରି ଥାନା ଅନ୍ତର୍ଗତ ଗୋପପୁରଗ୍ରାମର ରଂଜନ ମଲ୍ଲିକ (୩୦) ଓ ଅମରାବତୀ ଗ୍ରାମର ବଳରାମ ଖଣ୍ଡୁଆଳ (୨୨) । ଅଭିଯୁକ୍ତଙ୍କ ନିକଟରୁ ଅବକାରୀ ବିଭାଗ ୧୯୪ ଗ୍ରାମ୍ ବ୍ରାଉନ୍‌ସୁଗର୍ ଓ ଗୋଟେ ମୋଟରସାଇକେଲ ଜବତ କରାଯାଇଛି । ଗିରଫ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି । ଅବକାରୀ କମିଶନର ପି. ଅନଭେକ୍ଷା ରେଡ୍ଡିଙ୍କ ନିର୍ଦ୍ଦେଶକ୍ରମେ ଓ ଅବକାରୀ ସୁପରିନ୍‌ଟେଣ୍ଡେଣ୍ଟ ତେଜରାଜ ଜାନୀଙ୍କ ନେତୃତ୍ୱରେ ଏକ ଅବକାରୀ ଫ୍ଲାଇଙ୍ଗ ଟିମ୍ ସ୍ଥାନୀୟ ଟାଙ୍ଗୀ ଟୋଲଗେଟ୍ ଠାରେ ଚଢ଼ଉ କରିଥିଲା । ଏହି ସମୟରେ ବ୍ରାଉନ୍‌ସୁଗର୍ ରଖିବା ଓ ବେପାର କରିବା ଅଭିଯୋଗରେ ଅବକାରୀ ପୁଲିସ ଘଟଣା ସ୍ଥଳରୁ ନିଶାମାଫିଆ ରଂଜନ ଓ ବଳରାମଙ୍କୁ ଗିରଫ କରିଥିଲା । ସେମାନଙ୍କ ଠାରୁ ୧୯୪ ଗ୍ରାମ୍ ବ୍ରାଉନ୍‌ସୁଗର୍ ଓ ଏକ ହିରୋ ଗ୍ଲାମର୍ ମୋଟରସାଇକେଲ ଜବତ କରାଯାଇଥିଲା । ଜବତ ହୋଇଥିବା ବ୍ରାଉନ୍‌ସୁଗର୍‌ର ଆନୁମାନିକ ମୂଲ୍ୟ କଳାବଜାର ୨୦ ଲକ୍ଷ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ଏହି ଚଢ଼ଉରେ ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାଡ୍ ଏସ୍ଆଇ ବଳବୀର ଗଡ଼ନାୟକ, ଏଏସ୍ଆଇ ଆଲୋକ ଖଟୁଆ ଓ ଅଜୟ ବେହେରା, ଏଏସ୍ଆଇ ଦିଲ୍ଲୀପ ନନ୍ଦ, କନଷ୍ଟେବଳ ରୋଜାଲିନ ପଟ୍ଟନାୟକ, ଦିଲଜିତ ଦାସ, କନେଷ୍ଟବଳ ରଂଜିତ ସାହ ଓ କନଷ୍ଟେବଳ ଶଙ୍କର୍ଷଣ ରାଉତ ପ୍ରମୁଖ ସାମିଲ ହୋଇଥିଲେ ।



# ସୃଷ୍ଟି ଏକାଡେମୀ ପକ୍ଷରୁ 'ଆରୋହଣ' କାର୍ଯ୍ୟକ୍ରମ

**ଭୁବନେଶ୍ୱର,୪।୯/ଏନ୍ଏନ୍ଏସ୍:** ନବାଗତ ଏମ୍‌ବିଏ, ଏମ୍‌ସିଏ, ବିସିଏ ଏବଂ ବିବିଏ ବିଭାଗର ନୂତନ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମାରୋହ ଉତ୍ସବ "ଆରୋହଣ " ସୃଷ୍ଟି ଏକାଡେମୀ ପକ୍ଷରୁ ଆୟୋଜିତ ହୋଇଯାଇଛି । ଏଥିରେ ଆଇଆଇଟି ଭୁବନେଶ୍ୱର କୁଳସଚିବ ପ୍ରଫେସର ବାମଦେବ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ନିଜର ବ୍ୟବହାରିକ ଜୀବନ ଶୈଳୀର ପରିବର୍ତ୍ତନ, ବ୍ୟକ୍ତିଗତ ଜୀବନର ମୂଲ୍ୟବୋଧ ଏବଂ କର୍ମମୟ ଜୀବନରେ ନୈତିକତା ପ୍ରତି ବିଶେଷ ଧ୍ୟାନଦେଲେ ଭବିଷ୍ୟତରେ ଉତ୍ତମ ପରିଚାଳକ ରୂପେ ନିଜକୁ ପ୍ରତିଷ୍ଠିତ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ । କଗ୍ନିଜାଣ୍ଟର ଉପସଭାପତି ତଥା କେନ୍ଦ୍ର ମୁଖ୍ୟ ଶତୀସ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମ୍ୟାନେଜ୍‌ମେଣ୍ଟଏବଂ ଆଟି ଛାତ୍ରଛାତ୍ରୀ ଲକ୍ଷ୍ୟ ସ୍ଥିର କରିବା ସହ ଏବଂ ସଫଳତା ହାସଲ କରିବା ପାଇଁ ନିଜକୁ ପ୍ରତିଜ୍ଞାବଦ୍ଧ କରିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟତମ ଅତିଥି ଭାବରେ ପ୍ରତୀକ କୁମାର ରାୟ ସମୟୋପଯୋଗୀ ପାଠ୍ୟକ୍ରମ ସହିତ ଦୈନନ୍ଦିନ ବିଶ୍ୱର ଖବର ଉପରେ ଜ୍ଞାନ ଆହରଣ କରିବା ଜରୁରୀ ବୋଲି କହିଥିଲେ । ଅବସରରେ ସୃଷ୍ଟି ଏକାଡେମୀର ଅଧ୍ୟକ୍ଷ ପ୍ରଫେସର୍ ଉମାକାନ୍ତ ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନୁଷ୍ଠାନର ପ୍ରତିଷ୍ଠାତା ଇଂ ସରୋଜ କୁମାର ସାହୁ ଛାତ୍ରଛାତ୍ରୀମାନଙ୍କୁ ମ୍ୟାନେଜ୍‌ମେଣ୍ଟ, ଆଇଟି ସେକ୍ଟରରେ ଥିବା ନିଯୁକ୍ତି ଭିତ୍ତିକ ଗୁଣାତ୍ମକ ଶିକ୍ଷା ଉପରେ ମତବ୍ୟକ୍ତ କରିଥିଲେ । ଅନୁଷ୍ଠାନର ଅଧ୍ୟକ୍ଷ ଡଃ. ଦାସ ସମସ୍ତ ଅତିଥିମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ । ଅନୁଷ୍ଠାନର ଡିନ୍ ଡଃ. ଗଙ୍ଗାଧର ମିଶ୍ର ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମଟିକୁ ଅନୁଷ୍ଠାନର ଅଧ୍ୟାପିକା କଲ୍ୟାଣି ସେନାପତି, ଅଧ୍ୟାପକ ଜାକି ସମୀର ଖାନ୍, ଅନୁଜ୍ଞା ପ୍ରଭା ମଞ୍ଜରୀ, ନୀର୍ମଳ ରାଉତରାଏ, ସନ୍ଧ୍ୟା ଦର୍ଶନ ଦାଶ, ଦ୍ରୌପଦୀ ମିଶ୍ର ଏବଂ ଡଃ ପ୍ରଜ୍ଞା ପରମୀତା ଷଡ଼ଙ୍ଗୀ ପରିଚାଳନା କରିଥିଲେ ।



# କଲ୍ୟାଣୀନଗର ବଜାର କମିଟି ପକ୍ଷରୁ ଶୋକସଭା

**କଟକ,୪।୯/ଏନ୍ଏନ୍ଏସ୍:** ୪୨ମୌଜା ନିବାସୀ ଅକ୍ଷୟ ବେହେରା (୫୦) ଦୀର୍ଘ ୨୦ବର୍ଷରୁ ଉର୍ଦ୍ଧ୍ୱ ଧରି କଲ୍ୟାଣୀନଗର ବଜାରରେ ଛେନା ବେପାର କରିଆସୁଥିଲେ । ଗତ ଅଗଷ୍ଟ ୨୪ ତାରିଖରେ ତାଙ୍କର ପରଲୋକ ହୋଇଯାଇଛି । ତାଙ୍କ ପରଲୋକ ଅବସରରେ ବଜାର କମିଟି ତରଫରୁ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ସଭାପତି ଅଟଳବିହାରୀ ଜେନା, ଉପସଭାପତି ମୁକ୍ତି ରଞ୍ଜନ ମିଶ୍ର, ସାଧାରଣ ସମ୍ପାଦକ ସୌମ୍ୟରଞ୍ଜନ ସାହୁ, କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ରାଉତ, ଅଶୋକ କୁମାର ମହାନ୍ତି (ଫେଲୁ), ସମାଜସେବୀ ଡ. ବ୍ୟୋମକେଶ କାନୁନଗୋ, ସନ୍ତୋଷ କୁମାର ସାହୁଙ୍କ ସମେତ ବହୁ ସ୍ଥାନୀୟ ବାସୀନ୍ଦା ଉପସ୍ଥିତ ରହି ସ୍ୱର୍ଗତ ବେହେରାଙ୍କ ସ୍ମୃତିଚାରଣ କରିଥିଲେ ।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ

# ଜାତୀୟ ସେବା ଯୋଜନା ଉପଦେଷ୍ଟା କମିଟି ବୈଠକ

**ଭୁବନେଶ୍ୱର,୪।୯/ଏନ୍ଏନ୍ଏସ୍:** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ବାର୍ଷିକ ଉପଦେଷ୍ଟା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଶ୍ୱବିଦ୍ୟାଳୟ ଓ ଏହାର ସହବନ୍ଧିତ ମହାବିଦ୍ୟାଳୟଗୁଡ଼ିକରେ ୨୦୨୪-୨୫ ଆର୍ଥିକ ବର୍ଷରେ ଜାତୀୟ ସେବା ଯୋଜନା ଦ୍ୱାରା ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା । ଏହି ବୈଠକରେ ରାଜ୍ୟ ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ ଯୋଗଦେଇ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଅଧୀନରେ କାର୍ଯ୍ୟ କରୁଥିବା ଜାତୀୟ ସେବା ଯୋଜନା ଶାଖା ସଂଖ୍ୟା ବୃଦ୍ଧି କରିବା ସହ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଅଧିକ ସଂଖ୍ୟକ ସ୍ୱେଚ୍ଛାସେବୀଙ୍କୁ ସଦସ୍ୟ କରିବା ନିମନ୍ତେ ଉତ୍ସାହିତ କରିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ । ଉଚ୍ଚଶିକ୍ଷା ବିଭାଗ ଉପସଚିବ ତଥା ରାଜ୍ୟ ଜାତୀୟ ସେବା ଯୋଜନା ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରା ୨୦୨୫-୨୬ ଆର୍ଥିକ ବର୍ଷରେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବର୍ଷବ୍ୟାପୀ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଅଧିକ ସାମାଜିକ, ସଂସ୍କୃତିକ ଓ ସେବାମୂଳକ କାର୍ଯ୍ୟକ୍ରମ କରିବାକୁ ପରାମର୍ଶ ଦେଇଥିଲେ । ବିତ୍ତନିୟନ୍ତ୍ରକ ସୁନନ୍ଦା ଷଡ଼ଙ୍ଗୀ ତାଙ୍କ ବକ୍ତବ୍ୟରେ ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ ଦେଇ ସଚେତନ କରିବା ସହ ବର୍ଷବ୍ୟାପୀ ଅଧିକ ସଂଖ୍ୟକ କାର୍ଯ୍ୟକ୍ରମ ଆୟୋଜନ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଏହି ଉପଦେଷ୍ଟା କମିଟି ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷରେ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ଆର୍ଥିକ ଅନୁଦାନ ପ୍ରସ୍ତାବ ଅନୁମୋଦନ କରାଯାଇଥିଲା । ଜାତୀୟ ସେବା ଯୋଜନା ସଂଯୋଜକ ଡ. ସନ୍ଦୀପ କୁମାର ରାଉତ ସ୍ୱାଗତ ଭାଷଣ ଦେବା ସହ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମ ଅଧିକାରୀ ଡ. ଶାରଦା ପ୍ରସନ୍ନ ଦାସ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

# ଭେ-ଦକ୍ଷତା ତାଲିମ କେନ୍ଦ୍ର ମାଧ୍ୟମରେ ଗ୍ରାମୀଣ ଯୁବପିଢ଼ି ସ୍ୱାବଲମ୍ବୀ

**ଭୁବନେଶ୍ୱର,୪।୯/ଏନ୍ଏନ୍ଏସ୍:** ଭେ-ଦକ୍ଷତା ତାଲିମ କେନ୍ଦ୍ର ମାଧ୍ୟମରେ ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନକୁ ଆଗେଇ ନେଉଛି । ଆଜି ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଅଧୀନରେ ତାଲିମପ୍ରାପ୍ତ ୮୭ ଜଣ ଯୁବପିଢ଼ି ଭାରତର ବିଭିନ୍ନ ପ୍ରତିଷ୍ଠିତ ସଂଗଠନରେ ନିଯୁକ୍ତି ପାଇଛନ୍ତି, ଯାହା ସ୍ଥାନୀୟ ଯୁବକମାନଙ୍କୁ ଶିଳ୍ପ ଜନିତ ଦକ୍ଷତା ସହିତ ସ୍ଥାୟୀ ଜୀବିକା ସୃଷ୍ଟି କରିବା ପାଇଁ ଉଦ୍ୟମ ହେଉଛି । ଡିସେମ୍ବର ୨୦୨୪ରେ ଆରମ୍ଭ ହୋଇଥିବା ଭେ-ଦକ୍ଷତା ଅଭିଯାନ ସ୍କୁଲନେଟ୍ ଇଣ୍ଡିଆ ଲିମିଟେଡ୍, ଜାତୀୟ ଦକ୍ଷତା ବିକାଶ ନିଗମ ଏବଂ ଲର୍ଣ୍ଣନେଟ୍ ସ୍କିଲ୍ସ ଲିମିଟେଡର ମିଳିତ ଉଦ୍ୟମରେ କାର୍ଯ୍ୟକାରୀ ହୋଇଛି । ଏହି କେନ୍ଦ୍ର ୩ଟି ବୃତ୍ତି ନିମନ୍ତେ ମାଗଣା ତାଲିମ ପ୍ରଦାନ କରେ । ଯଥା-ସିଲାଇ ମେସିନ୍ ପରିଚାଳନା, ବୈଦ୍ୟୁତିକ ରକ୍ଷଣାବେକ୍ଷଣ, ଖାଦ୍ୟ ଏବଂ ପାନୀୟ ସେବା । ଏପର୍ଯ୍ୟନ୍ତ, ୩୬ଜଣ ସହାୟକ ବିଦ୍ୟୁତ କର୍ମଚାରୀ, ୩୧ଜଣ ସିଲେଇ ମେସିନ୍ ଅପରେଟର ଏବଂ ୨୦ଜଣ ଖାଦ୍ୟ ଏବଂ ପାନୀୟ ସେବା ପରିଚାଳକଙ୍କୁ ବିଭିନ୍ନ କ୍ଷେତ୍ରରେ ସଫଳତାର ସହ ନିଯୁକ୍ତି ଦିଆଯାଇଛି ବୋଲି ରାଜୀବ କୁମାର କହିଛନ୍ତି । ସେ କହିଛନ୍ତି ଯେ, ଯୁବପିଢିଙ୍କ ବ୍ୟବସାୟିକ କୌଶଳ ବିକାଶ ମାଧ୍ୟମରେ ସେମାନଙ୍କୁ ସ୍ୱାବଲମ୍ବୀ କରିବା ଆମ ସମ୍ପ୍ରଦାୟର ସମ୍ଭାବନାକୁ ଉନ୍ମୋଚନ କରିବା ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧିକୁ ଆଗେଇ ନେବାର ପ୍ରମୁଖ କାରଣ । ଭେଦକ୍ଷତା ମାଧ୍ୟମରେ, ଯୁବକମାନଙ୍କୁ ବ୍ୟବହାରିକ ଦକ୍ଷତା ସହିତ ସଜ୍ଜିତ କରୁଛୁ ଏବଂ ସେମାନଙ୍କୁ ଅର୍ଥପୂର୍ଣ୍ଣ ନିଯୁକ୍ତି ସୁଯୋଗ ସହିତ ସଂଯୋଗ କରାଯାଇଛି । ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଭିତ୍ତିଭୂମି ଏବଂ ତୃଣମୂଳ ସ୍ତରୀୟ କ୍ରୀଡା ଏବଂ ସଂସ୍କୃତିକୁ ପ୍ରୋତ୍ସାହିତ କରି ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବା ପାଇଁ ଉଦ୍ୟମ ହେଉଛି ବୋଲି କହିଛନ୍ତି ।

# ଜଳବନ୍ଦି ସମସ୍ୟାକୁ ନେଇ କର୍ପୋରେଟର୍‌ଙ୍କ ଦାବିପତ୍ର

**କଟକ,୪।୯/ଏନ୍ଏନ୍ଏସ୍:** କଟକ ମହାନଗର ନିଗମ (ସିଏମ୍‌ସି) ଅନ୍ତର୍ଗତ ୫୨ନଂ ୱାର୍ଡସ୍ଥିତ ରାଜେନ୍ଦ୍ରନଗରରେ ଗତ ମଙ୍ଗଳବାର ଦିନ ଲଗାଣ ବର୍ଷାରେ ଜଳବନ୍ଦି ସମସ୍ୟା ଲାଗିରହିଛି । ଫଳରେ ସାଧାରଣଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସିଏମ୍‌ସିର ନିଜସ୍ୱ ମଟର ପମ୍ପ ଅଚଳ ହେବାରୁ ଦମକଳ ବିଭାଗରୁ ମଟର ପମ୍ପ ଆଣି ପାଣି ନିଷ୍କାସନ କରାଯାଉଥିଲେ ବି ସମସ୍ୟା ସମାଧାନ ହୋଇପାରୁନି । ଜଳବନ୍ଦି ସମସ୍ୟାର ସମାଧାନ ପାଇଁ ପ୍ରେସ ଛକରୁ ମଧୁପାଟଣା ପର୍ଯ୍ୟନ୍ତ ଆସିଥିବା ଖୋଲା ଡ୍ରେନ ଏବଂ ପ୍ରମିଳା ମଣ୍ଡପ ପାଖରୁ କଲ୍ୟାଣୀନଗରସ୍ଥିତ ଛଅ ମହାଲା କୋଠା ପର୍ଯ୍ୟନ୍ତ ଆସିଥିବା ହୋମ୍ ପାଇପ୍ ଯୋଗେ ଡ୍ରେନ୍ ପାଣି ଏମ୍ଏସ୍‌ଡବ୍ଲୁ-୧ରେ ପଡ଼ିଥାଏ । କିନ୍ତୁ ଦୀର୍ଘଦିନ ଧରି ଏହି ହୋମ୍ ପାଇପ୍ ସଫା ନହେବାରୁ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେଉଛି ବୋଲି କର୍ପୋରେଟର୍ ସୌଭାଗିନୀ ଜେନା କହିବା ସହ ସମାଧାନ ପାଇଁ ଆଜି ଜିଲ୍ଲାପାଳ ଓ ସିଏମସି କମିସନରଙ୍କୁ ଭେଟି ଏସମ୍ବନ୍ଧୀୟ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।

# ସିଏମ୍‌ସି କମିସନରଙ୍କ କଟକ ପ୍ରେସ୍ କ୍ଲବ୍ ପରିଦର୍ଶନ

**କଟକ,୪।୯/ଏନ୍ଏନ୍ଏସ୍:** ଚୌଧୁରୀବଜାରସ୍ଥିତ କଟକ ପ୍ରେସ୍‌କ୍ଲବ ଗୃହର ନବୀକରଣ କାର୍ଯ୍ୟ ଗତ ଜାନୁଆରୀ ମାସରେ ଉଦ୍‌ଘାଟିତ ହୋଇଥିବା ବେଳେ କଟକ ମହାନଗର ନିଗମ (ସିଏମ୍‌ସି) କମିସନର କୀରଣଦୀପ କୌର ସାହୋତା ଆଜି ଅପରାହ୍ଣରେ ପରିଦର୍ଶନ କରିଛନ୍ତି । ଏହି ଅବସରରେ କ୍ଲବ ଗୃହରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ କଟକ ପ୍ରେସ୍ କ୍ଲବ୍ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ ସହ ଉପଢ଼ୌକନ ପୂର୍ବକ ସ୍ୱାଗତ କରାଯାଇଥିଲା । ରାଜ୍ୟର ସର୍ବ ପୁରାତନ ଏହି ପ୍ରେସ୍‌କ୍ଲବର ଅବଶିଷ୍ଟ ଆବଶ୍ୟକତା ତୁରନ୍ତ ପୂରଣ କରିବା ଲାଗି ପ୍ରେସ୍ କ୍ଲବ ପକ୍ଷରୁ ଦାବି କରାଯାଇଥିଲା । ବରିଷ୍ଠ ସାମ୍ବାଦିକ ପ୍ରଦୀପ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଲୋକ କୁମାର ନାୟକ କ୍ଲବର ଇତିହାସ ଏବଂ ଆଗାମୀ ଦିନର କାର୍ଯ୍ୟପନ୍ଥା ସଂକ୍ରାନ୍ତରେ ସୂଚନା ପ୍ରଦାନ କରିଥିଲେ । ସ୍ଥାନୀୟ କର୍ପୋରେଟର୍ ଅରୁନ୍ଧତୀ କର, ସିଟି ଇଂଜିନିୟର ଅତନୁ ସାମନ୍ତଙ୍କ ସମେତ ବିଭାଗୀୟ ଅଧୀକାରୀଙ୍କ ସହ ନବୀକରଣ କାର୍ଯ୍ୟର କମିଶନର ତଦାରଖ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସାମ୍ବାଦିକ ରୋହନ ମହାନ୍ତି, ବିଶ୍ୱଜିତ ଧଳ, ପ୍ରତାପ ଚନ୍ଦ୍ର ସେନାପତି, ପ୍ରଶାନ୍ତ ମହାନ୍ତି, ପ୍ରଣବ ନନ୍ଦୀ, ରବୀନ୍ଦ୍ର ପାଢ଼ୀ, ଉମାକାନ୍ତ ଜେନା, ଲକ୍ଷ୍ମୀଧର ସାହୁ, ଆକାଶ ସ୍ୱାଇଁ, ମହମ୍ମଦ ଜାଭେଦ ପ୍ରମୁଖ ଉପସ୍ଥିତ ଥିଲେ ।



# ପୂର୍ବତଟ ରେଳପଥର ସଚେତନତା ଏବଂ ସଫେଇ ଅଭିଯାନ

**ଭୁବନେଶ୍ୱର,୪।୯/ଏନ୍ଏନ୍ଏସ୍:** ପୂର୍ବତଟ ରେଳପଥ ସ୍ୱଚ୍ଛତା ଅଭିଯାନ-୨୦୨୫ ଅନ୍ତର୍ଗତ ଏହାର ମୁଖ୍ୟାଳୟରେ ସଚେତନତା ଏବଂ ପରିଷ୍କାର ପରିଚ୍ଛନ୍ନତା କାର୍ଯ୍ୟକ୍ରମର ଏକ ଶୃଙ୍ଖଳା ସହିତ ଏହାର ଉତ୍ସର୍ଗୀକୃତ ପ୍ରୟାସ ଜାରି ରଖିଛି । ଆୟୋଜିତ ସଚେତନତା ଅଭିଯାନଗୁଡ଼ିକ ଏହି ବାର୍ତ୍ତାକୁ ଆହୁରି ଦୃଢ଼ କରିବା ସକାଶେ ପ୍ରୟାସ କରିଛି ଯେ ସ୍ୱଚ୍ଛତା କେବଳ ଏକ କର୍ତ୍ତବ୍ୟ ନୁହେଁ ବରଂ କାର୍ଯ୍ୟସ୍ଥଳ ଏବଂ ସାର୍ବଜନୀନ ସ୍ଥାନରେ ଏକ ସୁସ୍ଥ ପରିବେଶ ସୃଷ୍ଟି କରିବା ପାଇଁ ଏକ ସାମୂହିକ ଦାୟିତ୍ୱ ।ଏହି ପରିପ୍ରେକ୍ଷୀରେ, ପୂର୍ବତଟ ରେଳପଥ ଏହାର ମୁଖ୍ୟାଳୟରେ ସ୍ୱଚ୍ଛ ସମ୍ବାଦ - କର୍ମଚାରୀମାନଙ୍କ ମଧ୍ୟରେ ଏକ ଆଦାନପ୍ରଦାନ ଅଧିବେଶନର ଆୟୋଜନ କରିଥିଲା । ଏହି ଅଧିବେଶନକୁ ସମ୍ବୋଧିତ କରି କେନ୍ଦ୍ରୀୟ ହସ୍ପିଟାଲର ଅତିରିକ୍ତ ମୁଖ୍ୟ ଚିକିତ୍ସା ନିର୍ଦ୍ଦେଶକ ଦୈନନ୍ଦିନ ଜୀବନରେ, ଘରେ ଏବଂ କାର୍ଯ୍ୟସ୍ଥଳରେ, ସ୍ୱଚ୍ଛତାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିବା ସହ ରେଳ କର୍ମଚାରୀମାନଙ୍କୁ ସ୍ୱଚ୍ଛତା ମିଶନର ଦୂତ ହେବା ଏବଂ ସମାଜରେ ସଚେତନତା ପ୍ରସାର କରିବାକୁ ଉତ୍ସାହିତ କରିଥିଲେ । କର୍ମଚାରୀମାନଙ୍କ ସହିତ ଏକ ଆକର୍ଷଣୀୟ ଏବଂ ପ୍ରଭାବଶାଳୀ ଉପାୟରେ ସଂଯୋଗ ସ୍ଥାପନ କରିବା ପାଇଁ, ମୁଖ୍ୟାଳୟର ସାଂସ୍କୃତିକ ଦଳ ଏକ ସ୍ୱଚ୍ଛତା-ଥିମ୍ ନୁକ୍କଡ ନାଟକ (ପଥପ୍ରାନ୍ତ ନାଟକ) ପ୍ରଦର୍ଶନ କରିଥିଲେ । ସ୍ୱଚ୍ଛତା ଏବଂ ପରିଷ୍କାରତା ଉପରେ ଏକ ଜୀବନ୍ତ ଅନ-ଦି-ସ୍ପଟ୍ କୁଇଜ୍ ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଥିଲା, ଯେଉଁଠାରେ କର୍ମଚାରୀମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ (ଏଜିଏମ୍) ବି.ଏସ୍.କେ.ରାଜକୁମାର ଅଂଶଗ୍ରହଣକାରୀଙ୍କ ଉତ୍ସାହକୁ ପ୍ରଶଂସା କରିଥିଲେ । ସେ ପୁନରାବୃତ୍ତି କରିଥିଲେ ଯେ ସ୍ୱଚ୍ଛତା ଭାରତୀୟ ରେଳପଥର ସର୍ବୋଚ୍ଚ ପ୍ରାଥମିକତା ମଧ୍ୟରୁ ଗୋଟିଏ ଏବଂ ପୂର୍ବତଟ ରେଳପଥ ଏକ ନିରାପଦ, ସ୍ୱଚ୍ଛ ଏବଂ ଯାତ୍ରୀ-ଅନୁକୂଳ ରେଳ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ଅନେକ ପଦକ୍ଷେପର ନେତୃତ୍ୱ ନେଇ ଆସୁଛି । ଏହି କାର୍ଯ୍ୟକ୍ରମ କେବଳ ଭିତ୍ତିଭୂମି ବିକାଶ ଏବଂ ଯାତ୍ରୀ ସୁରକ୍ଷା ପ୍ରତି ନୁହେଁ ବରଂ ଭବିଷ୍ୟତ ପିଢ଼ି ପାଇଁ ଏକ ସ୍ଥାୟୀ ଏବଂ ସ୍ୱଚ୍ଛ ପରିବେଶ ଗଠନ ପ୍ରତି ପୂର୍ବତଟ ରେଳପଥର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା ।



NITIDIN ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

FRIDAY
5 SEPTEMBER 2025
ଶୁକ୍ରବାର
୫ ସେପ୍ଟେମ୍ବର ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 112 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୧୧୨ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର


● ଆଇଏମ୍‌ଆର୍‌ରେ ଉଲ୍ଲେଖନୀୟ ହ୍ରାସ

# ୧୦ ବର୍ଷରେ ଶିଶୁ ମୃତ୍ୟୁହାର କମିଲା ୩୭.୫%

**ନୂଆଦିଲ୍ଲୀ,୪।୯/ଏଜେନ୍ସି:**

ଭାରତ ପାଇଁ ଏକ ବଡ଼ ଆଶ୍ୱସ୍ତିକର ଖବର। ଦେଶରେ ଶିଶୁ ମୃତ୍ୟୁ ହାର (ଆଇଏମ୍‌ଆର୍‌) ସର୍ବକାଳୀନ ରେକର୍ଡ ସର୍ବନିମ୍ନସ୍ତରରେ ପହଞ୍ଚିଛି। ଭାରତର ରେଜିଷ୍ଟ୍ରାର୍ ଜେନେରାଲ୍‌ଙ୍କ ଦ୍ୱାରା ୨୦୨୩ ବର୍ଷ ପାଇଁ ପ୍ରକାଶିତ ନମୁନା ପଞ୍ଜିକରଣ ସିଷ୍ଟମ୍ ରିପୋର୍ଟ ଅନୁଯାୟୀ ଦେଶରେ ଶିଶୁ ମୃତ୍ୟୁ ହାର (ଆଇଏମ୍‌ଆର୍‌) ଏବେ ୨୫ (ସଂଖ୍ୟକ) ରହିଛି ଯାହାକି ୨୦୧୩ରେ ୪୦ (ସଂଖ୍ୟକ) ରହିଥିଲା। ଅର୍ଥାତ୍ ଗତ ୧୦ ବର୍ଷ ମଧ୍ୟରେ ଏହା ୩୭.୫% ପର୍ଯ୍ୟନ୍ତ ହ୍ରାସ ପାଇଛି। ସେହିପରି ୧୯୭୧ ପରେ ଏହା ପ୍ରାୟ ୮୦% ହ୍ରାସ। ୧୯୭୧ରେ ମୃତ ଶିଶୁଙ୍କ ସଂଖ୍ୟା ୧୨୯ ରହିଥିଲା।

ଶିଶୁ ମୃତ୍ୟୁ ହାର ଏକ ପ୍ରମୁଖ ସାର୍ବଜନୀନ ସ୍ୱାସ୍ଥ୍ୟସୂଚକ, ଯାହାକି ପ୍ରତି ୧,୦୦୦ ଜୀବିତ ପିଲା (୧ବର୍ଷରୁ କମ୍)ଙ୍କ ତୁଳନାରେ ମୃତ ଶିଶୁଙ୍କ ସଂଖ୍ୟାକୁ ତୁଳନାତ୍ମକ ଭାବେ ଆନୁପାତିକ ହାରରେ ଉପସ୍ଥାପିତ କରିଥାଏ। ଶିଶୁ ମୃତ୍ୟୁହାର ହ୍ରାସ ପାଇବା ଅର୍ଥ ଦେଶରେ ସ୍ୱାସ୍ଥ୍ୟସେବାର ଉପଲବ୍ଧତା ବ୍ୟାପକ ହୋଇଥିବା ପ୍ରମାଣିତ କରୁଛି।

ଆଇଏମ୍‌ଆର୍‌-୨୦୨୩ ରିପୋର୍ଟ ଅନୁଯାୟୀ, ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ଉତ୍ତର ପ୍ରଦେଶରେ ଦେଶରେ ସର୍ବାଧିକ ୩୭% ଶିଶୁ ମୃତ୍ୟୁହାର ରହିଛି। ସେହିପରି ସବୁଠାରୁ କମ୍ ଶିଶୁ ମୃତ୍ୟୁହାର ଅର୍ଥାତ୍ ମାତ୍ର ୩% ମଣିପୁର ଭଳି ରାଜ୍ୟରେ ରହିଛି। ମଣିପୁର ପରେ କେରଳ ଦେଶର ୨ୟ ରାଜ୍ୟ ଭାବେ ସର୍ବନିମ୍ନ ଆଇଏମ୍‌ଆର ର୍‍ୟାଙ୍କିଂରେ ସ୍ଥାନିତ ହୋଇଛି। କେରଳରେ ଶିଶୁ ମୃତ୍ୟୁହାର ମାତ୍ର ୫% ରହିଛି। ତେବେ ରିପୋର୍ଟରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସ୍ପଷ୍ଟ ହେଉଛି ଯେ ଗ୍ରାମାଞ୍ଚଳରେ ଶିଶୁ ମୃତ୍ୟୁହାର ଦେଶବ୍ୟାପୀ ୪୪%ରୁ ୨୮%କୁ ହ୍ରାସ ପାଇଛି। ଦେଶର ସହରାଞ୍ଚଳରେ ଏହି ହାର ୨୭%ରୁ ୧୮%କୁ ହ୍ରାସ ପାଇଛି। ମୋଟାମୋଟି ଭାବେ ଏହି ରିପୋର୍ଟରେ ଦେଶରେ ଜନ୍ମହାର ଏବଂ ମୃତ୍ୟୁହାର ହ୍ରାସ ଉପରେ ମଧ୍ୟ ଆଲୋକପାତ କରାଯାଇଛି। ପ୍ରକାଶ, ଜନ୍ମହାର ହେଉଛି ଜନସଂଖ୍ୟାର ପ୍ରଜନନ କ୍ଷମତାର ଏକ ମାପକାଠି। ଏହା ଜନସଂଖ୍ୟା ବୃଦ୍ଧିର ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଣ୍ଣାୟକ। ଏହା ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ ଏବଂ ବାର୍ଷିକ ପ୍ରତି ୧ ହଜାର ଜନସଂଖ୍ୟାରେ ଜୀବିତ ଜନ୍ମସଂଖ୍ୟାକୁ ଦର୍ଶାଉଛି। ରିପୋର୍ଟରେ ଏହା ମଧ୍ୟ ଦର୍ଶାଯାଇଛି ଯେ, ଗତ ପାଞ୍ଚ ଦଶନ୍ଧି ମଧ୍ୟରେ ସର୍ବଭାରତୀୟସ୍ତରରେ ଜନ୍ମ ହାର ଯଥେଷ୍ଟ ହ୍ରାସ ପାଇଛି।

▶▶ ୫

ଜିଏସ୍‌ଟି ପରିଷଦର ନିଷ୍ପତ୍ତି ଐତିହାସିକ, ସ୍ୱାଗତଯୋଗ୍ୟ

# କ୍ଷୁଦ୍ର ବ୍ୟବସାୟୀ ହେବେ ଉପକୃତ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୪।୯/ଏନ୍‌ଏନ୍‌ଏସ୍:**



ଜିଏସ୍‌ଟି ପରିଷଦର ସଂସ୍କାରମୂଳକ ପଦକ୍ଷେପ ଐତିହାସିକ ଏବଂ ମୁକ୍ତ ଓ ସ୍ୱଚ୍ଛ ଅର୍ଥନୀତି ସୃଷ୍ଟି କରିବ। କ୍ଷୁଦ୍ର ବ୍ୟବସାୟୀ ଉପକୃତ ହେବେ। ଦେଶରେ ବାଣିଜ୍ୟ ବ୍ୟବସାୟକୁ ପ୍ରୋତ୍ସାହନ ଦେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ସ୍ୱାସ୍ଥ୍ୟ ଓ ଜୀବନବୀମା ଜନିତ ସେବା ଉପରୁ କର ଆଦାୟ ନ କରିବାର ନିଷ୍ପତ୍ତି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ମଧ୍ୟବିତ୍ତ ଓ ନିମ୍ନ ଆୟକାରୀ ପରିବାରମାନଙ୍କୁ ବୀମାଭୁକ୍ତ ହେବା ନିମନ୍ତେ ଉତ୍ସାହିତ କରିବ।

ନୂଆଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା ପ୍ରକାଶ କରିଛନ୍ତି। ଗଣମାଧ୍ୟମକୁ ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ '୨୦୪୭ ସୁଦ୍ଧା ବିକଶିତ ଭାରତ' ପରିକଳ୍ପନାକୁ ସାକାର କରିବା ଲାଗି ଦେଶର ଆର୍ଥିକ ପ୍ରଗତିକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି। ଏହି ଲକ୍ଷ୍ୟ ହାସଲ ଲାଗି ଆମ ଦେଶରେ ପ୍ରଚଳିତ କର ପ୍ରଶାସନରେ ବ୍ୟାପକ ସଂସ୍କାର ଆବଶ୍ୟକ। ସାଧାରଣ ଜନତାଙ୍କ ଉପରୁ ଟିକସ ବୋଝ ହ୍ରାସ କରିବା ଲାଗି ଆଜିର ବୈଠକରେ ବ୍ୟାପକ ଆଲୋଚନା ପରେ ଅନେକ ଦ୍ରବ୍ୟ ଓ ସେବା ଉପରୁ ଜିଏସ୍‌ଟି ହାର କମାଇବା ଓ କେତେକ ଦ୍ରବ୍ୟ ଓ ସେବାକୁ କର ମୁକ୍ତ କରିବା ପରି ଯୁଗାନ୍ତକାରୀ ନିଷ୍ପତ୍ତି ନିଆଯାଇଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କେନ୍ଦୁପତ୍ର ଉପରୁ ୧୮ ପ୍ରତିଶତରୁ ୫ ପ୍ରତିଶତକୁ ଜିଏସ୍‌ଟି ହ୍ରାସ କରିବା ଆମ ରାଜ୍ୟ ତଥା ଦେଶର ଲକ୍ଷ ଲକ୍ଷ କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ଏକ ଆନନ୍ଦର ବିଷୟ। ଏହା ଦ୍ୱାରା କେନ୍ଦୁପତ୍ରର ବିକ୍ରି ବଢ଼ିବ ଓ କେନ୍ଦୁପତ୍ର ତୋଳାଳିଙ୍କ ଉପାର୍ଜନ ବଢ଼ିବା ସହ ସେମାନେ ଉଚିତ୍ ମୂଲ୍ୟ ପାଇବେ। ରାଜ୍ୟର ଅଣସଂଗଠିତ କ୍ଷେତ୍ରରେ କାମ କରୁଥିବା କେନ୍ଦୁପତ୍ର ତୋଳାଳିମାନେ, କେନ୍ଦୁପତ୍ର କିଣୁଥିବା ସରକାରୀ ସଂସ୍ଥାଗୁଡ଼ିକଙ୍କ ପାଖରୁ ସଠିକ୍ ସମୟରେ ସଠିକ୍ ମୂଲ୍ୟ ପାଇପାରିବେ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିଭିନ୍ନ କୃଷି ପ୍ରକରଣ ଯଥା ଔଷଧ ସିଞ୍ଚନକାରୀ ଯନ୍ତ୍ର, ରୋଲର୍, ଯନ୍ତ୍ରପାତି , ଟ୍ରାକ୍ଟର୍ ଓ ଏହାର ଅମଳ କାମରେ ଲାଗୁଥିବା ଯନ୍ତ୍ର, ଟାୟାର୍ ତଥା ସାର ପାଇଁ ବ୍ୟବହୃତ କଞ୍ଚାମାଲ ଉପରୁ ଜିଏସ୍‌ଟି ହ୍ରାସ ନିମନ୍ତେ ପଦକ୍ଷେପ, କୃଷକମାନଙ୍କ ଆର୍ଥିକ ବୋଝକୁ କମାଇବା ସହ କୃଷି ଉତ୍ପାଦନ ଲାଗି ହେଉଥିବା ଖର୍ଚ୍ଚ କମାଇବ। ଏହା ଗ୍ରାମୀଣ ଲୋକଙ୍କ ଆୟ ବଢ଼ାଇବ ଓ ଜାତୀୟ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବ। ପାନ ମସଲା, ବିଡ଼ି, ଓ ତମାଖୁଜାତ ଦ୍ରବ୍ୟକୁ ଛାଡ଼ି ଅନ୍ୟ ସବୁ ଦ୍ରବ୍ୟ ଉପରୁ କମ୍ପେନ୍‌ସେସନ୍ ସେସ୍‌କୁ ୨୨ ସେପ୍ଟେମ୍ବର, ୨୦୨୫ ତାରିଖରୁ ଉଠାଇ ଦିଆଯାଉଛି। ଏହା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ। ଅନେକ ଜୀବନ ରକ୍ଷାକାରୀ ଔଷଧ ଉପରେ କର ହ୍ରାସ, ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ପରିବାରମାନଙ୍କ ଉପଯୁକ୍ତ ଚିକିତ୍ସାରେ ସହାୟକ ହେବ। ଏହାବ୍ୟତୀତ ଦ୍ରବ୍ୟ ଓ ସେବାକର ହାରରେ ପରିବର୍ତ୍ତନ କରାଯାଇ ୧୨ ଓ ୨୮ ପ୍ରତିଶତ କର ହାରକୁ ଉଚ୍ଛେଦ କରାଯାଇ ଅଧିକାଂଶ ଦ୍ରବ୍ୟ ଓ ସେବା ଉପରେ ୫ ଓ ୧୮ ପ୍ରତିଶତ ହାରରେ କର ଆଦାୟ କରିବାର ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଔଷଧ, ଦୁଗ୍ଧ-ଜାତ ଦ୍ରବ୍ୟ, ପ୍ରକ୍ରିୟାକୃତ ଖାଦ୍ୟ ସହିତ ସାଧାରଣ ଲୋକ ବ୍ୟବହାର କରୁଥିବା ଅନ୍ୟ ପ୍ରାୟ ୧୫୦ରୁ ଅଧିକ ସାମଗ୍ରୀ କର ମୁକ୍ତ କରାଯିବ। ବ୍ୟାପକ କର ହାର ସଂଶୋଧନର ଏକ ଅଂଶ ଭାବରେ ୧୫୦ରୁ ଅଧିକ ସାମଗ୍ରୀ ଉପରେ ଜିଏସ୍‌ଟି ହାର ହ୍ରାସ କରିବାକୁ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ଦୁଇ ସ୍ଲାବ୍ ଟିକସ ଢାଞ୍ଚା ଉପରେ ଜିଏସ୍‌ଟି ପରିଷଦ ବିଚାର ବିମର୍ଶ କରି ନିଷ୍ପତ୍ତି ନେଇଛି। ଲୋକପ୍ରିୟ ତଥା ପ୍ୟାକ୍ ହୋଇଥିବା ଜଳଖିଆ ସାମଗ୍ରୀ ଏବଂ ମିଠା ସାମଗ୍ରୀ ଉପରେ ଜିଏସ୍‌ଟି ୧୮ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରିବାକୁ କେନ୍ଦ୍ର ଦେଇଥିବା ପ୍ରସ୍ତାବ ଅନୁମୋଦିତ ହୋଇଛି। ସିମେଣ୍ଟ ଉପରେ ଜିଏସ୍‌ଟି ହାର ୨୮%ରୁ ୧୮%କୁ ହ୍ରାସ; ନିର୍ମାଣ ଶିଳ୍ପ, ସାଧାରଣ ଲୋକଙ୍କ ପାଇଁ ଏକ ବଡ଼ ମାଇଲଖୁଣ୍ଟ ହେବ।

▶▶ ୫

ରାଷ୍ଟ୍ରପତିଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

## ସମୃଦ୍ଧ ଓଡ଼ିଶା ଗଠନ ଉପରେ ଆଲୋଚନା



**ଭୁବନେଶ୍ୱର,୪।୯/ଏନ୍‌ଏନ୍‌ଏସ୍:**

ନୂଆଦିଲ୍ଲୀ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ରାଷ୍ଟ୍ରପତିଙ୍କୁ ଭେଟି ସୌଭାଗ୍ୟ ପ୍ରାପ୍ତ ହେଲେ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିଜ ସାମାଜିକ ଗଣମାଧ୍ୟମ ଏକ୍ସରେ ପ୍ରକାଶ କରିଛନ୍ତି। ମହାମହିମ ରାଷ୍ଟ୍ରପତିଙ୍କ ସହ ଓଡ଼ିଶାର ବିକାଶ ପରିଯୋଜନା, ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଆମର ଦୃଷ୍ଟିକୋଣ ଇତ୍ୟାଦି ବିଷୟରେ ଆଲୋଚନା କରିଥିବା ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

ଟ୍ୱିନ୍‌ସିଟିରେ ଶାରଦୀୟ ଦୁର୍ଗାପୂଜା

# କଟକରେ ୬ ସୁଉଚ୍ଚ ତୋରଣକୁ ଅନୁମତି

**କଟକ,୪।୯/ଏନ୍‌ଏନ୍‌ଏସ୍:**

ଟ୍ୱିନ୍ ସିଟିରେ ଶାରଦୀୟ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ଜୋର୍‌ଦାର୍ ଚାଲିଛି। ପୂଜା ମାହୋଲକୁ ଆକର୍ଷଣୀୟ କରିବା ସହିତ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବିଭିନ୍ନ ପୂଜା ମଣ୍ଡପର କର୍ମକର୍ତ୍ତା ଓ ପ୍ରଶାସନିକ ସ୍ତରରେ ମଧ୍ୟ ପ୍ରସ୍ତୁତି କରାଯାଉଛି। ଇତିମଧ୍ୟରେ କଟକର ୬ଟି ସ୍ଥାନରେ ସୁଉଚ୍ଚ ତୋରଣ ପାଇଁ ହାଇକୋର୍ଟ ଅନୁମତି ପ୍ରଦାନ କରିଛନ୍ତି। ରାଣୀହାଟ, ଚାନ୍ଦିନୀଚୌକ, ବାଦାମବାଡ଼ି, ଖାନନଗର, ମାଲଗୋଦାମ ଓ ଶିଖରପୁରରେ ସୁଉଚ୍ଚ ତୋରଣ ପାଇଁ କୋର୍ଟ ପକ୍ଷରୁ ଅନୁମତି ଦିଆଯାଇଛି।

ପ୍ରକାଶ ଥାଉକି, ପୂର୍ବରୁ ରାସ୍ତା ଉପରେ ତୋରଣ ନିର୍ମାଣ ଉପରେ ରୋକ ଲାଗିଥିଲା। ତେବେ ଆଜି କଟକ ସହର ସମସ୍ୟା ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି ସମୟରେ ହାଇକୋର୍ଟ ୬ଟି ସ୍ଥାନରେ ସୁଉଚ୍ଚ ତୋରଣ ନିର୍ମାଣ ପାଇଁ ଅନୁମତି ଦେଇଛନ୍ତି। ବଡ଼ ତୋରଣ ନିର୍ମାଣ ପୂର୍ବରୁ ସେହି ମଣ୍ଡପଗୁଡ଼ିକୁ ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥାରେ ଆବେଦନ କରିବେ। ଏହା ପରେ ସେମାନଙ୍କୁ ପ୍ରୋଭିଜିନାଲ୍ ଏନ୍‌ଓସି ପ୍ରଦାନ କରାଯିବ। ଜିଲ୍ଲା ପ୍ରଶାସନର ବୈଷୟିକ ଟିମ୍ ଏହି

▶▶ ୫

## ୬୫ ଡେସିବଲ୍‌ରୁ ଅଧିକ ଶବ୍ଦକୁ ବାରଣ



## ମେଲୋଡିରେ ଅଶ୍ଳୀଳ ନୃତ୍ୟକୁ ନା'

ପୂଜା ପରିଚାଳନା ପାଇଁ ସ୍ୱତନ୍ତ୍ର କଣ୍ଟ୍ରୋଲ୍ ରୁମ୍

**ଭୁବନେଶ୍ୱର,୪।୯/ଏନ୍‌ଏନ୍‌ଏସ୍:**

ଏଥର ଦୁର୍ଗା ପୂଜା ମେଲୋଡିରେ ଅଶ୍ଳୀଳ ନୃତ୍ୟ ହେବ ନାହିଁ। ପୂଜାକୁ ନେଇ ବିମ୍‌ଏସିର ପ୍ରସ୍ତୁତି ବୈଠକରେ ଏଭଳି ନିଷ୍ପତ୍ତ ନିଆଯାଇଛି। ଏହା ସହ ପୂଜାରେ ପାର୍କିଂକୁ ଗୁରୁତ୍ୱ ଦିଆଯାଇଛି। ପାର୍କିଂ ନ ଥିଲେ ପଡ଼ିବନି ମିନା ବଜାର, ସେହିଭଳି ରାବଣ ପୋଡ଼ି ପାଇଁ ମଧ୍ୟ ଅନୁମତି ମିଳିବନି। ପୂଜା ପରିଚାଳନା ପାଇଁ ଖୋଲିବ ସ୍ୱତନ୍ତ୍ର କଣ୍ଟ୍ରୋଲ୍ ରୁମ୍। ସେହିପରି ପ୍ଲାଷ୍ଟିକ ମୁକ୍ତ ହେବ ପୂଜା। ମୁଖ୍ୟ ରାସ୍ତାରେ ତୋରଣ ଲଗେଇ ପାରିବେ ନାହିଁ। ପୂଜା କମିଟି ସବୁ ଭସାଣି ସ୍ଥାନରେ କଣ୍ଟ୍ରୋଲ୍ ରୁମ୍ ଖୋଲିବା ସହ ଆମ୍ବୁଲାନ୍ସ ରଖାଯିବ। ପୂଜା ପେଣ୍ଡାଲ୍‌ରେ ନିଶାକୁ ନାଁ'ର ସଚେତନତା ବାର୍ତ୍ତା ବାଣ୍ଟିବ ପୁଲିସ। ପୂଜା ପୂର୍ବରୁ ବିଦ୍ୟୁତ ଖୁଣ୍ଟ ଓ ତାର ମରାମତିକୁ ଗୁରୁତ୍ୱ ଦିଆଯାଇଛି। ପୂଜା ପୂର୍ବରୁ ସବୁ ରାସ୍ତା ମରାମତି କାମ ସାରିବା ନେଇ ଦେଲେ ଡେଡ୍ ଲାଇନ୍ ଦିଆଯାଇଛି। ରାସ୍ତା ଖାଲଖମାର ମରାମତି ନେଇ ସବୁ ୱାର୍ଡକୁ ଦିଆଯିବ ୫ଲକ୍ଷ ଟଙ୍କା। ପେଣ୍ଡାଲ୍ ନିକଟରୁ ହଟିବେ ବୁଲା କୁକୁର। ବୈଠକରେ ବିଏମ୍‌ସି କମିଶନର, ମେୟର, ୱାର୍ଡର କର୍ପୋରେଟର୍, ପୁଲିସ, ଫାୟାର, ସବୁ ବିଭାଗର ଅଧିକାରୀ ସାମିଲ ଥିଲେ।

■ ଏନ୍‌ଆଇଆର୍‌ଏଫ୍-୨୦୨୫ ର୍‍ୟାଙ୍କିଂ ଜାରି

# ଆଇଆଇଟି ମାଡ୍ରାସ୍ ପୁଣି ଶୀର୍ଷରେ



**ନୂଆଦିଲ୍ଲୀ, ୪।୯/ଏଜେନ୍ସି:**


କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ଜାତୀୟ ପ୍ରତିଷ୍ଠାନ ର୍‍ୟାଙ୍କିଂ ଫ୍ରେମ୍‌ୱାର୍କ (ଏନ୍‌ଆଇଆର୍‌ଏଫ୍)-୨୦୨୫ ଘୋଷଣା କରାଯାଇଛି। ର୍‍ୟାଙ୍କିଂ ତାଲିକାରେ ଆଇଆଇଟି ମାଡ୍ରାସ ପୁଣିଥରେ ଭାରତର ସର୍ବୋତ୍ତମ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ ଭାବେ ଶୀର୍ଷସ୍ଥାନ ହାସଲ କରିଛି। ଚଳିତ ବର୍ଷକୁ ମିଶାଇ କ୍ରମାଗତ ୭ମ ଥର ପାଇଁ ଆଇଆଇଟି ମାଡ୍ରାସ ଶୀର୍ଷ ସ୍ଥାନ ବଜାୟ ରଖିଛି। ସେହିପରି ୨ୟ ସ୍ଥାନରେ ଭାରତୀୟ ବିଜ୍ଞାନ ସଂସ୍ଥାନ (ଆଇଆଇଏସ୍‌ସି), ବେଙ୍ଗାଲୁରୁ ରହିଥିବା ବେଳେ ୩ୟ ସ୍ଥାନରେ ଆଇଆଇଟି ବମ୍ବେ ରହିଛି।

ଗୁରୁବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ, ଧର୍ମେନ୍ଦ୍ର ପ୍ରଧାନ ଦେଶର ଲବ୍ଧ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନଗୁଡିକର ଏହି ତାଲିକା (୧୦ମ ସଂସ୍କରଣ) ଜାରି କରିଛନ୍ତି। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଦେଶର ଶ୍ରେଷ୍ଠ ପ୍ରଦର୍ଶନକାରୀ ବିଶ୍ୱବିଦ୍ୟାଳୟ, କଲେଜ ଏବଂ ପ୍ରତିଷ୍ଠାନଗୁଡ଼ିକୁ ତାଲିକାଭୁକ୍ତ କରାଯାଇ ଏହି ତାଲିକା ଜାରି କରାଯାଇଛି। ଏନ୍‌ଆଇଆର୍‌ଏଫ୍ ର୍‍ୟାଙ୍କିଂକୁ ଦେଶବ୍ୟାପୀ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ଗୁଣବତ୍ତାର ଏକ ବଡ଼ ମାପକାଠି ଭାବରେ ବିବେଚନା କରାଯାଏ ଏବଂ ଏହା ଛାତ୍ରୀଛାତ୍ରମାନଙ୍କ ପାଇଁ ସଠିକ୍ କ୍ୟାରିଅର ବାଛିବାରେ ସହାୟକ ହୋଇଥାଏ। କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ପ୍ରକାଶିତ ଏନ୍‌ଆଇଆରଏଫ୍ ର୍‍ୟାଙ୍କ୍ ତାଲିକା ଅନୁସାରେ ଆଇଆଇଟି ଦିଲ୍ଲୀ ୪ର୍ଥ ସ୍ଥାନରେ ରହିଥିବା ବେଳେ ଆଇଆଇଟି

▶▶ ୫







## ସାପ କାମୁଡ଼ାରେ ମହିଳା ମୃତ

**ବାଲିଗୁଡା,୪।୯/ଏନ୍ଏନ୍ଏସ୍:** ସାପ କାମୁଡାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି । ଘଟଣାଟି ଘଟିଛି ବାଲିଗୁଡା ବ୍ଲକ ଅନ୍ତର୍ଗତ ସୁଡ୍ରା ପଂଚାୟତର ଗାଲିଗୁରା ଗ୍ରାମରେ। ଗତକାଲି ସନ୍ଧ୍ୟା ସମୟରେ ବାଡ଼ିରେ ସାପ ଉପରେ ଗ୍ରାମର ଡିମିରି ମଳିକଙ୍କ ଗୋଡ ପଡିଯିବାରୁ ସାପ କାମୁଡି ଦେଇଥିଲା। ପରିବାର ଲୋକେ ସଙ୍ଗେସଙ୍ଗେ ଏକ ଗାଡି ସାହାଯ୍ୟରେ ବାରଖମା ଗୋଷ୍ଠିସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା କରାଇ ଅବସ୍ଥା ଗୁରୁତର ଥିବାରୁ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। କିନ୍ତୁ ତାଙ୍କର ପରଲୋକ ହୋଇଯାଇଥିଲା।

## ପୁନଃନିଯୁକ୍ତି ଦାବିରେ ଧାରଣାଦେଲେ ଛଟେଇ କର୍ମଚାରୀଙ୍କ ପରିବାର

**ବ୍ରହ୍ମପୁର,୪।୯/ଏନ୍ଏନ୍ଏସ୍:** ବିନା କୌଣସି କାରଣରେ ପାଟପୁର ଡିଭିଜନରେ କାର୍ଯ୍ୟରତ ତରୁଣ କୁମାର ସ୍ୱାଇଁ ଏବଂ ସୀମାଞ୍ଚଳ ଗୌଡ଼ଙ୍କୁ କାର୍ଯ୍ୟରୁ ବାହାର କରିଛି ଟାଟା ପାୱାର ମ୍ୟାନେଜମେଣ୍ଟ। ଯାହାକୁ ନେଇ ଆଜି ଦୁଇ ପରିବାର ଟିପିଏସଓଡ଼ିଏଲ ମୁଖ୍ୟ କାର୍ଯ୍ୟାଳୟର ଫାଟକ ସମ୍ମୁଖରେ ଦେଇଛନ୍ତି ଧାରଣା। ସୂଚନା ମୁତାବକ ଦୁଇ କର୍ମଚାରୀ ଦୀର୍ଘ ୧୫ ବର୍ଷରୁ ଅଧିକା ସମୟ ଧରି ଆଉଟ୍‌ସୋର୍ସିଂ ସଂସ୍ଥା ଦ୍ୱାରା କାମ କରି ଆସୁଥିଲେ। ତେବେ ଗତ ବର୍ଷ ବିନା କୌଣସି ନୋଟିସ୍‌ରେ ଉକ୍ତ ଦୁଇ କର୍ମଚାରୀଙ୍କୁ ବିଦା କରିଛି ଟାଟା କମ୍ପାନୀ। ଏନେଇ ଦୁଇ କର୍ମଚାରୀ ଶ୍ରମ ବିଭାଗର ଦ୍ୱାରସ୍ଥ ମଧ୍ୟ ହୋଇଥିଲେ। ଯୁଗ୍ମ ଶ୍ରମ କମିଶନର ଦୁଇ ଜଣଙ୍କୁ ପୁନଃ ନିଯୁକ୍ତି ଦେବା ପାଇଁ ଗତ ୨୦୨୫ ମସିହା ଜାନୁୟାରୀ ୧୬ ତାରିଖରେ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଟାଟା ପାୱାର ମ୍ୟାନେଜମେଣ୍ଟ ଏଯାବତ କୌଣସି ପଦକ୍ଷେପ ନେଇନାହିଁ। ଯାହାକୁ ନେଇ ଦୁଇ କର୍ମଚାରୀଙ୍କ ବାପା, ମାଁ, ପିଲା ଛୁଆଙ୍କୁ ନେଇ ଗତ ଦୁଇ ଦିନ ଧରି ଟାଟା କମ୍ପାନୀ ଫାଟକ ସମ୍ମୁଖରେ ଧାରଣା ଦେଇଛନ୍ତି। ତେବେ ଟାଟା କମ୍ପାନୀ କୌଣସି ସରକାରୀ ନିୟମକୁ ଖାତିରି କରୁ ନଥିବା ଅଭିଯୋଗ ହୋଇଛି। ନ୍ୟାୟ ପାଇଁ ଦୁଇ ପରିବାର ଆଜି ଧାରଣାରେ ବସିଛନ୍ତି। ଯେତେ ଦିନ ପର୍ଯ୍ୟନ୍ତ ନିଯୁକ୍ତି ନ ମିଳିଛି ଆନ୍ଦୋଳନ ଜାରି ରହିବ ବୋଲି କହିଛନ୍ତି ଦୁଇ କର୍ମଚାରୀଙ୍କ ପରିବାର ବର୍ଗ। ତେବେ ଦୁଇ କର୍ମଚାରୀ ସୀମାଞ୍ଚଳ ଗୌଡ଼ ଓ ତରୁଣ ସ୍ୱାଇଁଙ୍କ ପୁନଃ ନିଯୁକ୍ତି ଦାବିକୁ ଟାଟା ପାୱାର କର୍ତ୍ତୃପକ୍ଷ କେବେ କାର୍ଯ୍ୟକାରୀ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

## ମହିଳା ଆଇନଜୀବୀଙ୍କୁ ଆକ୍ରମଣ, ଦୁର୍ବ୍ୟବହାର ଅଭିଯୋଗର ତଦନ୍ତ କଲେ ଏସ୍‌ପି

**ବ୍ରହ୍ମପୁର,୪।୯/ଏନ୍ଏନ୍ଏସ୍:** ବୈଦ୍ୟନାଥପୁର ଥାନା ଅନ୍ତର୍ଗତ କୋର୍ଟପେଟା ଛକ ନିକଟରେ ଆଜି ଜଣେ ମହିଳା ଆଇନଜୀବୀଙ୍କୁ ଦୁର୍ବ୍ୟବହାର ସହ ଆକ୍ରମଣ ହୋଇଥିବା ନେଇ ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ହୋଇଛନ୍ତି ଗଞ୍ଜାମ ଓକିଲ ସଂଘର ମହିଳା ଆଇନଜୀବୀ ରେଶ୍ମା ଦାଶ। ସେ ଆଜି ସନ୍ଧ୍ୟାରେ କୋର୍ଟ କାର୍ଯ୍ୟ ସାରି ସ୍ୱାମୀ ଧର୍ମରାଜ ପାଣିଗ୍ରାହୀଙ୍କ ସହ ବାଇକ୍‌ରେ ଘରକୁ ଫେରୁଥିଲେ। ଏହି ସମୟରେ କୋର୍ଟପେଟା ଛକ ବୁଲାଣୀ ରାସ୍ତାରେ ଚାଲି ଚାଲି ଆସୁଥିବା ତିନି ଜଣ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ମହିଳା ଆଇନଜୀବୀଙ୍କୁ ଅସଦାଚରଣ କରିଥିଲେ। ଆଇନଜୀବୀଙ୍କ ସ୍ୱାମୀ ଧର୍ମରାଜ ସମ୍ପୃକ୍ତ ବ୍ୟକ୍ତିଙ୍କୁ କ'ଣ ପାଇଁ ଏଭଳି କଲ ବୋଲି କହିଥିଲେ। ଯାହାକୁ ନେଇ ସମ୍ପୃକ୍ତ ବ୍ୟକ୍ତି ଏବଂ ତାର ଅନ୍ୟ ଦୁଇ ସାଥୀ ଧର୍ମରାଜ ଏବଂ ତାଙ୍କ ସ୍ତ୍ରୀ ରେଶ୍ମା ଦାଶଙ୍କୁ ଦୁର୍ବ୍ୟବହାର ସହ ଆକ୍ରମଣ କରିବାକୁ ପଛାଇନଥିଲେ। ଅଭିଯୁକ୍ତଙ୍କ ଆକ୍ରମଣରେ ଆଇନଜୀବୀ ଓ ତାଙ୍କ ସ୍ୱାମୀ ଆହତ ହୋଇଥିଲେ। ଏନେଇ ରେଶ୍ମା ଓକିଲ ସଂଘର କିଛି କର୍ମକର୍ତ୍ତାଙ୍କୁ ଜଣାଇବା ପରେ ଘଟଣାସ୍ଥଳକୁ ବହୁ ଆଇନଜୀବୀ ଆସିଥିଲେ। ସ୍ଥାନୀୟ ଲୋକେ ଜଣେ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଆହତ ଦମ୍ପତ୍ତି ବ୍ରହ୍ମପୁର ସିଟି ହସ୍‌ପିଟାଲରେ ଚିକିତ୍ସିତ ହେବା ପରେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ଘଟଣାକୁ ଗୁରୁତର ସହ ନେଇ ପୁଲିସ୍ ତଦନ୍ତ ଆରମ୍ଭ କରିଛି। ଖବର ପାଇ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ୍ ଏମ୍ ଥାନାରେ ମହିଳାଙ୍କୁ ସାକ୍ଷାତ କରି ଅଭିଯୋଗ ଶୁଣିଥିବା ଜଣାପଡିଛି। ଏହି ଘଟଣାରେ ପୁଲିସ୍ ଜଣକୁ ଅଟକ ରଖିଥିବା ଜଣାପଡିଛି । ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ସହ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଇନଜୀବୀମାନେ ଦାବି କରିଛନ୍ତି।

## କଂଗ୍ରେସର 'ସଙ୍ଗଠନ ସୃଜନ' ଅଭିଯାନ




**ଫୁଲବାଣୀ,୪।୯/ଏନ୍ଏନ୍ଏସ୍:** ଜାତୀୟ କଂଗ୍ରେସ ପକ୍ଷରୁ ଆରମ୍ଭ ହୋଇଛି ସଙ୍ଗଠନ ସୃଜନ ଅଭିଯାନ। ଖାଲି ପଡିଥିବା ଜିଲ୍ଲା କଂଗ୍ରେସ ସଭାପତି ପଦବୀ ସହିତ ସମସ୍ତ ଛାମୁଆ ସଙ୍ଗଠନର କର୍ମକର୍ତ୍ତା ଚୟନ ପାଇଁ ଏହି ପ୍ରକ୍ରିୟା ଚାଲିଛି। ଗୁରୁବାର ସ୍ଥାନୀୟ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏ ନେଇ ସୂଚନା ଦେଇଛନ୍ତି ଏଆଇସିସି ପର୍ଯ୍ୟବେକ୍ଷକ ପ୍ରକାଶ ଯୋଶୀ। ରାଷ୍ଟ୍ରୀୟ କଂଗ୍ରେସ କମିଟି ନିର୍ଦ୍ଦେଶରେ କରାଯାଉଥିବା ଏହି ଅଭିଯାନ ଦ୍ୱାରା ଏକ ସମତୁଲ କମିଟି ଗଠନ ପାଇଁ ଉଦ୍ୟମ କରାଯିବ ବୋଲି ସେ କହିଛନ୍ତି। ବିଶେଷ କରି କମିଟି ଗଠନରେ ତୃଣମୂଳ ସ୍ତରର କର୍ମୀଙ୍କ ମତାମତକୁ ଗୁରୁତ୍ୱ ଦିଆଯିବ ବୋଲି ଶ୍ରୀ ଯୋଶୀ ପ୍ରକାଶ କରିଛନ୍ତି। ଦଳ ପକ୍ଷରୁ ଜିଲ୍ଲା ସଭାପତି ଚୟନ ପାଇଁ ଗଠିତ କମିଟିରେ ଶ୍ରୀ ଯୋଶୀଙ୍କ ସମେତ ପିସିସି ପର୍ଯ୍ୟବେକ୍ଷକ ଭୋକାଲି ସେଠୀ ଓ ପ୍ରଶାନ୍ତ ବିଷୋୟୀ ସାମିଲ ଅଛନ୍ତି। ଏହି ଟିମ ୪ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବ୍ଲକକୁ ଯାଇ ସ୍ଥାନୀୟ ନେତା ଓ କର୍ମୀଙ୍କ ମତାମତ ସଂଗ୍ରହ କରିବେ। ସଂଗୃହୀତ ତଥ୍ୟ ଆଧାରରେ ଏଆଇସିସିକୁ ରିପୋର୍ଟ ପ୍ରଦାନ କରିବେ। ଖୁବଶୀଘ୍ର ଜିଲ୍ଲା ସଭାପତି ଓ ଅନ୍ୟାନ୍ୟ ପଦବୀ ପୂରଣ କରାଯିବ ବୋଲି ପର୍ଯ୍ୟବେକ୍ଷକ ସୂଚନା ଦେଇଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଥିଲେ, କନ୍ଧମାଳ ଜିଲ୍ଲା କଂଗ୍ରେସର ପୁରୁଣା ଦୁର୍ଗ ଏବଂ ଆଗାମୀ ଦିନରେ ଦଳ ଜିଲ୍ଲାରେ ପୁଣି ପତିଆରା ଜାହିର କରିବ। ଲବି ଆଧାରରେ ନୁହେଁ, ଦକ୍ଷତା ଆଧାରରେ କର୍ମକର୍ତ୍ତା ଚୟନ ହେବ ବୋଲି ସେ କହିଥିଲେ। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଂଯୋଜକ ଚନ୍ଦ୍ର ଶେଖର ପରିଡା, ଜି ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ପୂର୍ବତନ ସାଂସଦ ରାଧାକାନ୍ତ ଦିଗାଲ, ନକୁଳ ନାୟକ, ପୂର୍ବତନ ବିଧାୟକ ଜାକବ ପ୍ରଧାନ, ସାଂସଦ ପ୍ରାର୍ଥୀ ଅମୀରଚାନ୍ଦ ନାୟକ, ବିଧାୟକ ପ୍ରାର୍ଥୀ ଉେପନ୍ଦ୍ର ପ୍ରଧାନ, ଶ୍ରମିକ ନେତା ଘନ କୁମାର ଶବର ପ୍ରମୁଖ ଉପସ୍ଥିତ ଥିଲେ। ସାମ୍ବାଦିକ ସମ୍ମିଳନୀ ପରେ ପରେ ଏକ ଜିଲା ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲ। ଏଥିରେ ଉପେରାକ୍ତ ନେତାଙ୍କ ସହିତ ସମସ୍ତ ବ୍ଲକର କମର୍କର୍ତ୍ତା ଓ କର୍ମୀମାନେ ଉପସ୍ଥିତ ଥିଲେ।

# ଜୀବନବୀମା ଅଭିକର୍ତ୍ତା ସଂଘର ବାର୍ଷିକ ଉତ୍ସବ




**ବ୍ରହ୍ମପୁର,୪।୯/ଏନ୍ଏନ୍ଏସ୍:** ବ୍ରହ୍ମପୁର ଜୀବନବୀମା ଅଭିକର୍ତ୍ତା ସଂଘ ଶାଖା ନଂ-୧ର ୨୫ ତମ ବାର୍ଷିକ ଉତ୍ସବ ସ୍ଥାନୀୟ ରୋଟାରୀ କ୍ଲବଠାରେ ଅନୁଷ୍ଠିତ ହୋଇଯାଇଛି । ମୂଖ୍ୟବକ୍ତା ଭାବେ ବ୍ରହ୍ମପୁର ଜୀବନବୀମା ମଣ୍ଡଳର ଅଧିକାରୀ ସୁଶାନ୍ତ କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ । ଅତିଥି ଭାବେ ସର୍ବଭାରତୀୟ ଅଭିକର୍ତ୍ତା ସଂଘ ପୂର୍ବତନ ସଂପାଦକ ତଥା ରାଜନୈତିକ ବ୍ୟାପାର ସଚିବ ଗଜପତି ରାଓ, ପୂର୍ବ ମଧ୍ୟମ କ୍ଷେତ୍ରୀୟ ସଂଗଠନିକ ସଂପାଦକ ପ୍ରତାପ ଚନ୍ଦ୍ର ମହାନ୍ତି, ବ୍ରହ୍ମପୁର ମଣ୍ଡଳର ପୂର୍ବତନ ସଭାପତି ତଥା ଉପଦେଷ୍ଟା ପ୍ରଫୁଲ୍ଲ କୁମାର ଦଳେଇ, ମୁଖ୍ୟ ଶାଖା ପରିଚଳାକ ଜି. ପ୍ରସାଦ ରାଓ, ମଣ୍ଡଳ ସଭାପତି ରାମ ଚନ୍ଦ୍ର ମିଶ୍ର ଯୋଗଦେଇ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ। ପଲିସିଧାରୀଙ୍କୁ ଉନ୍ନତମାନର ସେବା ଏବଂ ଅଭିକର୍ତାଙ୍କ ସୁରକ୍ଷା ଓ ଭବିଷ୍ୟତ ଉପରେ ଦୃଷ୍ଟି ଦିଆଯିବା ନେଇ ଗୁରୁତ୍ୱାରୋପ କରାଯାଇଥିଲା। ଅଭିକର୍ତା ସଂଘର ମଣ୍ଡଳ ସଂପାଦକ ପ୍ରସନ୍ନ ଚୌଧୁରୀ, ଶାଖା ସଭାପତି ମିଟୁ ଦୋରା, ଶାଖା ସଂପାଦକ ଦେବେନ୍ଦ୍ର ପାତ୍ର, ବରିଷ୍ଠ ଅଭିକର୍ତା ସୁଦର୍ଶନ ମିଶ୍ର ଯୋଗ ଦେଇଥିଲେ । ବାର୍ଷିକ ଉତ୍ସବରେ ବ୍ରହ୍ମପୁର, ଫୁଲବାଣୀ, କୋରାପୁଟ, ଛତ୍ରପୁର ଶାଖାର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ଉତ୍ତମ କାର୍ଯ୍ୟ ପାଇଁ ମମତା ମିଶ୍ର ଏବଂ ହିମାଂଶୁ ଶେଖର ସୁବୁଦ୍ଧିଙ୍କୁ ପୁରସ୍କୃତ କରାଯାଇଥିଲା । ଶହେରୁ ଅଧିକା ବୀମା ଦେଇଥିବା ଅଭିକର୍ତା ଅଂଶୁ ଜ୍ୟୋତି ଦାସ, ପ୍ରଶାନ୍ତ କୁମାର ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ସଭା ପାଇଁ ସର୍ବାଧିକ ଅନୁଦାନ କରିଥିଲେ ନାରାୟଣ ପାଣିଗ୍ରାହୀ, ସୁଦର୍ଶନ ମିଶ୍ର, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ। ବିଶେଷ କରି ପଲିସି ଧାରୀ ମାନେ କିଭଳି ଉନ୍ନତ ମାନର ସେବା ପାଇପାରିବେ ତାହା ମଧ୍ୟ ଆଲୋଚନା ହୋଇଥିଲା । ଅଭିକର୍ତାଙ୍କ ସୁରକ୍ଷା ଓ ଭବିଷ୍ୟତ ଉପରେ ଦୃଷ୍ଟି ଦିଆଯିବ ବୋଲି ମଂଚାସୀନ ଅତିଥି ମାନେ ଆଲୋଚନା କରିଥିଲେ । ସଂଘର ଅଭିକର୍ତା ମଧୁସ୍ମିତା ସାହୁ, କୁନି ସାହୁ, ରଶ୍ମିତା ପ୍ରଧାନ, କ୍ଷମାଞ୍ଜଳି ମିଶ୍ର, ପ୍ରିୟମ୍ୱଦା ଜେନା, ଶିବକୁମାର ଦଳେଇ, ଶଶି ପଟ୍ଟନାୟକ, ଗଣେଶ, ଲକ୍ଷ୍ମୀଧର ବିଶ୍ୱାଳ, ସିମାଞ୍ଚଳ ସାହୁ, ବିନୋଦ ବେହେରା, ସୁଧୁର ପଟ୍ଟନାୟକ, ସନ୍ତୋଷ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନିମିନା ଗ୍ରାମରେ ନଳଯାତ୍ରା



**ଆସିକା,୪।୯/ଏନ୍ଏନ୍ଏସ୍:** ଆସିକା ବ୍ଲକ ଅନ୍ତର୍ଗତ ନିମିନା ଗ୍ରାମରେ ନଳଯାତ୍ରା ଅବସରରେ କଲ୍ୟାଣମୟୀ ମା' କନ୍ଧୁଣୀ ଦେବୀ, ଜଗତ୍‌ଜନନୀ ମା ବନଦେବୀ ଓ ଭକ୍ତବତ୍ସଳା ମା' ବୁଢ଼ୀ ଠାକୁରାଣୀଙ୍କ ମହାମିଳନ କାର୍ଯ୍ୟକ୍ରମ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ନିମିନା ଗ୍ରାମବାସୀଙ୍କ ମହାନ୍‌ପର୍ବ ରୂପେ ପରିଚିତ ଏହି ନଳଯାତ୍ରା ଅବସରରେ ମଙ୍ଗଳବାର ପୂର୍ବାହ୍ନରେ ଗ୍ରାମର ଆରାଧ୍ୟ ଦେବୀ ମା' ରତନେଇ ଠାକୁରାଣୀଙ୍କ ପୀଠରେ ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ଶ୍ରଦ୍ଧାଳୁ ଭକ୍ତମାନେ ଏକ ନଳକୁ ଧରି ପଶ୍ଚିମ ପଟ ରଙ୍ଗରୁଟିଆ ପର୍ବତର ଅଗ୍ରଭାଗରେ ପୂଜା ପାଇ ଆସୁଥିବା ମା' ବନଦେବୀ ଓ ପାଦଦେଶରେ ପୂଜା ପାଇ ଆସୁଥିବା ମା' କନ୍ଧୁଣୀ ଦେବୀ ଠାକୁରାଣୀଙ୍କୁ ବରଣ କରି ଆଣିଥିଲେ। ରଙ୍ଗରୁଟିଆ ପାହାଡ ନିକଟରେ ବାଦ୍ୟବାଜଣା ଓ ଘଣ୍ଟ ମୃଦଙ୍ଗର ତାଳେ ତାଳେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା । ନିମିନା ଅଞ୍ଚଳର ଚାଷୀ ସମାଜର କ୍ଷେତରେ ଆଶା ଠାରୁ ଅଧିକ ଫସଲ ଅମଳ ସାଙ୍ଗକୁ ସ୍ଥାନୀୟ ଅଞ୍ଚଳର ମଙ୍ଗଳ ଉଦ୍ଦେଶ୍ୟରେ ଏହି ନଳଯାତ୍ରା କେଉଁ ଆବାହମାନ କାଳରୁ ଅନୁଷ୍ଠିତ ହୋଇ ଆସୁଛି। ଆଧ୍ୟାତ୍ମିକ ନଳଯାତ୍ରା କାର୍ଯ୍ୟକ୍ରମ ପରିଚାଳନାରେ ସରପଞ୍ଚ ବିଦ୍ୟାନ୍ତ କୁମାର ଚର୍ଚ୍ଚି, ସମାଜସେବୀ ଶିବ କୁମାର ନାୟକ, ଭଗବାନ ଚର୍ଚ୍ଚି, ସୁରେନ୍ଦ୍ର ଚର୍ଚ୍ଚି, ଟୁକୁନା ପ୍ରଧାନ, ସୁଶାନ୍ତ ଚର୍ଚ୍ଚି, ଭାସ୍କର ଚର୍ଚ୍ଚି, ନୀଳମଣି ଜେନା, ନରସିଂହ ନାୟକ, ଶଶାଙ୍କ ଚର୍ଚ୍ଚି, ଭଗବାନ ନାୟକ, ପିଣ୍ଟୁ ପାତ୍ର, ମୁନା ପ୍ରଧାନଙ୍କ ସମେତ ଗ୍ରାମବାସୀ ସଂପୂର୍ଣ୍ଣ ସହଯୋଗ କରିଥିଲେ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଗ୍ରାମବାସୀ ନିଷ୍ଠାର ସହ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଲକ୍ଷ୍ୟ କରାଯାଇଥିଲା।

## ୧୩ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ବ୍ରହ୍ମପୁର,୪।୯/ଏନ୍ଏନ୍ଏସ୍:** ରାଷ୍ଟ୍ରୀୟ ଆଇନ୍ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ୍ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ଆସନ୍ତା ୧୩ ତାରିଖରେ ସିଭିଲ କୋର୍ଟ ପ୍ରାଙ୍ଗଣରେ ଅନୁଷ୍ଠିତ ହେବ ରାଷ୍ଟ୍ରୀୟ ଲୋକ ଅଦାଲତ। ଗଞ୍ଜାମ ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣର ଅଧ୍ୟକ୍ଷା ତଥା ମାନ୍ୟବର ଜିଲ୍ଲା ଓ ଦୌରା ଜଜ ଡ. ଭାଗ୍ୟଲକ୍ଷ୍ମୀ ରଥଙ୍କ ନିର୍ଦ୍ଦେଶ କ୍ରମେ, ଗଞ୍ଜାମ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ବ୍ୟୋମକେଶ ନାୟକଙ୍କ ପରିଚାଳନାରେ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏଥିରେ ସମସ୍ତ ପ୍ରକାରର ଦେୱାନୀ ମାମଲା ତଥା ସମ୍ପତ୍ତି ବିଭାଜନ, ବ୍ୟାଙ୍କ କେସ୍, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ଓ ପାରିବାରିକ ବିବାଦ, ଆପୋଷ ସମାଧାନରେ ନିଷ୍ପତି ହୋଇପାରିବ । ତା'ଛଡା ଫୌଜଦାରୀ ମାମଲା ମଧ୍ୟ ଆପୋସ ବୁଝାମଣା ମାଧ୍ୟମରେ ସମାଧାନ ହୋଇପାରିବ। ଲୋକ ଅଦାଲତରେ ଏହି ନିଃଶୁଳ୍କ ଓ ଖୁବ୍ ଶୀଘ୍ର ବିଭିନ୍ନ ଫଇସଲାକୁ ଶେଷ କରିବା ପାଇଁ ଏପରି ସୁବର୍ଣ୍ଣ ସୁଯୋଗକୁ ଜନସାଧାରଣ ହାତ ଛଡା ନ କରିବାକୁ ପ୍ରାଧିକରଣ ତରଫରୁ କୁହାଯାଇଛି।

## ଜିଲ୍ଲାସ୍ତରୀୟ ଆଦି କର୍ମଯୋଗୀ କର୍ମଶାଳା



**ଫୁଲବାଣୀ,୪।୯/ଏନ୍ଏନ୍ଏସ୍:** ବୁଧବାର ଜିଲ୍ଲା ସ୍ତରୀୟ ଆଦି କର୍ମଯୋଗୀ କର୍ମଶାଳା ଫୁଲବାଣୀ ଜିଲ୍ଲା ଓସ୍ୱାନ ହଲ ଠାରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରକ୍ତ ଜିଲ୍ଲାପାଳ ରମେଶ ଜେନା, ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ଫୁଲବାଣୀ ଉପ ଜିଲ୍ଲାପାଳ ଭିକାରୀ ସାହୁ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ପଦାଧିକାରୀ ଉପସ୍ଥିତ ଥିଲେ। ସେହିପରି ଜିଲ୍ଲାର ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ବ୍ଲକ ଓସ୍ୱାନ ହଲରେ ଆଭାସି ମାଧ୍ୟମରେ ଯୋଗଦେଇଥିଲେ। ଧରତୀ ଅବା ଜନଯାତୀୟ ଗ୍ରାମୀଣ ଉତ୍କର୍ଷ ଅଭିଯାନ ଗ୍ରାମଗୁଡିକରେ ଆଦି କର୍ମଯୋଗୀ ଚୟନ କରାଯାଇ ସରକାରଙ୍କ ଯୋଜନା ଗୁଡିକ ଗ୍ରାମସ୍ତରରେ ସମସ୍ତ ବିଭାଗର ସହଭାଗିତା ଆଧାରରେ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବେସେ ଉପରେ ବିଶେଷ ଭାବେ ସୂଚନା ଦିଆଯାଇଛି । ଏହା ସହିତ ଗ୍ରାମର ସର୍ବାଙ୍ଗୀନ ଉନ୍ନତି ପାଇଁ ଏକ ପରିକଳ୍ପନା ପ୍ରସ୍ତୁତ କରିବେ । ଏହି କର୍ମଶାଳାକୁ ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର ସଂଯୋଜନା କରିଥିବାବେଳେ ପ୍ରଦାନ ଏନଜିଓ ସହଯୋଗ କରିଥିଲା।

## ତାରାତାରିଣୀ କଲେଜରେ ସ୍ୱେଚ୍ଛାସେବୀଙ୍କ ପ୍ରବେଶ ଉତ୍ସବ

**ପୁରୁଷୋତ୍ତମପୁର,୪।୯/ଏନ୍ଏନ୍ଏସ୍:** ସ୍ଥାନୀୟ ତାରାତାରିଣୀ କଲେଜରେ ଏନ୍‌ଏସ୍‌ଏସ ୟୁନିଟ-୨ ମହିଳା ବିଭାଗର ସଂଜୋଜିକା ସ୍ୱାଗତିକା ଦାଶ ତତ୍ତ୍ୱାବଧାନରେ ପ୍ରବେଶ ଉତ୍ସବ ଆୟୋଜନ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁରେନ୍ଦ୍ର ନାଥ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୂଆ ଏନ୍‌ଏସ୍‌ଏସ୍ ସେବିକାମାନଙ୍କୁ ସଂଗଠନର ଉଦ୍ଦେଶ୍ୟ, କାର୍ଯ୍ୟପ୍ରଣାଳୀ, ସମାଜସେବାର ଗୁରୁତ୍ୱ ସମ୍ବନ୍ଧରେ ସୂଚନା ଦିଆଯାଇଥିଲା। ଏନ୍‌ଏସଏସ୍ ହେଉଛି ଯୁବ ସମାଜ ପାଇଁ ସମାଜସେବାର ଏକ ପବିତ୍ର ମଞ୍ଚ। ଏହାର ମାଧ୍ୟମରେ ଯୁବ ସେବିକାମାନେ ସମାଜରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବା ସହିତ ନିଜ ଚରିତ୍ର ଓ ବ୍ୟକ୍ତିତ୍ୱ ଗଢ଼ିବାରେ ସମର୍ଥ ହୋଇଥାନ୍ତି ବୋଲି ଅତିଥିମାନେ କହିଥିଲେ। ଏନ୍‌ଏସଏସର ସଂଯୋଜିକା ସ୍ୱାଗତିକା ଦାଶ କହିଥିଲେ ଯେ, ସମାଜରେ ସେବାଭାବୀ ମନୋଭାବ, ସଚେତନତା ଓ ସ୍ୱାଧିନ ଚିନ୍ତାଧାରା ସେବିକାଙ୍କର ପ୍ରମୁଖ ପରିଚୟ। ସମ୍ମାନିତ ଅତିଥି ସଦାଶିବ ପଣ୍ଡା ପୂର୍ବତନ ଏନ୍‌ଏସଏସ ସେବିକାମାନଙ୍କର ଅଭିଜ୍ଞତା ସମ୍ପର୍କରେ କହିଥିଲେ। ସେମାନେ କିପରି ଯୋଗଦେଇ ଗ୍ରାମ ଉନ୍ନତି, ପରିବେଶ ସୁରକ୍ଷା, ଶିକ୍ଷା ସଚେତନତା, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ମୁହିମାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ, ସେ ସମ୍ପର୍କରେ ଆଲୋକପାତ କରିଥିଲେ। କଲେଜର ବରିଷ୍ଠ ଅଧାପକ ଡକ୍ଟର ରମେଶ ଚନ୍ଦ୍ର ସେନାପତି, କଲେଜର ପ୍ରଶାସନିକ ଅଧିକାରୀ ସନ୍ଧ୍ୟାରାଣି ପାତ୍ର ଯୋଗଦେଇ ଜାତୀୟ ସେବା ଯୋଜନାରେ କିପରି ପରିବେଶକୁ ସୁରକ୍ଷା ରଖାଯିବ, ଛାତ୍ରୀମାନେ ସୁସ୍ଥ ସମାଜ ଗଠନ କରିବେ ସେ ଉପରେ ଆଲୋଚନା କରିଥିଲେ। ଶେଷରେ ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ସମାପ୍ତ ହେଉଥିବାରୁ ତାଙ୍କୁ ଜାତୀୟ ସେବା ଯୋଜନା ପରିବାର ତରଫରୁ ଶ୍ରୀ ପଣ୍ଡାଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ଦୀର୍ଘ ୨୦ ବର୍ଷ ଧରି ସେବାପ୍ରଦାନ କରିଥିବା ଯୁକ୍ତଦୁଇ ଡିଇଓ ନିଳାଞ୍ଚଳ ଦାଶଙ୍କୁ ଜୀବନ ବ୍ୟାପି ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। କଲେଜର ଅଧାପିକା ଡ. ଶ୍ରାବଣୀ ଖଟାଇ, ମିନାକ୍ଷୀ ଦାଶ ଯୋଗ ଦେଇଥିବା ବେଳେ ଅଧାପକ ସମୀର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**କନ୍ଧମାଳ,୪।୯/ଏନ୍ଏନ୍ଏସ୍:** ଫିରିଙ୍ଗିଆ ବ୍ଲକ ପବିଙ୍ଗିଆ ପଞ୍ଚାୟତ କାର୍ଯ୍ୟାଳୟରେ କାର୍ଯ୍ୟରତ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ତ୍ରିଲୋଚନ ଖମାରିଙ୍କୁ ବ୍ଲକ ତରଫରୁ ଅବସର କାଳିନ ସମ୍ବର୍ଦ୍ଧନା ଜ୍ଞାପନ କରା ଯାଇଛି । ନିଜ ଘର ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ରାମ ଗଡ଼ । କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି, ବାଲିଗୁଡା, କେ.ନୂଆଗାଁ, ଖଜୁରୀପଡ଼ା ଓ ଫିରିଙ୍ଗିଆ ବ୍ଲକର ବିଭିନ୍ନ ପଞ୍ଚାୟତରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବରେ ନିଜ ଦାୟିତ୍ୱ ତୁଲାଇଥିଲେ । ଚାକିରି ଜୀବନର ଶେଷ ଚାକିରି ଫିରିଙ୍ଗିଆ ବ୍ଲକର ପବିଙ୍ଗିଆ ପଞ୍ଚାୟତରେ ଚଳିତ ଅଗଷ୍ଟ ୩୧ ତାରିଖରେ ଚାକିରି କାଳ ସମାପ୍ତି ହୋଇଛି । ଚାକିରି ସମୟରେ କାର୍ଯ୍ୟ କରିଥିବା ପଞ୍ଚାୟତରେ ବିନା ସମସ୍ୟାରେ ଜନସାଧାରଣଙ୍କ ସହ ସୁ ସମ୍ପର୍କ ସ୍ଥାପନ କରି ଚାକିରି କାଳ ସାରିଥିବା କହିଛନ୍ତି ଶ୍ରୀ ଖମାରି । ଫିରିଙ୍ଗିଆ ବ୍ଲକ ତରଫରୁ ଫିରିଙ୍ଗିଆ ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ଆଜି ଏକ ବୈଠକ ଆୟୋଜନ କରିବା ସହ ବିଭିନ୍ନ ଉପହାର ଏବଂ ଉତ୍ତରୀୟ ଦେଇ ଅବସର କାଳିନ ସମ୍ବର୍ଦ୍ଧନା ଦିଆ ଯାଇଛି । ଏହି ଅବସରରେ ଫିରିଙ୍ଗିଆ ଗୋଷ୍ଠୀ ଉର୍ଣ୍ଣୟନ ଅଧିକାରୀ ଅନୁପ ଅଭିଷେକ ବେହେରା, ଏ ପି ଓ ସୁମନ୍ତ ଉଠାଣ ସିଂ, ସହକାରୀ ଯନ୍ତ୍ରୀ ଜୟ ପ୍ରକାଶ ଜେନା, ପିଇଓ ଚକ୍ରଧର ମହାରଣା କନିଷ୍ଠ ଯନ୍ତ୍ରୀ ସୁମନ୍ତ ଭୋଇ, ଲୀନ୍ମୟ ସ୍ୱାଇଁଙ୍କ ସହ ୨୪ ଟି ପଞ୍ଚାୟତର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଏଡିଇଓ ଏବଂ ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀ ଉପସ୍ଥିତ ଥିଲେ।

## ପିପୁଲ୍ସ କଲେଜରେ ସ୍ୱତନ୍ତ୍ର ଶିବିର ଉଦ୍‌ଘାଟିତ

**ବୁଗୁଡା,୪।୯/ଏନ୍ଏନ୍ଏସ୍:** ସ୍ଥାନୀୟ ପିପୁଲ୍ସ କଲେଜର ଏନ୍‌ଏସ୍‌ଏସ୍ ମହିଳା ୟୁନିଟ୍-୨ର ସପ୍ତଦିବସୀୟ ସ୍ୱତନ୍ତ୍ର ଶିବିର ଉଦଘାଟିତ ହୋଇଯାଇଛି । ଉକ୍ତ ଶିବିରକୁ ଉପାଧ୍ୟକ୍ଷ ହରିକୃଷ୍ଣ ନାୟକ ଉଦଘାଟନ କରିଥିବା ବେଳେ ଏଥିରେ ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ସୁଶାନ୍ତ କୁମାର ସାହୁ ଓ ସମ୍ମାନିତ ଅତିଥି ଭାବେ ଏନ୍‌ଏସ୍‌ଏସ୍ ୟୁନିଟ୍-୧ର ପ୍ରୋଗ୍ରାମ ଅଫିସର ରବୀନ୍ଦ୍ର ନାଥ ପୋଲାଇ ଯୋଗ ଦେଇ ଶିବିରାର୍ଥୀଙ୍କୁ ମାର୍ଗ ଦର୍ଶନ କରିବା ସହ ଉତ୍ସର୍ଗୀକୃତ ସେବା କାର୍ଯ୍ୟ କରିବା ନିମନ୍ତେ ଉତ୍ସାହିତ କରିଥିଲେ । ଉଦଘାଟନୀ ଦିବସରେ ୟୁନିଟର ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ସସ୍ମିତା ସାମନ୍ତରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଶିବିରର ମୋଟ ୫୦ ଜଣ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ତେବେ ୪ରୁ ଆରମ୍ଭ ହୋଇ ୧୦ ତାରିଖରେ ଶେଷ ହେବାକୁ ଥିବା ଉକ୍ତ ସ୍ୱତନ୍ତ୍ର ଶିବିର ଅବସରରେ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ବୃକ୍ଷ ରୋପଣ, କଲେଜ ପରିସର ସଫେଇ, ପରିବେଶ ସୁରକ୍ଷା ସଚେତନତା ଶୋଭାଯାତ୍ରା ଆଦି କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ସମ୍ମାନୀତ ହେବେ ୨ ଶିକ୍ଷକ

**ଆସିକା,୪।୯/ଏନ୍ଏନ୍ଏସ୍:** ଆସନ୍ତାକାଲି ଅର୍ଥାତ୍ ଶୁକ୍ରବାର ଦିନ ଛତ୍ରପୁର ସ୍ଥିତ ଅନ୍‌ସ୍ଲୋ ହାଇସ୍କୁଲରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଗୁରୁଦିବସ ପାଳନ କାର୍ଯ୍ୟକ୍ରମରେ ଆସିକା ଅଞ୍ଚଳର ୨ ଆଦର୍ଶ ଶିକ୍ଷକ ସମ୍ମାନିତ ହେବେ ବୋଲି ଜଣାପଡିଛି । ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପଞ୍ଚସଖା ଶିକ୍ଷାସେତୁ ସଂଗଠନ ପକ୍ଷରୁ ରାଜ୍ୟବ୍ୟାପୀ ୬୨୬ ଜଣ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀମାନଙ୍କ ନାମ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୨୦୨୪ ସକାଶେ ଘୋଷଣା କରାଯାଇଛି। ଆସିକା କଲେଜଛକ ସ୍ଥିତ ସରକାରୀ ଟେକ୍‌ନିକାଲ୍ ହାଇସ୍କୁଲର କ୍ରୀଡା ଶିକ୍ଷକ କୈଳାଶ ଚନ୍ଦ୍ର ଗୌଡ ଏବଂ ବାବନପୁର ସ୍ଥିତ ଚିନିଶିଳ୍ପ ହାଇସ୍କୁଲର ସଂସ୍କୃତ ଶିକ୍ଷକ ଏସ୍.ପ୍ରିୟବ୍ରତ ବାରିକ ପଞ୍ଚସଖା ଶିକ୍ଷାସେତୁ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୨୦୨୪ ପାଇବା ପାଇଁ ଚୟନ ହୋଇଛନ୍ତି। ଏହି ଖବର ସ୍ଥାନୀୟ ଅଞ୍ଚଳ ପାଇଁ ଗର୍ବ ଓ ଗୌରବର ବିଷୟ ହୋଇଛି। ଉଭୟ ଶିକ୍ଷକଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟୁଛି। ସମ୍ମାନୀତ ହେବାକୁ ଥିବା ୨ ଆଦର୍ଶ ଶିକ୍ଷକଙ୍କୁ ଗୋଷ୍ଠୀ ଶିକ୍ଷାଧିକାରୀ ମୁନ୍‌ରାଣୀ ମହାନ୍ତି, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୁନନ୍ଦନ ପଣ୍ଡା ଓ ଭଜ ବେହେରା ଏବଂ ଶିବରାମ ବେହେରା, ବାବନପୁର କ୍ଲଷ୍ଟରର ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ରାଧାମୋହନ ଡାକୁଆ, ବରିଷ୍ଠ ଶିକ୍ଷକ ଶିବଶଙ୍କର ଜେନା, ଚିନିଶିଳ୍ପ ହାଇସ୍କୁଲ ବାବନପୁରର ପ୍ରଧାନ ଶିକ୍ଷକ ଗୌରୀଶଙ୍କର ଗୌଡ, ଟେକ୍‌ନିକାଲ୍ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ପ୍ରଜ୍ଞ ପରମିତା ପଣ୍ଡା, ବାବନପୁର ସ୍ଥିତ ଚିନିଶିଳ୍ପ ହାଇସ୍କୁଲର ସହକାରୀ ଶିକ୍ଷକ ସୁଶାନ୍ତ କୁମାର ବେହେରା, ଆକାଶ ପାଣିଗ୍ରାହୀ, ତଲମାନ୍ ମାଝୀ, ରଂଜନ କୁମାର ପାତ୍ର, ଚନ୍ଦ୍ରଶେଖର ଦାଶ, ଶିକ୍ଷାନୁଷ୍ଠାନର କର୍ମଚାରୀ ଜଗନ୍ନାଥ ଜେନା, ବନିତା କୁମାରୀ ନାୟକ, ଟେକନିକାଲ୍ ହାଇସ୍କୁଲର ସହକାରୀ ଶିକ୍ଷକ ରାମଚନ୍ଦ୍ର ପ୍ରଧାନ, ଲକ୍ଷ୍ମୀ ଜେନା, ସର୍ମିଷ୍ଠା ସାହୁ, ଗାୟତ୍ରୀ ବେହେରା, ମିତାଞ୍ଜଳୀ ପଣ୍ଡା, ଦେବାଶିଷ ପାଣିଗ୍ରାହୀ, ସୁମିତ୍ରା କାର୍ଜି, ଇପ୍ସିତା ମଲିକ, ଭଗବାନ ସ୍ୱାଇଁ, ଶିକ୍ଷାନୁଷ୍ଠାନର କର୍ମଚାରୀ ଅନିଲ୍ କୁମାର ଜେନା, ରବିନ୍ଦ୍ର କୁମାର ସ୍ୱାଇଁ, ବାସୁଦେବ ପ୍ରଧାନ, ଜୟଦେବ ରାଉତଙ୍କ ସମେତ ବହୁ ସଚେତନ ନାଗରିକ, ବୁଦ୍ଧିଜୀବୀ, ଅଭିଭାବକ, ଛାତ୍ରଛାତ୍ରୀ ଅଭିନନ୍ଦନ ଜଣାଇଛନ୍ତି।



# ବକେୟା ପ୍ରାପ୍ୟ ପାଇବାରୁ ବଞ୍ଚିତ ଆସିକା ଏନ୍‌ଏସିର ବହୁ ଅବସରପ୍ରାପ୍ତ କର୍ମଚାରୀ



**ଆସିକା,୪।୯/ଏନ୍ଏନ୍ଏସ୍:** ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ବର୍ଷ ବର୍ଷ ଧରି ନିଷ୍ଠା ଓ ତ୍ୟାଗର ସହ ନିରବିଚ୍ଛିନ୍ନ ଭାବେ କାର୍ଯ୍ୟ କରି କର୍ମମୟ ଜୀବନରୁ ଅବସର ପରେ ବି କର୍ମଚାରୀମାନେ ସେମାନଙ୍କ ଅବସରକାଳୀନ ପ୍ରାପ୍ୟ ପାଇବାରୁ ବଞ୍ଚିତ ଥିବା ଅଭିଯୋଗ ହୋଇଛି। ବକେୟା ପ୍ରାପ୍ୟ ଲାଗି ବିଭାଗୀୟ ଅଧିକାରୀଙ୍କ ନିକଟରେ କାକୁତି ମିନତି ହୋଇ ଅନୁରୋଧ କରୁଥିଲେ ମଧ୍ୟ ସୁଫଳ ପାଇବାରୁ ବଞ୍ଚିତ ରହିଛନ୍ତି। ଇତି ମଧ୍ୟରେ କେତେକ କର୍ମଚାରୀ ମୃତ୍ୟୁବରଣ କରିସାରିଥିବା ବେଳେ ଅନ୍ୟ କେତେକ କର୍ମଚାରୀ ମାସିକ ସ୍ୱଳ୍ପ ପେନ୍‌ସନ୍ ପାଇ ଅତି ଦୁଃଖକଷ୍ଟରେ ପରିବାର ପ୍ରତିପୋଷଣ କରୁଛନ୍ତି। ଆସିକା ଏନ୍‌ଏସି କର୍ତ୍ତୃପକ୍ଷ ସହରର ବିକାଶ ପାଇଁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ କେତେକ ଅବସରପ୍ରାପ୍ତ କର୍ମଚାରୀଙ୍କ ବକେୟା ପ୍ରାପ୍ୟ ପ୍ରଦାନ ଦିଗରେ ପଦକ୍ଷେପ ନନେବା ଅତ୍ୟନ୍ତ ଦୁଃଖର ବିଷୟ ବୋଲି ସଚେତନ ନାଗରିକ ମହଲରେ ମତ ପ୍ରକାଶ ପାଉଛି । ଅତୀତରେ କର୍ମମୟ ଜୀବନରୁ ଅବସର ଗ୍ରହଣ କରିଥିବା ଆଇ.କାମେଶ୍ୱର ରାଓ, ଦିବାକର ପାଣିଗ୍ରାହୀଙ୍କ ସମେତ ବହୁ କର୍ମଚାରୀ ବକେୟା ପ୍ରାପ୍ୟକୁ ଚାହିଁ ଚାହିଁ ମୃତ୍ୟୁବରଣ କରିସାରିଲେଣି। ରମେଶ ଚନ୍ଦ୍ର ପୋଲାଇ, କିଶୋର ଚନ୍ଦ୍ର ପାଣିଗ୍ରାହୀ, ବିଭିଷଣ ନାଇକ, କାନ୍ତା ନାଇକଙ୍କ ସମେତ ବହୁ କର୍ମଚାରୀ ବର୍ତ୍ତମାନ ବି ଅବସରକାଳୀନ ବକେୟା ପ୍ରାପ୍ୟ ପାଇବା ପାଇଁ ଚାହିଁ ରହିଛନ୍ତି। ବକେୟା ପ୍ରାପ୍ୟ ପାଇନପାରି ଭୋକଉପାସରେ ଭାଗ୍ୟକୁ ଆଦରି ଅତି ଦୁଃଖର ସହ କାଳାତିପାତ କରୁଛନ୍ତି ଅବସରପ୍ରାପ୍ତ କର୍ମଚାରୀ। ଅର୍ଥାଭାବରୁ କେତେକ ଅବସରପ୍ରାପ୍ତ କର୍ମଚାରୀଙ୍କ ସନ୍ତାନସନ୍ତତିଙ୍କ ପାଠପଢା ସମେତ ନିଜର ଏବଂ ପରିବାର ସଦସ୍ୟଙ୍କ ଚିକିତ୍ସା କ୍ଷେତ୍ରରେ ମଧ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ମୃତ୍ୟୁବରଣ କରିଥିବା କର୍ମଚାରୀଙ୍କ ପରିବାରବର୍ଗ ସାଂପ୍ରତିକ ମହଙ୍ଗା ଯୁଗରେ କିପରି ଚଳୁଥିବେ ତାହା ଆଖିରେ ନଦେଖିଲେ ବିଶ୍ୱାସ କରିହେବନି। ଜିଲ୍ଲା ପ୍ରଶାସନ ତଥା ନଗର ଉନ୍ନୟନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ବକେୟା ପ୍ରାପ୍ୟ ପ୍ରଦାନ ଦିଗରେ ପଦକ୍ଷେପ ନେବାକୁ କର୍ମଚାରୀଙ୍କ ପରିବାର ପକ୍ଷରୁ ଦୃଢ ଦାବି ହେଉଛି।

**ଛାତ୍ରୀଙ୍କୁ ଶିକ୍ଷକଙ୍କ ମାଡ଼ ମାରିବା ଘଟଣା**

## ତଦନ୍ତ କରିବେ ଅତିରିକ୍ତ ଶିକ୍ଷାଧିକାରୀ

**ପାତ୍ରପୁର,୪।୯/ଏନ୍ଏନ୍ଏସ୍:** ପାତ୍ରପୁର ବ୍ଲକ ଖରଣିପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କୁ ଶିକ୍ଷକ ମାଡ଼ ମାରିଥିବା ସୂଚନା ମିଳିଛି । ଗତକାଲି ବିଦ୍ୟାଳୟରେ ସଂସ୍କୃତ ପଢ଼ାଇବା ବେଳେ ଶିକ୍ଷକ ଜଣକ ମାଡ଼ ମାରିଥିବା ବେଳେ ଏ ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ପାଖରେ ଅଭିଯୋଗ ପହଞ୍ଚିଲା। ସେ ଏନେଇ ବ୍ଲକ୍ ଶିକ୍ଷା ଅଧିକାରୀ ଦାୟିତ୍ୱରେ ଥିବା ନୂଆପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଧୁସ୍ମିତା ପୃଷ୍ଟୀଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ଯାହାକୁ ନେଇ ପାତ୍ରପୁର ଶିକ୍ଷା ଅଧିକାରୀ ଅତିରିକ୍ତ ଶିକ୍ଷା ଅଧିକାରୀ ସିମାଞ୍ଚଳ ପାଇକଙ୍କୁ ଘଟଣାର ତଦନ୍ତ କରିବାକୁ ଗତକାଲି ସନ୍ଧ୍ୟାରେ ଜଣାଇଥିଲେ । ଅତିରିକ୍ତ ଶିକ୍ଷା ଅଧିକାରୀ ଶ୍ରୀ ପାଇକ ମାଡ ମାରିଥିବା ଅଭିଯୁକ୍ତ ଶିକ୍ଷକ ନୀଳାଞ୍ଚଳ ବେହେରାଙ୍କୁ ଫୋନ କରି ପଚାରି ବୁଝିଥିଲେ । ଶିକ୍ଷକ ନିଜର ଦୋଷ ମାନିବା ସହ ଭୁଲ ହୋଇଥିବା କହିଛନ୍ତି। ତେବେ ଏନେଇ ଆସନ୍ତାକାଲି ବିଦ୍ୟାଳୟ ଯାଇ ଏହାର ତଦନ୍ତ କରିବେ ବୋଲି ଅତିରିକ୍ତ ଶିକ୍ଷାଧିକାରୀ ଶ୍ରୀ ପାଇକ ସୂଚନା ଦେଇଛନ୍ତି।

ନିତିଦିନ NITIDIN



### ଠିକାଦାର-ଯନ୍ତ୍ରୀ ମଧୁଚନ୍ଦ୍ରିକା, ପୁଣି ସୃଷ୍ଟି ହେଲାଣି ଜଙ୍ଗଲ

# ଚାଷୀଙ୍କ ଚିନ୍ତା କେନାଲ ପାଣି

**ଓଡ଼ଗାଁ,୪।୯/ଏନ୍ଏନ୍ଏସ୍:** ଠିକାଦାର ଆଉ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ବୁଢାବୁଢିଆଣୀ ଜଳଭଣ୍ଡାରର ବିକାଶ ବାଟବଣା ହେବାକୁ ବସିଚି ।ଏଠି ଉନ୍ନୟନମୂଳକ କାର୍ଯ୍ୟ କରିବା ଆଳରେ ଠିକାଦାର-ଯନ୍ତ୍ରୀଙ୍କ ସଲାସୁତରା ପାଇଁ ପୁଣି କେନାଲ ଜଙ୍ଗଲ ପାଲଟିଛି । ଯୋଜନା ନାଁରେ ଲକ୍ଷଲକ୍ଷ ଟଙ୍କା ବାଟମାରଣା କରାଯାଉଛି । ବିଲେଇ ଆଖିବୁଜି କ୍ଷୀର ପିଇବାଭଳି କାର୍ଯ୍ୟ ଚାଲିଥିଲେ ମଧ ସବୁ ଦେଖି ଉପରିସ୍ଥ ଅଧିକାରୀ ଚୁପ୍ ବସିବା ଦୁର୍ନୀତିକୁ ପ୍ରଶ୍ରୟ ଦେବାଭଳି ମନେହୋଇଛି । କେବଳ କେନାଲ ସଫେଇରେ ଯେ ହରିଲୁଟ୍ କରାଯାଇଛି ତାହା ନୁହଁ, କେନାଲ ମରାମତି ଓ ଜଳଭଣ୍ଡାର କାର୍ଯ୍ୟରେ ମଧ କୋଟିକୋଟି ଟଙ୍କା ବାଟମାରଣା କରାଯାଇଛି । ସୂଚନା ଅନୁଯାୟୀ, ବୁଢାବୁଢିଆଣି ଜଳଭଣ୍ଡାର କେନାଲ ସଫା କରିବାକୁ ଜଳସେଚନ ବିଭାଗ ପକ୍ଷରୁ ଦୁଇଟି ପର୍ଯ୍ୟାୟରେ ୯ଲକ୍ଷ ଟଙ୍କା ଲେଖାଏଁ ୧୮ଲକ୍ଷର ଟେଣ୍ଡରକରି କାର୍ଯ୍ୟ କରିବାକୁ ନିୟମ ରହିଛି । କିନ୍ତୁ ସରକାରୀ ବଡ଼ପଣ୍ଡାମାନେ ଗୋଟିଏ ଥର କେନାଲ ସଫା କରି ଦୁଇଥର ହେଉଥିବା ଦର୍ଶାଇ ଅର୍ଥ ଲୁଟି ନେଉଥିବା ଅଭିଯୋଗ ହୋଇଛି ।ପଞ୍ଚିରିଡ଼ା ଓ ଗୁଆନ୍ଦ କେନାଲ ଅଧୀନରେ ଥିବା କ୍ଷୁଦ୍ର କେନାଲ କାର୍ଯ୍ୟରେ ଏଭଳି ହରିଲୁଟ୍ କରାଯାଇଛି । କିନ୍ତୁ କାମ ଏତେ ନିମ୍ନମାନର



କରାଯାଇଛି ଯେ, କେନାଲ ସଫା କରିବାର କିଛିଦିନପରେ ପୁଣି କେନାଲରେ ଅନାବନା ଗଛଉଠି ଜଙ୍ଗଲ ସୃଷ୍ଟି ହୋଇଛି ।

ସେହିଭଳି ଜଳଭଣ୍ଡାରର ସୌନ୍ଦର୍ଯ୍ୟାକରଣ ପାଇଁ ବର୍ଷକୁ ଦୁଇଥର ଅନୁଦାନ ଆସୁଥିଲେ ମଧ ଗୋଟିଏଥର କରିକାମ ସାରିଦେଇଛି ବିଭାଗ । ଠିକାଦାର-ଯନ୍ତ୍ରୀଙ୍କ ସଲାସୁତରା ଯୋଗୁ ଏଭଳି ପରିସ୍ଥିତି ଉପୁଜିଥିବା କୁହାଯାଉଛି । କିଭଳି ସବୁ ଅର୍ଥ ଆତ୍ମସାତ୍ କରିବେ ସେଥିପାଇଁ ଯୋଜନା କରି ଏଭଳି କରାଯାଇଛି । ଏହି ଦୁର୍ନୀତିରେ କେବଳ ଠିକାଦାରଙ୍କ ହାତଅଛି ତାହା ନୁହଁ ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କ ସଂପୃକ୍ତି ଥିବାର ଠୋସ୍ ପ୍ରମାଣ ରହିଛି । ଚାଷୀଙ୍କୁ ଅନ୍ଧାରରେ ରଖି ସେମାନଙ୍କ ବିକାଶ ପାଇଁ ଆସୁଥିବା ଅନୁଦାନକୁ ମିଳିମିଶି ଅଧିକାରୀମାନେ ହରିଲୁଟ୍ କରି ଚାଲିଛନ୍ତି । ପ୍ରତିବର୍ଷ ବୁଢାବୁଢିଆଣି କେନାଲ ସଫା କରିବାକୁ ଅର୍ଥ ବ୍ୟୟବରାଦ ହେଉଥିଲେ ମଧ ସରକାରୀ କର୍ମଚାରୀଙ୍କ ପାଇଁ ସବୁ ଯୋଜନା ଫସରଫାଟି ଯାଉଛି । ଏବେ କେନାଲରେ ପୁଣି ଅନାବନା ଗଛ ଉଠିବାପରେ ଘଟଣା ପଦାକୁ ଆସିଛି । ଫଳରେ ଚାଷଜମିକୁ ପାଣି ଯିବାନେଇ ଆଶଙ୍କା ସୃଷ୍ଟି ହୋଇଛି । କେବଳ କେନାଲ ସଫେଇ କାର୍ଯ୍ୟରେ ୧୮ଲକ୍ଷ ଟଙ୍କା ଅନୁଦାନ ହଡ଼ପ କରାଯାଇଛି ତାହା ନୁହଁ ଜଳଭଣ୍ଡାରର ବିଭିନ୍ନ କାର୍ଯ୍ୟରେ ବାର୍ଷିକ କୋଟି କୋଟି ଟଙ୍କା ଲୁଟି ନେବାରେ କର୍ମଚାରୀମାନେ ପାରଙ୍ଗମ ବୋଲି ଚାଷୀ କହିଛନ୍ତି । ଘଟଣାର ଭିଜିଲାନ୍ସ ତଦନ୍ତକରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି ।

## ଦୁଇଦିନିଆ ସାଗର କବଚ ସମରାଭ୍ୟାସ ଶେଷ

**କୋଣାର୍କ,୪।୯/ଏନ୍ଏନ୍ଏସ୍:** ଗତ ବୁଧବାର ଠାରୁ ଓଡ଼ିଶା ପୁଲିସ, କୋଷ୍ଟଗାର୍ଡ ଓ ନୌସେନା ପକ୍ଷରୁ ମିଳିତ ଭାବେ ଚାଲିଥିବା ଦୁଇ ଦିନିକିଆ ଉପକୂଳ ସୁରକ୍ଷା ସମରାଭ୍ୟାସ 'ସାଗର କବଚ' ଆଜି ଗୁରୁବାର ବ୍ଲୁଫୋର୍ସର ସଫଳତା ସହ ରେଡ଼ ଫୋର୍ସର ସନ୍ଦିଗ୍ଧ ୩ ଆତଙ୍କବାଦୀଙ୍କୁ

### ଚନ୍ଦ୍ରଭାଗା ଲାଇଟ୍ ହାଉସ୍‌ରେ ବୋମା ଖଞ୍ଜିବା ହେଲା ପଣ୍ଡ, ଧରାପଡ଼ିଲେ ଆତଙ୍କବାଦୀ

ସଠିକ ଚିହ୍ନଟ କରି ଗିରଫ କରିଥିବାକୁ ନେଇ ସାଗର କବଚ ସମରଭ୍ୟାସ ଶେଷ ହୋଇଛି । ସୂଚନାଥାଉ କି ଗୁରୁବାର ସଖାଲୁ ସାମୁଦ୍ରିକ ଥାନା ଅଧିକାରୀ ପ୍ରତିମା ସାହୁଙ୍କ ନେତୃତ୍ୱରେ ଫୋର୍ସ ଚନ୍ଦ୍ରଭାଗା ଉପକୂଳ ସମେତ ବିଭିନ୍ନ ସ୍ପର୍ଶକାତର ସ୍ଥାନକୁ ଜଗି ରହିଥିଲାବେଳେ ପୂର୍ବପ୍ରସ୍ତୁତି ଅନୁଯାୟୀ ମେରାଇନ୍ ଥାନା ପକ୍ଷରୁ



ଜଗିରହିଥିବା ବ୍ଲୁଫୋର୍ସ ସନ୍ଦିଗ୍ଧ ରେଡ଼ଫୋର୍ସର ୩ଜଣ ଛଦ୍ମବେଶୀ ଆତଙ୍କବାଦୀ ଲାଇଟ୍ ହାଉସ ଭିତରକୁ ପ୍ରବେଶ କରୁଥିବା ବେଳେ ସେମାନଙ୍କ ସନ୍ଦେହଜନକ ଚାଲିଚଳନକୁ ନେଇ ବ୍ଲୁଫୋର୍ସ ଜାଣିପାରି ତୁରନ୍ତ ସେମାନଙ୍କ ବ୍ୟାଗଗୁଡିକୁ ଯାଞ୍ଚକରି ସନ୍ଦିଗ୍ଧଙ୍କଠାରୁ ୩ଗୋଟି ଡମି ବୋମା ସାଥିରେ ନେଇ ଆସିଥିବା ଦେଖି ପୁଲିସ ତାଙ୍କୁ ଗିରଫ କରି ମେରାଇନ୍ ଥାନାକୁ ଆଣିଥିଲେ । ଫଳରେ ରେଡ଼ଫୋର୍ସର ଆତଙ୍କବାଦୀ ଲାଇଟ୍ ହାଉସ୍‌ରେ ଚକ୍‌ମା ଦେଇ ପ୍ରବେଶ କରି ଡମି ବୋମା ଖଞ୍ଜିବା ଯୋଜନା ବ୍ଲୁଫୋର୍ସର ସଜାଗ ପାଇଁ ବିଫଳ ହୋଇଥିଲା । ମେରାଇନ୍ ଥାନା ଅଧିକାରୀ ସେମାନଙ୍କ ପରିଚୟପତ୍ର ତନଖିବା ପରେ ସେମାନଙ୍କୁ ଛାଡ଼ିଦେଇଥିଲେ । ଗିରଫ ହୋଇଥିବା ରେଡ଼ଫୋର୍ସର ୩ଜଣ ନକଲି ଆତଙ୍କବାଦୀ ଓଡ଼ିଶା ଓଡ୍ରାଫ୍ଟ ଟିମ୍‌ର ସିପାହୀ ଥିଲେ । ଏହିଭଳି ସମରାଭ୍ୟାସ ଶେଷ ହୋଇଥିଲା ।

### ପିପିଲିରେ କଂଗ୍ରେସ ପକ୍ଷରୁ 'ସଂଗଠନ ସୃଜନ ଅଭିଯାନ'

## ତୃଣମୂଳସ୍ତରରୁ ଦଳକୁ ସୁଦୃଢ଼ କରାଯିବ: ସାଂସଦ



**ପିପିଲି,୪।୯/ଏନ୍ଏନ୍ଏସ୍:** ଆଉ ନେତା ନୁହେଁ, କର୍ମୀ ଚୟନ କରିବେ କିଏ ହେବ ଜିଲ୍ଲା କଂଗ୍ରେସର ସଭାପତି । ସଂଗଠନ ସୃଜନ ଅଭିଯାନ ମାଧ୍ୟମରେ ଜିଲ୍ଲାସ୍ତରରୁ ଏହି ଆଭିମୁଖ୍ୟ ନେଇ କଂଗ୍ରେସ ଆରମ୍ଭ କରିଛି ଏହି ଅଭିଯାନ । କଂଗ୍ରେସ ସଭାପତି ମଲିକାର୍ଜୁନ ଖଡ଼ଗେ ଓ ରାହୁଲ ଗାନ୍ଧୀଙ୍କ ଆହ୍ୱାନକ୍ରମେ ଓଡ଼ିଶାରେ କଂଗ୍ରେସକୁ ତୃଣମୂଳସ୍ତରରୁ ମଜବୁତ କରାଇବା ଲାଗି ଉଦ୍ୟମ କରାଯାଇଛି । ଏହି ଅବସରରେ ପୁରୀ ଜିଲ୍ଲାରେ କର୍ଣ୍ଣାଟକ କଂଗ୍ରେସ କାର୍ଯ୍ୟକାରୀ ସଭାପତି ତଥା ରାଜ୍ୟସଭା ସାଂସଦ ଜିସି ଚନ୍ଦ୍ରଶେଖର ଜିଲ୍ଲାର ବିଭିନ୍ନ ନିର୍ବାଚନମଣ୍ଡଳୀ ପରିଦର୍ଶନ କରି କଂଗ୍ରେସ ନେତା ଓ କର୍ମୀଙ୍କୁ ଭେଟି ଆଲୋଚନା କରିବା ସହିତ କଂଗ୍ରେସକୁ ମଜବୁତ କରିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି । ବିଶେଷକରି ବିଗତ ଦିନମାନଙ୍କରେ ନେତାମାନେ ଜିଲ୍ଲାର କିଏ ନେବ ନେତୃତ୍ୱ ତାହା ଦଳର ବରିଷ୍ଠ ନେତା ନିର୍ଣ୍ଣୟ କରୁଥିବା ବେଳେ ଏବେ ଜିଲ୍ଲାର ସଭାପତି ନେତା ନୁହେଁ ଦଳର କର୍ମୀମାନେ ଚୟନ କରିବେ ବୋଲି ସେ କହିଥିବା ବେଳେ ଏହା କଂଗ୍ରେସକୁ ଶକ୍ତିଶାଳୀ କରିବ ବୋଲି ଦମ୍ଭୋକ୍ତି ପ୍ରକାଶ କରିଛନ୍ତି । ଆଜି ଜିଲ୍ଲାର ବିଭିନ୍ନ ନିର୍ବାଚନମଣ୍ଡଳୀରେ କଂଗ୍ରେସ କର୍ମୀଙ୍କୁ ଭେଟି ଆଲୋଚନା କରିଥିଲେ ରାଜ୍ୟସଭା ସାଂସଦ ଶ୍ରୀ ଚନ୍ଦ୍ରଶେଖର । ସନ୍ଧ୍ୟା ସମୟରେ ପିପିଲି ଜୟପୁର ଛକ ସ୍ଥିତ ରୟାଲ ମଣ୍ଡପରେ କର୍ମୀଙ୍କ ସହିତ ସାଧାରଣ ବୈଠକ କରିବା ପରେ ଜଣ ଜଣ କରି କର୍ମୀଙ୍କ ମତାମତ ଶୁଣିଥିଲେ । କାର୍ଯ୍ୟକ୍ରମରେ କଂଗ୍ରେସର ବହୁ ନେତା ଓ କର୍ମୀ ନିଜକୁ ସାମିଲ କରିଥିବା ବେଳେ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ ଏଥିରେ ନିଜକୁ ସାମିଲ କରି ଏହି ଉଦ୍ୟମ କଂଗ୍ରେସକୁ ମଜବୁତ କରିବ ବୋଲି କହିଛନ୍ତି । ଅନ୍ୟପଟେ କଂଗ୍ରେସ ନେତା ମାନସ ଆଚାର୍ଯ୍ୟ, ନିଶିକାନ୍ତ ମିଶ୍ର, ନିରୂପମା ପାତ୍ର, ଜ୍ଞାନରଂଜନ ପଟ୍ଟନାୟକ, ବିଶ୍ୱ କେତନ ହରିଚନ୍ଦନ ମହାପାତ୍ର, ଅନ୍ତର୍ଯ୍ୟାମୀ ଦୀକ୍ଷିତ, ଗୁଣନିଧି ପ୍ରଧାନ, ନିର୍ମଳ ପରିଡ଼ା, ଜିତୁପ୍ରକାଶ ପରିଡା ପ୍ରମୁଖ ଏଭଳି ଉଦ୍ୟମ କଂଗ୍ରେସକୁ ଫାଇଦା ଦେବ ବୋଲି କହିଛନ୍ତି ।

## ଅଙ୍ଗନବାଡ଼ି କେନ୍ଦ୍ର ବୁଲିଲେ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଟିମ୍

**ମୁଣ୍ଡମୁହାଣ,୪।୯/ଏନ୍ଏନ୍ଏସ୍:** ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ୬ଜଣିଆ ଟିମ୍ ଆଜି ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତି । ଜଟଣୀ ବ୍ଲକ ପିତାପଲ୍ଲୀ ଅଙ୍ଗନବାଡ଼ି କେନ୍ଦ୍ର ଓ ଜଟଣୀ ହସ୍ପିଟାଲକୁ ଯାଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଛନ୍ତି । ଅଙ୍ଗନବାଡ଼ି କେନ୍ଦ୍ରରେ ଛୋଟ ଛୋଟ କୋମଳମତି ଶିଶୁ ମାନଙ୍କୁ ମିଳୁଥିବା ଖାଦ୍ୟ ଓ ପରିଧାନ ବିଷୟରେ ବୁଝିବା ସହ ଆହୁରି ସ୍ୱଚ୍ଛ ସୁନ୍ଦର ସେବା ଯୋଗାଇ ଦେବାକୁ ଅଙ୍ଗନୱାଡି କର୍ମୀଙ୍କୁ ପରାମର୍ଶ ଦେଇଥିଲେ । ସେହିପରି ଜଟଣୀ ହସ୍ପିଟାଲ ବା ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସେଠାକାର ସ୍ଥିତି ପରଖିବା ସହ ହସ୍ପିଟାଲ୍ ପରିସର ସ୍ୱଚ୍ଛତା ଉପରେ ନିରୀକ୍ଷଣ କରିଥିଲେ । ଏଥିସହ କିଛି ବିଭାଗରେ ଡାକ୍ତର ନଥିବା କାରଣରୁ ରୋଗୀମାନେ ହଇରାଣ ହେଉଛନ୍ତି । ତେଣୁ ଖାଲି ଥିବା ପଦବୀଗୁଡ଼ିକୁ ପୂରଣ କରିବାକୁ କହିଥିଲେ । ଆଜିର ପରିଦର୍ଶନରେ ଆୟୋଗର ଅଧକ୍ଷା ବବିତା ପତ୍ରୋ, ସଦସ୍ୟା ଚନ୍ଦନା ଦାସ, କଳ୍ପନା ଲେଙ୍କା, ମନସ୍ମିତା ଖୁଣ୍ଟିଆ, ସୁଜାତା ନାୟକ ଓ କସ୍ତୁରୀ ମିଶ୍ର ସାମିଲ ଥିଲେ ।

**ମାତିଲେ ଛତିଶଗଡ଼ି ଲୁଟେରା**

## 'ଆମ ବସ୍'ରେ ଲୁଟ୍ ଉଦ୍ୟମ, ୪ ମହିଳା ଗିରଫ



**ମୁଣ୍ଡମୁହାଣ,୪।୯/ଏନ୍ଏନ୍ଏସ୍:** ଆଜି ଆମ ବସରେ ଲୁଟ୍ ଉଦ୍ୟମ ହୋଇଛି । ଅଭିନବ ଉପାୟରେ କିଛି ମହିଳା ଲୁଟିଆ ଜଣେ ବିଇଓଙ୍କୁ ଲୁଟ୍ ଉଦ୍ୟମ କରିଥିଲେ । ବିଇଓଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଲୁଟ୍‌ରୁ ବର୍ତ୍ତି ଯାଇଛନ୍ତି । ତେବେ ଲୁଟ୍‌ର ଶୀକାର ହୋଇଛନ୍ତି ଜଟଣୀ ଗୋଷ୍ଠୀ ଶିକ୍ଷାଧିକାରିଣୀ ଅଲିଲାବାଳା ଦାଶ । ଏହି ଘଟଣାରେ ଇନ୍‌ଫୋଭ୍ୟାଲି ଥାନା ପୁଲିସ ୪ଜଣ ଛତିସିଗଡ ମହିଳା ଲୁଟିଆଙ୍କୁ ଗିରଫ କରିଛି । ଗିରଫ ଲୁଟିଆମାନେ ହେଲେ ଛତିଶିଗଡର ରାୟପୁର ରେଲୁଏ ଷ୍ଟେସନ ବସ୍ତିରେ ରହୁଥିବା ଛାୟା ସେଣ୍ଡେ, ରାମୁ କାମଲେ, ଯଶୋଦା ସେଣ୍ଡେ ଓ ରେଖା କାମଲେ । ସେମାନଙ୍କ ନିକଟରୁ ଗୋଟିଏ ମନିପର୍ସ, ମୋବାଇଲ, ଆଧାର କାର୍ଡ ଓ ଦୁଇ ହଜାର ଟଙ୍କା ଜବତ କରିବା ସହ ଆଜି ଅଦାଲତ ଚାଲାଣ କରିଛି ପୁଲିସ । ମିଳିଥିବା ସୂଚନା ଅନୁସାରେ ଆଜି ସକାଳ ୯ଟା ବେଳେ ଯାଁଳା ବିଇଓ ଭାବରେ କାର୍ଯ୍ୟରତ ଅଭିଯୋଗକାରିଣୀ ଅଲିଲାବାଳା ଦାଶ ରାମ ମନ୍ଦିରରୁ ଆମ ବସ୍ ନମ୍ବର ୬୫ରେ ଚଢ଼ିଥିଲେ । ଯାତ୍ରା କରୁଥିବା ସମୟରେ, ତାଙ୍କ ପଛରେ ବସିଥିବା ଜଣେ ମହିଳା ତାଙ୍କ ପର୍ସ ଛିଣ୍ଡାଇ ନେଉଥିବା ସେ ଦେଖିଥିଲେ । ତୁରନ୍ତ ସେ ବସ୍ କର୍ମଚାରୀ, ସହଯାତ୍ରୀମାନଙ୍କୁ ଜଣାଇଥିଲେ ଏବଂ ତା ସହିତ ଟେଲିଫୋନ୍ ମାଧ୍ୟମରେ ପୁଲିସ କଣ୍ଟ୍ରୋଲ ରୁମକୁ ମଧ ସୂଚନା ଦେଇଥିଲେ । ବିଇଓଙ୍କ ସୂଚନା ପାଇ ଇନ୍‌ଫୋଭ୍ୟାଲି ପୁଲିସ ଟିମ୍ ଗୋହିରା ଛକରେ ଛକି ରହିଥିଲେ । ଆମ ବସ୍‌ଟି ଗୋହିରାଛକରେ ପହଞ୍ଚିବା ବେଳେ ତୁରନ୍ତ ପୁଲିସ ଟିମ ବସ୍ ଅଟକାଇ ଚାରି ସନ୍ଦିଗ୍ଧ ମହିଳାଙ୍କୁ ଥାନାକୁ ଆଣିଥିଲେ । ତଲାସୀ ସମୟରେ, ଅଭିଯୁକ୍ତ ଛାୟା ସେଣ୍ଡେଙ୍କ ନିକଟରୁ ଏକ ଭିଭୋ ମୋବାଇଲ୍ ଫୋନ୍ ସହିତ ଏକ ପର୍ସ ଜବତ କରାଯାଇଥିଲା ଏବଂ ଅଭିଯୁକ୍ତ ଯଶୋଦା ସେଣ୍ଡେଙ୍କଠାରୁ ଅଭିଯୋଗକାରୀଙ୍କ ଆଧାର କାର୍ଡ ସହିତ ଦୁଇ ହଜାର ଟଙ୍କା ଜବତ କରାଯାଇଥିଲା । ସେମାନେ ଏକା ଯାତ୍ରା କରୁଥିବା ମହିଳାମାନଙ୍କୁ ଟାର୍ଗେଟ କରୁଥିଲେ ଏବଂ ଭ୍ୟାନିଟି ବ୍ୟାଗ୍ ଏବଂ ଅନ୍ୟାନ୍ୟ ଜିନିଷପତ୍ର ଲୁଟୁଥିଲେ ବୋଲି ଜଣାପଡ଼ିଛି ।

## ବିପୁଳ ପରିମାଣର ବିସ୍ଫୋରକ ଜବତ, ଜଣେ ଗିରଫ

**ପିପିଲି,୪।୯/ଏନ୍ଏନ୍ଏସ୍:** ପାର୍ବଣ ପୂର୍ବରୁ ପିପିଲି ପୁଲିସର କଡ଼ା କାର୍ଯ୍ୟାନୁଷ୍ଠାନ । ଗତକାଲି ବିଳମ୍ବିତ ରାତିରେ ପାଟ୍ରୋଲିଂ ସମୟରେ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରିଛି ପିପିଲି ପୁଲିସ । ତେବେ ଅଭିଯୁକ୍ତ ଜଣଙ୍କ ହେଲେ ପିପିଲି ଦାଣ୍ଡମୁକୁନ୍ଦପୁର ଅଞ୍ଚଳର ଜୀବନ ମଲ୍ଲିକ ବୋଲି ଜଣାପଡ଼ିଛି । ଚଢ଼ାଉ ସମୟରେ ଘଟଣାସ୍ଥଳରୁ ବିପୁଳ ପରିମାଣର ଗନ୍ ପାଉଡର ସହ ପ୍ରାୟ ୩୦କିଗ୍ରାରୁ ଊର୍ଦ୍ଧ୍ୱ ପୋଟାସିୟମ୍ ନାଇଟ୍ରେଟ୍, କୋଇଲା ପାଉଡର ଆଦି ବିସ୍ଫୋରକ ସାମଗ୍ରୀ ପୁଲିସ ଜବତ କରିଛି । ବେଆଇନ୍ ବାଣ ତିଆରି ଓ ବିକ୍ରି କରିବା ଅଭିଯୋଗରେ ଜୀବନ ମଲ୍ଲିକ୍‌କୁ ପିପିଲି ଥାନାରେ ମାମଲା ରୁଜୁ କରାଯାଇ ଆଜି କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ ଯେ, ଗତକାଲି ରାତିରେ ପୁଲିସ୍ ପାଟ୍ରୋଲିଂ କରୁଥିବା ସମୟରେ ବିଶେଷ ସୂତ୍ରରୁ ଖବର ପାଇ ଦାଣ୍ଡମୁକୁନ୍ଦପୁରରେ ଚଢ଼ାଉ କରିଥିଲା । ଅଭିଯୁକ୍ତକୁ ଧରିବା ସହିତ ବାଣ ତିଆରିରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଓ ବିପୁଳ ପରିମାଣର ବିସ୍ଫୋରକ ଜବତ କରାଯାଇଛି । ଆଗକୁ ପାର୍ବଣ ଆସୁଥିବାରୁ ବେଆଇନ୍ ବାଣ କାରଖାନା ଉପରେ ଜୋରଦାର ଚଢ଼ାଉ କରାଯିବ ବୋଲି ପିପିଲି ଥାନା ଅଧକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ସୂଚନା ଦେଇଛନ୍ତି ।

## ଓସ୍ୱାଲି କେନ୍ଦ୍ରରେ ଅଗ୍ନିଯୋଦ୍ଧାଙ୍କ ତାଲିମ ଶିବିର ଉଦ୍‌ଘାଟିତ


**କୋଣାର୍କ,୪।୯/ଏନ୍ଏନ୍ଏସ୍:** ପୁରୀ ବେଳାମାର୍ଗ ମୁଖ୍ୟ ରାସ୍ତା ରାମଚଣ୍ଡୀ ନିକଟ କୁଶଭଦ୍ରା ନଦୀ ରାମଚଣ୍ଡୀ ମୁହାଁଣ ମୁହଁ ସମ୍ମୁଖ ରେ ଥିବା ଓଡ଼ିଶା ରାଜ୍ୟ ଜଳଦକ୍ଷତା ଓ ଜୀବନରକ୍ଷା ତାଲିମ କେନ୍ଦ୍ର(ଓସ୍ୱାଲି)ରେ ପ୍ରଥମ ଥର ପାଇଁ ଅଗ୍ରଣୀ ଅଗ୍ନିଯୋଦ୍ଧା ମାନଙ୍କର ଏକ ସ୍ୱତନ୍ତ୍ର ତାଲିମ ଶିବିରକୁ ରାଜ୍ୟ ଅଗ୍ନିଶମ ଓ ଜରୁରୀକାଳୀନ ବିଭାଗ ମହାନିର୍ଦ୍ଦେଶକ ଡକ୍ଟର ସୁଧାଂଶୁ ଷଡ଼ଙ୍ଗୀଙ୍କ ଦ୍ୱାରା ଗତ ବୁଧବାର ଅପରାହ୍ଣରେ ଉଦ୍‌ଘାଟିତ ହୋଇଯାଇଛି । ରାଜ୍ୟର ଅଗ୍ନିଶମ ବିଭାଗକୁ ଦେଶରେ ଶ୍ରେଷ୍ଠ ସ୍ଥାନ ବଜାୟ ରଖିବା ପାଇଁ ପ୍ରଥମଥର ପାଇଁ ଏହି ତାଲିମ ଶିବିରରେ ରାଜ୍ୟର ୧୮୫ଜଣ ଅଗ୍ରଣୀ ଅଗ୍ନିଯୋଦ୍ଧାମାନଙ୍କ ଶାରୀରିକ ଓ ମାନସିକ ଭାବେ କିପରି ସ୍ୱାସ୍ଥ୍ୟବାନ ଭାବେ ରହି ଦକ୍ଷତା ସହିତ କାର୍ଯ୍ୟ





କରିପାରିବେ ସେ ନେଇ ଅଭିଜ୍ଞ ଡାକ୍ତର ମାନଙ୍କ ଦ୍ୱାରା ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଏହି ଅବସରରେ ଅଗ୍ନିଶମ ବିଭାଗ ମହାନିର୍ଦ୍ଦେଶକ ଶ୍ରୀ ଷଡ଼ଙ୍ଗୀ ଓପେଟ ଓ ଯକୃତ ବିଶେଷଜ୍ଞ ଡଃ ମନୋଜ ସାହୁ ଓ କିମ୍‌ସ୍‌ର ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଅଗ୍ରଣୀ ଅଗ୍ନିଯୋଦ୍ଧାମାନଙ୍କୁ ନିଜର ଫିଟ୍‌ନେସ୍ ବଜାୟ ରଖିବା ପାଇଁ ବିଭିନ୍ନ ପ୍ରକର ଫିଟ୍‌ନେସ୍ ମନ୍ତ୍ର ଦେଇଥିଲେ । ୧୦ଦିନ ଧରି ଏହି କେନ୍ଦ୍ରରେ ତାଲିମ ନେବେ । ଏହି ଅବସରରେ ଅଗ୍ନିଶମ ବିଭାଗ ଉପ ମହାନିର୍ଦ୍ଦେଶକ ଡଃ ଉମାଶଙ୍କର ଦାଶ, ମୁଖ୍ୟ ଅଗ୍ନିଶମ ଅଧିକାରୀ ଦେବେନ୍ଦ୍ର ସ୍ୱାଇଁ, ରମେଶ ଚନ୍ଦ୍ର ମାଝୀ, ଓସ୍ୱାଲି ଅଧକ୍ଷ ରଙ୍ଗା ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ ।

## ସୁନିଆଁରେ ପ୍ରାଚୀତଟ ପୀଠରେ ନବାନ୍ନ ଅର୍ପଣ



**ଚାରିଛକ,୪।୯/ଏନ୍ଏନ୍ଏସ୍:** ପବିତ୍ର ପ୍ରାଚୀନଦୀ ତଟ ପୁରାଣବର୍ଣ୍ଣିତ ପଦ୍ମ ସଂମ୍ଭବ ପୀଠରେ ପଦ୍ମାସନରେ ପୂଜିତ ଯୁଗଳମୂର୍ତ୍ତି ଅନନ୍ତମାଧବଙ୍କ ବାମନ ଜନ୍ମ ଓ ସୁନିଆଁ ଅବସରରେ ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦ ପରିଚାଳନାରେ ନୂଆ ଚାଉଳରେ ପ୍ରସ୍ତୁତ ଖେଚୋଡି ଓ ଖିରୀ ଅର୍ପଣ କରାଯାଇଛି । ପରିଷଦର ଆବାହକ ପ୍ରକୃତିବନ୍ଧୁ ପଣ୍ଡିତ ତ୍ରିଲୋଚନ ମିଶ୍ର ଭକ୍ତମାନଙ୍କ ଗ୍ରହଣରେ ଶ୍ରୀମଦ୍ ଭାଗବତ ବର୍ଣ୍ଣିତ ବାମନ ଜନ୍ମ ଉପାଖ୍ୟାନା ପାଠକରି ସୁନିଆଁ ପାଳନର ଭାବାର୍ଥ ବୁଝାଇ ଶ୍ରୀ ଜଗନ୍ନାଥଙ୍କ ଚଳନ୍ତି ସୁରୁପ ଉତ୍କଳର ଗଜପତି ଶ୍ରୀଶ୍ରୀ ଦିବ୍ୟସିଂହ ଦେବଙ୍କ ନୂତନ ଅଙ୍କ ଚଳନର ମଙ୍ଗଳ କାମନା କରିଛନ୍ତି । ପରେ ପରେ ପ୍ରାଚୀ ତଟର ଗର୍ବ ଗୌରବ ଭକ୍ତ ଜୟଦେବଙ୍କ ବିରଚିତ ଶ୍ରୀଗୀତଗୋବିନ୍ଦ ଶ୍ରୀ ବିଗ୍ରହଙ୍କ ସମ୍ମୁଖରେ ସାମୁହିକ ଗାୟନ କରାଯାଇ ରାଜ୍ୟ, ଦେଶ ତଥା ବିଶ୍ୱର ମଙ୍ଗଳ ପାଇଁ ସମ୍ମୁହ ପ୍ରାର୍ଥନା କରଯାଇଛି । ପରିଷଦର ସଂପାଦକ ଲଲାଟେନ୍ଦୁ ମିଶ୍ର ତତ୍ତ୍ୱାବଧାନରେ ଭକ୍ତମାନଙ୍କୁ ନବାନ୍ନ ପ୍ରସାଦ ବିତରଣ କରାଯାଇଛି ।

## ଏନ୍ଏସି ଘୋଷଣା ପାଇଁ ଦାବିପତ୍ର

**ସାକ୍ଷୀଗୋପାଳ,୪।୯/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ତୃତୀୟ ପର୍ଯ୍ୟାୟରେ ନୂଆ ବିଜ୍ଞାପିତ ଅଞ୍ଚଳ ପରିଷଦ ଏନଏସି ଘୋଷଣାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିଲେ ବି ପୁରୀ ଜିଲ୍ଲା ସତ୍ୟବାଦୀ ଏଥିରେ ଉପେକ୍ଷା କରାଯାଉଥିବା ଅଭିଯୋଗ ହୋଇଛି । ୩ଟି ପର୍ଯ୍ୟାୟରେ ସରକାର ୨୮ଟି ନୂଆ ଏନଏସି ଘୋଷଣା କରିଥିବା ବେଳେ ପୁରୀ ଜିଲ୍ଲା ସତ୍ୟବାଦୀକୁ ସାମିଲ କରାଯାଇନାହିଁ ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧରେ ଅସନ୍ତୋଷ ବଢ଼ି ଚାଲିଛି । ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡ଼ିଓ, ତହସିଲଦା, ସାଂସଦ, ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ସରକାର ସତ୍ୟବାଦୀକୁ ଏନଏସି ତାଲିକାଭୁକ୍ତ ନକରିବା ଯୋଗୁଁ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବବୋଲି ସ୍ଥାନୀୟ ବାସିନ୍ଦା ଓ ବିଭିନ୍ନ ସଂଗଠନ ପକ୍ଷରୁ ଚେତାବନୀ ଦେଇଛନ୍ତି । ସେମାନଙ୍କ ଅଭିଯୋଗ ଅନୁଯାୟୀ ନୂଆ ବିଜ୍ଞାପିତ ପରିଷଦ ପାଇଁ ଜନସଂଖ୍ୟା, ଅଞ୍ଚଳ ପରିଧି,ଓ ଅନ୍ୟାନ୍ୟ ସମସ୍ତ ପ୍ରକାର ଅନୁକୂଳ ଭିତ୍ତିଭୂମି ଥିବାବେଳେ ଏହାକୁ ଅଣଦେଖା କରାଯାଇଛି । ସରକାର ପୁନର୍ବିଚାର ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି ।

## ୩ ମହଲା ଛାତରୁ ପଡ଼ି ଦିବ୍ୟାଙ୍ଗ ଛାତ୍ରୀ ଗୁରୁତର

**ବୟାଳିଶମୌଜା,୪।୯/ଏନ୍ଏନ୍ଏସ୍:** ୪୨ମୌଜା ବହଳପଡ଼ାସ୍ଥିତ ବେଲେଶ୍ୱର ବଧିର ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ରୀ ୨ ତାରିଖ ଦିନ ୩ ମହଲା ଛାତ ଉପରୁ ତଳକୁ ଖସି ପଡ଼ି ଗୁରୁତର ହୋଇଛନ୍ତି । ସ୍ଥାନୀୟ ଲୋକ ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଜାଣିବା ପରେ ଘଟଣାସ୍ଥଳରୁ ଛାତ୍ରୀଙ୍କୁ ଉଦ୍ଧାର କରି ବେଣ୍ଟକାର ମେଡିକାଲକୁ ନେଇଥିଲେ । ତାଙ୍କର ଅବସ୍ଥା ଗୁରୁତର ଥିବାରୁ ବେଣ୍ଟକାର ମେଡିକାଲ କର୍ତ୍ତୃପକ୍ଷ କଟକ ବଡ ମେଡ଼ିକାଲକୁ ନେବା ପାଇଁ ପରାମର୍ଶ ଦେଇଥିଲେ । ଛାତ୍ରୀଜଣକ କଟକ ବଡ ମେଡିକାଲରେ ଏବେ ଚିକିତ୍ସାଧୀନ ରହିଛନ୍ତି । ଏହି ଛାତ୍ରୀ ଜଣକ ଅନୁଗୁଳ ଜିଲ୍ଲାରୁ ଆସି ଏଠାରେ ରହି ପାଠ ପଢୁଥିଲେ । ଏ ସମ୍ବନ୍ଧରେ ଅଧିକ ତଥ୍ୟ ପାଇଁ ବିଦ୍ୟାଳୟ ଅଧକ୍ଷଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ । ୪୨ମୌଜା ଅଞ୍ଚଳରେ ଏହି ଗୋଟିଏ ମୁକ ବଧିର ବିଦ୍ୟାଳୟ ରହିଛି ଏବଂ ଏଠାରେ ବହୁ ଜିଲ୍ଲାରୁ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଆସି ରହି ପଢୁଛନ୍ତି । ଏହି ଛାତ୍ରଛାତ୍ରୀ ମାନଙ୍କ ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ଓ ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ନିୟମିତ ସୁରକ୍ଷା ଯାଞ୍ଚ ବ୍ୟବସ୍ଥା କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରିଛନ୍ତି ।

## ମାତିଲେ ବାଇକ୍ ଲୁଟେରା: ରାତିକେ ୪ ଗାଡ଼ି ଲୁଟ୍

**ଡେଲାଙ୍ଗ,୪।୯/ଏନ୍ଏନ୍ଏସ୍:** ଡେଲାଙ୍ଗ ଥାନା ଅଧିନ ହରିରାଜପୁର ଫାଣ୍ଡି ଅଞ୍ଚଳରେ ଏବେ ବାଇକ ଲୁଟେରାଙ୍କ ଆତଙ୍କ ଖେଳାଇଛନ୍ତି । ଲୁଟେରାମାନେ ଗୋଟିଏ ରାତିକେ ବିଭିନ୍ନ ସ୍ଥାନରୁ ୪ଟି ବାଇକ ଚୋରୀ କରି ନେବାରେ ସଫଳ ହୋଇଛନ୍ତି । ଏନେଇ ହରିରାଜପୁର ଫାଣ୍ଡିରେ ଲିଖିତ ଅଭିଯୋଗ ହୋଇଥିବା ନେଇ ଏସଆଇ ସୁଧାଂଶୁ ଶେଖର ବାରିକଙ୍କ ଠାରୁ ସୂଚନା ମିଳିଛି । ଘଟଣା ଅନୁଯାୟୀ ହରିରାଜପୁର ଫାଣ୍ଡି ଅଧିନସ୍ଥ ରେଙ୍ଗଳ ଗ୍ରାମରୁ ୩ଟି ବାଇକ ଚୋରୀ ହୋଇଥିବା ବେଳେ ମାଣିତ୍ରୀ ଗ୍ରାମରୁ ଗୋଟେ ବାଇକ ଚୋରି ହୋଇଛି । ବାଇକ ଗୁଡିକ ଦାଣ୍ଡ ଦୁଆର ରଖାଯାଇଥିବା ବେଳେ ଲୁଟେରାମାନେ ସୁଯୋଗ ସୁବିଧା ନେଇ ଚୋରୀ କରି ନେଇଛନ୍ତି । ଅଭିଯୋଗ ପରେ ଫାଣ୍ଡି ଦାୟିତ୍ୱରେ ଥିବା ଏସଆଇ ଶ୍ରୀ ବାରିକ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିବା ବେଳେ ଏନେଇ ଡେଲାଙ୍ଗ ଥାନାରେ ମାମଲା ରୁଜୁ କରାଯିବା ସହ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖାଯାଇଥିବା ଥାନା ଅଧିକାରୀ ଶ୍ୟାମଘନ ବାରିକଙ୍କ ସୂଚନା ଦେଇଛନ୍ତି ।

## ନିର୍ମାଲ୍ୟ ପକ୍ଷରୁ ପରିଚାଳନା କମିଟି ସଭ୍ୟଙ୍କୁ ନାଗରିକ ସମ୍ବର୍ଦ୍ଧନା




**ପୁରୀ,୪।୯/ଏନ୍ଏନ୍ଏସ୍:** ସରକାରଙ୍କ ଦ୍ୱାରା ମନୋନୀତ ଶ୍ରୀମନ୍ଦିର ପରିଚାଳନା କମିଟି ଏଣିକି ଭକ୍ତ ଓ ଭଗବାନଙ୍କ କଥା କହିବ ବୋଲି ନୂଆ ପରିଚାଳନା କମିଟି ସଦସ୍ୟ ଘୋଷଣା କରିଛନ୍ତି । ଓଡ଼ିଶାର ଅନନ୍ୟ ଅନୁଷ୍ଠାନ ନିର୍ମାଲ୍ୟ ପକ୍ଷରୁ ହୋଟେଲ ହଲିଡେ ରିସୋର୍ଟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ନାଗରିକ ସମ୍ବର୍ଦ୍ଧନାରେ ଯୋଗଦାନ କରି ସଦସ୍ୟମାନେ, ବୟାଳିଶଟି ଅନୁଷ୍ଠାନ ପକ୍ଷରୁ ଦିଆଯାଇଥିବା ଠାକୁରଙ୍କ ଶୃଙ୍ଖଳିତ ନୀତି ସଂପାଦନ, ଭକ୍ତମାନଙ୍କ ସୁଗମ ଧାଡ଼ି ଦର୍ଶନ, ଜଗନ୍ନାଥ ସଂସ୍କୃତି ର ବ୍ୟାପକ ପ୍ରଚାର ପ୍ରସାର, ଭୂସଂପତ୍ତି ସମସ୍ୟା ର ଯୁଦ୍ଧକାଳୀନ ଭିତ୍ତିରେ ସମାଧାନ, ସେବାୟତ କଲ୍ୟାଣ ପାଇଁ ତୁରନ୍ତ ଗୁରୁକୁଳ ପ୍ରତିଷ୍ଠା, ସେବାୟତମାନଙ୍କ ଆର୍ଥିକ ଅଭିବୃଦ୍ଧି, ଶ୍ରୀମନ୍ଦିର ରେ ମୋବାଇଲ, କ୍ୟାମେରା ସମେତ ଡ୍ରୋନ ଉଡ଼ାଣ ଓ ଠାକୁରଙ୍କ ନାମରେ ଫେକ୍ ବ୍ୟବସାୟୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ବିଶେଷକରି ପୁରୀ ବାସିନ୍ଦାଙ୍କ ପାଇଁ ଦର୍ଶନର ସ୍ୱତନ୍ତ୍ର ସୁବିଧା ଭଳି ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀ, ସଂସ୍କୃତିମନ୍ତ୍ରୀ ଠାରେ ପହଞ୍ଚାଇବା ସହ ପରିଚାଳନା କମିଟିରେ ଉପସ୍ଥାପନା କରିବେ ବୋଲି ଘୋଷଣା କରିଥିଲେ । ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଂଗଠନ ଓଡ଼ିଶାର ସଭାପତି ଡକ୍ଟର ବଦ୍ରି ମିଶ୍ରଙ୍କ ଅଧକ୍ଷତା ଓ ନିର୍ମାଲ୍ୟ ସଂପାଦକ ଡକ୍ଟର ବିଶ୍ୱନାଥ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଦସ୍ୟ ପଣ୍ଡିତ ସିଦ୍ଧେଶ୍ୱର ମହାପାତ୍ର, ଜଗନ୍ନାଥ ପୂଜାପଣ୍ଡା ସାମନ୍ତ, ମଧୁସୂଦନ ସିଂହାରୀ, କୃଷ୍ଣଚନ୍ଦ୍ର ସାମନ୍ତରା, ରାମନାରାୟଣ ଗୋଛିକାର, ଗଣେଷ ଦାସମହାପାତ୍ର, ମହନ୍ତ ରଘୁବୀର ଦାସ ଓ ମହେଶ କୁମାର ସାହୁଙ୍କୁ ନିର୍ମାଲ୍ୟ ସମେତ ପୁରୀ ର ଭୂସଂପତ୍ତି ସୁରକ୍ଷା ସଂଗଠନ, ପୁରୀ ବାର୍ ଆସୋସିଏସନ, ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀ ହୋଟେଲ ଆସୋସିଏସନ୍ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ମିଶନ ଓଡ଼ିଶା, ଭଏସ ଅଫ୍ କମନୱ୍ୱନ,ଦି ବେଲ୍, ଶ୍ରୀଶ୍ରୀ ଶ୍ରୀକ୍ଷେତ୍ର ସୂଚନା,ଜାଗାଆଖଡା ଅନୁଷ୍ଠାନ, ପୁରୀ କ୍ଲବ, ରୋଟାରୀ କ୍ଲବ, ଆପଣଙ୍କ ସେବାରେ, ଭକ୍ତି ନିର୍ମାଲ୍ୟ, ଅଭିନନ୍ଦନିକା, ସମର୍ପଣ, ଅନୁଷ୍ଠାନ ଆମର, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମେତ ପୁଷ୍କର ମହାପାତ୍ର, ସୌମ୍ୟରଞ୍ଜନ ପାତ୍ର,ଜଗନ୍ନାଥ ଦାସ ମହାପାତ୍ର, ସିଦ୍ଧାର୍ଥ ରାୟ, ସୁକାନ୍ତ ପଣ୍ଡା, ପରିବେଶବିତ୍ ଅଜୟ ପ୍ରଧାନ, ଜ୍ୟୋତି ପ୍ରକାଶ ମହାପାତ୍ର ନାଟ୍ୟ ନିର୍ଦ୍ଦେଶକ ବିଶ୍ୱନାଥ ମହାପାତ୍ର, ଡକ୍ଟର ସୁଶାନ୍ତ ଶତପଥୀ, ଶିବରାମ ପ୍ରଧାନ,ପଣ୍ଡିତ ଚକ୍ରଧର କର, ଭରତ ନାୟକ, ରାଜେଶ୍ ମହାନ୍ତି, ବିଶ୍ୱରଞ୍ଜନ ପତି, ପ୍ରିୟରଞ୍ଜନ ରଥ, ରୁଦ୍ରପ୍ରସାଦ ମିଶ୍ର, ଦୁଷ୍ମନ୍ତ ସାହୁ, ସରୋଜ ଜେନା ପ୍ରମୁଖ ଉପଢ୍ୱୌକନ, ପ୍ରଶଂସାପତ୍ର ଓ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ । ଉତ୍ସବରେ ମୁଖ୍ୟଅତିଥି ଭାବେ ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସର ର ଶିକ୍ଷାବିତ୍ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ପୁରୀ ହୋଟେଲ ଆସୋସିଏସନ୍‌ର ସଂପାଦକ ରାଜକିଶୋର ପାତ୍ର ଯୋଗଦେଇ ଶ୍ରୀମନ୍ଦିରର ସୁରକ୍ଷା ଓ ବିକାଶ, ସେବାୟତ କଲ୍ୟାଣ ଓ ଭକ୍ତ ଦର୍ଶନ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମକୁ ଶ୍ୟାମପ୍ରକାଶ ସେନାପତି ସଂଯୋଜନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ହେକ୍ଟର ମିଶ୍ର । ଏଥିରେ କଣ୍ଠଶିଳ୍ପୀ ରାଜେନ୍ଦ୍ର ମିଶ୍ର ଭକ୍ତି ସଂଗୀତ ପରିବେଷଣ କରିଥିଲେ । ତାଙ୍କୁ ତାପସ ନାୟକ, ଶୁଭେନ୍ଦୁ ତ୍ରିପାଠୀ ଓ ସିଲୁ ପଣ୍ଡା ସହଯୋଗ କରିଥିଲେ ।

**ନିତି ଭାରତୀ**

ପ୍ରକୃତ ଶିକ୍ଷକ ହେଉଛନ୍ତି ସେହିମାନେ, ଯେଉଁମାନେ ଆମକୁ ଆମ ନିଜ ପାଇଁ ଚିନ୍ତା କରିବାକୁ ଶିକ୍ଷା ପ୍ରଦାନ କରନ୍ତି।
**- ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍**

NITIDIN
ନିତିଦିନ
ଶୁକ୍ରବାର , ୫ ସେପ୍ଟେମ୍ବର, ୨୦୨୫

# ଶିକ୍ଷା, ଶିକ୍ଷକ ଓ ଶିଷ୍ୟ



**ପ୍ରଫୁଲ୍ଲ କୁମାର ସାହୁ**

ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଶିକ୍ଷକ କେବଳ ଜଣେ ବ୍ୟକ୍ତି ନୁହନ୍ତି, ବରଂ ଏକ ଶକ୍ତିର ଉତ୍ସ ବା ଜୀବନ ଗଢ଼ିବାର ମହାସୂତ୍ର। ଶିକ୍ଷକଙ୍କ ଆଚରଣରେ ଥାଏ ଅମୃତର ପ୍ରଲେପ। ତାଙ୍କର ପ୍ରତିଟି ଚିନ୍ତା ଓ ଚେତନାରେ ପ୍ରକାଶ ପାଏ ଐଶ୍ୱରିକ ବିଭୂତି। ସେ ସାଧାରଣ ମନେ ହେଲେ ବି ଅସାଧାରଣ। ମଣିଷ ହେଲେ ବି ସେ ଦେବତା ପଦବାଚ୍ୟ। ସେଥିପାଇଁ କୁହାଯାଏ- 'ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ଗୁରୁଦେବ ମହେଶ୍ୱର, ଗୁରୁ ସାକ୍ଷାତ ପରଂବ୍ରହ୍ମ ତସ୍ମୈ ଶ୍ରୀଗୁରବେ ନମଃ।'

ଗୁରୁକୁଳ ଆଶ୍ରମ ଥିଲା ଆମ ଶିକ୍ଷା ବ୍ୟବସ୍ଥାର ମୂଳସୂତ୍ର। ଲୋକାଳୟର କୋଳାହଳମୟ ପରିବେଶଠାରୁ ବହୁ ଦୂରରେ ଗୁରୁକୁଳ ଆଶ୍ରମମାନ ଗଢ଼ି ବିଦ୍ୟା ବିତରଣ କରୁଥିଲେ ବ୍ୟାସ, ବାଲ୍ମିକୀ, ବଶିଷ୍ଠ ଓ ସନ୍ଦିପନୀଙ୍କ ପରି ସମର୍ଥ ଗୁରୁ। ଆତ୍ମସଂଯମ ଓ ଆତ୍ମଶୃଙ୍ଖଳା ବଳରେ ସେମାନେ ଶିଷ୍ୟମାନଙ୍କୁ ପ୍ରଦାନ କରୁଥିଲେ ଆଲୋକ ଓ ଅମୃତ ପଥରେ ଯାତ୍ରୀ ହେବାର ମନ୍ତ୍ର। ନିଜର ସାଧନାଲବ୍ଧ ଦିବ୍ୟଜ୍ଞାନକୁ ସମାଜ କଲ୍ୟାଣ ନିମନ୍ତେ ବିତରଣ କରିବା ଥିଲା ସେମାନଙ୍କର ଲକ୍ଷ୍ୟ। ସେଥିପାଇଁ ସେଠାରେ ପାଠ୍ୟ ଖସଡ଼ା ଓ ଶାସ୍ତ୍ର ଅଧ୍ୟୟନଠାରୁ ଅଧିକ ଗୁରୁତ୍ୱ ଲଭିଥିଲା ଶ୍ରମ, ଶୃଙ୍ଖଳା, ସଂଯମ ଓ ସଂସ୍କାର। ଇନ୍ଦ୍ରିୟାନୁଗତ ବୌଦ୍ଧିକତା ଭିତ୍ତିରେ ଗୁରୁ ପରଖୁଥିଲେ ଶିଷ୍ୟର ଜ୍ଞାନ। ବ୍ୟକ୍ତି ମାଧ୍ୟମରେ ସମାଜ ଗଠନ ଶିକ୍ଷାର ଲକ୍ଷ୍ୟ ହୋଇଥିବାରୁ ପରୀକ୍ଷା ପଦ୍ଧତିରେ ନଥିଲା ଅନୁକମ୍ପା ବା ଗ୍ରେସ୍ ବ୍ୟବସ୍ଥା। ଗୁରୁଙ୍କର ଉତ୍ତରାଧିକାରୀ ଚୟନ ମଧ୍ୟ ଥିଲା ଅତ୍ୟନ୍ତ ସ୍ୱଚ୍ଛ ଓ ନିରପେକ୍ଷ। ଏ ସଂପର୍କରେ ଦୃଷ୍ଟାନ୍ତଟିଏ। ଜଣେ ଗୁରୁ ତାଙ୍କର ସମୁଦାୟ ଷୋହଳ ଜଣ ଶିଷ୍ୟଙ୍କୁ ଧରି ବାହାରିଲେ ନଗର ଭ୍ରମଣରେ। ଏମିତି ବୁଲୁବୁଲୁ ପହଞ୍ଚି ଗଲେ ଗୋଟେ ଗଣିକାଳୟ ସାମ୍ନାରେ। ଶିଷ୍ୟମାନଙ୍କୁ ବାହାରେ ଅପେକ୍ଷା କରିବାକୁ କହି ସେ ପ୍ରବେଶ କଲେ ଗଣିକାଳୟ ଭିତରକୁ। ନିଜ ଘରେ ଜଣେ ସନ୍ଥଙ୍କର ପାଦ ପଡ଼ିବା ଦେଖି ପତିତା ଜଣକ ଯେତିକି ଖୁସି ହେଲେ, ସେତିକି ଆଶ୍ଚର୍ଯ୍ୟ ହୋଇ ଜାଣିବାକୁ ଚାହିଁଲେ ଆଗମନର ଉଦ୍ଦେଶ୍ୟ। ସନ୍ଥ ଧୀର ଗଳାରେ କହିଲେ, ମୋତେ ଏଠାରେ କିଛି କ୍ଷଣ ଏକାନ୍ତରେ ରହିବାକୁ ଦିଅ। ପତିତା ଜଣକ ବିନା ବାକ୍ୟାଳାପରେ ଅନ୍ୟ କୋଠରିକୁ ଚାଲିଯିବା ପରେ ବାହାରେ ଅପେକ୍ଷାରତ ଶିଷ୍ୟମାନଙ୍କୁ ଶୁଣେଇଲା ଭଳି ସ୍ୱରରେ ଗୁରୁ କହିଲେ, ଏବେ ମୋର ଗୋଟେ ସୁରା ବୋତଲ ଦରକାର। ଗୁରୁଙ୍କର ଏଭଳି ଅଶୋଭନୀୟ ଓ ନିନ୍ଦନୀୟ ଆଚରଣକୁ ନେଇ ଶିଷ୍ୟମାନଙ୍କ ଭିତରେ ଆରମ୍ଭ ହୋଇଗଲା ନାନାଦି ଚର୍ଚ୍ଚା। ଗୁରୁଙ୍କର ଚାରିତ୍ରିକ ସ୍ଖଳନ ଘଟିଛି ବୋଲି ଅନୁଭବ କରି ସେମାନେ କଟୁ ମନ୍ତବ୍ୟ ଦେବା ସହିତ ସେଠାରୁ ଅନ୍ତର୍ହିତ ହେବାକୁ ଲାଗିଲେ ଜଣକ ପରେ ଜଣେ। କିନ୍ତୁ ସବୁ ଶୁଣିଲା ପରେ ଜଣେ ମାତ୍ର ଶିଷ୍ୟ ଅବିଚଳିତ ଓ ନିଃସନ୍ଦେହ ଭାବରେ ସେଠାରେ ଅପେକ୍ଷା କରି ରହିଲା ଗୁରୁ ଫେରିବା ପର୍ଯ୍ୟନ୍ତ। କାରଣ, ଗୁରୁଙ୍କ ପ୍ରତି ଥିଲା ତା'ର ଅଖଣ୍ଡ ବିଶ୍ୱାସ ଓ ଗଭୀର ନିଷ୍ଠା। ଗୁରୁ ବାହାରକୁ ଆସି ଅପେକ୍ଷାରତ ଶିଷ୍ୟକୁ ଆଲିଙ୍ଗନ କରି କହିଲେ, ତମେ ହିଁ ମୋର ସର୍ବଶ୍ରେଷ୍ଠ ଓ ଯୋଗ୍ୟତମ ଶିଷ୍ୟ।

ଆଶ୍ରମ ଯୁଗର ଅବସାନ ପରେ ଆରମ୍ଭ ହେଲା ଚାଟଶାଳୀ ଶିକ୍ଷା ବ୍ୟବସ୍ଥା। ଲୋକାଳୟ ଭିତରେ ଚାଟଶାଳୀ ଗଢ଼ି ଶିକ୍ଷାଦାନ କଲେ ଅବଧାନେ। ଝାଟିମାଟି ଘର ଚାଟଶାଳୀରେ କଡ଼ାକଡ଼ି ଭାବେ ପାଳନ ହେଲା ଗୁରୁକୁଳ ଆଶ୍ରମର ଶୈକ୍ଷିକ ଶୃଙ୍ଖଳା। ମାନବିକତା ଓ ମୂଲ୍ୟବୋଧର ବିକାଶ ନିମନ୍ତେ ଏଠାରେ ପାଠ୍ୟକ୍ରମରେ ସ୍ଥାନ ପାଇଲା ପଞ୍ଚତନ୍ତ୍ର ଓ ହିତୋପଦେଶର ଲୋକଶିକ୍ଷାମୂଳକ କାହାଣୀ। ଗୁରୁକୁଳ ଆଶ୍ରମ ପରି ଏଠାରେ ଅନୁଶାସନ କଠୋର ହେଲେ ବି ଅବଧାନଙ୍କ ବାତ୍ସଲ୍ୟ ଓ ଅନାବିଳ ଆତ୍ମୀୟତାରେ ଅଭିମନ୍ତ୍ରିତ ହୋଇ ପଡ଼ିଥିଲା ଗୁରୁ-ଶିଷ୍ୟ ସଂପର୍କ। ତେଣୁ ସାରା ଜୀବନ ସ୍ମୃତି ପଟରେ ସାଇତା ହୋଇ ରହୁଥିଲା ଚାଟଶାଳୀରେ ବିଦ୍ୟାରମ୍ଭର ପୁଲକ ଓ ପ୍ରେରଣାର ଅନୁଭବ। ସେକଥା ପ୍ରକାଶ କରିବାକୁ ଯାଇ କବି କାଳିନ୍ଦୀଚରଣ ପାଣିଗ୍ରାହୀ ଲେଖିଛନ୍ତି- 'ମନେଅଛି ମୋର ଗ୍ରାମ ଚାଟଶାଳୀ ଚିହ୍ନିଥିଲି ଯହିଁ ଅକ୍ଷର ଆଗେ/ ସରୁ ଦାଣ୍ଡ କଡ଼େ ଚାଳଘର ଖଣ୍ଡେ ଯାଇଥିଲି ଦିନେ ବାପାଙ୍କ ସାଙ୍ଗେ।'

କେବଳ ପ୍ରାଥମିକ ଶିକ୍ଷା ନୁହେଁ, ଗୁରୁକୁଳ ଶିକ୍ଷା ଆଦର୍ଶର ଭିତ୍ତି ଉପରେ ସ୍ଥାପନ ହେଲା ମାଧ୍ୟମିକ ଓ ଉଚ୍ଚଶିକ୍ଷା ବ୍ୟବସ୍ଥା। ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ନିୟୋଜିତ ହେଲେ ଗୁରୁତୁଲ୍ୟ ଶିକ୍ଷକ ଓ ଅଧ୍ୟାପକ। ଗୁରୁ ଆଧ୍ୟାତ୍ମିକ ଜ୍ଞାନର ମାର୍ଗଦର୍ଶକ ହୋଇଥିବା ସ୍ଥଳେ ଶିକ୍ଷକ ହେଉଛନ୍ତି ପାର୍ଥିବ ଜ୍ଞାନର ମାର୍ଗଦର୍ଶକ ବା ଉପଦେଷ୍ଟା। ସାହିତ୍ୟ, ବିଜ୍ଞାନ, ଭୂଗୋଳ ଓ ଇତିହାସ ଆଦି ବିଷୟରେ ଶିକ୍ଷାଦାନ କରୁଥିବା ଶିକ୍ଷକମାନେ ହୁଏତ ଗୁରୁ ପଦବାଚ୍ୟ ନ ହୋଇ ପାରନ୍ତି, କିନ୍ତୁ ଯେଉଁ ଶିକ୍ଷକମାନେ ନିଷ୍ଠାପର, ସମଦର୍ଶୀ, ସତ୍ୟନିଷ୍ଠ ଓ ଗୁରୁଙ୍କ ଭଳି ଆଚରଣସିଦ୍ଧ, ସେମାନେ ନିଶ୍ଚୟ ଗୁରୁତୁଲ୍ୟ। ଶିକ୍ଷକଙ୍କ ଉପରେ ଥାଏ ନିଜେ ଶିଖି ଛାତ୍ରଛାତ୍ରୀଙ୍କୁ ଶିଖେଇବାର ଦାୟିତ୍ୱ। ଶିଖାଇବାର ଅର୍ଥ, ସତ୍‌ମାର୍ଗ ଦେଖାଇବା। ଅର୍ଥାତ୍, କେବଳ ପଢ଼ି ପଢ଼ାଇ ଦେଲେ ବା ବୁଝି ବୁଝେଇ ଦେଲେ ଜଣେ ଶିକ୍ଷକ ହୁଏ ନାହିଁ, ଏଥିପାଇଁ ସ୍ନେହସିକ୍ତ ହୃଦୟବତ୍ତା ଓ ଅକପଟ ଆନ୍ତରିକତା ଇତ୍ୟାଦି ରହିବା ଜରୁରୀ। ତେଣୁ ଶ୍ରୀ ଅରବିନ୍ଦ କୁହନ୍ତି, 'ଶିକ୍ଷକ ହେଉଛନ୍ତି ଜଣେ ସାଧକ। ତାଙ୍କର ଜୀବନ ହେଉଛି ସାଧନାର ଜୀବନ। ଏ ସାଧନା ହେଉଛି ସଚେତନତାର ଏକ କୀର୍ତ୍ତିସ୍ତମ୍ଭ।

ଉପନିଷଦୀୟ ଭାଷାରେ ଗୁରୁଙ୍କ ଶରଣାପନ୍ନ ଆଧ୍ୟାତ୍ମବିଦ୍ୟା ସନ୍ଧାନୀଙ୍କୁ କୁହାଯାଏ ଶିଷ୍ୟ। ସ୍ୱାମୀ ବିବେକାନନ୍ଦଙ୍କ ମତରେ, ଗୁରୁଙ୍କ ଆତ୍ମାରୁ ଏକ ଶକ୍ତି ବା ଜ୍ଞାନାଲୋକ ସଞ୍ଚରି ଆସେ ଏବଂ ତାହା ଯେଉଁ ଆତ୍ମାରେ ପ୍ରବେଶ କରେ, ସେ ଶିଷ୍ୟ। ଶକ୍ତି ପ୍ରାୟତଃ ସେହି ଆତ୍ମାରେ ପ୍ରବେଶ କରେ, ଯିଏ ଗୁରୁଙ୍କ ପ୍ରତି ଏକାନ୍ତ ନିଷ୍ଠାପର। ଆରୁଣିର ପାଣି ମଡ଼ାଇବା ହେଉ କି ଉପମନ୍ୟୁର ଗାଈ ଜଗିବା ହେଉ, ତାହା ସେମାନଙ୍କ ଗୁରୁ



ଭକ୍ତିର ବିରଳ ନିଦର୍ଶନ। ସେହି ଆଧ୍ୟାତ୍ମିକ ଜ୍ଞାନ ସନ୍ଧାନୀ ଶିଷ୍ୟମାନଙ୍କ ଭଳି ଜଣେ ଛାତ୍ର ଯଦି ଆଚରଣ ପ୍ରଦର୍ଶନ କରେ, ତେବେ ତାକୁ ଶିଷ୍ୟ ନହେଲେ ବି କୁହାଯିବ ଶିଷ୍ୟତୁଲ୍ୟ ଛାତ୍ର। ଶିଷ୍ୟତୁଲ୍ୟ ଛାତ୍ର କେବଳ ଗୁରୁତୁଲ୍ୟ ଶିକ୍ଷକମାନେ ସୃଷ୍ଟି କରି ପାରନ୍ତି, ଯେଉଁମାନଙ୍କ ବ୍ୟକ୍ତିତ୍ୱର ଥାଏ ଏକ ସ୍ୱତନ୍ତ୍ର ପରିଚୟ। ସେମାନେ ପ୍ରାୟତଃ ଆଜୀବନ ବିଦ୍ୟାର୍ଥୀ। ଜ୍ଞାନ ସେମାନଙ୍କ ଶକ୍ତି ଓ ସାମର୍ଥ୍ୟର ଉତ୍ସ। ଅଧ୍ୟାପନା ସେମାନଙ୍କ ପାଇଁ ବୃତ୍ତି ନୁହେଁ, ପ୍ରବୃତ୍ତି। ପେସା ନୁହେଁ, ନିଶା। କେବଳ ଶିକ୍ଷାନୁଷ୍ଠାନ ଭିତରେ ନୁହେଁ, ସମଗ୍ର ମାନବ ଜାତି ପାଇଁ ଏମାନେ ଏକ ଏକ ଆଲୋକ ବର୍ତ୍ତିକା। ସେଭଳି ମହାନ୍ ଶିକ୍ଷକଙ୍କ କଥା ଉଠିଲେ ପ୍ରଥମେ ଆଖି ଆଗକୁ ଆସନ୍ତି ଆମ ଦେଶର ତିନି ଜଣ ରାଷ୍ଟ୍ରପତି- ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ୍, ଡକ୍ଟର ଏପିଜେ ଅବଦୁଲ କଲାମ୍ ଓ ଡକ୍ଟର ଶଙ୍କର ଦୟାଲ ଶର୍ମା।

ଓମାନ୍‌ର ରାଜଧାନୀ ମସ୍କଟ୍ ବିମାନ ବନ୍ଦରରେ ପହଞ୍ଚିବାର ଥାଏ ଭାରତର ରାଷ୍ଟ୍ରପତି ଶଙ୍କର ଦୟାଲ ଶର୍ମାଙ୍କ ବିମାନ। ସେଠାରେ ପ୍ରତୀକ୍ଷାରେ ଥାଆନ୍ତି ଓମାନ୍ ସମ୍ରାଟ। ବିମାନ ଅବତରଣ କରିବା ମାତ୍ରେ ସମ୍ରାଟ ତା' ଭିତରକୁ ପଶିଗଲେ ଅଭିବାଦନ ଜଣାଇବା ପାଇଁ। ବିମାନରୁ ପାଛୋଟି ନେଇ ରାଷ୍ଟ୍ରପତି ଦମ୍ପତିଙ୍କୁ ଗାଡ଼ିରେ ବସାଇଲେ ଏବଂ ଡ୍ରାଇଭରକୁ ଓହ୍ଲେଇ ଦେଇ ନିଜେ ବସିଗଲେ ଚାଳକ ଆସନରେ। ଗାଡ଼ି ଚାଲିଲା ରାଜପ୍ରାସାଦ ଅଭିମୁଖେ। ବିସ୍ମିତ ଓ ଅଭିଭୂତ ହେଲେ ଓମାନର ଉଚ୍ଚ ଅଧିକାରୀ ଓ ସାମ୍ବାଦିକ। ସେଦିନ ଉଭୟ ରାଷ୍ଟ୍ରମୁଖ୍ୟଙ୍କ ସାମ୍ବାଦିକ ସମ୍ମିଳନୀରେ ଜଣେ ଗଣମାଧ୍ୟମ ପ୍ରତିନିଧି ସମ୍ରାଟଙ୍କୁ ପ୍ରଶ୍ନ କଲେ, କୌଣସି ରାଷ୍ଟ୍ରମୁଖ୍ୟଙ୍କୁ ସ୍ୱାଗତ କରିବା ପାଇଁ ଓମାନ୍ ସମ୍ରାଟ କେବେ ବିମାନ ବନ୍ଦରକୁ ଆସନ୍ତିନି। ଆମେରିକା ରାଷ୍ଟ୍ରପତିଙ୍କ ଗସ୍ତ ବେଳେ ବି ଆପଣ ଆସି ନଥିଲେ। ଅଥଚ ଭାରତର ରାଷ୍ଟ୍ରପତିଙ୍କୁ ସ୍ୱାଗତ ଜଣାଇବା ପାଇଁ ଆପଣ ସ୍ୱୟଂ ବିମାନ ବନ୍ଦରକୁ ଗଲେ, ପ୍ରୋଟକଲ ଭାଙ୍ଗି ବିମାନ ଭିତରକୁ ପ୍ରବେଶ କଲେ ଏବଂ ପୁଣି ନିଜେ ଗାଡ଼ି ଚଳାଇ ଅତିଥିଙ୍କୁ ରାଜପ୍ରାସାଦ ଆଣିଲେ। କ'ଣ ହୋଇପାରେ ଏହାର କାରଣ ? ଓମାନ୍‌ର ଯୁବସମ୍ରାଟ ଈଷତ ହସିଦେଇ କହିଲେ-'ମୁଁ ଭାରତର ରାଷ୍ଟ୍ରପତିଙ୍କୁ ସ୍ୱାଗତ ଜଣାଇବା ପାଇଁ ଯାଇ ନଥିଲି, ବରଂ ଯାଇଥିଲି ଜଣେ ବିଦ୍ୟା ପ୍ରଦାତାଙ୍କ ଅଭ୍ୟର୍ଥନା ପାଇଁ। ମୁଁ ପୁଣେରେ ପଢୁଥିବା ବେଳେ ଡକ୍ଟର ଶର୍ମା ଥିଲେ ମୋର ଅଧ୍ୟାପକ। ମୋ ଜୀବନର ନିର୍ମାତା। ତେଣୁ ଛାତ୍ର ଭାବରେ ତାଙ୍କର ପୂଜା କରିବା ମୋର ପ୍ରଥମ କର୍ତ୍ତବ୍ୟ। ଏକଥା ପ୍ରମାଣ କରେ ଯେ ଭାରତର ରାଷ୍ଟ୍ରପତି ଯେମିତି ଜଣେ ଗୁରୁତୁଲ୍ୟ ଶିକ୍ଷକ ଥିଲେ, ସେମିତି ଓମାନ୍‌ର ଯୁବ ସମ୍ରାଟ ଥିଲେ ଜଣେ ଶିଷ୍ୟତୁଲ୍ୟ ଛାତ୍ର। କିନ୍ତୁ ଅତୀତର ସେ ପରମ୍ପରା ଆଜି କାହିଁ ?

ଶିକ୍ଷା ହେଉଛି ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ସରକାର ଯେବେଠାରୁ ଏହି ଭାବନାଠାରୁ ଦୂରେଇ ଗଲେ, ସେବେଠାରୁ ବିପର୍ଯ୍ୟସ୍ତ ହେବାକୁ ଲାଗିଲା ଶିକ୍ଷା ବ୍ୟବସ୍ଥା। ସରକାର ଶିକ୍ଷକଙ୍କ ଆବଶ୍ୟକତା ଉପରେ ଗୁରୁତ୍ୱ ଦେଲେନି କି ଶିକ୍ଷକ ନିଯୁକ୍ତିରେ ରହିଲାନି ସ୍ୱଚ୍ଛତା। ଶିକ୍ଷାନୁଷ୍ଠାନକୁ ପ୍ରବେଶ କଲେ ଠକ ପ୍ରକୃତିର ଶିକ୍ଷକ, ଯେଉଁମାନେ ପାଠପଢ଼ାକୁ ମାପନ୍ତି ଦରମା ମାପରେ। ବିଡ଼ମ୍ବନାର ବିଷୟ, ଶ୍ରେଣୀଗୃହ ଶିକ୍ଷାଦାନ ପ୍ରତି ବୀତସ୍ପୃହ ଏହି ଶିକ୍ଷକମାନଙ୍କ ହାତରେ ଏବେ ବିଦ୍ୟାଳୟ ଦାୟିତ୍ୱ। ଅବଶ୍ୟ ଏବେ କେତେକ ସରକାରୀ ଯୋଜନା ଫଳରେ ଝଲସି ଉଠିଲାଣି ବିଦ୍ୟାଳୟ। କିନ୍ତୁ ସେ ପ୍ରଜ୍ଞାଝଲସା ଶିକ୍ଷକ କାହାନ୍ତି ?■

ଅବସରପ୍ରାପ୍ତ ଅଧ୍ୟକ୍ଷ
ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪

# 'ଗୁରୁକୁଳ'ରୁ 'କୁଲ୍ ଗୁରୁ': ଭାରତୀୟ ଶିକ୍ଷାର ଯାତ୍ରା



**ଅନ୍ତର୍ଜିତା ନାୟକ**

ଗୋଟେ ସମୟ ଥିଲା ଯେତେବେଳେ ଭାରତର ଶିକ୍ଷା ପଦ୍ଧତି, ପରୀକ୍ଷା, ପରୀକ୍ଷା ଫଳ, ଗ୍ରେଡ୍ କିମ୍ବା ସାର୍ଟିଫିକେଟଠାରୁ ଊର୍ଦ୍ଧ୍ୱରେ ଥିଲା। ଦିନ ଥିଲା, ଯେତେବେଳେ ଶିକ୍ଷା କହିଲେ ଜୀବନ ଓ ଜୀବନ ଶୈଳୀକୁ ବୁଝାଉ ଥିଲା। ଜଙ୍ଗଲର ଶାନ୍ତ ପରିବେଶରେ, ନଦୀ କୂଳରେ କିମ୍ବା ଛୋଟ ଛୋଟ ଗାଁର ମଧ୍ୟଭାଗରେ, ପିଲାମାନେ ଶିକ୍ଷା ଆହରଣ ପାଇଁ ନିଜ ଘର ଛାଡ଼ି ଗୁରୁଙ୍କ ସହିତ ରହୁଥିଲେ। ଏହା ଥିଲା ଗୁରୁକୁଳ- ଏକ ଅନନ୍ୟ ଅନୁଷ୍ଠାନ ଯେଉଁଠାରେ ଶିକ୍ଷା, ପୁସ୍ତକ ଏବଂ ପରୀକ୍ଷାରେ ଶିକ୍ଷା ସୀମିତ ନଥିଲା। ଏଠାରେ ସୂର୍ଯ୍ୟଙ୍କ ପ୍ରଥମ ଆଲୋକରେ ପବିତ୍ର ମନ୍ତ୍ରପାଠ କରାଯାଉଥିଲା, ଯାହା କେବଳ ଶିଷ୍ୟମାନଙ୍କର ସ୍ମୃତି ନୁହେଁ, ବରଂ ସେମାନଙ୍କର ଶୃଙ୍ଖଳା ଏବଂ ଧ୍ୟାନକୁ ତୀକ୍ଷ୍ଣ କରୁଥିଲା। ଶିକ୍ଷା, ମନ୍ତ୍ରପାଠରୁ ନେଇ ପଶୁମାନଙ୍କର ଯତ୍ନ ନେବା, ପାଣି ଆଣିବା, ଖାଦ୍ୟ ପ୍ରସ୍ତୁତ କରିବା ଏବଂ ଔଷଧୀୟ ଜଡ଼ିବୁଟି ପ୍ରସ୍ତୁତିରେ ଗୁରୁଙ୍କୁ ସାହାଯ୍ୟ କରିବାରେ ବିଦ୍ୟମାନ ଥିଲା। ବ୍ୟବହାରିକ କୌଶଳ, ଯେପରି ତୀର ମାରିବା, ବଢ଼େଇ କାମ କରିବା, ଚାଷ କରିବା, ସଙ୍ଗୀତ ଶିଖିବା ଏବଂ ଧ୍ୟାନ କରିବା ସବୁ ନୈତିକ ଏବଂ ଦାର୍ଶନିକ ଶିକ୍ଷା ସହିତ ଜଡ଼ିତ ଥିଲେ। ଶିକ୍ଷା ଥିଲା ନିବିଡ଼, ସାମଗ୍ରିକ ଏବଂ ଚରିତ୍ର-ନିର୍ମାଣ। ଜ୍ଞାନ ଏବଂ ଚରିତ୍ର ପରସ୍ପର ସହ ଯୋଡ଼ିହୋଇ ବଢୁଥିଲେ। ଗୁରୁକୁଳ ଶିକ୍ଷା ବ୍ୟବସ୍ଥା ଭାରତୀୟ ସମାଜ ଓ ସଂସ୍କୃତିରେ ଏକ ଅବିସ୍ମରଣୀୟ ଛାପ ଛାଡ଼ି ଯାଇଛି। ଗୁରୁକୁଳରେ, ଗୁରୁଙ୍କ ସାନ୍ନିଧ୍ୟରେ, ଶିଷ୍ୟମାନେ ବଡ଼ ହୋଇ ବିଦ୍ୱାନ, ଯୋଦ୍ଧା, ଚିକିତ୍ସକ ଏବଂ ନେତା ହୋଇ ପାରୁଥିଲେ। ସଚ୍ଚୋଟତା, ଜିଜ୍ଞାସା ଏବଂ ସାମାଜିକ ଦାୟିତ୍ୱର ମୂଲ୍ୟବୋଧକୁ ଆଗକୁ ନେଇ ପାରୁଥିଲେ। ଗୁରୁକୁଳ ବ୍ୟବସ୍ଥା ଏପରି ନାଗରିକ ଗଠନ କରି ପାରୁଥିଲା, ଯେଉଁମାନେ ସମାଲୋଚନାମୂଳକ ଭାବରେ ଚିନ୍ତା କରି ପାରୁଥିଲେ, ନୈତିକ ଭାବରେ ବଞ୍ଚି ପାରୁଥିଲେ ଏବଂ ସେମାନଙ୍କ ସମ୍ପ୍ରଦାୟ ପାଇଁ ଅର୍ଥପୂର୍ଣ୍ଣ ଯୋଗଦାନ ମଧ୍ୟ କରି ପାରୁଥିଲେ। ଶାରୀରିକ, ମାନସିକ ଏବଂ ଆଧ୍ୟାତ୍ମିକତାକୁ ଏକୀକୃତ କରି ଗୁରୁକୁଳ ଏକ ବ୍ୟବସ୍ଥା ସୃଷ୍ଟି କରିଥିଲା, ଯାହା ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦେଉଥିଲା। ତଥାପି, ଗୁରୁକୁଳର କିଛି ସୀମାବଦ୍ଧତା ମଧ୍ୟ ଥିଲା। ଏହାର ପ୍ରସାର ସଂକୀର୍ଣ୍ଣ ଥିଲା, ଯାହା ପ୍ରାୟତଃ ଝିଅପିଲା, ନିମ୍ନ ଜାତିର ପିଲା କିମ୍ବା ଦୂର ଗାଁର ପିଲାଙ୍କ ପାଇଁ ଦୁର୍ଗମ ଥିଲା। ଜ୍ଞାନ କେବଳ ସ୍ଥାନୀୟ ହୋଇ ରହୁଥିଲା ଏବଂ ବୈଜ୍ଞାନିକ ଆବିଷ୍କାର କିମ୍ବା ବୈଶ୍ୱିକ ଚିନ୍ତାଧାରାର ବ୍ୟାପକତା ମଧ୍ୟ ସୀମିତ ଥିଲା।

ଗୁରୁକୁଳ ଶିକ୍ଷା ବ୍ୟବସ୍ଥାରୁ ବାହାରି, ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ଆଡ଼ିକି ନଜର ବୁଲାଇଲେ ଜଣା ପଡ଼ିବ ଯେ ଶିକ୍ଷାର ପରିଦୃଶ୍ୟ କିଭଳି ନାଟକୀୟ ଭାବେ ବଦଳି ଚାଲିଛି। ପ୍ରାଚୀନ 'ଗୁରୁକୁଳ' ଆଜି 'କୁଲ୍ ଗୁରୁ' (Cool Guru) ବ୍ୟବସ୍ଥାରେ ପରିଣତ, ଯେଉଁଠି ଆଧୁନିକ ଶିକ୍ଷା, ପ୍ରଯୁକ୍ତିବିଦ୍ୟା ସାହାଯ୍ୟରେ ଲକ୍ଷ ଲକ୍ଷ ଶିଷ୍ୟଙ୍କୁ ଶିକ୍ଷା ପ୍ରଦାନ କରି ପାରୁଛି, ଯେଉଁଠି ସ୍ମାର୍ଟଫୋନ୍, କୃତ୍ରିମ ବୁଦ୍ଧିମତ୍ତା, ଲର୍ଣ୍ଣିଂ ଆପ୍ ଭଳି ଆଧୁନିକ ଶିକ୍ଷାଦାନ ମାଧ୍ୟମ, ଶିକ୍ଷାର ମେରୁଦଣ୍ଡ ଗଠନ କରନ୍ତି। ଆଜିର ଦୁନିଆରେ ଛାତ୍ରଛାତ୍ରୀମାନେ ଯେ କୌଣସି ବିଷୟରେ, ଯେ କୌଣସି ସମୟରେ, ଯେ କୌଣସି ସ୍ଥାନରୁ ଶିକ୍ଷାଲାଭ କରି ପାରୁଛନ୍ତି। ଏହି ନୂତନ ଶିକ୍ଷାଗତ ପରିଦୃଶ୍ୟରେ, ଭୂଗୋଳ, ଭାଷା କିମ୍ବା ସାମାଜିକ ପୃଷ୍ଠଭୂମିର ପ୍ରତିବନ୍ଧକକୁ ଭାଙ୍ଗିବା ଏବଂ ଶିକ୍ଷାକୁ ପୂର୍ବ ଅପେକ୍ଷା ଅଧିକ ସୁଲଭ ଏବଂ ବ୍ୟକ୍ତିଗତ କରିବା ଦିଗରେ ପ୍ରଯୁକ୍ତିବିଦ୍ୟା ଓ ଆଜିକାର ଆଧୁନିକ ଶିକ୍ଷକ, ଅଭିନବ ଭୂମିକା ଗ୍ରହଣ କରନ୍ତି। ଆଜି ଛାତ୍ରଛାତ୍ରୀମାନଙ୍କ ଆଙ୍ଗୁଠି ଟିପରେ ବିଶ୍ୱସ୍ତରୀୟ ଜ୍ଞାନ। ଶିକ୍ଷା ଆଜି ବ୍ୟାପକ, ଆନନ୍ଦଦାୟକ ଓ ପ୍ରଗତିଶୀଳ। ତେବେ ଏକ ପ୍ରଶ୍ନ ଯେ ଏତେ ଆଧୁନିକତା ଭିତରେ ଶିକ୍ଷାଦାନ କ୍ଷେତ୍ରରେ ଗୁରୁ ବା ଶିକ୍ଷକଙ୍କ ଭୂମିକା କ'ଣ ? ଯଦି ଯନ୍ତ୍ର ବା କୃତ୍ରିମ ବୁଦ୍ଧିମତ୍ତା ମାଧ୍ୟମରେ ସବୁ ସମ୍ଭବ, ତେବେ ତାହା କ'ଣ ଗୁରୁଙ୍କ ସ୍ଥାନ ନେଇ ପାରିବ ନାହିଁ ? ଇତିହାସ, ଭୂଗୋଳ, ବିଜ୍ଞାନ, ଅଙ୍କ, ସାହିତ୍ୟ, ମେଡିକାଲ ବା ଇଞ୍ଜିନିୟରିଂ ପାଠ, ପ୍ରଶାସନିକ ସେବା ବା ଏମ୍‌ବିଏ ପରୀକ୍ଷା ପ୍ରସ୍ତୁତି, ଯେ କୌଣସି ପ୍ରତିଯୋଗିତାମୂଳକ ପରୀକ୍ଷା ଲାଗି ଶିକ୍ଷା, ପ୍ରଶିକ୍ଷଣ ବା ଅଭ୍ୟାସ ଲାଗି ପିଲାମାନେ ଇଣ୍ଟରନେଟକୁ ଯେତେବେଳେ ନିଜର ଗୁରୁ କରି ସାରିଲେଣି, ସହଜ ଓ ସୁଲଭରେ ଯେତେବେଳେ ଜ୍ଞାନ ମିଳି ପାରୁଛି, ସେତେବେଳେ ଇଣ୍ଟରନେଟ, ୟୁଟ୍ୟୁବ୍ ବା ଗୁଗଲ୍ ଆଜି ପିଲାଙ୍କ ଲାଗି ଗୁରୁଙ୍କଠାରୁ କିଛି କମ୍ କି ? ଏହି ବାବଦରେ ଉତ୍ତର ରହିବ ଯେ ସବୁ ପିଲାଙ୍କ ପାଖରେ ଲ୍ୟାପଟପ୍ କିମ୍ବା ସ୍ଥିର ଇଣ୍ଟରନେଟର ସୁବିଧା ରହୁନାହିଁ। ଯଦିଓ ପ୍ରଯୁକ୍ତିବିଦ୍ୟା ଓ କୃତ୍ରିମ ବୁଦ୍ଧିମତ୍ତା ଶିକ୍ଷାର ଏକ ନୂତନ ମାଧ୍ୟମ, ହେଲେ ଭୁଲ୍ ଠିକ୍‌ର ପାର୍ଥକ୍ୟ, ଭଲ ମନ୍ଦର ଭେଦଭାବ, ପରିସ୍ଥିତି ସାଙ୍ଗରେ ଲଢ଼ିବାର ସାହସ, ସମୟ ସହିତ କାମ କରିବାର ତାଲିମ୍, କର୍ତ୍ତବ୍ୟପରାୟଣତା, ସହନଶୀଳତା, ସୃଜନଶୀଳତା, ପରୋପକାରିତା, ମାନବିକତା ଭଳି ଗୁଣକୁ ମଣିଷ ଭିତରେ ରୋପଣ କରିବାର ଦକ୍ଷତା କେବଳ ଗୁରୁଙ୍କ ପାଖରେ। ଆଧୁନିକ ଶିକ୍ଷାଦାନ ଶୈଳୀ ଆମକୁ ଅନେକ ମାର୍ଗ ଦେଖାଇ ପାରେ ସତ, ହେଲେ କେଉଁ ମାର୍ଗ ଆମ ପାଇଁ ଉପଯୁକ୍ତ ଓ କେଉଁ ମାର୍ଗ ଦେଇ ଆମେ ଆମ ଲକ୍ଷ୍ୟ ହାସଲ କରି ପାରିବା ବା ସଠିକ୍ ଲକ୍ଷ୍ୟ ନିର୍ଦ୍ଧାରଣ କରି ପାରିବା, ତାହା ପାଇଁ ଆବଶ୍ୟକ ଏକ ପରାମର୍ଶଦାତା, ମାର୍ଗଦର୍ଶକ ଓ ଅନୁଶାସକ, ଯିଏ ଆଉ କେହି ନୁହନ୍ତି, ବରଂ ଜଣେ ଗୁରୁ। ବଦଳୁ ଥିବା ସମୟରେ ଯନ୍ତ୍ର ପ୍ରତି ବଢୁଥିବା ମଣିଷର ଆସକ୍ତିକୁ ଅନୁଧ୍ୟାନ କଲେ ଅନୁଭବ ହୁଏ, ଯଦି ମଣିଷର ଏହି କାର୍ଯ୍ୟକଳାପ ଉପରେ ଲଗାମ୍ ନ କଷାଯାଏ, ତେବେ ସେଇଦିନ ଆଉ ଦୂର ନଥିବ, ଯେବେ ମଣିଷ ଯନ୍ତ୍ରର ଗୋଲାମ ହୋଇ ଯାଇଥିବ ଓ ଯନ୍ତ୍ର ମଣିଷର ଗୁରୁ। ସେତେବେଳେ ବିକାଶ ଆଢୁଆଳରେ ଆମେ ବିନାଶ ଅଭିମୁଖୀ ହେଉଥିବା, ହେଲେ ସେଥି ପ୍ରତି କାହାରି ଧ୍ୟାନ ରହୁ ନଥିବ। ଏହି ପରିପ୍ରେକ୍ଷୀରେ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ। ଏବେ ଗୁରୁଙ୍କ ଗୁରୁ ଦାୟିତ୍ୱ ଯେ ସେମାନେ ପିଲାମାନଙ୍କୁ ଗୁରୁଙ୍କ ଗୁରୁତ୍ୱକୁ ଅନୁଭବ ଓ ହୃଦୟଙ୍ଗମ କରାଇବେ। ଏହି ଦିଗରେ ଆଜିର ଗୁରୁମାନେ ମଧ୍ୟ ବିକଶିତ ହେଲେଣି, ଯେଉଁଠି ଧୀରେ ଧୀରେ ଶିକ୍ଷା ଶ୍ରେଣୀ ଗୃହରୁ ବାହାରି ନିଜର ବ୍ୟାପକତା ପ୍ରଦର୍ଶନ କଲାଣି। ଏକଦା ଜ୍ଞାନର ଏକମାତ୍ର ଉତ୍ସ ଥିବା ଶିକ୍ଷକମାନେ ଟେକ୍ନୋଲୋଜିର ଲାଭ ଉଠାଇ ଆଦର୍ଶ ଗୁରୁ ହେଉଛନ୍ତି। କୃତ୍ରିମ ବୁଦ୍ଧିମତ୍ତା ପରିଚାଳିତ ଉପକରଣକୁ ଶିକ୍ଷାରେ ବ୍ୟବହାର କରି ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କ ପ୍ରଗତିକୁ ଟ୍ରାକ୍ କରିବା, ଶିକ୍ଷାକୁ ବ୍ୟବହାରିକ କରିବା, ପ୍ରାସଙ୍ଗିକ କରିବା ଏବଂ ଭବିଷ୍ୟତ ଉପଯୋଗୀ କରିବାରେ ସଫଳତା ଉପଲବ୍ଧ କରୁଛନ୍ତି। ଆଜିକାଲିକାର ଗୁରୁମାନେ 'କୁଲ୍‌ଗୁରୁ'ର ପ୍ରମାଣ ଭାବରେ ମେସିନ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ପରିବର୍ତ୍ତେ ତାହା ସହିତ କାମ କରିବା ବା ତାହାକୁ କାମରେ ଲଗାଇବା ଜାଣନ୍ତି। ଜଣେ 'କୁଲ୍‌ଗୁରୁ'ଙ୍କୁ ଯେ ଅତ୍ୟାଧୁନିକ ପୋଷାକ କିମ୍ବା ଆଧୁନିକ ରଙ୍ଗଢଙ୍ଗ ବା ଶୈଳୀ ଥିବା ଏକ ଚରିତ୍ର ଭାବରେ ବ୍ୟାଖ୍ୟା କରିବା ପରିବର୍ତ୍ତେ ସେମାନେ କିପରି ନିଜର ଜ୍ଞାନ, ଶୈଳୀ ବା କୌଶଳରେ ପ୍ରଯୁକ୍ତିବିଦ୍ୟାକୁ ଶିକ୍ଷା ଓ ଶିଷ୍ୟଙ୍କ ସାଙ୍ଗରେ ସଂଯୋଗ କରି ପାରୁଛନ୍ତି, ତାହାଦ୍ୱାରା ବ୍ୟାଖ୍ୟା କରିବା ଜରୁରୀ, ଯେଉଁଠି ଗୁଗଲ୍ ଏକ କ୍ରିୟା ହୋଇଯାଏ, କୃତ୍ରିମ ବୁଦ୍ଧିମତ୍ତା ସାଥୀ ହୋଇପାରେ ଏବଂ ଜ୍ଞାନ



ଆଉ ପାଠ୍ୟପୁସ୍ତକରେ ଆବଦ୍ଧ ହୋଇ ରୁହେନାହିଁ। ସର୍ବୋପରି, ଶିକ୍ଷାର ସାର, ତଥ୍ୟକୁ ମନେ ରଖିବା ଉପରେ ଆଉ ନିର୍ଭର ନକରି କୌତୂହଳ, ସମାଲୋଚନାତ୍ମକ ଚିନ୍ତାଧାରା ଏବଂ ସୃଜନଶୀଳତାକୁ ପ୍ରୋତ୍ସାହିତ କରିବା ଉପରେ ନିର୍ଭର। ଜଣେ 'କୁଲ୍‌ଗୁରୁ' ପ୍ରଯୁକ୍ତିବିଦ୍ୟାର ସମସ୍ତ ସୁଯୋଗଗୁଡ଼ିକୁ ବ୍ୟବହାର କରି ପାରମ୍ପରିକ ଶିକ୍ଷାଦାନଠାରୁ ଆଗକୁ ଯାଇ ଶ୍ରେଣୀଗୃହକୁ ଅନ୍ୱେଷଣ ଏବଂ ଆବିଷ୍କାରର ଏକ କାର୍ଯ୍ୟଭୂମିରେ ପରିଣତ କରିଥାଏ। ଟେକ୍ନୋଲୋଜିର ଏକୀକରଣ କେବଳ ପାଠକୁ ମଜାଦାର କରିବା ବିଷୟରେ ସୀମିତ ନୁହେଁ, ବରଂ ଭବିଷ୍ୟତ ପିଢ଼ିର ନିର୍ମାଣ କରିବାରେ ନିହିତ। ସେଥି ଲାଗି ଆବଶ୍ୟକ ଉଭୟ ଜ୍ଞାନ ଏବଂ ଡିଜିଟାଲ ସାକ୍ଷରତା ସହିତ ଛାତ୍ରମାନଙ୍କୁ ସଶକ୍ତ କରାଇବା, ଯାହାର ପରିଚାଳନା କ୍ଷମତା ଆଜିର ଆଧୁନିକ ଶିକ୍ଷକଙ୍କ ହାତରେ। ଯେତେବେଳେ ଆଧୁନିକ ଶିକ୍ଷାଦାନରେ ଆଧୁନିକ ଶିକ୍ଷକମାନେ ସାହିତ୍ୟ ସହିତ କୋଡିଂକୁ ପ୍ରୋତ୍ସାହିତ କରନ୍ତି, କିମ୍ବା ଭୌଗୋଳିକ ପାଠ ସହିତ ପରିବେଶ ଅନୁକରଣ କରନ୍ତି, ସେତେବେଳେ ସେମାନେ ସମସ୍ୟା ସମାଧାନକାରୀ ଏବଂ ଉଦ୍ଭାବକମାନଙ୍କୁ ପୋଷଣ କରନ୍ତି, ଯେଉଁମାନେ ବାସ୍ତବ-ବିଶ୍ୱ ଆହ୍ୱାନର ମୁକାବିଲା କରିବା ପାଇଁ ନିଜର ସକ୍ଷମତା ଓ ଦକ୍ଷତା ପ୍ରଦର୍ଶନ କରନ୍ତି। ଆଜିର 'କୁଲ୍‌ଗୁରୁ'ଙ୍କ ଏହା ମାନ୍ୟତା ଯେ ପ୍ରଯୁକ୍ତିବିଦ୍ୟା କଦାପି ସେମାନଙ୍କର ସ୍ଥାନ ନେଇ ପାରିବ ନାହିଁ, ବରଂ ତାହା କେବଳ ସେମାନଙ୍କର ଭୂମିକାକୁ ଆହୁରି ବୃଦ୍ଧି କରିବ। ଜଣେ ଶିକ୍ଷକଙ୍କ ଉତ୍ସାହର ଉଷ୍ମତା, ସେମାନଙ୍କ ମାର୍ଗଦର୍ଶନରେ ଥିବା ଜ୍ଞାନ ଏବଂ ସେମାନେ ପ୍ରଦାନ କରୁଥିବା ମାନବୀୟ ସଂଯୋଗକୁ କୌଣସି ଆଲଗୋରିଦମ୍‌ରେ କୋଡ୍ କରାଯାଇ ପାରିବ ନାହିଁ। 'କୁଲ୍‌ଗୁରୁ' ଓ ସେମାନଙ୍କ ଶିକ୍ଷାଦାନ ଶୈଳୀ ଓ ଉପକରଣ ଶିକ୍ଷଣକୁ ବୃଦ୍ଧି କରି ପାରିବ, ଶିକ୍ଷାକୁ ଗଣତାନ୍ତ୍ରିକ କରି ପାରିବ ଏବଂ ଜ୍ଞାନକୁ ସମସ୍ତଙ୍କ ପାଇଁ ସୁଲଭ କରି ପାରିବ। ବୈଷୟିକ ଦକ୍ଷତା ସହିତ ମାନବିକତାକୁ ଏକୀକୃତ କରିବା ଆଜି ଗୁରୁଙ୍କ ପ୍ରାଥମିକତା। ଶିକ୍ଷାଦାନ ଏପରି ହେବାର ଆବଶ୍ୟକତା ରହିଛି, ଯେମିତି କୃତ୍ରିମ ବୁଦ୍ଧିମତ୍ତା ପରିଚାଳିତ ଶିକ୍ଷାଦାନ, ଶିକ୍ଷା ଗ୍ରହଣ କରିବାର ଜିଜ୍ଞାସା, ସମାଲୋଚନାତ୍ମକ ଚିନ୍ତାଧାରା ଏବଂ ନବସୃଜନର ସୁବିଧାକୁ ବୃଦ୍ଧି କରିବ। ଦେଶର ବିକାଶ ପାଇଁ ତିଆରି ହେଉଥିବା ଢାଞ୍ଚା କେବଳ ସେତିକି ବେଳେ ଚମତ୍କାର କରି ପାରିବ, ଯେତେବେଳେ ଏହା ହୃଦୟ ଏବଂ ହାର୍ଡୱେରକୁ ସନ୍ତୁଳିତ କରିବ।

ଭାରତୀୟ ଶିକ୍ଷାର ଭବିଷ୍ୟତ ଆଜି ପ୍ରାଚୀନ 'ଗୁରୁକୁଳ' ଏବଂ ଆଧୁନିକ 'କୁଲ୍‌ଗୁରୁ'ର ସଂଯୋଗ ସ୍ଥଳରେ ରହିଛି, ଯେଉଁଠି ଏକ ଶ୍ରେଣୀଗୃହର କଳ୍ପନା କରାଯାଇ ପାରିବ, ଯେଉଁଠି କୃତ୍ରିମ ବୁଦ୍ଧିମତ୍ତା, ଧ୍ୟାନ, କଳା ଏବଂ ଗୋଷ୍ଠୀ ସେବା ଦ୍ୱାରା ପରିପୂରକ ହୋଇ ପାରୁଥିବ, ସ୍ଥାୟୀ ଚାଷ କିମ୍ବା ପ୍ରାଚୀନ ସାହିତ୍ୟର ପାଠ ସହିତ ରୋବୋଟିକ୍ସ ପରୀକ୍ଷାଗାରଗୁଡ଼ିକ ସହାବସ୍ଥାନ କରି ପାରୁଥିବେ। ପ୍ରଯୁକ୍ତିବିଦ୍ୟା ଯେତେବେଳେ ମାନବ ଜ୍ଞାନ ଦ୍ୱାରା ପରିଚାଳିତ ହୁଏ, ସେତେବେଳେ ତାହା ସାମଗ୍ରିକ ଶିକ୍ଷା ପାଇଁ ଏକ ସେତୁ ହୋଇଯାଏ, ଯାହାର କର୍ଣ୍ଣଧାର ହେଲେ ଗୁରୁ। ଗୁରୁକୁଳର ପ୍ରାଚୀନତା, ଅଭିଜ୍ଞତା, ମୂଲ୍ୟବୋଧ ଓ ଦକ୍ଷତାକୁ ଆଜିକା ଶିକ୍ଷାର ଆବଶ୍ୟକତା, କୃତ୍ରିମ ବୁଦ୍ଧିମତ୍ତା, ଆଧୁନିକତା ସହିତ ଯଦି ଏକୀକୃତ କରି ଦିଆଯାଏ, ତେବେ ଭାରତର ଶିକ୍ଷା ଅନନ୍ୟ ଉଦାହରଣ ସୃଷ୍ଟି କରି ପାରିବ, ଯେଉଁଥିରେ ଶିକ୍ଷକ ବା ଗୁରୁଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ।■

ମୋ: ୬୩୭୦୯୦୫୯୪୭

# ପୁନଶ୍ଚ ମରାଠା କୋଟା

ମରାଠାମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ବା କୋଟା ବ୍ୟବସ୍ଥା ପାଇଁ ଦାବିର ନେତୃତ୍ୱ ନେଉଥିବା ମନୋଜ ଜାରାଙ୍ଗେ-ପାଟିଲ ତାଙ୍କର ସଂଘର୍ଷ କ୍ଷେତ୍ରରେ 'ବିଜୟ' ହାସଲ କରିଥିବା ଘୋଷଣା କରିବା ସହିତ ତାଙ୍କ 'ଶାନ୍ତିପୂର୍ଣ୍ଣ' ପ୍ରତିବାଦ- ଯାହାକୁ ବମ୍ବେ ହାଇକୋର୍ଟ ଯଥାର୍ଥରେ ଶାନ୍ତିଠାରୁ ବହୁ ଦୂରରେ ରହିଥିବା ଉଲ୍ଲେଖ କରିଥିଲେ-କୁ ପ୍ରତ୍ୟାହାର କରିନେବା ପରେ ମୁମ୍ବାଇ ଏବେ ଶାନ୍ତିର ଦୀର୍ଘଶ୍ୱାସଟିଏ ଛାଡ଼ିଛି। ଶ୍ରୀଯୁକ୍ତ ଜାରାଙ୍ଗେ ତାଙ୍କ ଦାବିଗୁଡ଼ିକ ମଧ୍ୟରୁ ଅଧିକାଂଶକୁ ଦେବେନ୍ଦ୍ର ଫଡନାବିସ୍‌ଙ୍କ ନେତୃତ୍ୱାଧୀନ ସରକାର ଗ୍ରହଣ କରି ନେବାକୁ ମରାଠା ସମ୍ପ୍ରଦାୟର ସଂଖ୍ୟାଗତ ସାମର୍ଥ୍ୟର ଚାପ ପ୍ରୟୋଗ କରିଥିଲେ। ତେବେ, ନା ସରକାରଙ୍କ ଆଶ୍ୱାସନା, ନା ଶ୍ରୀଯୁକ୍ତ ଜାରାଙ୍ଗେଙ୍କ ବିଜୟ ହାସଲ କରିଥିବାର ଦାବିର ଅର୍ଥ ଏୟା ହୋଇ ପାରିଛି ଯେ ମରାଠାମାନେ ତୁରନ୍ତ ଅନ୍ୟାନ୍ୟ ପଛୁଆ ଶ୍ରେଣୀ (ଓବିସି) ବର୍ଗଙ୍କ ଭିତରେ ସ୍ଥାନ ସଂରକ୍ଷଣର ସୁବିଧା ହାସଲ କରିବେ। ଯାହା ସମ୍ପୃକ୍ତ ସରକାରଙ୍କ ଦ୍ୱାରା ଗୃହୀତ ହୋଇଛି, ତାହା ହେଉଛି- ହାଇଦ୍ରାବାଦ ଗେଜେଟିଅରକୁ କାର୍ଯ୍ୟାନ୍ୱୟନ କରିବା ପାଇଁ ଶ୍ରୀଯୁକ୍ତ ଜାରାଙ୍ଗେଙ୍କ ଦାବି, ଏକ ପଦକ୍ଷେପ, ଯାହା ମରାଠୱାଡା ଅଞ୍ଚଳର ମରାଠାମାନଙ୍କୁ ସେମାନଙ୍କର କୁନ୍‌ବି ପରିଚୟକୁ ପ୍ରମାଣିତ କରିବାକୁ ଅନୁମତି ପ୍ରଦାନ କରିବ- ଯାହା ଓବିସି ବର୍ଗଙ୍କ ମଧ୍ୟରେ ସାମିଲ ହେବା ପାଇଁ ଏକ ପ୍ରତିଶ୍ରୁତିପୂର୍ଣ୍ଣ ପଦକ୍ଷେପ। ସମ୍ପ୍ରତି ଦେବେନ୍ଦ୍ର ଫଡନାବିସ୍‌ଙ୍କ ନେତୃତ୍ୱାଧୀନ ସରକାର 'ମରାଠା ପରିବାର'ମାନଙ୍କର କୁନ୍‌ବି ପୂର୍ବପୁରୁଷଙ୍କ ଯାଞ୍ଚ କରିବା ପାଇଁ ହାଇଦ୍ରାବାଦ (୧୯୦୯) ଏବଂ ସତାରା (୧୮୮୪) ଗେଜେଟ୍‌ର ବ୍ୟବହାରକୁ ଆଇନଗତ କରିବା ନିମନ୍ତେ ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତି ବଳରେ ଶ୍ରୀଯୁକ୍ତ ଫଡନାବିସ୍ ବର୍ତ୍ତମାନ ପାଇଁ ପରିସ୍ଥିତିକୁ ଶାନ୍ତ କରିବାରେ ଅବଶ୍ୟ ସକ୍ଷମ ହୋଇଛନ୍ତି। କିନ୍ତୁ ପ୍ରତିବାଦକାରୀମାନେ ଯେ କିଛି ମାସ ଭିତରେ ପ୍ରତାରିତ ହୋଇଛନ୍ତି ବୋଲି ଅନୁଭବ କରି ପୁଣିଥରେ ରାସ୍ତାକୁ ନ ଓହ୍ଲାଇବେ, ତା'ର କିଛି ନିଶ୍ଚିତତା ନାହିଁ। ଏହା ବାଦ୍ ଓବିସି ଗୋଷ୍ଠୀଙ୍କ ପକ୍ଷରୁ ଏହାର ପ୍ରତିବାଦ ହେବାର ସମ୍ଭାବନା ମଧ୍ୟ ବେଶ୍ ଅଧିକ। ଓବିସି ସମ୍ପ୍ରଦାୟଙ୍କ ମଧ୍ୟରେ ଅନେକ ମରାଠାମାନଙ୍କର ଏହି ଅନ୍ତର୍ଭୁକ୍ତିକୁ ସେମାନଙ୍କର ଅଧିକାର ଛିନ୍ନ ହେଉଥିବା ଦୃଷ୍ଟିରେ ଦେଖୁଛନ୍ତି।

ମରାଠାମାନଙ୍କ ସ୍ଥାନ ସଂରକ୍ଷଣ ଆନ୍ଦୋଳନ ୧୯୮୦ ଦଶକର ପ୍ରାରମ୍ଭରେ ଆରମ୍ଭ ହୋଇଥିଲା। ମହାରାଷ୍ଟ୍ରରେ ଏକ ପ୍ରମୁଖ ଗୋଷ୍ଠୀ ରୂପରେ ପାରମ୍ପରିକ ଭାବରେ ବିବେଚିତ ହେଉଥିଲେ ସୁଦ୍ଧା ଅନେକ ସଂଖ୍ୟକ ମରାଠା, ବିଶେଷକରି ଗ୍ରାମାଞ୍ଚଳରେ ବାସ କରୁଥିବା ମରାଠାମାନେ କୃଷିଜନିତ ବିପର୍ଯ୍ୟୟ, ବେକାରୀ ସମସ୍ୟା ଏବଂ ଆଧୁନିକ ସୁବିଧା ସୁଯୋଗଗୁଡ଼ିକର ଉପଲବ୍ଧତାର ଅଭାବ ଯୋଗୁଁ ବର୍ଦ୍ଧିତ ଅର୍ଥନୀତିକ କଠିନତାଗୁଡ଼ିକର ସାମ୍ନା କରିଥାନ୍ତି। ରାଜନୀତିକ ଭାବରେ ପ୍ରଭାବଶାଳୀ ହୋଇଥିବା ବେଳେ ଏହି ସମ୍ପ୍ରଦାୟର ଅତି ଗରିବ ଲୋକମାନେ ବିକାଶରୁ ବାଦ୍ ପଡ଼ିଥିବା ଅନୁଭବ କରିଥାନ୍ତି, ନିର୍ଦ୍ଦିଷ୍ଟ ଭାବରେ ଶିକ୍ଷା ଏବଂ ସରକାରୀ ଚାକିରି କ୍ଷେତ୍ରରେ। ଏହିସବୁ ଅଭିଯୋଗଗୁଡ଼ିକ ସେମାନଙ୍କର ସମସ୍ୟା ସବୁର ସମାଧାନ ନିମନ୍ତେ ସକାରାତ୍ମକ କାର୍ଯ୍ୟାନୁଷ୍ଠାନର ଅପେକ୍ଷା ରଖିଥାଏ। ସେମାନଙ୍କର ଏହିସବୁ ସମସ୍ୟା ଯୁକ୍ତିଯୁକ୍ତ ହୋଇଥିବା ବେଳେ ତଥା ଏଥିପାଇଁ ଯଥେଷ୍ଟ ଧ୍ୟାନ ଦିଆଯିବାର ଆବଶ୍ୟକତା ରହିଥିବା ବେଳେ ଜାତି-ଆଧାରିତ ସଂରକ୍ଷଣ ନିମନ୍ତେ ମରାଠା ସମ୍ପ୍ରଦାୟ ଯୋଗ୍ୟ କି ନୁହନ୍ତି, ତାହା ବିବାଦୀୟ ହୋଇ ରହି ଆସିଛି। ଏଥିପାଇଁ ସରକାର ଯଦି ବି ରାଜନୀତିକ ଚାପ ନିକଟରେ ମୁଣ୍ଡ ନୁଆଁଇ ଦିଅନ୍ତି, ତଥାପି ଏହା ନ୍ୟାୟାଳୟର ନୀତିଗତ ବ୍ୟବସ୍ଥାକୁ ଅତିକ୍ରମ କରିବା ସେତେ ସହଜ ନୁହେଁ। ପୂର୍ବରୁ ୨୦୨୧ରେ ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମ୍‌କୋର୍ଟ ମରାଠାମାନଙ୍କୁ ସାମାଜିକ ଏବଂ ଶୈକ୍ଷିକ ପଛୁଆ ସମ୍ପ୍ରଦାୟ (ଏସ୍‌ଇବିସି) ଆଇନ,୨୦୧୮ ଅନୁସାରେ ସଂରକ୍ଷଣ ସୁବିଧା ପ୍ରଦାନ କରିବା ପାଇଁ ହୋଇଥିବା ଉଦ୍ୟମକୁ ଖାରଜ କରି ଦେଇଥିଲେ। କୋର୍ଟ କହିଥିଲେ ଯେ ଏହା କେବଳ ସଂରକ୍ଷଣ ବ୍ୟବସ୍ଥା ଉପରେ ରଖାଯାଇଥିବା ୫୦ ପ୍ରତିଶତର ଡାଙ୍କୁଣିକୁ ଉଲ୍ଲଙ୍ଘନ କରୁନାହିଁ, ବରଂ ଏହି ସମ୍ପ୍ରଦାୟ ସାମାଜିକ ଏବଂ ଶିକ୍ଷା ଦୃଷ୍ଟିରୁ ପଛ ଧାଡ଼ିରେ ରହିଥିବାର ଯଥେଷ୍ଟ ପ୍ରମାଣ ନାହିଁ। ତେଣୁ ଓବିସି ବର୍ଗରେ ଅନ୍ତର୍ଭୁକ୍ତ ହେବା ପାଇଁ ଆବଶ୍ୟକ ମାନଦଣ୍ଡଗୁଡ଼ିକୁ ପୂରଣ କରିବାରେ କିଛି ସଂଖ୍ୟକ ମରାଠା ଉପଗୋଷ୍ଠୀ ପ୍ରକୃତରେ ଯୋଗ୍ୟ କି ନୁହନ୍ତି, ତାହା ନିର୍ଦ୍ଧାରଣ କରିବା ନିମନ୍ତେ ତଥ୍ୟ-ପରିଚାଳିତ ସର୍ବେକ୍ଷଣ କରାଯିବା ଭଳି ଏକ ଅଧିକ ଗଠନମୂଳକ ଆଭିମୁଖ୍ୟର ଆବଶ୍ୟକତା ରହିଛି।

ଏହା ବାଦ୍ ଆହୁରି ମଧ୍ୟ ଏକ ଚିନ୍ତାର କାରଣ ରହିଛି ଯେ ମରାଠାମାନଙ୍କୁ ସଂରକ୍ଷଣ ସୁବିଧା ପ୍ରଦାନ କରାଯିବା ଗୁଜରାଟରେ ପଟେଲ, ହରିୟାନାରେ ଜାଟ୍, ରାଜସ୍ଥାନରେ ଗୁଜ୍ଜର ଏବଂ ଆନ୍ଧ୍ରପ୍ରଦେଶରେ କାପୁମାନଙ୍କ ଭଳି ଅନ୍ୟାନ୍ୟ ପ୍ରମୁଖ ସମ୍ପ୍ରଦାୟମାନଙ୍କ ପକ୍ଷରୁ ସ୍ଥାନ ସଂରକ୍ଷଣଜନିତ ଦାବିର ସମ୍ମୁଖୀନ ହେବାର ସମ୍ଭାବନା ବହନ କରୁଛି। କେବଳ ରାଜନୀତିକ ଆବଶ୍ୟକତା ବା ଅର୍ଥନୀତିକ ଆପତ୍ତିଗୁଡ଼ିକ ଉପରେ ଆଧାର କରି ସରକାରମାନେ ଯଦି ପ୍ରମୁଖ ସମ୍ପ୍ରଦାୟମାନଙ୍କୁ ସ୍ଥାନ ସଂରକ୍ଷଣର ସୁବିଧା ପ୍ରଦାନ କରି ଚାଲନ୍ତି, ତା'ହେଲେ ଏହା ସଂରକ୍ଷଣ ବ୍ୟବସ୍ଥାର ମୂଳ ଉଦ୍ଦେଶ୍ୟକୁ ହିଁ ବ୍ୟର୍ଥ କରିଦେବ, ଯାହା ଅର୍ଥନୀତିକ ବିପର୍ଯ୍ୟୟକୁ ନୁହେଁ, ବରଂ ସାମାଜିକ ଏବଂ ଶୈକ୍ଷିକ ଅନଗ୍ରସରତାକୁ ସମାଧାନ କରିବା ନିମନ୍ତେ ଉଦ୍ଦିଷ୍ଟ। ଆଉ ରାଜନୀତିକ ନେତାମାନେ, ବିଶେଷକରି ଯେଉଁମାନେ କ୍ଷମତାରେ ଅଛନ୍ତି, ସେମାନେ ନିର୍ବାଚନୀ ଫାଇଦା ପାଇଁ ଲୋକମାନଙ୍କ କୋଟା ଦାବିକୁ ଆୟୁଧ କରିବା ପରିବର୍ତ୍ତେ ଉପରୋକ୍ତ କଥା ଲୋକମାନଙ୍କୁ ସ୍ପଷ୍ଟ ଭାବରେ ବୁଝାଇବା ଉଚିତ, କାରଣ ଏହା ସେମାନଙ୍କର ଏକ କର୍ତ୍ତବ୍ୟ। ନିର୍ବାଚନ ମୁଣ୍ଡ ଉପରେ ରହିଥିବା ବେଳେ ସଂରକ୍ଷଣ ଦାବି ସାମ୍ବିଧାନିକ ମାନଦଣ୍ଡକୁ ପୂରଣ କରୁଛି କି ନାହିଁ, ତା'ର ପୁଙ୍ଖାନୁପୁଙ୍ଖ ବିଚାର ବିନା ପ୍ରଭାବଶାଳୀ ସମ୍ପ୍ରଦାୟମାନଙ୍କୁ ସ୍ଥାନ ସଂରକ୍ଷଣ କରିବାର ପ୍ରତିଶ୍ରୁତି ପ୍ରଦାନ କରିବା ରାଜନେତାମାନଙ୍କ ପାଇଁ ଏକ ସାଧାରଣ କଥା। କିନ୍ତୁ ବଳିଷ୍ଠ ତଥ୍ୟ ଅଭାବରୁ ଏହିସବୁ ଦାବିଗୁଡ଼ିକ ନ୍ୟାୟାଳୟର କାଠଗଡ଼ା ଭିତରେ ମୁଣ୍ଡ ଗଡ଼େଇବା ସାର ହୁଏ ଯାହା ଅଧିକ ପ୍ରତିବାଦ, ସାମାଜିକ ବିଶୃଙ୍ଖଳା ଏବଂ ଧ୍ରୁବୀକରଣକୁ ଆମନ୍ତ୍ରଣ କରି ଆଣିଥାଏ। ଅଯଥାର୍ଥ, ଅସାମ୍ବିଧାନିକ ସଂରକ୍ଷଣ ମଧ୍ୟ ସାମାଜିକ ବିଭାଜନକୁ ବୃଦ୍ଧି କରିପାରେ। କୋଟା ବ୍ୟବସ୍ଥାରୁ ବାଦ୍ ପଡ଼ିଥିବା ସମ୍ପ୍ରଦାୟଗୁଡ଼ିକ ଅସନ୍ତୁଷ୍ଟ ହୋଇ ଜାତିଆଣ ରାଜନୀତିକୁ ଅଧିକ ଗଭୀର କରି ପାରନ୍ତି। ନ୍ୟାୟ ପାଇଁ ଲଢ଼େଇ କୋଟା ପାଇଁ ଦୌଡ଼ରେ ପରିଣତ ହେବା ସ୍ପୃହଣୀୟ ନୁହେଁ।■

# ଠାକୁର ପୂଜା ନା ଫଟୋ ପୂଜା

ପୂଜା, ପ୍ରାର୍ଥନା କରୁଥିବା ପୂଜକ ବ୍ୟସ୍ତ ହେଉଥିଲେ। ଅଭାବ ଅସୁବିଧା ଯେମିତି ତାଙ୍କ ପଛରେ ଛାଇ ପରି ଲାଗି ରହିଥିଲା। ହରାଇ ବସୁଥିଲେ ମାନସିକ ଭାରସାମ୍ୟ। ଦିନେ ନୁହେଁ, ଦୁଇ ଦିନ ନୁହେଁ, ଦୀର୍ଘ ତିରିଶ ବର୍ଷ ହେଲା ପୂଜା, ପ୍ରାର୍ଥନା କରି ଆସୁଛି। ହେଲେ କ'ଣ ମିଳିଛି ମୋତେ ? ଏ ବିରକ୍ତି, ଅସନ୍ତୋଷ, ଅଭାବବୋଧ କେବଳ ଏହି ପୂଜକଙ୍କର ନୁହେଁ। ଆମ ଭିତରୁ ଅନେକ ଏହିପରି ଉତ୍କଟ ସମସ୍ୟା ଓ ଅଭାବବୋଧରେ ଥାଆନ୍ତି। ଶେଷରେ ଗୁରୁ, ଠାକୁରଙ୍କ ଉପରୁ ଭରସା, ବିଶ୍ୱାସ ତୁଟିଯାଏ। ଦୂରେଇ ଯାଆନ୍ତି। ଦୋଷ ହୁଏ ଗୁରୁ ଏବଂ ଠାକୁରଙ୍କର।

ତିନି ଏକର ଜମିରେ ବରୁଗୁଡ଼ି ଚାଷ କରିବାର ଯୋଜନା କରିଥିଲେ ମହାଜନ। ବଗିଚା କାମ କରିବାକୁ ନିଯୁକ୍ତ କରିଥିଲେ କୃଷି ବିଶେଷଜ୍ଞଙ୍କୁ। ସମସ୍ତ ପ୍ରକାର ଉପକରଣ ଓ ବନ୍ଦୋବସ୍ତ କରିଥିଲେ। ଜମିକୁ ଭଲ ଭାବରେ ଚାଷ କରାଗଲା। ଘାସ ବାଛି ଦିଆଗଲା। ବିଶେଷଜ୍ଞଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସବୁକିଛି କାର୍ଯ୍ୟ କରାଗଲା। ଉପଯୁକ୍ତ ସମୟରେ ଖତ, ମଞ୍ଜି, ପାଣି ଇତ୍ୟାଦି ପ୍ରୟୋଗ କରାଗଲା। ଦୁଇ ଦିନ ଭିତରେ ଗଜା ବାହାରି ଦୁଇଟି ପତ୍ର ବାହାରିବା କଥା। କିନ୍ତୁ ସପ୍ତାହକ ପରେ ମଧ୍ୟ କୌଣସି ମଞ୍ଜି ଗଜା ହେଉ ନଥିଲା। ଘାସ ବଢୁଥିଲା। ମଞ୍ଜି ଗଜା ହେଉ ନଥିଲା। ବିଶେଷଜ୍ଞ ମାଟି ଖୋଲି ମଞ୍ଜି ଦେଖିଲେ। ପୂର୍ବ ପରି ଅକ୍ଷତ ରହିଛି। ପୁଣି ମାଟି ଘୋଡ଼ାଇ ଦେଲେ। କିଛି ଦିନ ପରେ ଦେଖିଲେ ମଞ୍ଜି ଗଜା ହେଉନାହିଁ। ବ୍ୟସ୍ତ ହୋଇ ପଡ଼ିଲେ ମହାଜନ। ବିଶେଷଜ୍ଞ ସେହି ମଞ୍ଜିକୁ ନେଇ ପରୀକ୍ଷା କରି ଦେଖିଲେ ଯେ ସେସବୁ ପ୍ଲାଷ୍ଟିକ୍ ମଞ୍ଜି।

ଆମେ ପୂଜା, ପ୍ରାର୍ଥନାରେ ସବୁକିଛି କରିଥାଉ। ଦୀପ, ଧୂପ, ଭୋଗ, ଆଳତି, ଫୁଲହାର, ବସ୍ତ୍ର ଇତ୍ୟାଦି ସବୁକିଛି ଦେଇଥାଉ ଠାକୁରଙ୍କୁ। କିନ୍ତୁ ଫଳ ମିଳେନାହିଁ ଏଇଥିପାଇଁ ଯେ ଶ୍ରଦ୍ଧା ଓ ବିଶ୍ୱାସ ରୂପକ ବୀଜ ପୋତି ନଥାଉ। ସବୁ କାମ କରିଥାଉ। କେଉଁଥିରେ ଆନ୍ତରିକତା ନଥାଏ। କେବଳ ଦୀପ ଜଳାଯାଏ ବୋଲି ଜଳାଇ ଥାଉ। ଧୂପ ଦିଆଯାଏ ବୋଲି ଦେଇଥାଉ। ଫୁଲହାର ପିନ୍ଧାଇବା କଥା ବୋଲି ପିନ୍ଧାଇ ଥାଉ। ଲୋକେ ଦେଖନ୍ତି ଠାକୁର ପୂଜା ହେଉଛି। ଆମେ କିନ୍ତୁ ଫଟୋ ପୂଜା କରୁଥାଉ। ଯେମିତି ଠାକୁର ପୂଜା ହେଲେ ଅସଲି ମଞ୍ଜି। ଫଟୋ ପୂଜା ହେଲେ ପ୍ଲାଷ୍ଟିକ୍ ମଞ୍ଜି। ଠାକୁରଙ୍କୁ ପୂଜିଲେ ଆଶୀର୍ବାଦ ମିଳେ। ଫଟୋକୁ ପୂଜିଲେ କିଛି ମିଳିବାର ନଥାଏ। ଯେଉଁ କର୍ମ ସବୁ ଫଟୋ ପୂଜିଲା ବେଳେ କରୁଛନ୍ତି, ସେଥିରେ କେବଳ ଆନ୍ତରିକତା, ଶ୍ରଦ୍ଧା ଓ ବିଶ୍ୱାସ ଯୋଡ଼ିବାର ଅଛି। ଏତିକି କରି ପାରିଲେ ଫଟୋ ଠାକୁର ପାଲଟି ଯାଆନ୍ତି। ଆନ୍ତରିକତା, ଶ୍ରଦ୍ଧା ଓ ବିଶ୍ୱାସ କାଢ଼ିଦେଲେ ଠାକୁର ଫଟୋକୁ ରୂପାନ୍ତରିତ ହୁଅନ୍ତି। ଠାକୁର ସମାନ କିଏ ଆଶୀର୍ବାଦ ପାଇଥାଏ ତ କିଏ କିଛି ବି ପାଇ ନଥାଏ। କାରଣ ମଞ୍ଜି ଯେମିତି, ଗଛ ସେମିତି। ■

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

## କପିଳେଶ୍ୱର ମନ୍ଦିର ବଡ଼ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି

**ମାହାଙ୍ଗା,୪।୯/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ କୋଳିଅଠା ଗ୍ରାମର ହରିହର ପୀଠ କପିଳେଶ୍ୱର ମନ୍ଦିରର ବଡ଼ ପଣ୍ଡା ଗୋବର୍ଦ୍ଧନ ପଣ୍ଡାଙ୍କ ଦ୍ୱାଦଶ ତିଥି ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ନିରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଅତିଥିଭାବେ ଶିକ୍ଷାବିତ କୈଳାସ ଚନ୍ଦ୍ର ବଳବନ୍ତରାୟ, ପୂର୍ବତନ ସମିତିସଭ୍ୟ ନିରଞ୍ଜନ ସାମଲ, ଶିକ୍ଷକ ଅୟେସ କାନ୍ତ ସାମଲ, ସଞ୍ଜୟ ମହାପାତ୍ର, ପୂର୍ବତନ ସରପଂଚ ଦେବେନ୍ଦ୍ର ବଳ, ରମାକାନ୍ତ ପଣ୍ଡା,ପ୍ରବୋଧ ପଣ୍ଡା, ସ୍ମିତିରଞ୍ଜନ ପଣ୍ଡା, ଉପେନ୍ଦ୍ର ଦାଶ, ସୁବାଷ କରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ପଣ୍ଡା ହରିହର ପୀଠର ଟ୍ରଷ୍ଟି ସହ ଦୀର୍ଘ ବର୍ଷ ଧରି ପୂଜାର୍ଚ୍ଚନା କରୁଥିଲେ। ପୀଠର ସର୍ବାଙ୍ଗୀନ ଉନ୍ନତି ପାଇଁ ସଦାସର୍ବଦା ପ୍ରଚେଷ୍ଟା ଜାରୀ ରଖି ସଫଳ ହୋଇଥିଲେ ବୋଲି କହିବା ସହ ତାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅନିରୁଦ୍ଧ ପଣ୍ଡା, ଅରବିନ୍ଦ ପଣ୍ଡା,ଅରୁଣେନ୍ଦ୍ର ପଣ୍ଡା ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ସ୍ୱର୍ଗତ ପଣ୍ଡାଙ୍କ ଉଦ୍ଦେଶ୍ୟରେ କଣ୍ଠଶିଳ୍ପୀ ସୁଧାକର ପଣ୍ଡାଙ୍କ ସମେତ ହରି ଓମ ଭଜନ ସନ୍ଧ୍ୟା ପକ୍ଷରୁ ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା।

## ଗଣେଶ ପୂଜାରେ 'ଶିବ ତାଣ୍ଡବ' ନୃତ୍ୟ

**ଜଟଣୀ,୪।୯/ଏନ୍‌ଏନ୍‌ଏସ୍:** ସ୍ଥାନୀୟ 'ମୋ ଜଟଣୀ'ଠାରେ ଅନୁଷ୍ଠିତ ବିନାୟକ ମହୋତ୍ସବରେ ଶିବାଂଶ ଡ୍ୟାନ୍ସ ଏକାଡେମୀର ଛୋଟ ଛୋଟ ଶିଶୁ କଳାକାରମାନଙ୍କୁ ନେଇ ପ୍ରସ୍ତୁତ 'ଶିବ ତାଣ୍ଡବ' ନୃତ୍ୟ ଉପସ୍ଥିତ ହଜାର ହଜାର ଦର୍ଶକଙ୍କ ମନ ମୋହି ନେଇଥିଲା। ତତ୍ ସଙ୍ଗେ ସଙ୍ଗେ କୁନି କୁନି ପିଲାଙ୍କୁ ନେଇ ପ୍ରସ୍ତୁତ 'ଜୟ ଗଣେଶ ଦେବା' ସଂଗୀତ ଦର୍ଶକଙ୍କୁ ମନମୁଗ୍ଧ କରିଥିଲା। ଛୋଟ ଛୋଟ ପିଲାଙ୍କ ନୃତ୍ୟ ଦେଖି ପରିଚାଳିକା ହରପ୍ରିୟା ପଣ୍ଡାଙ୍କୁ ଭୁରି ଭୁରି ପ୍ରଶଂସା କରିଥିଲେ ଉପସ୍ଥିତ ଦର୍ଶକ। ଏହି ଉତ୍ସବରେ ପୋଷ୍ଟ ଅଫିସ ଛକ ପୂଜା କମିଟିର ସଭାପତି ହେମନ୍ତ କୁମାର ସୁନ୍ଦରାୟ, ସମ୍ପାଦକ ମାନସ ମିଶ୍ର ଏବଂ କମିଟିର ପରାମର୍ଶ ଦାତା ନିମେଇ ଭାଇନା ପ୍ରମୁଖ ଶିଶୁମାନଙ୍କୁ ପୁରସ୍କୃତ କରିଥିଲେ।

## ଧର୍ମପ୍ରାଣାଙ୍କ ବିୟୋଗରେ ଶୋକ



**କଣ୍ଟାପଡ଼ା,୪।୯/ଏନ୍‌ଏନ୍‌ଏସ୍:** କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ବଡ଼ପାଟସୁନ୍ଦରପୁର ମୌଜାର ସ୍ୱଗର୍ତ ଲକ୍ଷ୍ମଣ ସେନାପତିଙ୍କ ଧର୍ମପତ୍ନୀ ଦୁଃଖି ସେନାପତିଙ୍କର ସକାଳ ୬ ଘଟିକା ସମୟରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୬ବର୍ଷ ବୟସ ହୋଇଥିଲା। ଜୀବନର ଶେଷ ପର୍ଯ୍ୟନ୍ତ ସେ ବିଭିନ୍ନ ଧର୍ମାନୁଷ୍ଠାନ ସହିତ ଜଡିତ ରହି ଧର୍ମପରାୟଣ ମହିଳା ଭାବେ ଅଞ୍ଚଳର ବେଶ ପରିଚିତ ଥିଲେ। ତାଙ୍କ ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା। ଜ୍ୟେଷ୍ଠପୁତ୍ର ପବିତ୍ର ମୋହନ ସେନାପତି ମୁଖାଗ୍ନି ଦେଇଥିବା ବେଳେ କନିଷ୍ଠପୁତ୍ର କାଳନ୍ଦି ଚରଣ ସେନାପତି, ଝିଅ, ନାତି ନାତୁଣୀ, ବନ୍ଧୁ ପରିବାରବର୍ଗ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଗଜାନନଙ୍କ ୮୦ତମ ବାର୍ଷିକ ପୂଜାର୍ଚ୍ଚନା

**ନିଶ୍ଚିନ୍ତକୋଇଲି,୪।୯/ଏନ୍‌ଏନ୍‌ଏସ୍:** ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ବଡ଼କ୍ଷୀର ପଞ୍ଚାୟତ ଗୋପପୁର ବୋଧଙ୍ଗ ସ୍ଥିତ ବଡ଼ଗୁଡ଼ିଆ ସାହିରେ ଥିବା ଗଣପତି ପୂଜା ଅନୁଷ୍ଠାନ ପକ୍ଷରୁ ଅଗ୍ରପୂଜ୍ୟ ଶ୍ରୀ ଶ୍ରୀ ଗଜାନନଙ୍କ ୮୦ତମ ବାର୍ଷିକ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଛି। ଗଣେଶ ଚତୁର୍ଥୀ ଅବସରରେ ୮ନଂ କେନାଲରୁ ଜଳ ଉତ୍ତୋଳନ କରାଯାଇ କଳସ ଶୋଭାଯାତ୍ରାରେ ପୂଜାମଣ୍ଡପରେ ସ୍ଥାପନ କରାଯାଇଥିଲା। ପୂଜକ ନିରଞ୍ଜନ ଶତପଥୀଙ୍କ ଦ୍ୱାରା ଗଣନାଥଙ୍କ ଯଥାରୀତି ପୂଜାର୍ଚ୍ଚନା, ହୋମଯଜ୍ଞ ଓ ପୁଷ୍ପାଞ୍ଜଳୀ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ତ୍ତା ଭାବେ ଅନୁଷ୍ଠାନର ସଭାପତି ଗୌରାଙ୍ଗ ଚରଣ ସାହୁ ଏବଂ ତାଙ୍କ ପତ୍ନୀ ଦେବଯାନୀ ସାହୁ କାର୍ଯ୍ୟ ତୁଲାଇଥିଲେ। ୭ଦିନ ବ୍ୟାପୀ ଗଣନାଥଙ୍କ ପୂଜାର୍ଚ୍ଚନା ପରେ ମଙ୍ଗଳବାର ଦିନ ବିସର୍ଜନ ପୂଜା କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ପ୍ରଭୁ ଗଣନାଥଙ୍କୁ ଭଷାଣୀ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ପରିକ୍ରମା କରାଯିବା ସହିତ କେନାଲରେ ମୃଣ୍ମୟ ମୂର୍ତ୍ତିକୁ ବିସର୍ଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର କର୍ମକର୍ତ୍ତା ଗଙ୍ଗାଧର ବେହେରା, ଜଗନ୍ନାଥ ସାହୁ, ଶୁଭ୍ରଜିତ୍ ବେହେରା, କୈଳାସ ବେହେରା, ନୃସିଂହଚରଣ ସାହୁ, ଅଶୋକ କୁମାର ସାହୁ, ଗଣେଶ୍ୱର ସାହୁ, ମୃତ୍ୟୁଞ୍ଜୟ ବେହେରା, ଚନ୍ଦ୍ରଶେଖର ସାହୁଙ୍କ ସମେତ ସ୍ଥାନୀୟ ଗ୍ରାମବାସୀମାନେ ପରିଚାଳନାରେ ସହଯୋଗ କରିଥିଲେ।

## ଶିକ୍ଷକ ବିକାଶ କର୍ମଶାଳା ପ୍ରସ୍ତୁତି ବୈଠକ

**ଚାରିଛକ,୪।୯/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲା ନିମାପଡା ବ୍ଲକ ଅନ୍ତର୍ଗତ ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ 'ଜାତୀୟ ଶିକ୍ଷା ନୀତି-୨୦୨୦ ଶୀର୍ଷକ' ଶିକ୍ଷକ ବିକାଶ କର୍ମଶାଳା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ମିତ୍ରା ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଶିକ୍ଷା ବିଭାଗ ଆନୁକୂଲ୍ୟରେ ଚଳିତମାସ ୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଏହି କର୍ମଶାଳାରେ ମୁଖ୍ୟ ସାଧନ ବ୍ୟକ୍ତିତ୍ୱ ଭାବେ ଆଞ୍ଚଳିକ ଶିକ୍ଷା ସଂସ୍ଥାନ, ଏନ.ସି.ଇ.ଆର.ଟି, ଭୋପାଳର ପ୍ରାକ୍ତନ ଅଧକ୍ଷ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ ଯୋଗଦେବେ ବୋଲି ସ୍ୱୀକୃତି ପ୍ରଦାନ କରିଛନ୍ତି। ସମ୍ମାନିତ ସାଧନ ବ୍ୟକ୍ତିତ୍ୱ ଭାବେ ଆଞ୍ଚଳିକ ଶିକ୍ଷା ସଂସ୍ଥାନ, ଏନ. ସି. ଇ. ଆର. ଟି., ଭୁବନେଶ୍ୱରର ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ଲକ୍ଷ୍ମୀଧର ବେହେରା ଏବଂ ରାଜଧାନୀ କଲେଜ, ଭୁବନେଶ୍ୱରର ଅଧକ୍ଷ ପ୍ରଫେସର ସରୋଜ କାନ୍ତ ଚୌଧୁରୀ ଯୋଗ ଦେବା ପାଇଁ ସ୍ଥିରୀକୃତ ହୋଇଛି। ବିଭିନ୍ନ ମହାବିଦ୍ୟାଳୟର ଅଧକ୍ଷ, ଅଧ୍ୟାପକ, ଅଧ୍ୟାପିକାମାନେ ଯୋଗ ଦେବେ। ଜାତୀୟ ଶିକ୍ଷାନୀତିରେ ରହିଥିବା ବ୍ୟବସ୍ଥା ସମ୍ପର୍କରେ କର୍ମଶାଳାରେ ଆଲୋଚନା କରାଯିବ। ବୈଠକରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଡକ୍ଟର ଅଶୋକ ବିଶ୍ୱାଳ, ଶିକ୍ଷା ବିଭାଗ ମୁଖ୍ୟ ଡକ୍ଟର ଶ୍ରୀଲେଖା ନାୟକଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଯୋଗଦେଇଥିଲେ।

# ଗୋ ହତ୍ୟା ଓ ଚାଲାଣ ବନ୍ଦ ଦାବିରେ ବଜରଙ୍ଗ ଦଳର ଦାବିପତ୍ର



**ଖୋର୍ଦ୍ଧା,୪।୯/ଏନ୍‌ଏନ୍‌ଏସ୍:** ଜିଲ୍ଲାର ବିଭିନ୍ନ ଥାନା ଅଂଚଳରେ ପ୍ରତିଦିନ ଗାଇ, ବଳଦ ଏବଂ ଷଣ୍ଢ ଆଦି ଅନାୟସରେ ଚାଲାଣ ହେଉଥିବା ବେଳେ ଗୋହତ୍ୟା ମଧ୍ୟ ବଢ଼ି ଚାଲିଛି। ତେଣୁ ଜିଲ୍ଲାରୁ ସମ୍ପୂର୍ଣ୍ଣ ଗୋହତ୍ୟା ଏବଂ ଗୋଚାଲାଣ ବନ୍ଦ ଦାବିରେ ଆଜି ବିଶ୍ୱ ହିନ୍ଦୁ ପରିଷଦ ବଜରଙ୍ଗ ଦଳ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରକାଶ ଥାଉକି, ଖୋର୍ଦ୍ଧା ଜିଲ୍ଲାରେ ଗୋଚାଲାଣ ମାତ୍ରାଧିକ ଭାବେ ବଢ଼ି ଚାଲିଛି। ଏଥିସହିତ ଗୋମାଂସ ଚାଲାଣ ମଧ୍ୟ ବଢ଼ିଛି। ଦୈନିକ ଶହ ଶହ ଟ୍ରକରେ ଗୋଚାଲାଣ ହେଉଛି। ଆନ୍ଧ୍ର, ମହାରାଷ୍ଟ୍ର ପଟୁ କଲିକତା, ବାଙ୍ଗଲାଦେଶକୁ ୧୬ ଏବଂ ୫୭ ନମ୍ବର ଜାତୀୟ ରାଜପଥ ଦେଇ ରୀତିମତ ଭାବେ ଗୋମାଂସ ଚାଲାଣ ହେଉଛି। ଗତ ଜାନୁଆରୀ ଠାରୁ ଆଜି ସୁଦ୍ଧା ପ୍ରାୟ ୨ଶହ ଟନରୁ ଉର୍ଦ୍ଧ୍ୱ ଗୋମାଂସ ଏବଂ ୫ଶହ ରୁ ଉର୍ଦ୍ଧ୍ୱ ଗୋରୁଗାଇ ଜବତ କରାଯାଇଥିବା ବେଳେ ଶହେ ଗୋରୁଗାଇଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଖୋର୍ଦ୍ଧା ଦେଇ ଦୈନିକ ଅତି ଦୟନୀୟ ଅବସ୍ଥାରେ କଂଟେନରରେ ଗୋମାଂସ ଓ ଗୋଚାଲାଣ କରାଯାଉଛି। ଯାହାକି ହିନ୍ଦୁ ସଂସ୍କୃତି ପ୍ରତି କୁଠାରଘାତ। ଗ୍ରାମାଞ୍ଚଳରୁ ଗୋବଂଶ କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି। ଗୋମାଂସ ଚାଲାଣ ପାଇଁ ଦୈନିକ ଗୋରୁଗାଇଙ୍କୁ ଅତି ନୃଶଂସ ଭାବେ କଟା ଚାଲିଛି। ଖୋର୍ଦ୍ଧା ଜିଲ୍ଲାର ଚିଲିକା, ବାଣପୁର ଠାରୁ ଆରମ୍ଭ କରି ଜଟଣୀ, ଏପଟେ ବେଗୁନିଆ ବୋଲଗଡ ସବୁଠି ଗ୍ରାମାଞ୍ଚଳରେ ଆଉ ଗୋରୁଗାଇ ନାହାନ୍ତି। କୁଚକ୍ରୀ ଗୋଷ୍ଠି ଗ୍ରାମାଞ୍ଚଳରୁ ବିଧର୍ମୀ ମାନଙ୍କୁ ବିକ୍ରି କରୁଛନ୍ତି। ଏମାନେ ଗୋରୁଗାଇଙ୍କୁ ଅତି ନୃଶଂସ ଭାବେ କାଟି ବାହାର ରାଜ୍ୟକୁ ଚାଲାଣ କରୁଛନ୍ତି। କୋଟି କୋଟି ହିନ୍ଦୁଙ୍କ ଆରାଧ୍ୟ ଗୋମାତା ମାନଙ୍କୁ ଯେଉଁଭଳି ଭାବେ ଆଳୁ ବସ୍ତା ପରି ଚାଲାଣ କରାଯାଉଛି, ଏହା ଅତ୍ୟନ୍ତ ନିନ୍ଦନୀୟ, ଏହା ସଂସ୍କୃତି ପ୍ରତି ଏକ ଭୟଙ୍କର ଆଘାତ ଦେଉଛି। ସରକାର ଗଠନ ହେବାର ଇତି ମଧ୍ୟରେ ୧୪ ମାସ ବିତିଲାଣି ସରକାର ଏଯାବତ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଫଳରେ ଗୋଚାଲାଣ, ଗୋହତ୍ୟା ବଢ଼ି ଚାଲିଛି। ଯେଉଁଭଳି ଭାବେ ଗୋହତ୍ୟା କରାଯାଉଛି, ଧାର୍ମିକ ଭାବନା ପ୍ରତି କୁଠାରାଘାତ କରୁଛି ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ତେଣୁ ୬ଦଫା ଦାବି ପୂରଣ ଲାଗି ସଂଗଠନ ପକ୍ଷରୁ ଆଜି ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି।

## ଓଡ଼ଗାଁରେ କଂଗ୍ରେସ ପକ୍ଷରୁ ସଂଗଠନ ସୃଜନ ସଭା



**ଜିଲ୍ଲା ସଭାପତି ଦୌଡ଼ରେ ୫ କଂଗ୍ରେସ ନେତା**
**କର୍ମୀଙ୍କ ମତାମତ ଲୋଡୁଛନ୍ତି ପର୍ଯ୍ୟବେକ୍ଷକ**

**ଓଡ଼ଗାଁ,୪।୯/ଏନ୍‌ଏନ୍‌ଏସ୍:** ଓଡ଼ଗାଁ କଲେଜ୍ ରୋଡ ସ୍ଥିତ ହ୍ୱାଇଟ ହାଉସ କଲ୍ୟାଣୀ ମଣ୍ଡପଠାରେ ଓଡଗାଁ ବ୍ଲକ କଂଗ୍ରେସ ପକ୍ଷରୁ ଏକ ସଂଗଠନି ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଦୌଡ଼ରେ ୫ ଜଣଙ୍କୁ ନେଇ ଚର୍ଚ୍ଚା ଚାଲିଥିବା କୁହାଯାଉଛି।ଜିଲ୍ଲାର ୮ଟି ବ୍ଲକ କଂଗ୍ରେସ କର୍ମୀଙ୍କ ମତାମତ ଆସିବା ପରେ ଜିଲ୍ଲା ସଭାପତିଙ୍କ ନାଁ ଘୋଷଣା ହେବବୋଲି ଜଣାପଡିଛି। ଏହି କାର୍ଯ୍ୟକ୍ରମରେ ଏଆଇସିସି ପର୍ଯ୍ୟବେକ୍ଷକ ମହେଶ ଶର୍ମା,ଓପିସିସିର ପର୍ଯ୍ୟବେକ୍ଷକ ପୂର୍ବତନ ସାଂସଦ ଅମର ପ୍ରଧାନ ଯୋଗ ଦେଇଥିବାବେଳେ ତାଲିକାରେ ନୟାଗଡ ଜିଲ୍ଲା ସଂଯୋଜକ ସତ୍ୟବ୍ରତ ନାୟକ, ପୂର୍ବତନ ଜିଲ୍ଲା ସଭାପତି ରଣଜିତ ଦାସ, ରଣପୁର ନିର୍ବଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ବିଭୁ ପ୍ରସାଦ ମିଶ୍ର, ବରିଷ୍ଠ କଂଗ୍ରେସ ନେତା ହୁସେନ ଖାଁ, ବରିଷ୍ଠ କଂଗ୍ରେସ ନେତା ମନୋଜ କୁମାର ସାହୁଙ୍କ ନାଁ ଥିବା ଆଲୋଚନା ହେଉଛି। କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା କମଳ ଲୋଚନ ସାହୁ, ପିସିସି ସମ୍ପାଦକ ଦେବାଶିଷ ମହାପାତ୍ର ଓ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶିବସୁନ୍ଦର ସାହୁ ଏବଂ ଅନ୍ୟ କଂଗ୍ରେସ ନେତୃମଣ୍ଡଳୀ ଉପସ୍ଥିତ ଥିଲେ। ବ୍ଲକ କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ନୟାଗଡ଼ ଜିଲ୍ଲା ସଂଯୋଜକ ତଥା ଜିଲ୍ଲା ସଭାପତି ସତ୍ୟବ୍ରତ ନାୟକ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଉକ୍ତ ସଭାରେ ନିରଞ୍ଜନ ତ୍ରିପାଠୀ, ପ୍ରଶାନ୍ତ ପାଇକରାୟ, ବସନ୍ତ କର, ଭଗବାନ ଆଚାର୍ଯ୍ୟ, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ଶ୍ରୀନିବାସ ନାୟକ, ଯୋଗେନ୍ଦ୍ର ଗୌଡ଼, ବିଭୁତି ରାଉତ, ମଦନ ବିଶୋଇ, ପ୍ରତୀକ ମହାପାତ୍ର ଓ ଆଲୋକ ଚନ୍ଦ୍ର ପ୍ରଧାନ ଏବଂ ଛାତ୍ରନେତା ଦିଲୀପ ବିଶୋଇ ବକ୍ତବ୍ୟ ରଖି ଥିବାବେଳେ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶିବସୁନ୍ଦର ସାହୁ ଧନ୍ୟବାଦ ପ୍ରଦାନ କରିଥିବା ଜଣାପଡ଼ିଛି। ଅନ୍ୟପଟେ ସଭା ଚିଲିଥିବା ବେଳେ ପର୍ଯ୍ୟବେକ୍ଷକ ଅମର ପ୍ରଧାନ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ଉପସ୍ଥିତ ଥିବା କର୍ମୀମାନେ ସଙ୍ଗେସଙ୍ଗେ ଓଡ଼ଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କୁ ଭର୍ତ୍ତି କରିବାପରେ ସେ ସୁସ୍ଥ ଅନୁଭବ କରିଥିବା ଜଣାପଡ଼ିଛି।

## ବିଭିନ୍ନ ବିଦ୍ୟାଳୟରେ ପୋଷାକ ବଣ୍ଟନ

**ବାଲିପାଟଣା,୪।୯/ଏନ୍‌ଏନ୍‌ଏସ୍:** ବାଲିପାଟଣା ଶିକ୍ଷାମଣ୍ଡଳର ବିଭିନ୍ନ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ଗତ ୧ ତାରିଖରୁ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ଅବ୍ୟାହତ ରହିଛି। ପ୍ରାୟ ୫୦ ଗୋଟି ବିଦ୍ୟାଳୟ ରେ ବିଭିନ୍ନ ମହିଳା ସଂଗଠନ ଦ୍ୱାରା ନିର୍ମିତ ପୋଷାକ ବଣ୍ଟନ ହୋଇଥିବା ବେଳେ ଆଜି ପୂର୍ବାହ୍ନରେ ନାରିଶୋ ପଞ୍ଚାୟତ ଅନ୍ତର୍ଗତ କଣ୍ଟାପଡ଼ା ପ୍ରାଥମିକ ବିଦ୍ୟାଳୟ ଠାରେ ଗୋଷ୍ଠୀ ଶିକ୍ଷାଧିକାରୀ ଡ. ପ୍ରଭାତ କୁମାର ରଥ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ପୋଷାକ ବାଣ୍ଟିଥିଲେ। ଜିଲ୍ଲାପରିଷଦ ସଭ୍ୟ ପବିତ୍ର ମୋହନ ପଟେଲଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହ ଶିକ୍ଷାଧିକାରୀ ବିଜୟ ବେହେରା, ସରପଞ୍ଚ କବିତା କାଣ୍ଡି, ସମିତି ସଭ୍ୟା ଝିଲି ଭୋଇ, ପ୍ରଧାନଶିକ୍ଷୟିତ୍ରୀ ରୋଜାଲିନ ଗିରି, ପରିଚାଳନା କମିଟି ସଭାପତି ସସ୍ମିତା ସ୍ୱାଇଁ, ଶିକ୍ଷୟତ୍ରୀ ରାଜଲକ୍ଷ୍ମୀ ରାଉଳ, ନମିତା ସ୍ୱାଇଁ, ସନ୍ଧ୍ୟାରାଣୀ ସାହୁ, ସୁନୀତା ପରିଡ଼ା, ରଞ୍ଜିତା ରାଉତ, ଶିକ୍ଷକ ଜ୍ୟୋତିରଂଜନ ଭୋଇ ଓ ବିଜୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ମା' ସନ୍ତୋଷୀ ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ପୋଷାକ ୧୪୨ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଇଥିଲା।

## ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଚାରିଛକ,୪।୯/ଏନ୍‌ଏନ୍‌ଏସ୍:** ନିମାପଡ଼ା ବ୍ଲକ ଅନ୍ତର୍ଗତ ଚଅଁରପଦା ପଞ୍ଚାୟତ ଭାଙ୍ଗବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବ୍ରଜ କିଶୋର ସାହୁଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମଥ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୁରୀଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମରଥ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସୁଦର୍ଶନ ଭୋଇ, ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଫେସର ଅନନ୍ତରାମ ପଣ୍ଡା,ସରପଂଚ ତପନ କୁମାର ମଲ୍ଲିକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ନାୟକ, କୈଳାଶ ଚନ୍ଦ୍ର ସାହୁ, ସଂଯୁକ୍ତା ମହାନ୍ତି, ହରମୋହନ ମହାପାତ୍ର, ଦ୍ୱିଜବର ମୁଦୁଲି, ଚାରିଛକ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମନସ୍ୱିନୀ ଲେଙ୍କା, ଶିକ୍ଷକନେତା ତ୍ରିଲୋଚନ କର, ପ୍ରତିଷ୍ଠାତା ସଦସ୍ୟ ଧ୍ରୁବ ଚରଣ ମାଝି, ସିଆରସିସି କାଳନ୍ଦୀ ଜେନା ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଶିକ୍ଷକ ଅମୀୟ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## କଣ୍ଟାପଡ଼ାରେ କଂଗ୍ରେସର 'ସଂଗଠନ ସୃଜନ'



**କଣ୍ଟାପଡ଼ା,୪।୯/ଏନ୍‌ଏନ୍‌ଏସ୍:** କଟକ ଜିଲ୍ଲାର କଂଗେସ ସଂଗଠନ ମଙ୍ଗ କିଏ ସମ୍ଭାଳିବ ତାକୁ ନେଇ ଚର୍ଚ୍ଚା ଲାଗି ରହିଥିବା ବେଳେ ଆଜି ନିଆଳୀ ନିର୍ବାଚନ ମଣ୍ଡଳୀରେ ସର୍ବ ସମ୍ମତରେ ଶୋଫିଆ ଫିର୍ଦ୍ଦୋଶଙ୍କ ନାମ ଶୁଣିବାକୁ ମିଳିଛି। କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଇଚ୍ଛାପୁର ଠାରେ ଥିବା ଏକ ଘରୋଇ ମଣ୍ଡପରେ ନିଆଳି ନିର୍ବାଚନ ମଣ୍ଡଳୀସ୍ତରୀୟ କଂଗ୍ରେସର ସଂଗଠନ ସୃଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଖିଳ ଭାରତ କଂଗ୍ରେସ କମିଟିର କଟକ ଜିଲ୍ଲା ପର୍ଯ୍ୟବେକ୍ଷକ ଡ଼.ସମ୍ପଦ କୁମାର କର୍ମୀ ମାନଙ୍କୁ ସଭାପତି ଭାବେ କାହାକୁ ଦାୟିତ୍ୱ ଦିଆଯିବା ଉଚିତ ସେଥିବପାଇଁ ନାମ ପ୍ରସ୍ତାବ ଦେବାକୁ ଆହ୍ୱାନ ଦେଇଥିଲେ।

ବ୍ୟକ୍ତିଗତ ଏହି କ୍ରମରେ ଉପସ୍ଥିତ ଥିବା ପ୍ରାୟ ୯୦ପ୍ରତିଶତ କଂଗ୍ରେସ କର୍ମୀ କଟକ ବାରବାଟି ବିଧାୟିକା ଶୋଫିଆ ଫିର୍ଦ୍ଦୋଶଙ୍କ ନାଁ ଉଠାଇଥିଲେ। ଏପରିକି ସଭା କକ୍ଷଠାରୁ ଅରମ୍ଭ କରି ବାହାର ପର୍ଯ୍ୟନ୍ତ ସବୁଠି ଶୋଫିଆ ଫିର୍ଦ୍ଦୋଶ ଜିନ୍ଦାବାଦ, ରାହୁଲ ଗାନ୍ଧି ଜିନ୍ଦାବାଦ ଶୁଣିବାକୁ ମିଳିଥିଲା। ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ରବିମଲ୍ଲିକଙ୍କ ସହ କଟକ ଜିଲ୍ଲା ସଂଯୋଜକ ପ୍ରଦୀପ ଦାସ ଓ ଅଞ୍ଚଳର ବହୁ ଛାମୁଆ କର୍ମୀ ଉପସ୍ଥିତ ଥିଲେ। ଅତିଥିମାନଙ୍କୁ ବରିଷ୍ଠ କଂଗ୍ରେସ କର୍ମୀ ନିମାଇଁ ଚରଣ ରାଉତରାୟ ସ୍ୱାଗତ କରିଥିବା ବେଳେ କେଦାରନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନିଷ୍ଠା, ସମତା ଓ ଅନ୍ତର୍ନିବେଶୀ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



**ନିଶ୍ଚିନ୍ତକୋଇଲି,୪।୯/ଏନ୍‌ଏନ୍‌ଏସ୍:** ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ଉତ୍ତରକୂଳଠାରେ ଥିବା ବାପୁଜୀ ସ୍ମାରକୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ନିଷ୍ଠା, ସମତା ଓ ଅନ୍ତର୍ନିବେଶୀ ପ୍ରଶିକ୍ଷଣ ଶିବିର ୫ଦିନ ଧରି ଚାଲିବା ପରେ ବୁଧବାର ଉଦ୍‌ଯାପିତ ହୋଇଛି। ମୁଗୁରିଆ କ୍ଲଷ୍ଟରର ସିଆରସିସି ଟୁନିଆ ସିଂଙ୍କ ସଂଯୋଜନାରେ ଏହି ଶିବିରକୁ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ଶିବିରରେ ଖଣ୍ଡାୟତପଟକିରା, ବେଣୀରାମପୁର, ଭଗବତୀ, ସାଧୁଚରଣ, ସିର୍ଲୋ, ଚନ୍ଦ୍ରଶେଖର, ପାଇକଣ ଓ ମୁଗୁରିଆ କ୍ଲଷ୍ଟରର ମୋଟ ୪୫ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଏହି ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଏଥିରେ ପ୍ରଶିକ୍ଷକ ଭାବେ ନିମାଇଁ ଚରଣ ସାହୁ, ହରପ୍ରସାଦ ଷଡଙ୍ଗୀ, ରାବେୟା ସରୱାର, ଗାୟତ୍ରୀ ବଳ, ଅନୀଳା ଷଡଙ୍ଗୀ ଓ ରଣଜିତ୍ ମଲିକ ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମମାନଙ୍କୁ ଭାଷା, ଗଣିତ, ପରିବେଶ, କ୍ରୀଡ଼ା ଓ କଳା ସୌନ୍ଦର୍ଯ୍ୟ ଶିକ୍ଷା ପ୍ରଦାନରେ ସରଳ ଓ ସହଜ ଉପାୟ ଅବଲମ୍ବନ ଉପରେ ବିଷଦ ପ୍ରଶିକ୍ଷଣ ପ୍ରଦାନ କରିବା ସହିତ ୟୁଡ଼ିଏଲ ଭିତ୍ତିକ ପାଠ୍ୟ ଯୋଜନା ସଂକ୍ରାନ୍ତରେ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। ଶିକ୍ଷକ ନେତା ଶାରଦା ପ୍ରସାଦ ଆଚାର୍ଯ୍ୟ, ଗୋଲାମ ମେହେନ୍ଦୀ ହସନ୍, କୈଳାସ ଚନ୍ଦ୍ର ସେଠୀ, ସୁବାଷ ଚନ୍ଦ୍ର ରାଉତ, ହିମାଂଶୁ ଶେଖର ହୋତା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ବ୍ଲକ୍‌ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ



**ବୋଲଗଡ଼,୪।୯/ଏନ୍‌ଏନ୍‌ଏସ୍:** ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ପକ୍ଷରୁ ଜିଲ୍ଲା ପ୍ରଶାସନ ମାଧ୍ୟମରେ ଓଡିଶା ସରକାର ବିଭିନ୍ନ ପଞ୍ଚାୟତ ସମିତି ମୁଖ୍ୟାଳୟ ମାନଙ୍କରେ ପର୍ଯ୍ୟାୟକ୍ରମେ ଭୀମଭୋଇ ଭିନ୍ନକ୍ଷମ ଅଭିଯାନ ଶିବିରମାନ ଆୟୋଜିତ ହେଉଅଛି। ଏହି ଅବସରରେ ଗୁରୁବାର ବୋଲଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ଶିବିର ସକାଳ ୯ଟା ସମୟରୁ ଆରମ୍ଭ ହୋଇ ଅପରାହ୍ନ ୫ଘଣ୍ଟା ପର୍ଯ୍ୟନ୍ତ ଚାଲୁ ରହିଥିଲା। ଏଥିରେ ସମୁଦାୟ ୨୮୪ଜଣ ଭିନ୍ନକ୍ଷମ ନାମ ପଞ୍ଜିକରଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ଅସ୍ଥିଗତ ଭିନ୍ନକ୍ଷମ ୧୪୫ଜଣ, ଶ୍ରବଣ ବାଧିତ ୫୯ଜଣ, ଦୃଷ୍ଟିବାଧିତ ୨୭ ଓ ମାନସିକ ଅନଗ୍ରସର ୫୩ଜଣ। ଏତଦ୍‌ବ୍ୟତୀତ ପ୍ରମାଣ ପତ୍ର ପ୍ରଦାନ ୧୪୨, ଟ୍ରାଇ ସାଇକେଲ ପ୍ରଦାନ ୧, ହ୍ୱିଲ୍ ଚେୟାର ପ୍ରଦାନ ୯, ଆଶାବାଡ଼ି ପ୍ରଦାନ ୪, ଶ୍ରବଣ ଯନ୍ତ୍ର ପ୍ରଦାନ ୧୦, ଶିକ୍ଷାଗତ ଉପକରଣ ୨ଜଣ ପ୍ରମୁଖଙ୍କୁ ପ୍ରଦାନ କରାଯାଇଥିଲା।ଏହି ଶିବିର ଗୁଡିକରେ ଭିନ୍ନକ୍ଷମମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ଅନେକ ସେବା ଉପଲବ୍ଧ କରାଯାଉଅଛି। ଆଜିର ଆନ୍ତର୍ଜାତିକ ଭୀମଭୋଇ ଭିନ୍ନକ୍ଷମ ଦିବସରେ ଖୋର୍ଦ୍ଧା ଜିଲ୍ଲା ସରକାରୀ ମୁଖ୍ୟ ଚିକିତ୍ସାଳୟର କର୍ଣ୍ଣ, ନାଶା, ଗଳା, ଚକ୍ଷୁ, ଅସ୍ଥିଶଲ୍ୟ, ମାନସିକ ଅନଗ୍ରସର ଓ ଶାରୀରିକ ଅକ୍ଷମତା ଇତ୍ୟାଦି ବିଭାଗ ଗୁଡିକର ବିଶେଷଜ୍ଞ ମାନେ ଯୋଗଦେଇ ଭିନ୍ନକ୍ଷମମାନଙ୍କୁ ଶାରୀରିକ ପରୀକ୍ଷା କରାଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ହୁଲ୍ଲାସ ପ୍ରଧାନ, ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ଅତିରିକ୍ତ ବିଡ଼ିଓ ଡ଼ଃ ରତିକାନ୍ତ ମିଶ୍ର ଓ ପଞ୍ଚାୟତ ସମିତିର ଜନ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ ତାପସି ପ୍ରିୟଦର୍ଶନୀ, ଦେବକାନ୍ତ ଗୁରୁ, ମିତା ପ୍ରଧାନ, ଦାଶରଥି ଦାସ, ବିଶ୍ୱଜିତ ବେହେରା ଓ ମୁଖ୍ୟ କିରାଣୀ ଆଲୋକ କୁମାର ଜେନା ପ୍ରମୁଖ ସହଯୋଗ କରି ପରିଚାଳନା କରିଥିଲେ। ଆଇନ ଶୃଙ୍ଖଳା ଦୃଷ୍ଟିରୁ ଘଟଣା ସ୍ଥଳରେ ବୋଲଗଡ଼ ପୋଲିସ ଓ ଅଗ୍ନିଶମ ସେବା ଅଧିକାରୀମାନେ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ପରିଶେଷରେ ବିଡ଼ିଓ ସୁମନ ସୁଦ୍ଧା କୁଣ୍ଡୁ ସମସ୍ତ ଜନପ୍ରତିନିଧି, ବ୍ଲକ କର୍ମଚାରୀ, ବିଭିନ୍ନ ବିଭାଗର ବିଶେଷଜ୍ଞ, ପୁଲିସ ବାହିନୀ, ଗଣମାଧ୍ୟମ ଓ ସମସ୍ତ ଭିନ୍ନକ୍ଷମ ଅଭିଭାବକମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଖଣ୍ଡପଡ଼ା ପଞ୍ଚାୟତସମିତିର ସାଧାରଣ ଅଧିବେଶନ



**ଖଣ୍ଡପଡ଼ା,୪।୯/ଏନ୍‌ଏନ୍‌ଏସ୍:** ଖଣ୍ଡପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ପଞ୍ଚାୟତ ସିମିତିର ଏକାଦଶ ସାଧାରଣ ଅଧିବେଶନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ଉପମା ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ସାଧାରଣ ବୈଠକରେ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀଙ୍କ ସମେତ ପଞ୍ଚାୟତ ଜନପ୍ରତିନିଧିମାନେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟେର ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ଉପାଧକ୍ଷ ବିଷ୍ଣୁପ୍ରିୟା ବେହେରା, ବରିଷ୍ଠ ଜିଲ୍ଲା ପରିଷଦ ସଦସ୍ୟ ରାମେଶ୍ୱର ଶତପଥୀ, ୬ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ଉଜ୍ଜ୍ୱଳା ମହାରଣା, ବିଡିଓ ଅଙ୍କୁର ଅଭିଳାଷ, ତହସିଲଦାର ବିଶ୍ୱବିସ୍ମୃତ ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ରହି ବିଭିନ୍ନ ପ୍ରସଙ୍ଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବ୍ଲକ ଗ୍ରାମପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଅନିତ କୁମାର ବଡ଼ସେଟ୍ଟ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଏ ଅବସରରେ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀମାନଙ୍କ ଉପସ୍ଥିତିରେ ବିଭାଗୀୟ କାର୍ଯ୍ୟ ସଂର୍ପକରେ ସମୀକ୍ଷା କରିଥଲେ। ସେହିପରି ଶିକ୍ଷା, ପାନୀୟ ଜଳ, କୃଷି, ବିକଶିତ ଗାଁ ବିକଶିତ ଓଡିଶା, ଅନ୍ତୋଦୟ ଗୃହ ଯୋଜନା, ରାସନ କାର୍ଡ, ବିଦ୍ୟୁତ, ପଶୁ ସମ୍ପଦ, ମିଶନ ଶକ୍ତିର ବାବଦରେ ସରଗରମ ଆଲୋଚନା ହୋଇଥିଲା। ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକ କରାନଯିବାରୁ ଗୃହରେ ସରପଞ୍ଚ ସମିତି ଅସନ୍ତୋଷ ପ୍ରକାଶ କରିଥିବା ବେଳେ ଏ ନେଇ ବିଡିଓ ଅଙ୍କୁର ଅଭିଳାଷଙ୍କୁ ପଚାରିବାରୁ ତାହା ତୁରନ୍ତ କାର୍ଯ୍ୟ କରାଯିବ ବୋଲି ଉତ୍ତର ରଖିଥଲେ। ସେହିପରି କଣ୍ଟିଲୋରେ ନୂତନ ହସ୍ପିଟାଲ ନିର୍ମାଣ କାର୍ଯ୍ୟ କେବେ ଆରମ୍ଭ ହେବ ବୋଲି ଜନ ପ୍ରତିନିଧିମାନେ ବିଧାୟକଙ୍କୁ ପ୍ରଶ୍ନ ପଚାରିବାରେ ଖୁବଶୀଘ୍ର ଆରମ୍ଭ ହେବ ବୋଲି କହିଛନ୍ତି। ଡାକ୍ତର ଅଭିସାର ପଣ୍ଡା, ସାଂସଦ ଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂହ, ସହକାରୀ ଯନ୍ତ୍ରୀ ଆଶୁତୋଷ ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗ ର ଅଧିକାରୀ, ସରପଞ୍ଚ ଓ ସମିତି ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ବ୍ଲକ ଅଧକ୍ଷା ଉପମା ବେହେରାଙ୍କ ଅଧକ୍ଷତାରେ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା।

# ଖୋର୍ଦ୍ଧା ସମ୍ମିଳନୀ କକ୍ଷରେ ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା



**ଖୋର୍ଦ୍ଧା,୪ା୯/ଏନ୍ଏନ୍ଏସ୍:** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଖୋର୍ଦ୍ଧା ଜିଲ୍ଲା ଗସ୍ତ କରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ରାଜସ୍ୱ ଓ ଭୂ – ଅର୍ଜନ ସମ୍ବନ୍ଧୀୟ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସମୀକ୍ଷା କରି ରାଜସ୍ୱ କର୍ମଚାରୀ, ତହସିଲଦାର, ଉପ ନିବନ୍ଧକ ଅଧିକାରୀମାନେ ସରକାରଙ୍କର ବିଭିନ୍ନ ପ୍ରକାରର ଯୋଜନାର ବୃତ୍ତୀୟ ଧାରା ଓ ନିୟମ ଅନୁଯାୟୀ ଜନସାଧାରଣମାନଙ୍କର ରାଜସ୍ୱ ମାମଲା ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ରାଜସ୍ୱ ଯୋଜନାର ଅଗ୍ରଗତି ସମ୍ବନ୍ଧରେ ପାୱାର ପଏଣ୍ଟ ଉପକରଣରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ,ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ ମାନ୍ୟବର ମନ୍ତ୍ରୀଙ୍କୁ ଉପସ୍ଥାପନ କରିଥିଲେ। ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ ଜମି ରେକର୍ଡ ସଂଶୋଧନ, ମଡେଲ ତହସିଲ ଓ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ଆଧୁନିକ ସେବା ସହ ଭିତ୍ତିଭୂମି, କର୍ମଚାରୀ ନିଯୁକ୍ତି କାର୍ଯ୍ୟ ଆଦି ଖୁବ୍‌ଶୀଘ୍ର ଯୋଗାଇ ଦିଆଯାଉଛି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଖୋର୍ଦ୍ଧାର ରାଜସ୍ୱ କାର୍ଯ୍ୟ ଅଗ୍ରଗତିରେ ମନ୍ତ୍ରୀ ଖୁସି ବ୍ୟକ୍ତ କରିଥିଲେ। କୌଣସି ରାଜସ୍ୱ ଯୋଜନାର ସାଧାରଣଲୋକ ସେବା ପାଇବାରେ ବଞ୍ଚିତ ହେଲେ ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଥିଲେ। ସୂଚନା ଅନୁସାରେ ବିଦ୍ୟାଳୟ ପଟ୍ଟା ପାଇଁ ୮୮୧ ସ୍କୁଲ ଆବେଦନ କରିଥିଲେ। ୪୪୨ ଗୋଟି ବିଦ୍ୟାଳୟର ଜମି ସମସ୍ୟା ସମାଧାନ କରାଯାଇ ପଟ୍ଟା ପ୍ରଦାନ କରାଯାଇଛି। ୮୬ଗୋଟି ସ୍କୁଲ ଜଗନ୍ନାଥଙ୍କ ଜମି, ୩୫ ଜାଗାରେ ଜଙ୍ଗଲ ଅଛି, ୧ଗୋଟି ଡିଗ୍ରୀ ମହାବିଦ୍ୟାଳୟ ଜଙ୍ଗଲ ଜମି ଥିବା ବେଳେ ୪୩ଗୋଟି ମାମଲା ସ୍ଥଗିତ ଅଛି ଓ ଖୁବ୍‌ଶୀଘ୍ର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ପ୍ରକାଶ କରିଥିଲେ। ଉତ୍ତରାଧିକାରୀ ଜମି ସମସ୍ୟା ଖାତା ସଂଶୋଧନ ୨୬୯୦୧ ଥିବାବେଳେ ୨୭୬୯୩ କେସ ସମାଧାନ ୭୯୨କେସ ବହିଷ୍କାର, ୨୬୯୦୧ କେସ ଅଦ୍ୟତନିକରଣ କରାଯାଇଛି। ସେହିପରି ଜବରଦଖଲ କେସ ୮୪୬୦ ଗୋଟିର ୧୯୦୨.୬୩୮ ଏକର ଜମି ସଂପୃକ୍ତ ଥିବା ବେଳେ ୨୩ ଗୋଟି କେସ ର ସମାଧାନ କରାଯାଇ ୩.୮୫୮ଏକର ଜମି ସମସ୍ୟା ସମାଧାନ କରାଯାଇ ଛି କ୍ଷ ଏହି ପରିପ୍ରେକ୍ଷୀରେ ମାନ୍ୟବର ମନ୍ତ୍ରୀ କହିଲେ ଯେ ପ୍ରତ୍ୟେକ ତହସିଲର କେତେ ସରକାରୀ ଜମି ଅଛି,ଯେଉଁ ଲୋକଙ୍କୁ ଦିଆଯାଇଛି ସେ ବ୍ୟବହାର କରୁଛି ନା ନାହିଁ, କେତେ ଜମି ମାଡ଼ିବସିଛନ୍ତି ତାହାର ଡାଟା ବେଶ ତହସିଲଦାର ମାନେ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ୨୯୫୨ ମସିହାରେ ଯେଉଁ ସମସ୍ୟା ଅଛି ସେଗୁଡିକୁ ତହସିଲଦାର ମାନେ ବୁଝନ୍ତୁ ଓ ସମସ୍ୟା ସମାଧାନ କରନ୍ତୁ, ଜଙ୍ଗଲ ଜମି, ଶ୍ମଶାନ ଜମିଗୁଡ଼ିକର ସମାଧାନ ନିମନ୍ତେ ସମାଧାନର ପନ୍ଥା ଓ ପ୍ରସ୍ତାବ ଜିଲ୍ଲାପାଳଙ୍କ ନିକଟରେ ଉପସ୍ଥାପନା କରନ୍ତୁ। ସେହିପରି ସିକିମ୍ ସତ୍ୱ ଫଇସଲାରେ ୧୩୩୫୩,ବେ ବନ୍ଦୋବସ୍ତ କେସ ୧୬୮୯, ବସୁନ୍ଧରା ଯୋଜନାରେ ୨୫୧ ପଟ୍ଟା ପ୍ରଦାନ, କୋର୍ଟ କେସ ସମାଧାନ ୧୨୫୪, ଜମି ରେଜିଷ୍ଟ୍ରେସନ ଷ୍ଟାମ୍ପ ଫି ଓ ରେଜିଷ୍ଟ୍ରେସନ ଫି ବାବଦକୁ ମୋଟ ୧୯୦୦୫୫୬୦୦୬ ଟଙ୍କା ଆଦାୟ କରାଯାଇଛି। ବୈଠକରେ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ପ୍ରଦୀପ କୁମାର ସାହୁ, ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ପ୍ରତାପ ଚନ୍ଦ୍ର ବେଉରା, ଡ. ମନୋରଞ୍ଜନ ସାହୁ, କିଶୋର କୁମାର ପଣ୍ଡା, ନିବେଦିତା ପ୍ରଧାନ, ଶ୍ରୀତପା ମିଶ୍ର, ଲକ୍ଷ୍ମଣ କୁମାର ବେହେରା ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ।

# ମା’ ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଅନୁକୂଳ

**ସାଲେପୁର,୪ା୯/ଏନ୍ଏନ୍ଏସ୍:** ପବିତ୍ର ସୁନିଆ ଓ ବାମନଜନ୍ମ ଅବସରରେ ସାଲେପୁର ବ୍ଲକ ଅନ୍ତର୍ଗତ କଟରପା ପଞ୍ଚାୟତର ଜପକୁଦଠାରେ ଆଞ୍ଚଳିକ ଶାରଦୀୟ ସାର୍ବଜନୀନ ଦୁର୍ଗା ପୂଜା କମିଟି ଦ୍ୱାରା ଆୟୋଜିତ ହେବାକୁ ଥିବା ଦୁର୍ଗାପୂଜା ନିମନ୍ତେ ମା’ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ପାଇଁ ମୃର୍ତ୍ତୀକା ଉତ୍ତୋଳନ କରାଯାଇଅଛି। ଅନୁଷ୍ଠାନର ସଭାପତି ସଚ୍ଚିଦାନନ୍ଦ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କର୍ତ୍ତା ରୂପେ ପ୍ରମୋଦ କୁମାର ଦାଶ ବିଧି ଅନୁସାରେ ମହନାପୁର ସ୍ଥିତ ମା’କାଳୀଙ୍କ ମନ୍ଦିର ନିକଟରେ ଥିବା ପବିତ୍ର ସୁକଭଦ୍ରା ନଦୀରୁ ମୃର୍ତ୍ତିକା ଉତ୍ତୋଳନ କରାଯାଇ ଏକ ବିରାଟ ପଟୁଆରରେ ଜପକୁଦସ୍ଥିତ ମା’ଙ୍କ ମଣ୍ଡପକୁ ନିଆଯାଇଥିଲା।

ଏହି କାର୍ଯ୍ୟକ୍ରମରେ ନୟନାଭିରାମ ବିଭୂତିଭୂଷଣ ଭାନୁପ୍ରକାଶ, ବିଚିତ୍ର କୁମାର ରଥ, ପ୍ରଦୀପ୍ତ କୁମାର ଦାଶ, କେଶବ ଚନ୍ଦ୍ର ମିଶ୍ର, ପ୍ରମୋଦ କୁମାର ନନ୍ଦ, ରାମ ଗୋପାଳପଣ୍ଡା, ଲୋକନାଥ ଷଡ଼ଙ୍ଗୀ, କ୍ଷୀରୋଦ ଚନ୍ଦ୍ର ଶତପଥୀ, ରବୀନ୍ଦ୍ର କୁମାର ବେହୁରାଙ୍କ ସମେତ ଅନୁଷ୍ଠାନ ର ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

# ବିଜେପି ନେତା ହିମାଂଶୁ ଅସୁସ୍ଥ

**ସାଲେପୁର,୪ା୯/ଏନ୍ଏନ୍ଏସ୍:** ଲୋକସେବା ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ତଥା ସାଲେପୁରର ବିଜେପି ନେତା ହିମାଂଶୁ ମହାନ୍ତି ଅସୁସ୍ଥ ହୋଇ ଜଗତପୁରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ପ୍ରକାଶଥାଉ କି ଶ୍ରୀ ମହାନ୍ତି ଗତକାଲି ରାତିରେ ଅସୁସ୍ଥତା ଅନୁଭବ କରିବାରୁ ସେ ଆସି ଜଗତପୁରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ବର୍ତ୍ତମାନ ତାଙ୍କର ଅବସ୍ଥା ଭଲ ଥିବା ଜଣାପଡ଼ିଛି। ଶ୍ରୀ ମହାନ୍ତିଙ୍କ ଅସୁସ୍ଥତା ଖବର ପାଇ କଟକ ବିଜେପି ଗ୍ରାମୀଣ ଜିଲ୍ଲା ସଭାପତି ରାମ ନାରାୟଣ ମହାନ୍ତି, ଟେଟ୍ରା ହାଇଡେନ କଲେଜର ପ୍ରତିଷ୍ଠାତା ତ୍ରିଦ୍ୱେ ବେହେରା, ଅବସରପ୍ରାପ୍ତ ସେନା ଅଧିକାରୀ ଜୟନ୍ତ ଦାଶ ଶର୍ମା, କଟକ ଜିଲ୍ଲା ସାମ୍ବାଦିକ ସଂଘ ସାଧାରଣ ସମ୍ପାଦକ ଶିଶିର କୁମାର ଦାଶ, ପୂର୍ବତନ ବିଜେପି ରାମେଶ୍ୱର ମଣ୍ଡଳ ସଭାପତି ତାପସ ଜେନା, ବରିଷ୍ଠ ସାମ୍ବାଦିକ ପ୍ରଦୀପ୍ତ କୁମାର ପରିଜା, ତପନ କୁମାର ମହାନ୍ତି, କନହେଇପୁର ପଞ୍ଚାୟତ ବିଜେପି ସଭାପତି ଅନନ୍ତ ପାତ୍ର, ଚୌଧୁରୀ ମାନସ କୁମାର ସାହୁ, ରଞ୍ଜନ କୁମାର ବେଜ, ପପୁ ଅଞ୍ଚଳଙ୍କ ସମେତ ବହୁ ବ୍ୟକ୍ତି ହସ୍ପିଟାଲରେ ପହଞ୍ଚି ଶ୍ରୀ ମହାନ୍ତିଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।


## AFFIDAVIT

By virtue of an affidavit sworn before the EXECUTIVE MAGISTRATE, KEONJHAR, dated 03/09/2025, I, BILASA MUNDARI, W/o- Naresh Mallik of vill- Haladibasanta, Po- Dharpur, Ps- Bari, Dist- Jajpur, Pin-755003, at present D/o- Biranchi Mundari, of vill- Sarasingha, Po- Ukhunda, Ps- Baria, Dist- Keonjhar, Pin-758032 declare that I have changed my name from SUPRIYA MALLIK to BILASA MUNDARI. Hence forth, I shall be known as **BILASA MUNDARI** for all purposes.

**BILASA MUNDARI**

## AFFIDAVIT

By virtue of an affidavit sworn before the EXECUTIVE MAGISTRATE, KEONJHAR, dated 03/09/2025, I JOGENDRA MAHAKUD, S/o- Late Sada Mahakud of vill- Keri, Po- Keri, Ps- Sadar, Dist- Keonjhar, Pin-758014, declare that I have changed my name from JOGI MAHAKUD to JOGENDRA MAHAKUD. Hence forth, I shall be known as **JOGENDRA MAHAKUD** for all purposes.

**JOGENDRA MAHAKUD**

## AFFIDAVIT

By virtue of an affidavit sworn before Notary Public, Bhubaneswar Vide Sl. No. 570, dated 2[nd] day of Sept., 2025, I, Barta Pattanaik, Address - Flat No. A-1/2, Mayapuri Apartment, Vivekananda Marg, Nageswartangi, Po - Old Town, Ps - Shree Lingaraj, Bhubaneswar - 751002, Dist - Khordha, Odisha declare that I have changed my name from Barta Pendyam to Barta Pattanaik. Henceforth, I shall be known as Barta Pattanaik for all purposes.

**Sd/- Barta Pattanaik**


## ସାରର ଅଭାବୀ ଓ କଳାବଜାରୀକୁ ନେଇ ପ୍ରତିବାଦ

# ଟାୟାର୍ ଜାଳି ରାସ୍ତା ଅବରୋଧ କଲେ ଚାଷୀ



**ଓଡ଼ଗାଁ,୪ା୯/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ଗୋଡିପଡାରେ ସାରର ଅଭାବୀ ଓ କଳାବଜାରୀ ନେଇ ଚାଷୀ ରାସ୍ତା ରୋକ କରିଛନ୍ତି। ଓଡିଶା କୃଷକସଭା ନେତୃତ୍ୱରେ ଗୋଡିପଡା ଠାରେ ଶହଶହ ଚାଷୀ ଏକାଠିହୋଇ ସେବାସମବାୟ ସମିତିରୁ ସାର ନପାଇ ରାଜରାସ୍ତାକୁ ଦୀର୍ଘ ପାଞ୍ଚଘଣ୍ଟା ଧରି ଅବରୋଧ କରିଥିଲେ। ଚାଷୀ ମାନଙ୍କର ବିଭିନ୍ନ ଅସୁବିଧା ବିରୋଧରେ ନାରାବାଜି କରିବା ସହିତ ଟାୟାରଜାଳି ରାସ୍ତା ଅବରୋଧ କରିଥିଲେ। ନୟାଗଡ଼ ଜିଲ୍ଲା କୃଷକ ସଭାର ଉପସଭାପତି ପବିତ୍ର କୁମାର ଇନ୍ଦ୍ରଜିତ, ଚାଷୀନେତା ନିରଞ୍ଜନ ସାହୁ ଓ ମହିଳାନେତ୍ରୀ ଜ୍ୟୋତିପ୍ରଭା ପ୍ରମୁଖ ସରକାରଙ୍କ କୃଷକ ମାରଣନୀତି ବିରୋଧରେ ବକ୍ତବ୍ୟ ରଖିଥିଲେ। ଘଟଣାସ୍ଥଳରେ ଶରଣକୂଳ ଥାନା ଆଇଆଇସି ପରମାନନ୍ଦ ଦଳେଇ ପହଞ୍ଚି ଚାଷୀମାନଙ୍କୁ ବୁଝାସୁଝା ସହିତ ଖୁବଶୀଘ୍ର ସାର ଯୋଗାଣର ବନ୍ଦୋବସ୍ତ କରିବାକୁ ପ୍ରତିଶ୍ରୁତି ଦେବାପରେ ଚାଷୀମାନେ ରାସ୍ତା ଅବରୋଧରୁ ହଟିଥିଲେ। ତେବେ ସନ୍ଧ୍ୟାରେ ଗୋଡିପଡ଼ା ସମିତିରେ ସାର୍ ପହଞ୍ଚିଥିବା ସୂଚନା ମିଳିଛି।

# ନୀଳମାଧବଙ୍କ ବରିଷ୍ଠ ପୂଜକଙ୍କ ଦେହାନ୍ତରେ ଶୋକ

**କଣ୍ଟିଲୋ,୪ା୯/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ଗ୍ରାମପଞ୍ଚାୟତ ଅଧିନସ୍ତ ବ୍ରାହ୍ମଣ ପୂଜକ ସମାଜର ବରିଷ୍ଠ ସେବାୟତ ତଥା ବରିଷ୍ଠ ନାଗରିକ, ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଲକ୍ଷ୍ମଣ ମିଶ୍ର(୭୭)ଙ୍କର ଗତକାଲି ରାତ୍ର ସମୟେ ଦେହାନ୍ତ ହୋଇଯାଇଛି। ସେ ପ୍ରାୟ ଦୁଇ ମାସ ପାଖାପାଖି ହେବ ମଧୁମେହ ରୋଗ(ଡାଇବେଟିସ୍)ରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ନାଗରିକ ମଞ୍ଚର କର୍ମକର୍ତ୍ତା, ଅବସରପ୍ରାପ୍ତ କର୍ମଚାରୀ ସଂଘର କର୍ମକର୍ତ୍ତା, ସ୍ଥାନୀୟ ସରପଞ୍ଚ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।


## AFFIDAVIT

By virtue of an affidavit sworn before the EXECUTIVE MAGISTRATE, KEONJHAR, dated 03/09/2025 I, PRASANTA MUNDA, S/o- Selai Munda of vill -Banamalipur, Po- Bauripada, Ps- Sadar, Dist- Keonjhar, Pin-758013 Declare that I have changed my daughter's name from SUMITRA MUNDA to NANDINI MUNDA. Hence forth, she shall be known as **NANDINI MUNDA** for all purposes.

**PRASANTA MUNDA**

## AFFIDAVIT

By affidavit sworn before Executive Magistrate, Banpur, No. 3369/02.09.2025 I, Manisha Priyadarsini, At present House No. 1154, Sector 6/D, Bokaro, Jharkhand, Pin-827006, declare that I have changed name of my minor Son from Baby of Manisha to Taksh Kumar. Hence my said son is known as **Taksh Kumar**, S/o- Rahul Kumar for all purposes.


# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବେ ସୁଶୀଳ ବ୍ରହ୍ମା

**ଗୋପ,୪ା୯/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ପକ୍ଷରୁ ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଘୋଷଣା କରାଯାଇଛି। ସମଗ୍ର ରାଜ୍ୟରୁ ୧୦ଜଣ ବ୍ଲକ ଶିକ୍ଷାଧିକାରୀ ଏହି ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏଥିରେ ପୁରୀ ଜିଲ୍ଲା ଅନ୍ତର୍ଗତ ଗୋପ ବ୍ଲକର ପୂର୍ବତନ ମଣ୍ଡଳ ଶିକ୍ଷାଧିକାରୀ ସୁଶୀଳ କୁମାର ବ୍ରହ୍ମାଙ୍କ ନାମ ସ୍ଥାନ ପାଇଛି। ଶ୍ରୀ ବ୍ରହ୍ମା ସମ୍ପ୍ରତି ଓଡ଼ିଶା ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦର ଉପନିୟନ୍ତ୍ରକ ଭାବେ କଟକରେ କାର୍ଯ୍ୟରତ। ସେ ଶିକ୍ଷାବର୍ଷ ୨୦୨୨-୨୩ରୁ ୨୦୨୪-୨୫ ପର୍ଯ୍ୟନ୍ତ ତିନିବର୍ଷ ଧରି ଗୋପ ବିଇଓ ଭାବେ ନିଷ୍ଠାର ସହ ଦାୟିତ୍ୱ ନିର୍ବାହ କରି ପୁରୀ ଜିଲ୍ଲା ପ୍ରଶାସନ ଏବଂ ଗୋପ ବ୍ଲକର ଶିକ୍ଷକ ସମାଜ ଓ ସାଧାରଣ ଜନତାଙ୍କ ପ୍ରଶଂସା ସାଉଁଟିଥିଲେ। ଶ୍ରୀ ବ୍ରହ୍ମାଙ୍କ କାର୍ଯ୍ୟକାଳ ସମୟରେ ପ୍ରାଥମିକ ତଥା ମାଧ୍ୟମିକ ଶିକ୍ଷା ନିମନ୍ତେ ଉଦ୍ଦିଷ୍ଟ ସରକାରଙ୍କ ବହୁବିଧ ଯୋଜନାଗୁଡ଼ିକର ସଫଳ ରୂପାୟନ କ୍ଷେତ୍ରରେ ଗୋପ ବ୍ଲକ ପୁରୀ ଜିଲ୍ଲାରେ ଆଗୁଆ ରହିଥିଲା। ଆସନ୍ତା ୫ ତାରିଖ ଗୁରୁ ଦିବସ ଅବସରରେ ରାଜ୍ୟ ସରକାରଙ୍କ ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ପକ୍ଷରୁ ଲୋକସେବା ଭବନ ପରିସରରେ ଆୟୋଜିତ ହେବାକୁ ଥିବା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିତରଣ ସମାରୋହରେ ଲୋକପ୍ରିୟ ବିଇଓ ଶ୍ରୀ ବ୍ରହ୍ମାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ପାଇଁ ନିମନ୍ତ୍ରଣ ପତ୍ର ମିଳିଥିବା ଜଣାଯାଇଛି।


## AFFIDAVIT

By virtue of an affidavit sworn before the Executive Magistrate, Jagatsinghpur, dtd. 02.09.2025, I, Saina Perween, D/o- Halim Khan, Vill - Talpatak, Po- Anakhia, Ps- Biridi, Dist- Jagatsinghpur-754102, Odisha do hereby declare that I have changed my name from Sahina Parwin (Old name) to Saina Perween (New name). Henceforth, I shall be known as **Saina Perween** for all purposes.

**Saina Perween**

## AFFIDAVIT

By virtue of an affidavit sworn before the Executive Magistrate, Jagatsinghpur, dtd. 02.09.2025, I, Pramod Kumar Das, S/o - Sauri Das, Vill - Sogala, Po- Samitanga, Ps - Kishorenagar, Dist- Cuttack-754131, Odisha do hereby declare that my minor son name have changed from Pares Das (Old name) to Paresh Das (New name). Henceforth, he shall be known as **Paresh Das** for all purposes.

**Pramod Kumar Das**


# କଣ୍ଟିଲୋ କଲେଜରେ ଦିନିକିଆ କର୍ମଶାଳା



**କଣ୍ଟିଲୋ,୪ା୯/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ସଭା ଗୃହରେ ଗତକାଲି ବୁଧବାର ନୂତନ ଜ୍ଞାନ ପ୍ରୟୋଗ ଭିତ୍ତିକ ବ୍ୟବସାୟ ପଦ୍ଧତି ସମ୍ପର୍କେ ଏକ ଦିନିକିଆ ଆବିଷ୍କାର ଓ ପ୍ରବାହ (ରିନୋଭେଶନ ଓ ଷ୍ଟାର୍ଟଅପ) କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସୂଚନାଯୋଗ୍ୟ ଯେ କଲେଜର ଅଧକ୍ଷା ଡ. ନନ୍ଦିତା ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ନୟାଗଡ଼ର ସାମାଜିକ କର୍ମୀ, ଯଶୋଦା ଅନୁଷ୍ଠାନ ଓ ବିଭିନ୍ନ ମନ୍ଦିରର ଫାଉଣ୍ଡର, ରୋଟାରିଆନ୍‌ର ସକ୍ରିୟ ସଦସ୍ୟ, ଚାରା ରୋପଣ କରିବା, ରକ୍ତଦାନ ଶିବିର କରୁଥିବା, କର୍ମଚାରୀଙ୍କୁ ଶ୍ରମଭିତ୍ତିକ ନିଯୁକ୍ତି ପ୍ରଦାନ କରୁଥିବା, ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ଅର୍ଥ ସାହାଯ୍ୟ କରୁଥିବା ପୂର୍ଣ୍ଣ ଚନ୍ଦ୍ର ସାହୁ ରିସୋର୍ସପର୍ସନ ଭାବେ ଯୋଗ ଦେଇ ନିଜର ଅଭିଭାଷଣରେ ଜଣେ ବ୍ୟକ୍ତି କିପରି ନିଜସ୍ୱ ଚେଷ୍ଟା ଓ ଜ୍ଞାନକୌଶଳ ପ୍ରୟୋଗକରି କିପରି ଆତ୍ମନିର୍ଭରଶୀଳ ହୋଇପାରିବ ଉପସ୍ଥାପନ କରିଥିଲେ। କର୍ମଶାଳାରେ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଅନ୍ୟ ସମସ୍ତ କର୍ମଚାରୀ ଯୋଗଦେଇଥିଲେ। ଶିକ୍ଷାବିଭାଗ ଅଧ୍ୟାପକ ରମେଶ ଚନ୍ଦ୍ର ସାହୁ ପରିଚାଳନା କରିଥିବା ବେଳେ ଇତିହାସ ବିଭାଗ ଅଧ୍ୟାପକ ପ୍ରଶାନ୍ତ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।


O-716

E-Mail - sencrwangul@yahoo.co.in
☎ 06764 - 236404

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE,ANGUL**

No.2600 Dt. 03.09.2025

**1[st] Corrigendum to Bid Identification No. Building Online-AGL-11/2025-26**

Due to some unavoidable circumstances the last date of Online for bidding and opening of the date has been modified as follows in respect of the tender for Building work invited vide Tender Call Notice Bid Identification No. Building Online-AGL- 11/2025-26 by the Procurement officer Chief Construction Engineer, Rural Works Circle, Angul.

| Availability of Tender on-line for bidding | | Date & Time of opening Technical Bid |
|---|---|---|
| From | To | |
| 1 | 2 | 3 |
| 26.08.2025 at 10.00 A.M | 15.09.2025 upto 5.00 PM | 16.09.2025 at 10.00 AM |

All other terms and conditions remain unchanged.

Chief Construction Engineer, Rural Works Circle,Angul

OIPR-25180/11/0067/2526


## ଜଟଣୀରେ ଚାଲିଛି ଓଡ଼ିଶା ପ୍ରସିଦ୍ଧ ଗଣେଶ ପୂଜା

# ପୂଜା ପେଣ୍ଡାଲରେ କର୍ତ୍ତା ସାଜିଲେ ଥାନାଧିକାରୀ




**ଜଟଣୀ,୪ା୯/ଏନ୍ଏନ୍ଏସ୍:** ପ୍ରସିଦ୍ଧ ଗଣେଶପୂଜା ଲାଗି ବ୍ୟବସାୟୀକ ସହରର ଜଟଣୀରେ ଗଣେଶଙ୍କ ସହିତ ମା’ ଲକ୍ଷ୍ମୀ ଓ ସରସ୍ୱତୀ ମଧ ପୂଜା ପାଇଥାନ୍ତି। ଜଟଣୀ ସହରରେ ଏହି ତ୍ରିମୁଖୀ ପୂଜା ପ୍ରାୟତଃ ସମସ୍ତ ପୂଜା ପେଣ୍ଡାଲରେ ଦେଖିବାକୁ ମିଳିଥାଏ। ଜଟଣୀ ସହର ସହିତ ଗ୍ରାମାଂଚଳର ସଂଯୋଗ ମୁଖଶାଳା ଜଟଣୀ ଥାନାଛକରେ ମଧ ଧୂମଧାମରେ ପ୍ରଭୁଗଜାନନଙ୍କ ପୂଜା ଚାଲିଛି। ଏହି ପୂଜା ପେଣ୍ଡାଲର ଏକ ବିଶେଷତ୍ୱ ରହିଛି। ଏଠାରେ ପ୍ରଭୁ ବିଘ୍ନରାଜଙ୍କ ପୂଜାରେ ପ୍ରଥମଦିନ ଓ ଅନ୍ତିମ ଦିନରେ ଭୋଗ ଜଟଣୀଥାନାରୁ ଅଣାଯିବାର ବିଧୀ ରହିଛି। ଏଥି ସହିତ ଜଟଣୀଥାନାର ଭାରପ୍ରାପ୍ତଧିକାରୀ ଏହି ପୂଜାର କର୍ତା ହୋଇଥାନ୍ତି। ଏହି ପରମ୍ପରା ମଧରେ ପ୍ରଭୁ ବିଘ୍ନରାଜଙ୍କ ପୂଜା ଗତ ୫୦ବର୍ଷଧରି ଚାଲିଛି ବୋଲି ଥାନାଛକ ବ୍ୟବସାୟୀ ସଂଘର ସଭାପତି ରୋହତାଶ ଅଗ୍ରୱାଲ କହିଛନ୍ତି। ଏଠାରେ ପ୍ରଭୁ ବିଘ୍ନରାଜଙ୍କ ନିକଟରେ ପ୍ରତିଦିନ ଖଜା, ଛେନା, କାକରା, ଖେଚୁଡି, ରସଗୋଲା, ଲଡୁ, ଚୁଡାଘସା, ମାଲପୁଆ ଆଦି ଭୋଗଲାଗି ହୋଇଥାଏ। ପ୍ରତିଦିନ ସଂଧ୍ୟାରେ ଏଠାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହେଉଛି। ଚଳିତବର୍ଷ ସୁଉଚ୍ଚ ତୋରଣ ସାଙ୍ଗକୁ ଏଲ୍‌ଇଡି ଲାଇଟ୍ ଆନିମେସନ ଶ୍ରଦ୍ଧାଳୁଙ୍କ ମନ୍ତ୍ରମୁଗ୍ଧ କରିଛି ବୋଲି ସମ୍ପାଦକ ଅନନ୍ତ ଶତପଥୀ କହିଛନ୍ତି।


**GOVERNMENT OF ODISHA** b-14
**Office of the Superintending Engineer**
**N.H. Division, Bhubaneswar Email-eenh_bbsr@yahoo.co.in**
**Ph No-0674-2972908**
**INVITATION FOR BIDS**
**BID IDENTIFICATION NO. 05 SE NH, BBSR of 2025-26**

The Superintending Engineer, National Highways Division, Bhubaneswar on behalf of Governor of Orissa invites percentage rate bids in Single cover system on **online mode** for construction of works as detailed in the table below **from eligible contractors as mentioned in Col. 7** registered with the State Govt. and Contractors of equivalent Grade or Class registered with Central Government / Other State Government / MES / Railways for execution of Civil Works, on production of definite proof from the appropriate authority.

| Sl No | Name of work | Approximate Estimated cost put to Tender | Concerned Sub-Division | Bid security EMD (online) | Cost of Bid documents (online) | Class of Bidder | Period of completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | S/R to Development of community space of W.B.P.Colony, Bhubaneswar for the year 2025-26 (Composite Tender) | Rs. 3397445/- (Excluding GST) | NH Sub Division, Bhubaneswar | Rs.33974/- | Rs.6000/- | "C & B" Class Contractor | Two Months |

The bidders have to participate in ONLINE bidding only. The web- site for "ONLINE BIDDING" is http://tendersodisha.gov.in.

1. Bid documents will be available in above website from **dt.09.09.2025 to dt.20.09.2025 up to 17.30 Hours**. The cost of Bid document and EMD as stated in the DTCN shall be deposited in online as per instruction in the portal. Bids of the above work shall be opened **at 12.30 hours on dt.22.09.2025.** The bidder must possess matching class compatible Digital Signature Certificate (DSC). Further details and other terms and conditions can be seen from the website www.tendersodisha.gov.in
2. Subsequent corrigendum / addendum if required shall be available in the website as indicated above.
3. The authority reserves the right to cancel any/all bids without assigning any reason.

**Sd/- Superintending Engineer**
**N.H. Division, Bhubaneswar**

OIPR-34044/11/0005/2526

## ସୁନା ନିଲାମ ବିଜ୍ଞପ୍ତି

**ଆଚିଭର୍ସ ଫାଇନାନ୍ସ ଇଣ୍ଡିଆ ଲିମିଟେଡ୍**
**ସିଆଇଏନ୍-U51909WB1996PTC082118**
୩୭/୧, ଡି.ଏଚ.ରୋଡ୍, [illegible], କୋଲକାତା-୦୮, ଫୋନ: [illegible]
ଇ-gold@achiversind.com, ୱେବ୍- www.achiliversfinance.com

[illegible]

ସ୍ଥାନ : କୋଲକାତା
ତାରିଖ : ୦୪.୦୯.୨୦୨୫

ଆଚିଭର୍ସ ଫାଇନାନ୍ସ ଇଣ୍ଡିଆ ଲିମିଟେଡ୍
୩୭/୧, ଡି.ଏଚ.ରୋଡ୍, [illegible], କୋଲକାତା-୦୮

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ଏକ ଉଦ୍ୟୋଗ)

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: OPTCL Tech Tower, Janpath, Saheed Nagar, Bhubaneswar-751007

## TENDER ALERT

CAD-1681

**1)Tender Call Notice No. TELC/CLE/BBSR/ACDC CABLE/TENDER-02/2025-26:** Supply of different power cable for commissioning of battery & charger at different Telecom sections under telecom circle, Bhubaneswar.
**2)E-Tender Call Notice No. SGM-SZ-BAM-06/2025-26 :** Various civil works to be carried out at 220kV PGCIL (1&3) dia. of 220/132/33kV Grid S/S,Jayanagar under EHT (O&M) Division, Jayanagar under Southern (O&M) Zone, Berhampur.
**3)Tender Call Notice No. JSG-09/2025-26:** Painting of different equipments of 220/132/33kV Grid S/S Budhipadar under EHT (O&M) Division, Jharsuguda.
**4)Tender Call Notice No. 04/2025-26:** Hiring of diesel run commercial light vehicle Non-AC Bolero/Camper or equivalent for 220/132/33kV Grid S/S, Jayapatna under EHT (O&M) Division, Kesinga.
**5)Tender Call Notice No. 05/2025-26:** One time cutting/uprooting & cleaning of grass & shrubs in premises of different GSS S/Y and offices under EHT (O&M) Division, Kesinga.
**6)Tender Call Notice No. CHP-03/2025-26:** Procurement of HDG Nut & bolts for different Grid S/S under EHT (O&M) Circle, Chainpal.
**7)Tender Call Notice No. 05/2025-26:** Supply of 01 no. diesel run hired vehicle (Non AC Mahindra Camper or equivalent) for GSS Ranki and GSS Dhenkikote on poll basis under EHT (O&M) Division, Joda under EHT (O&M) Circle, Jajpur Road.
**8)Tender Call Notice No. BRL-16/2025-26: Group-A:** Hiring of commercial diesel run vehicle 7/9 Seated Bolero (Non-AC) or equivalent for engagement at E&MR Sub-Division, Burla **Group-B**: Hiring of commercial diesel run vehicle 7/9 Seated Bolero (Non-AC) or equivalent for engagement at E&MR Sub-Division, Jharsuguda under EHT (O&M) Circle, Burla.
For more details please visit OPTCL's website: **www.optcl.co.in.** OIPR-04011/11/0215/2526 FIPR-40/2025-26

/optcl.odisha /optcl_odisha

ନିତିଦିନ NITIDIN



# ଶ୍ରୀମନ୍ଦିରରେ ବାମନ ଜନ୍ମ ନୀତି, ଶ୍ରୀନହରରେ ସୁନିଆଁ ପର୍ବ

**ପୁରୀ,୪।୯/ଏନ୍‌ଏନ୍‌ଏସ୍:** ଆଜି ଭାଦ୍ରବ ମାସ ଶୁକ୍ଳ ଦ୍ୱାଦଶୀ ତିଥିରେ ଶ୍ରୀମନ୍ଦିରରେ ପାଳିତ ହେଉଛି ବାମନ ଜନ୍ମ ନୀତି। ଆଜିର ଦିନରେ ଅଦିତିଙ୍କ ଠାରୁ ବାମନ ଜନ୍ମ ହୋଇଥିବାରୁ ଏହାର ସ୍ମୃତିକୁ ନେଇ ଏହି ଜନ୍ମ ନୀତି ଦ୍ୱିପ୍ରହର ଧୂପ ପରେ ଶ୍ରୀମନ୍ଦିରରେ ପାଳିତ ହୋଇଥିଲା। ତେବେ ଏହି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ବାମନ ଜନ୍ମ ନୀତି ସରିବା ପରେ ପୁନର୍ବାର ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ଅନ୍ୟପଟେ ଆଜି ସନ୍ଧ୍ୟାରେ ଗଜପତିଙ୍କ ଶ୍ରୀନହରରେ ସୁନିଆଁ ପର୍ବ ଅନୁଷ୍ଠିତ ହୋଇଥିଲା। ଶ୍ରୀମନ୍ଦିରରେ ବାମନ ଜନ୍ମ ନୀତି ଅନୁଷ୍ଠିତ ହୋଇଛି। ଆଜି ସକାଳୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସ୍ୱତନ୍ତ୍ର ନୀତି ଆରମ୍ଭ ହେବା ସହ ସକାଳଧୂପ ଓ ଭୋଗମଣ୍ଡପ ପରେ ଶ୍ରୀବିଗ୍ରହଙ୍କ ମହାସ୍ନାନ କରାଯାଇ ନୂଆଲୁଗା ଓ ଚନ୍ଦନ ଲାଗି କରାଯାଇଥିଲା। ଆଜିର ଦିନରେ ଅଦିତିଙ୍କ ଠାରୁ ବାମନ ଜନ୍ମ ହୋଇଥିବାରୁ ଏହାର ସ୍ମୃତିକୁ ନେଇ ଏହି ଜନ୍ମ ନୀତି ଦ୍ୱିପ୍ରହର ଧୂପ ପରେ ପାଳିତ ହୋଇଥିଲା। ଏହି ଅବସରରେ ଦକ୍ଷିଣ ଘରୁ ମଦନମୋହନ ରତ୍ନ ସିଂହାସନକୁ ବିଜେ କରିବା ପରେ ରତ୍ନ ଭଣ୍ଡାର ନିକଟକୁ ଆସିଥିଲେ। ଜୟ ବିଜୟ ଦ୍ୱାର ବନ୍ଦ କରାଯାଇ ପୂଜପଣ୍ଡା ସାମନ୍ତ ବାମନଙ୍କ ସୁବର୍ଣ୍ଣ ପ୍ରତିମାରେ ଏହି ଜନ୍ମ ନୀତି ପାଳନ କରିଥିଲେ। ତେବେ ଆଜି ଶ୍ରୀମନ୍ଦିରରେ ବାମନ ଜନ୍ମ, ପବିତ୍ରା ଲାଗି ଓ ଇନ୍ଦ୍ରଧ୍ୱଜା ପୂଜା ବିଧି ମଧ୍ୟ ଅନୁଷ୍ଠିତ ହୋଇଥିଲା। ଆଜି ଗୁରୁବାର ସାଙ୍ଗକୁ ଶ୍ରୀମନ୍ଦିରରେ ବାମନ ଜନ୍ମ ନୀତି ଅନୁଷ୍ଠିତ ହୋଇଥିବାରୁ ମହାପ୍ରଭୁଙ୍କ ଦର୍ଶନ କରି ଭକ୍ତମାନେ ନିଜକୁ ଭାଗ୍ୟବାନ ମନେ କରିଥିବା କହିଥିଲେ। ଅନ୍ୟପଟେ ଆଜି ହେଉଛି ପବିତ୍ର ସୁନିଆଁ ଉତ୍ସବ। ଆଜିଠାରୁ ଗଜପତି



ମହାରାଜା ଦିବ୍ୟସିଂହ ଦେବଙ୍କର ଆରମ୍ଭ ହୋଇଛି ୧୪୩୩ ସାଲ ୬୯ ଅଙ୍କର ପ୍ରବେଶ। ଏହି ଅବସରରେ ଗଜପତିଙ୍କ ଶ୍ରୀନହରରେ ଆଜି ସନ୍ଧ୍ୟାରେ ପାଳିତ ହୋଇଥିଲା ସୁନିଆଁ ଉତ୍ସବ। ଆଜିଠାରୁ ଗଜପତି ମହାରାଜାଙ୍କର ୬୯ ଅଙ୍କ ଆରମ୍ଭ ହୋଇଛି। ଜାତକ ଓ ପାଞ୍ଜି ଅଙ୍କ ଗଣନାର ବିଶେଷ ମହତ୍ତ୍ୱ ରହିଥିବା ବେଳେ ଆଜିର ଏହି ସୁନିଆଁ ଅବସରରେ ଶ୍ରୀନହର ପ୍ରାଙ୍ଗଣରେ ଥିବା କନକ ଦୂର୍ଗାଙ୍କ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା କରାଯାଇଥିଲା। କନକଦୂର୍ଗା, ଶ୍ୟାମାକାଳୀ, ରାଧାକୃଷ୍ଣ, ନୃସିଂହ ଆଦି ଦେବା ଦେବୀଙ୍କୁ ପୂଜାର୍ଚ୍ଚନା କରିଥିଲେ ଗଜପତି ମହାରାଜ। ଗଜପତିଙ୍କର ଏହି ପୂଜାକୁ ଦେବାର୍ଚ୍ଚନା କୁହାଯାଏ। ଦେବାର୍ଚ୍ଚନା ଓ ମଙ୍ଗଳାର୍ପଣ ପରେ ଶ୍ରୀନହରରେ ସୁନିଆଁର ବିଶେଷ ପର୍ବ ଆରମ୍ଭ ହୋଇଥିଲା। ଗଜପତିଙ୍କ ଉପସ୍ଥିତିରେ ଶ୍ରୀନହରରେ ଅଙ୍କ କଟା ନିତୀ ସମ୍ପାଦନ କରାଯାଇଥିଲା। ଏହି ଅବସରରେ ଶ୍ରୀନହର ପକ୍ଷରୁ ନୂତନ ଅଙ୍କ ପାଇଁ ଏକ ସ୍ୱର୍ଣ୍ଣ ମୁଦ୍ରା ପ୍ରଚଳନ କରାଯାଇଥିଲା। ସେହିପରି ରାଜଗୁରୁଙ୍କ ଉପସ୍ଥିତିରେ ବରାହ ନୃସିଂହ, ଲକ୍ଷ୍ମୀନୃସିଂହ ଆଦି ଦେବାଦେବୀଙ୍କ ଚିହ୍ନ ଥିବା ମୁଦ୍ରାକୁ ନହରକରଣ ପ୍ରଚଳନ କରାଇବା ସହ ଗଜପତି ମହାରାଜ ଏହାକୁ ଘୋଷଣା କରିଥିଲେ। ଶ୍ରୀମନ୍ଦିରରେ ଆଜି ବାମନ ଜନ୍ମ ନୀତି ଅନୁଷ୍ଠିତ ହେଉଥିବା ବେଳେ ସନ୍ଧ୍ୟା ୫ଟା ଠାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା।? ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ କରି ନିଜକୁ ଧନ୍ୟ ମନେ କରିଛନ୍ତି। ସେପଟେ ସୁନିଆଁ ଅବସରରେ ରାଜନହରରେ ରାଜଗୁରୁ ଓ ଶାସନ ବ୍ରାହ୍ମଣମାନେ ଗଜପତିଙ୍କୁ ଆର୍ଶୀବାଦ ପ୍ରଦାନ କରିବା ସହ ଭେଟି ପ୍ରଦାନ କରିଛନ୍ତି।

## ମେଧା ପ୍ରତିଭା ପୁନମ ପ୍ରିୟଦର୍ଶିନୀ ସମ୍ବର୍ଦ୍ଧିତ

**ଫୁଲନଖରା,୪।୯/ଏନ୍‌ଏନ୍‌ଏସ୍:** ସାଂସ୍କୃତିକ ସଂଗଠନ ଆରାଧା ଚାରିଟେବୁଲ ଟ୍ରଷ୍ଟ ଫୁଲନଖରା ଉପଦେଷ୍ଟା ତଥା ସୟଲିଶମୌଜା ନିବାସୀ ପ୍ରାଧ୍ୟାପକ ପ୍ରଫୁଲ୍ଲ ଦାସ ଓ ସୁମିତ୍ରା ଦେଉଙ୍କର କନ୍ୟା ପୁନମ ପ୍ରିୟଦର୍ଶିନୀଙ୍କୁ ଶିକ୍ଷା ଏବଂ ଚିତ୍ରକଳା ଦିଗରେ ଉଲ୍ଲେଖନୀୟ ସଫଳତା ନେଇ ସାମାଜିକ ସଂଗଠନ ଯୁନିଅନ୍ ଫର୍ କଲେଜ ସବର ଡେଭଲପମେଣ୍ଟ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସେ ଚଳିତ ବର୍ଷ ମୁକ୍ତଶୀ ସ୍ଥିତ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ଦଶମରେ ସମୁଦାୟ ୯୮% ନମ୍ବର ରଖି ବିଦ୍ୟାଳୟରେ ଟପର ହୋଇ ଅଧୁନା ସେହିଠାରେ ଯୁକ୍ତଦୁଇ ବିଜ୍ଞାନ ପଢୁଛନ୍ତି। ସୁଚନାଯୋଗ୍ୟ ତାଙ୍କ ଜ୍ୟେଷ୍ଠ ଭଗ୍ନୀ ସାହିତ୍ୟିକା ପାୟଲ ପ୍ରିୟଦର୍ଶିନୀ ଓଡ଼ିଶା ପ୍ରଶାସନିକ ସେବାରେ ଅଧୁନା କାର୍ଯ୍ୟରତ ଏବଂ ପିତା ଶିକ୍ଷାବିତ୍ ତଥା କଳାକାର ପ୍ରଫୁଲ୍ଲ ଦାସ ସରସ୍ୱତୀ କଳା ପରିଷଦ କଦରପୁର ଉପସଭାପତି ଭାବେ କଳା, ସାହିତ୍ୟ, ସଂସ୍କୃତିର ବିକାଶ ସହ ଅଧୁନା ସନାତନ ହରିଚନ୍ଦନ ଡିଗ୍ରୀ ମହାବିଦ୍ୟାଳୟ ଖୋର୍ଦ୍ଧାର ଅଧକ୍ଷ ଭାବେ ଶିକ୍ଷାଦାନ ସେବାରେ ବ୍ରତୀ।

## ଭାପୁର ପଞ୍ଚାୟତ ସମିତି ଅଧିବେଶନରେ ବିକାଶକୁ ଗୁରୁତ୍ୱ

**ଭାପୁର,୪।୯/ଏନ୍‌ଏନ୍‌ଏସ୍:** ଭାପୁର ପଞ୍ଚାୟତ ସମିତି ସଭାଗୃହରେ ଦଶମ ସାଧାରଣ ଅଧିବେଶନ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବ୍ଲକରେ ଶିକ୍ଷା, ସ୍ୱାସ୍ଥ୍ୟ, ରାସନ କାର୍ଡ, ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ, ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରଭୃତି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ବ୍ଲକ ସଦ୍‌ଭାବନା କକ୍ଷରେ ଆୟୋଜିତ ଅଧିବେଶନ ଆରମ୍ଭରେ ବ୍ଲକ ପ୍ରଶାସନ ଓ ଜନପ୍ରତିନିଧିଙ୍କ ମଧ୍ୟରେ ହଟ୍ଟଗୋଳ ହୋଇଥିବା ଦେଖିବାକୁ ମିଳିଥିଲା। ବିଡିଓଙ୍କ ମନମୁଖୀ କାର୍ଯ୍ୟକୁ ନେଇ ଏହି ସାଧାରଣ ଅଧିବେଶନ ତୁମୁଳକାଣ୍ଡ ହୋଇଥିବା ଦେଖାଯାଇଥିଲା। ଏହି ଅଧିବେଶନରେ ଅବର୍ଣ୍ଣୟ ଗୃହ ଯୋଜନାରେ ହୋଇଥିବା ମହାଦୁର୍ନୀତିକୁ ନେଇ ଆଲୋଚନା ହୋଇଥିଲା। ହିତାଧିକାରୀ ଚୟନରେ ବ୍ଲକ ତରଫରୁ ନିଯୁକ୍ତ କରାଯାଇଥିବା ନୋଡାଲ ଅଧିକାରୀମାନଙ୍କ ରିପୋର୍ଟକୁ ସମ୍ପୂର୍ଣ୍ଣ ଓଲଟାଇ ଆୟୋଜ୍ୟ ହିତାଧିକାରୀ ଚୟନ ହୋଇଥିବା ନେଇ ଜନପ୍ରତିନିଧିମାନେ ଅଭିଯୋଗ କରିଥିଲେ। ଏ ନେଇ ଘୋଷା ଉନ୍ନୟନ ଅଧିକାରୀ କିଛି ଉତ୍ତର ନ ଦେଇ ଚୁପ୍ ରହିଥିବା ଦେଖାଯାଇଥିଲା। ସୂଚନା ଅଧିକାର ଆଇନ ବଳରେ ମଗାଯାଇଥିବା ତଥ୍ୟରେ ଭୁଲ ଏବଂ ମିଥ୍ୟା ତଥ୍ୟ ବିଡିଓ ପ୍ରଦାନ କରିଥିବା ଉପାଧ୍ୟକ୍ଷ ପ୍ରଧାନ ସହ ଦେବା ପରେ ଗୃହରେ ବିଡିଓଙ୍କ ବିରୁଦ୍ଧରେ କାହିଁ ନଥିବା ଆକ୍ରୋଶ ପ୍ରକାଶ ପାଇଥିଲା। ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଜନପ୍ରତିନିଧିଙ୍କୁ ନ ଜଣାଇ ବ୍ଲକ ପ୍ରଶାସନ ମନ ଇଚ୍ଛା ବିଭିନ୍ନ ପ୍ରକଳ୍ପର ନାମ ଚୟନ କରିଥିବା, ପ୍ରଧାନମନ୍ତ୍ରୀଙ୍କ ମହତ୍ ଯୋଜନା ମା’ ପାଇଁ ଗଛଟିଏ ବିଷୟରେ ମନେରଗା ଯୋଜନାରେ କୌଣସି ଜନପ୍ରତିନିଧିଙ୍କୁ ନ ଜଣାଇବା ଓ କୌଣସିଠାରେ ଗଛଟିଏ ନ ଲଗାଇ ବ୍ଲକ ପ୍ରଶାସନ ଖର୍ଚ୍ଚ ରିପୋର୍ଟ ଜିଲ୍ଲା ପ୍ରଶାସନକୁ ପ୍ରଦାନ କରିଥିବା ଜଣାପଡ଼ିବା ପରେ ସରପଞ୍ଚ, ସମିତି ସଭ୍ୟମାନେ ମିଳିତ ହୋଇ ବିଡିଓଙ୍କୁ ପ୍ରଶ୍ନବାଣରେ ଘାଇଲା କରିଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଲା ପଞ୍ଚାୟତ ସମିତି ବୈଠକରେ ବ୍ଲକ ଅନ୍ତର୍ଗତ ସମସ୍ତ ପିଇଓ, ଜିଆରଏସ୍, ଯନ୍ତ୍ରୀ ପ୍ରମୁଖ କର୍ମଚାରୀ ଉପସ୍ଥିତ ରହିବ କଥା। କିନ୍ତୁ ବିଡିଓ ସେମାନଙ୍କୁ ଏହି ବୈଠକକୁ ନ ଆସିବା ପାଇଁ ମୌଖିକ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି ଓ ସେମାନେ ଏହି ଅଧିବେଶନକୁ ନ ଆସିବା ବ୍ଲକ ପ୍ରଶାସନ କାର୍ଯ୍ୟ ଶୈଳୀ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ବୈଠକରେ ୧୯ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ସୁଶାନ୍ତ କୁମାର ସାହୁ, ୨୦ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ସାମନ୍ତରାୟ କଟକ ସାଂସଦଙ୍କ ଭାପୁର ବ୍ଲକ ପ୍ରତିନିଧି ଗୋପାଳ କୁମାର ପ୍ରଧାନ, ବିଡିଓ ସାରଦା ପ୍ରସନ୍ନ ପଣ୍ଡାଙ୍କ ସହ ଅଧିକାଂଶ ସରପଞ୍ଚ, ସମିତି ସଭ୍ୟମାନେ ଅଧିବେଶନରେ ଉପସ୍ଥିତ ଥିଲେ।

### ତୃତୀୟ ପୃଷ୍ଠାରୁ

## କ୍ଷୁଦ୍ର ବ୍ୟବସାୟୀ ହେବେ ...

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଷ୍ଟାଟ୍ ଅପ୍ ବ୍ୟବସାୟୀମାନଙ୍କ ନିମନ୍ତେ ପଞ୍ଜୀକରଣ ପ୍ରକ୍ରିୟାକୁ ଅଧିକ ସରଳ ଓ ସହଜ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବିଭିନ୍ନ ତଥ୍ୟକୁ ବିଶ୍ଳେଷଣ କରି ଆବେଦନକାରୀଙ୍କୁ ଆବେଦନର ତିନିଦିନ ମଧ୍ୟରେ ସ୍ୱତଃ ପଞ୍ଜିକରଣ ପ୍ରଦାନ କରାଯିବ। ଯେଉଁ ଆବେଦନକାରୀଙ୍କର ଆକଳନ ଅନୁସାରେ ସେମାନଙ୍କର ମାସିକ କାରବାରରେ ସମୂହ ଟିକସର ପରିମାଣ ଅନ୍ୟ ବ୍ୟବସାୟୀ ସଂସ୍ଥାମାନଙ୍କୁ ୨.୫ ଲକ୍ଷ ଟଙ୍କାରୁ ଅଧିକ ନଥିବ, ସେମାନଙ୍କୁ ଏକ ବିକଳ୍ପ ସରଳ ପଞ୍ଜିକରଣ ବ୍ୟବସ୍ଥାରେ ସାମିଲ କରାଯିବ ଓ ତିନିଦିନ ମଧ୍ୟରେ ସ୍ୱତଃ ପଞ୍ଜିକରଣ ପ୍ରଦାନ କରାଯିବ। ଛୋଟ କାର୍, ଦୁଇଚକିଆ ଏବଂ ତିନିଚକିଆ ଗାଡ଼ି ଉପରେ ଟିକସ ୨୮ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ କରାଯିବା ଯୋଗୁଁ ନିମ୍ନ ମଧ୍ୟବିତ୍ତ ବର୍ଗ ଲୋକ ଏଥିରୁ ଅଧିକ ଉପକୃତ ହେବେ। ଏହି ଟିକସ ହ୍ରାସ ୨୨ ସେପ୍ଟେମ୍ବର, ୨୦୨୫ ନବରାତ୍ରିର ପ୍ରଥମ ଦିନରୁ ଲାଗୁ କରାଯିବ। ଏକ ବିକଶିତ ଭାରତ ଗଠନ ଲାଗି ଉଦ୍ଦିଷ୍ଟ ଏହି ସଂସ୍କାର ପ୍ରକ୍ରିୟାକୁ ଓଡ଼ିଶାବାସୀ ପୂର୍ଣ୍ଣ ସମର୍ଥନ ଜଣାଉଛନ୍ତି। ଓଡ଼ିଶାର ଜନସାଧାରଣଙ୍କ ତରଫରୁ ଏଥିଲାଗି କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ଓ ଜିଏସ୍‌ଟି ପରିଷଦକୁ କୃତଜ୍ଞତା ପ୍ରଦାନ କରୁଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

## ୧୦ ବର୍ଷରେ ଶିଶୁ ମୃତ୍ୟୁହାର ...

୧୯୭୧ରେ ଏହି ହାର ୩୬.୯%ରୁ ହ୍ରାସ ପାଇ ୨୦୨୩ରେ ୧୮.୪%ରେ ପହଞ୍ଚିଛି। ଏହି ବର୍ଷଗୁଡ଼ିକରେ ଗ୍ରାମୀଣ-ସହର ବ୍ୟବଧାନ ମଧ୍ୟ ହ୍ରାସ ପାଇଛି। ତଥାପି, ଗତ ପାଞ୍ଚ ଦଶନ୍ଧି ମଧ୍ୟରେ ଗ୍ରାମୀଣ କ୍ଷେତ୍ରରେ ଜନ୍ମ ହାର ସହରାଞ୍ଚଳ ତୁଳନାରେ ଅଧିକ ରହିଛି, ରିପୋର୍ଟରେ କୁହାଯାଇଛି। ସେହିପରି ଗତ ପାଞ୍ଚ ଦଶନ୍ଧି ମଧ୍ୟରେ ଦେଶରେ ମୃତ୍ୟୁହାର ମଧ୍ୟ ଧୀରେ ଧୀରେ ହ୍ରାସ ପାଇଛି। ୧୯୭୧ ମସିହାରେ ମୃତ୍ୟୁହାର ୧୪.୯% ରହିଥିବା ବେଳେ ୨୦୨୩ ମସିହାରେ ଏହା ୬.୪%କୁ ହ୍ରାସ ପାଇଛି।

## କଟକରେ ୬ ସୁଉଚ୍ଚ ...

ତୋରଣଗୁଡ଼ିକର ସ୍ଥିତି ଯାଞ୍ଚ କରି ସନ୍ତୁଷ୍ଟ ହେଲେ ସେହି ମଣ୍ଡପଗୁଡ଼ିକୁ ପୂର୍ଣ୍ଣ ଏନ୍‌ଓସି ଦିଆଯିବ ବୋଲି କଟକ ଜିଲ୍ଲାପାଳ ହାଇକୋର୍ଟକୁ ଅବଗତ କରାଇଥିଲେ। ଏହାବ୍ୟତୀତ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ପ୍ରତି ୧୦ରୁ ୧୨ଟି ମଣ୍ଡପ ପାଇଁ ଜଣେ ଲେଖାଏଁ ଅଫିସର ନିୟୋଜିତ କରାଯିବ ବୋଲି ଜିଲ୍ଲାପାଳ କୋର୍ଟକୁ ଜଣାଇଥିଲେ। ଅପରପକ୍ଷରେ ପୂଜା ପରେ ବାଉଁଶ ତିଆରି ନିର୍ମାଣକୁ ଯଥାଶୀଘ୍ର ହଟାଇବା ପାଇଁ ବ୍ୟବସ୍ଥା କରାଯିବ ଏବଂ ସେଗୁଡ଼ିକୁ ରାତି ସମୟରେ ହଟାଯିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ଜିଲ୍ଲାପାଳ ମଧ୍ୟ କୋର୍ଟକୁ ଜଣାଇଥିଲେ। ତେବେ ୬୫ ଡେସିବଲ ଉପରକୁ ଶବ୍ଦ ଉପରେ ହାଇକୋର୍ଟ କଟକଣା ଜାରି କରିଛନ୍ତି। ଲେଜର୍ ଲାଇଟ୍ ବ୍ୟବହାର ଉପରେ ମଧ୍ୟ ହାଇକୋର୍ଟଙ୍କ କଟକଣା ବଳବତ୍ତର ରହିଛି।

## ଆଇଆଇଟି ମାଡ୍ରାସ୍ ...

କାନପୁର ୫ମ ସ୍ଥାନରେ, ଆଇଆଇଟି ଖଡଗପୁର ୬ଷ୍ଠ ସ୍ଥାନରେ ଏବଂ ଆଇଆଇଟି ରୁର୍‌କି ୭ମ ସ୍ଥାନରେ ରହିଛନ୍ତି। ସେହିପରି ୮ମ ସ୍ଥାନରେ ଦିଲ୍ଲୀ ଏମ୍ସ ରହିଥିବା ବେଳେ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟ ୯ମ ସ୍ଥାନରେ ଏବଂ ବନାରସ୍ ହିନ୍ଦୁ ବିଶ୍ୱବିଦ୍ୟାଳୟ ୧୦ମ ସ୍ଥାନରେ ରହିଛନ୍ତି। ଏତଦ୍‌ବ୍ୟତୀତ ବେଙ୍ଗାଲୁରୁରେ ଥିବା ନ୍ୟାସନାଲ ଲ ସ୍କୁଲ ଅଫ୍ ଇଣ୍ଡିଆ’କୁ ଦେଶର ସର୍ବୋତ୍ତମ ଆଇନ କଲେଜ ଭାବେ ସ୍ଥାନିତ କରାଯାଇଛି।

ଶିକ୍ଷାନୁଷ୍ଠାନଗୁଡ଼ିକୁ ଏପ୍ରକାର ର୍‍ୟାଙ୍କିଂଭୁକ୍ତ କରିବା ପାଇଁ ଭିନ୍ନଭିନ୍ନ ପାରାମିଟର (ମାନଦଣ୍ଡ) ବ୍ୟବହାର କରାଯାଇଥାଏ। ଚଳିତ ବର୍ଷ ପ୍ରକାଶିତ ର୍‍ୟାଙ୍କିଂ ପ୍ରାୟ ୧୭ଟି ପାରାମିଟର ଉପରେ ପର୍ଯ୍ୟବେସିତ ରହିଛି। ସାମଗ୍ରିକ ଭାବରେ, ଏସ୍‌ଡିଜି ପ୍ରତିଷ୍ଠାନ, ବିଶ୍ୱବିଦ୍ୟାଳୟ, କଲେଜ, ଗବେଷଣା ପ୍ରତିଷ୍ଠାନ, ଇଞ୍ଜିନିୟରିଂ, ପରିଚାଳନା, ଫାର୍ମାସି, ଚିକିତ୍ସା, ଦନ୍ତ, ଆଇନ, ସ୍ଥାପତ୍ୟ ଏବଂ ଯୋଜନା, କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ର, ମୁକ୍ତ ବିଶ୍ୱବିଦ୍ୟାଳୟ, ଦକ୍ଷତା ବିଶ୍ୱବିଦ୍ୟାଳୟ ଏବଂ ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକର ଏହି ପାରାମିଟର ଆଧାରରେ ବିଶ୍ଳେଷଣ କରାଯାଇଥାଏ।

## ଜାପାନ ସରକାରଙ୍କ ପ୍ରତିନିଧିମଣ୍ଡଳୀ ସହ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ମିଳିତ ବୈଠକ



**ପୁରୀସଦର,୪।୯/ଏନ୍‌ଏନ୍‌ଏସ୍:** ଜାପାନର ପ୍ରଧାନମନ୍ତ୍ରୀ ସିଗେରୁ ଇ ସିବାଙ୍କ ନିର୍ବାଚନ ମଣ୍ଡଳୀ ତୋତରି ରାଜ୍ୟରୁ ଆସିଥିବା ଏକ ସରକାରୀ ପ୍ରତିନିଧିଦଳ ପୁରୀ ଗସ୍ତରେ ଆସିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରର ଓସ୍ୱିନ୍ ହଲରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ କୁମାର ବେହେରାଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ପୁରୀରେ ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଜିଲ୍ଲା ପଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, ଇଣ୍ଡିଆ-ଜାପାନ ଫ୍ରେଣ୍ଡ୍ ସିପ ସେଣ୍ଟର ସଭାପତି ଶ୍ରୀମନ୍ତ କୁମାର ଦାଶ, ପୁରୀକୁ ଆସିଥିବା ପ୍ରତିନିଧି ଦଳ ସିଞ୍ଜି ନାଗାତା, ରିୟୋସୁକି ୟମାଗୁଚି, କୋଇଚି ନାକାସିମା, ସେଇକୋ କାମ୍ବା, କେନିଚି ତାମୁରା, ଷ୍ଟଆର୍ଟ କୋନିରାଲି ଓ ଜପାନରୁ ଭିଡିଓ କନ୍ ଫରେନ୍ସ ଜରିଆରେ ପୁରୀ ସିଟି ବ୍ରାଣ୍ଡ ଆମ୍ବାସେଡର ତଥା ଇଣ୍ଡିଆ ବିଜ୍‌ନେସ୍ ଆଡଭାଇଜର ତୋତରି ଜାପାନ ସରକାର କୁନା ଦାଶ ଓ ଅନ୍ୟ ଅଧିକାରୀମାନେ ସାମିଲ ହୋଇଥିଲେ। ବୈଠକରେ ପୁରୀ ସହରର ରାସ୍ତା, ପରିମଳ, ସ୍ୱଚ୍ଛତା, ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟ ନ, ବାଣିଜ୍ୟ ଓ କୁଶଳୀ ଓ ଅଣକୁଶଳୀମାନେ କିଭଳି ଜାପାନ ପାଇ ସ୍ୱାମ୍ବଲମ୍ବୀ ହୋଇପାରିବେ ସେ ସଂପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଅନ୍ୟପକ୍ଷରେ ଟିମ୍ ବେଳାଭୁମି ସମେତ ସହରର ଭିତ୍ତିଭୂମିକୁ ଅନୁଧାନ କରିଥିଲେ। ସେହିଭଳି ଚନ୍ଦ୍ରଶେଖର ଏକାଡେମୀକୁ ଯାଇ ବୁଲି ଦେଖିଥିଲେ। ଏକାଡେମୀରେ ନର୍ସରୀ ଠାରୁ +୨ ପର୍ଯ୍ୟନ୍ତ ଜାପାନ ଭାଷା ପଢୁଥିବା ଛାତ୍ରଛାତ୍ରୀମାନଙ୍କ ସହ ଭାଷାର ଆଦାନ ପ୍ରଦାନ କରିଥିଲେ। ଏହି ଏକାଡେମୀରୁ ଜାପାନ ଭାଷା ପଢ଼ି ପ୍ରତିବର୍ଷ କିଛି ଛାତ୍ର ଜାପାନରେ କର୍ମନିଯୁକ୍ତ ହୋଇଥିବା ଜାଣି ବହୁତ ଖୁସି ବ୍ୟକ୍ତ କରିଥିଲେ। ପରି ଶେଷରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦାମ ପ୍ରଧାନଙ୍କ ବାଲୁକା କଳା ମ୍ୟୁଜିୟମ ବୁଲି ଦେଖି ବିମୋହିତ ହୋଇଥିଲେ। ଏହି ଅବସରରେ ଇଣ୍ଡିଆ ଜାପାନ ଫ୍ରେଣ୍ଡସିପ ସେଣ୍ଟର ସଭାପତି ଶ୍ରୀ ଦାଶ କୁହନ୍ତି, ଭାରତର ପ୍ରଧାନମନ୍ତ୍ରୀଙ୍କ ମେକେ ଇନ୍ ଇଣ୍ଡିଆ ମିଶନକୁ ସଫଳ କରିବା ଲାଗି ପୁରୀ ସହରର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଯୁବକଯୁବତୀମାନଙ୍କୁ ଅଧିକରୁ ଅଧିକ ନିଯୁକ୍ତି ହୋଇପାରିବେ ଓ ଜାପାନର ଟେକ୍ନୋଲୋଜି ଆଣି କିଭଳି ପୁରୀରେ କାର୍ଯ୍ୟକ୍ଷମ ହୋଇପାରିବ ତାହା ଆମର ମୂଳଲକ୍ଷ୍ୟ ବୋଲି କହିଥିଲେ।

## ମାଉସୀ ଘରୁ ପୁତୁରାର ମୃତଦେହ ଉଦ୍ଧାର

**ଅସ୍ତରଙ୍ଗ,୪।୯/ଏନ୍‌ଏନ୍‌ଏସ୍:** ମାଉସୀ ଘର ବାଡ଼ିରେ ଥିବା ଭଣ୍ଡାଗଛ ନିକଟରୁ ପୁତୁରାର ମୃତଦେହ ଉଦ୍ଧାର ନେଇ ଏକ ସମ୍ବେଦନଶୀଳ ଘଟଣା ଦେଖିବାକୁ ମିଳିଛି ଏହି ବ୍ଲକ ଅଧୀନ ଶିଶୁଅ ପଞ୍ଚାୟତର ସାନ ସିରେଇ ବନ୍ଦାଳ ଗ୍ରାମରେ। ଘଟଣାରୁ ପ୍ରକାଶ ଯେ ଉଦୟପୁର ଗ୍ରାମର ହରି ପ୍ରଧାନଙ୍କ ପୁଅ ବୁଦ୍ଧେଶ୍ୱର(୨୬) ବିଭିନ୍ନ ସମୟରେ ହାଇଦ୍ରାବାଦ୍ ସହ ମୁମ୍ବାଇରେ ରହି କାର୍ଯ୍ୟ କରୁଥିଲା ବେଳେ ମଙ୍ଗଳବାର ଘରକୁ ବାହାରି ବୁଧବାର ଅପରାହ୍ନରେ ନିକଟ ସାନସିରେଇ ଗ୍ରାମରେ ଥିବା ମାଉସୀ ଘରେ ରହିଥିଲେ ଓ ଗୁରୁବାର ଦିନ ନିଜ ଘର



ଉଦୟପୁର ଯାଇଥାନ୍ତେ। ହେଲେ ବିଧିର ବିଧାନ ଘରକୁ ଯିବେ କ’ଣ? ଗୁରୁବାର ସକାଳେ ମାଉସୀଙ୍କ ବାଡ଼ିରେ ଥିବା ଭଣ୍ଡାଗଛ ନିକଟରେ ବୁଦ୍ଧେଶ୍ୱରଙ୍କ ମୃତଦେହ ଦେଖିବାକୁ ମିଳିଥିଲା। ଏହି ଖବର ପ୍ରଚାରିତ ହେବା ସହ ବାପାଙ୍କ ଘର ଉଦୟପୁରକୁ ଖବର ଦିଆଯାଇଥିଲା। ପରିବାର ଲୋକ ପହଞ୍ଚି ପରିସ୍ଥିତିକୁ ଅନୁଧାନ କରି ଏହା ଏକ ପ୍ରେମଜନିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିବା ସହ ଅସ୍ତରଙ୍ଗ ଥାନାରେ ହତ୍ୟାକାଣ୍ଡର ସତ୍ୟାସତ୍ୟ ଅନୁଧ୍ୟାନ ନିମନ୍ତେ ଲିଖିତ ଅଭିଯୋଗ କରିଛନ୍ତି। ଅସ୍ତରଙ୍ଗ ପୁଲିସ ଅଭିଯୋଗ ପାଇଲା ପରେ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ତଦନ୍ତ ଜାରି ରଖିଛି।

## କିରାସିନି ଢାଳି ଆତ୍ମାହୁତି ଉଦ୍ୟମ କରିଥିବା ମହିଳାଙ୍କ ମୃତ୍ୟୁ

**ସାଲେପୁର,୪।୯/ଏନ୍‌ଏନ୍‌ଏସ୍:** ବାଲେଶ୍ୱର, ବଲଙ୍ଗା, ପଙ୍ଗାମୁଣ୍ଡାଇ, ନବରଙ୍ଗପୁର ପରେ ଏବେ କିରାସିନି ଢାଳି ଆତ୍ମାହୁତି ଉଦ୍ୟମ କରି ଚାଲିଗଲା ଆଉ ଜଣେ ମହିଳାଙ୍କ ଜୀବନ। ଏଭଳି ଦୁଃଖଦ ଘଟଣା ଘଟିଛି ସାଲେପୁର ଅଞ୍ଚଳରେ। ପାରିବାରିକ କଳହର କରୁଣ ପରିଣତି। ଗତ ମଙ୍ଗଳବାର ଦେହରେ କିରାସିନି ଢାଳି ମହିଳା ଆତ୍ମହତ୍ୟା ଉଦ୍ୟମ କରିବା ପରେ ଜୀବନ ମରଣ ସହ ପ୍ରାୟ ୩୬ଘଣ୍ଟା ସଂଗ୍ରାମ କରି ଶେଷରେ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଛନ୍ତି ମହିଳାଜଣକ। ଏହି ମହିଳାଜଣକ ହେଲେ ସାଲେପୁର ଥାନା ଜପକୁଦ ଫାଣ୍ଡି ଅଧୀନ ସିଢ଼ୋ ପଞ୍ଚାୟତ କଙ୍କରାଇଲୋ ଗ୍ରାମର ଅଜୟ କୁମାର ରାଉତଙ୍କ ପତ୍ନୀ ତିଲୋତ୍ତମା ରାଉତ। ଘଟଣା ରୁ ପ୍ରକାଶ ଗତ ଦୁଇଦିନ ତଳେ ମହିଳା ଜଣକ ପାରିବାରିକ କଳହ କାରଣରୁ ଦେହରେ କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କରୁଥିବା ବେଳେ ତାଙ୍କୁ ଗୁରୁତର ଆବସ୍ଥାରେ ଉଦ୍ଧାର କରି ପ୍ରଥମେ ସାଲେପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ମହିଳାଙ୍କ ଶରୀରର ୬୦ଭାଗରୁ ଉର୍ଦ୍ଧ୍ୱ ଜଳିଯାଇଥିବା ନେଇ ଡାକ୍ତର ସୂଚନା ଦେଇଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ସେଠାରୁ କଟକ ବଡ଼ ମେଡିକାଲକୁ ଚିକିତ୍ସାପାଇଁ ସ୍ଥାନାନ୍ତର କରାଯାଇଥିଲା। କଟକ ମେଡ଼ିକାଲ ରେ ଚିକିତ୍ସାଧୀନ ଅବସ୍ଥାରେ ଗତ କାଲି ରାତିରେ ମହିଳାଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି। ପୁଲିସ ଘଟଣାର ଅଧିକ ତଦନ୍ତ କରୁଥିବା ନେଇ ସୂଚନା ମିଳିଛି। ଏହି ଘଟଣାରେ ସ୍ୱାମୀ ଅଜୟ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଅନିତା ସାହୁ ସୂଚନା ଦେଇଛନ୍ତି।

## ପ୍ରତାପ ଓ ପ୍ରିୟଦର୍ଶିନୀ ପାଇବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ଅସ୍ତରଙ୍ଗ,କାକଟପୁର,୪।୯/ଏନ୍‌ଏନ୍‌ଏସ୍:** ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୨୦୨୪-୨୦୨୫ ଶିକ୍ଷାବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଘୋଷଣା କରାଯାଇଛି। ଏହି ଶିକ୍ଷା ପୁରସ୍କାର ସମଗ୍ର ପୁରୀ ଜିଲ୍ଲାର ୧୧ ବ୍ଲକ୍‌ରେ ମୋଟ ୩୩ ଜଣ ଶିକ୍ଷକ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଉକ୍ତ ପୁରସ୍କାର କାକଟପୁର ପିଏମ୍‌ଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରତାପ ଚନ୍ଦ୍ର ରାଉତ ଏବଂ ଏଲିମେଣ୍ଟାରୀ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ସ୍ୱାଇଁ ମନୋନୀତ ହୋଇଥିବା ବେଳେ ବଟେଶ୍ୱର ଉଚ୍ଚ ବିଦ୍ୟାଳର ଶ୍ରୁତି ସ୍ମୃତି ସାହୁ ମନୋନୀତ



ହୋଇଛନ୍ତି। ଏହି ୩ଜଣ ଆସନ୍ତାକାଲି ପୁରୀ ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହରେ ଜିଲ୍ଲାପାଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ଶିକ୍ଷା ସମ୍ମାନ ରେ ସମ୍ମାନିତ ହେବେ। ଏଥିପାଇଁ ପୁରୀ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ସମ୍ପୃକ୍ତ ବିଦ୍ୟାଳୟଗୁଡିକୁ ଜଣାଇଦିଆଯାଇଛି। ଶିକ୍ଷକ ପ୍ରତାପ ରାଉତ ଜଣେ ଦକ୍ଷ ଗଣିତ ଶିକ୍ଷକ ଭାବେ ପରିଗଣିତ ହୋଇଥିବାବେଳେ ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମରେ ନିଜକୁ ଜଡ଼ିତ ରଖି ବେଶ୍ ସୁନାମ ଅର୍ଜନ କରିଛନ୍ତି। ସେହିପରି ପ୍ରିୟଦର୍ଶିନୀ ସ୍ୱାଇଁ ଜଣେ ଉତ୍ତମ ଶିକ୍ଷୟିତ୍ରୀ ଭାବେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ ଓ ବିଭିନ୍ନ କାର୍ଯ୍ୟକ୍ରମ କରି ପାଠପଢ଼ା ପ୍ରତି ପିଲାମାନଙ୍କୁ ଆକୃଷ୍ଟ କରିବାରେ ସିଦ୍ଧହସ୍ତ ହୋଇଥିବାରୁ ପ୍ରଶଂସା ସାଉଁଟିଥିବା ଜଣାପଡ଼ିଛି।

## ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଆଶୀର୍ବାଦ ନେଲେ କେନ୍ଦ୍ରାଞ୍ଚଳ ଡିଆଇଜି



**ପୁରୀ,୪।୯/ଏନ୍‌ଏନ୍‌ଏସ୍:** ନୂତନ ଭାବରେ ଦାୟିତ୍ୱ ଗ୍ରହଣ କରିବା ପରେ ଓଡିଶା ପୁଲିସ ବିଭାଗର କେନ୍ଦ୍ରାଞ୍ଚଳ ଡିଆଇଜି ଡାଃ ସତ୍ୟଜିତ ନାୟକ ଶ୍ରୀ ଶଙ୍କରାଚାର୍ଯ୍ୟ-ଗୋବର୍ଦ୍ଧନ ପୀଠରେ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ପୂଜ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ଦର୍ଶନକରି ଆଶୀର୍ବାଦ ଗ୍ରହଣ କରିବା ସହ ମାର୍ଗଦର୍ଶନ ଗ୍ରହଣ କରିଛନ୍ତି। ଏହା ସହ ମଠର ଆଭ୍ୟନ୍ତରୀଣ ସହ ଗୁରୁଜୀ ମହାରାଜାଙ୍କ ସୁରକ୍ଷା ବିଷୟରେ ମଠର ଉପସ୍ଥିତ କାର୍ଯ୍ୟକର୍ତ୍ତା ମାନଙ୍କ ସହ ସମୀକ୍ଷା କରିଥିଲେ। ସାରା ରାଜ୍ୟରେ ସନାତନ ଗୁରୁ ପରମ୍ପରାର ପମୁଖ ପୀଠ ଗୋବର୍ଦ୍ଧନ ପୀଠ ହୋଇଥିବାରୁ ଏହାର ସୁରକ୍ଷା ଓ ଗୁରୁଜୀ ଶଙ୍କରାଚାର୍ଯ୍ୟଙ୍କ ସୁରକ୍ଷା ସର୍ବୋପରି। ତଥା ଏଥିପ୍ରତି ରାଜ୍ୟ ସରକାର ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି ଓ ସେ ନିଜେ ବ୍ୟକ୍ତିଗତ ଭାବେ ଦୃଷ୍ଟି ରଖିବେ ବୋଲି ମତ ପ୍ରକାଶ କରିଥିବାର ଶ୍ରୀ ଶଙ୍କରାଚାର୍ଯ୍ୟ-ଗୋବର୍ଦ୍ଧନ ପୀଠର ସୂଚନା ଓ ଗଣମାଧ୍ୟମ ସଚିବ ଦେବାଶିଷ ମିଶ୍ର ପ୍ରକାଶ କରିଥିଲେ।

### ଶ୍ରୀରଘୁନାଥଙ୍କ ପୀଠରେ ସୁନିଆଁପର୍ବ ଓ ବାମନଜନ୍ମ

## ଶ୍ରୀଜିଉଙ୍କୁ ସୁନାଥାଳିରେ ଲାଗିହେଲା ଭୋଗ

**ଓଡ଼ଗାଁ,୪।୯/ଏନ୍‌ଏନ୍‌ଏସ୍:** ସ୍ୱର୍ଣ୍ଣ କଳସୀକ୍ଷେତ୍ର ଓଡ଼ଗାଁ ବିଜେ ଶ୍ରୀଶ୍ରୀରଘୁନାଥ ଜିଉଙ୍କ ପୀଠରେ ଗୁରୁବାର ସୁନିଆପର୍ବ ନିରାଡ଼ମ୍ବର ଭାବେ ପାଳିତ ହୋଇଛି। ଶ୍ରୀଜିଉଙ୍କୁ ୩ ସୁନାଥାଳିଆରେ ୧୫କେଜି ବିଶିଷ୍ଟ ୩ବାଡ ସ୍ୱତନ୍ତ୍ର କାକରା ପିଠା ଲାଗି କରାଯାଇଛି। ଭାଦ୍ରବମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ସୁନିଆ ଓ ବାମନଜନ୍ମ ମହୋତ୍ସବ ପାଳନ କରାଯିବା ପରମ୍ପରା ପୂର୍ବ କାଳରୁ ରହିଆସିଛି। ବାମନଜନ୍ମ ଅବସରରେ ପରମ୍ପରା ଅନୁସାରରେ ଶ୍ରୀଜିଉମାନେ ନୂତନ ପାଟବସ୍ତ୍ର, ବନାରସୀ ପୋଷାକ, ସୁବର୍ଣ୍ଣ ମୁକୁଟ ସହିତ ନାନାଦି ଅଳଙ୍କାରରେ ଭୂଷିତହୋଇ



ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ସୁନିଆ ପାଳନ ଉପଲକ୍ଷେ ଶ୍ରୀଜିଉଙ୍କ ବିଜେପ୍ରତିମା ସୁନିଆ ନୀତିଲାଗି ଜୟବିଜୟ ଦ୍ୱାରକୁ ବିଜେହୋଇ ସୁବର୍ଣ୍ଣ ସିଂହାସନ ଉପରେ ଉପବେଶନ କରିଥିଲେ। ବିଜେ ପ୍ରତିମାଙ୍କୁ ଷୋଡଶ ଉପଚାର ବିଧିରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ୩ବାଡ କାକରା ରାଜଭୋଗ (ପିଠା) ୩ଟି ସୁବର୍ଣ୍ଣ ଥାଳିରେ ନୈବେଦ୍ୟ ଅର୍ପଣ କରାଯାଇଥିଲା। ଏହି ସମୟରେ ଘଣ୍ଟଘଣ୍ଟା, ବିଜେ କାହାଳି, ଛତି, ତ୍ରାସ୍ ଓ ପତାକା ସେବାସହିତ ହରିବୋଲ ଧ୍ୱନି, ବନ୍ଦାପନାରେ ଶ୍ରୀଜିଉଙ୍କୁ ମହାଆଳତି ଲାଗି କରାଯାଇଥିଲା। ପରମ୍ପରା ଅନୁଯାୟୀ ଉପସ୍ଥିତ ମନ୍ଦିରର ସମସ୍ତ ପୂଜାପଣ୍ଡା, ସୁଆର, ସେବାସୀ ଓ ଶ୍ରଦ୍ଧାଳୁ ଠାକୁରଙ୍କୁ ୧୪ ହଜାର ୧୭୦ ଟଙ୍କା ସୁନିଆଁ ଭେଟି ପ୍ରଦାନ କରିଥିଲେ। ବର୍ଷକରେ ଥରେ ବାମନ ଦ୍ୱାଦଶୀ ତିଥିରେ ଶ୍ରୀଜୀଉଙ୍କୁ ସୁବର୍ଣ୍ଣ ଥାଳିରେ ଏହି ବିଶେଷ ଭୋଗଲାଗି କରାଯିବା ପରମ୍ପରା ମନ୍ଦିର ପ୍ରତିଷ୍ଠା ଦିନରୁ ପ୍ରଚଳିତ ହୋଇଆସୁଛି। ଏହାସହିତ ଶ୍ରୀଜିଉଙ୍କ ସେବାରେ ଥିବା ଛତିଶା ନିଯୋଗ ତଥା ପୂଜକସେବକ, କର୍ମଚାରୀ, ଶ୍ରଦ୍ଧାଳୁ ଓ ଅଧିକାରୀମାନେ ପ୍ରଭୁଙ୍କୁ ଅଙ୍କଭେଟି ପ୍ରଦାନ କରି ପ୍ରଭୁକୃପା ଲାଭକରିବାକୁ ବହୁସଂଖ୍ୟାରେ ଉପସ୍ଥିତ ଥିଲେ। ଆଜିର ପୂଜାପଣ୍ଡା ନାରାୟଣ ମହାପାତ୍ର, ପୂଜକପରିଷଦ ସଭାପତି ପ୍ରଫୁଲ୍ଲ ମହାପାତ୍ର, ମନ୍ଦିର ପରିଛା ହରିବନ୍ଧୁ ଷଡ଼ଙ୍ଗୀ, ସୁଆର ସଭାପତି ସୁବ୍ରତ କୁମାର ପଣ୍ଡା, ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ଆଇଆଇସି ଅଭୟ ବେହେରା, ମନ୍ଦିର ପରିଚାଳକ ଜିତେନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ ଦେବନୀତି ସମ୍ପନ୍ନ ହୋଇଥିଲା।

## ଆଜିର ଇତିହାସ

- ୧୮୮୮-ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଜନ୍ମଗ୍ରହଣ କରିଥିଲେ।
- ୧୯୮୬-କ୍ରିକେଟର ପ୍ରଜ୍ଞାନ ଓଝାଙ୍କ ଜନ୍ମଦିନ।
- ୧୯୮୬-ନୀରଜା ଭନୋଟ୍‌ଙ୍କ ନିଧନ ହୋଇଥିଲା।
- ୧୯୯୭-ମଦର ଟେରେସାଙ୍କ ନିଧନ ହୋଇଥିଲା।
- ୨୦୦୮-ରତନ ଟାଟା ତାଙ୍କ ଗ୍ରୁପ୍ ସହିତ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସାକ୍ଷାତ କରିଥିଲେ।

## ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** - ସ୍ୱାସ୍ଥ୍ୟ ଆଜି ଭଲ ରହିବ। ଆର୍ଥିକ ଲାଭର ସମ୍ଭାବନା ରହିଛି। ପ୍ରମୋଶନ ଯୋଗ ରହିଛି। ଆୟ ବୃଦ୍ଧି ହେବ। ନୂଆ ପ୍ରୋଜେକ୍ଟକୁ ଲିଡ୍ କରିବେ। ସମ୍ପର୍କରେ ସୁଧାର ହେବ।

**ବୃଷ** - ଦିନଟି ଉତ୍ଥାନ-ପତନ ଦେଇ ଗତି କରିବ। ଅତିଥିଙ୍କ ଆଗମନ ହୋଇପାରେ। ନିଜ ଲୋକଙ୍କ ସହଯୋଗ ପାଇବେ। ଶୁଭ ସମାଚାର ପାଇ ପ୍ରସନ୍ନ ହେବେ। ବ୍ୟବସାୟିକ ଦୃଷ୍ଟିରୁ ଦିନଟି ଖୁବ୍ ଭଲ।

**ମିଥୁନ** - ପ୍ରେମ ଜୀବନ ପାଇଁ ଦିନଟି ଶୁଭଦାୟକ। ସନ୍ଧ୍ୟା ପର୍ଯ୍ୟନ୍ତ କୌଣସି ମହତ୍ତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। ସ୍ୱାସ୍ଥ୍ୟ ଦୃଷ୍ଟିରୁ ଦିନଟି ଉତ୍ତମ। କ୍ୟାରିୟର୍‌ରେ ମିଶ୍ରିତ ଫଳ ପାଇବେ। ଯାତ୍ରା ଯୋଗ ରହିଛି।

**କର୍କଟ** - ସିଙ୍ଗଲ୍ ଜାତକର ଖାସ୍ ଲୋକଙ୍କ ସହିତ ସାକ୍ଷାତ ହେବ। ରୋମାନ୍ସ ଦୃଷ୍ଟିରୁ ଦିନଟି ଅନୁକୂଳ। ଜୀବନରେ ନୂଆ ଏନର୍ଜିର ସଞ୍ଚାର ହେବ। କଲିଗ୍‌ଙ୍କ ସହିତ ସମ୍ପର୍କ ମଜବୁତ ହେବ। ଆତ୍ମବିଶ୍ୱାସରେ ଭରି ରହିବେ।

**ସିଂହ** - ଦିନଟି ଆପଣଙ୍କ ପାଇଁ ଅନୁକୂଳ। ଆର୍ଥିକ ମାମଲାର ସମାଧାନ କରିବେ। ମନ ପ୍ରସନ୍ନ ରହିବ। କିନ୍ତୁ ଧୈର୍ଯ୍ୟର ସହିତ କାମ କରନ୍ତୁ। କଥାବାର୍ତ୍ତା ବେଳେ ସନ୍ତୁଳିତ ରୁହନ୍ତୁ। ମାନ-ସମ୍ମାନ ପ୍ରାପ୍ତି ହେବ।

**କନ୍ୟା** - ଆଜି ସନ୍ତାନ ସୁଖ ବୃଦ୍ଧି ହେବ। ପରିବାର ସହିତ ଧାର୍ମିକ ସ୍ଥାନକୁ ଯାତ୍ରା କରିପାରନ୍ତି। କାମ ପାଇଁ ଦୂର ଯାତ୍ରା ସମ୍ଭବ। ଅଧିକ ଖର୍ଚ୍ଚ ହୋଇପାରେ। କରଜ ସ୍ଥିତିର ସମ୍ଭାବନା ରହିଛି।

**ତୁଳା** - ପାରିବାରିକ ସମସ୍ୟାର ସମାଧାନ କରିବେ। କ୍ୟାରିୟର୍‌ର ଉନ୍ନତି ହେବ। ମନ ପ୍ରସନ୍ନ ରହିବ। ଶାସନ-ସତ୍ତାର ସହଯୋଗ ପାଇବେ। ପରିବାରରୁ ସୁଖ-ଶାନ୍ତି ପାଇବେ।

**ବିଛା** - ଆଜି ଆତ୍ମବିଶ୍ୱାସର ଅଭାବ ଦେଖାଦେବ। ସାଙ୍ଗଙ୍କ ସହାୟତାରେ କାରବାର ବୃଦ୍ଧି ହେବ। ଧନ ଲାଭ ଯୋଗ ରହିଛି। ମାନସିକ ଶାନ୍ତି ମିଳିବ। ବ୍ୟାପାରିକ ସ୍ଥିତିରେ ସୁଧାର ହେବ।

**ଧନୁ** - ମନରେ ଉତ୍ଥାନ-ପତନ ଭାବ ରହିବ। ପରିବାରର ସହଯୋଗ ପାଇବେ। ମାତାପିତାଙ୍କ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବେ। ଚାକିରି ପରିବର୍ତ୍ତନ ଯୋଗ ରହିଛି। ପ୍ରମୋଶନ ହୋଇପାରେ। ବାହନ ସୁଖ ମିଳିବ।

**ମକର** - ଆତ୍ମବିଶ୍ୱାସର ଅଭାବ ଦେଖାଦେବ। ଅଧିକ ଖର୍ଚ୍ଚ ମନରେ ଚିନ୍ତା ଆଣିବ। ବାଦବିବାଦ ପାଇଁ କ୍ରୋଧ ଆସିପାରେ। ମିତ୍ରଙ୍କ ସହଯୋଗରୁ କାରବାର ବୃଦ୍ଧି ସମ୍ଭବ ହେବ। ଲାଭର ଆଶା ରହିଛି।

**କୁମ୍ଭ** - ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଖୁବ୍ ଭଲ ରହିବ। ପରିବାରରେ ଧାର୍ମିକ କାର୍ଯ୍ୟ ହୋଇପାରେ। ଘରର ରେନୋଭେସନ ପାଇଁ ଖର୍ଚ୍ଚ ହେବ। ଧନର ଆଗମନର ଯୋଗ ରହିଛି। ବ୍ୟାପାରରୁ ଲାଭ ପାଇବେ।

**ମୀନ** - ପଠନ-ପାଠନରେ ରୁଚି ବଢ଼ିବ। ବୌଦ୍ଧିକ କାର୍ଯ୍ୟ ପାଇଁ ମାନ-ସମ୍ମାନ ପ୍ରାପ୍ତି ହେବ। ଆୟର ସାଧନ ରହିଛି। ସନ୍ତାନ ପକ୍ଷରୁ ସୁଖଦ ସମାଚାର ପାଇବେ। କାରବାରରେ ବ୍ୟସ୍ତତା ରହିବ।


## ଶ୍ରୀମଦ୍ ଭଗବଦ୍‌ଗୀତା



**ସଖେତି ମତ୍ୱା ପ୍ରସଭଂ ଯଦୁକ୍ତଂ**
**ହେ କୃଷ୍ଣ ହେ ଯାଦବ ହେ ସଖେତି।**
**ଅଜାନତା ମହିମାନଂ ତବେଦଂ**
**ମୟା ପ୍ରମାଦାତ୍ ପ୍ରଣୟେନ ବାପି। (୧୧/୪୧)**

ତୁମର ମହିମା ଏବଂ ବିଶ୍ୱରୂପ ନ ଜାଣି ତୁମକୁ ସଖା ବୋଲି ମନେ କରି ହେ କୃଷ୍ଣ, ହେ ଯାଦବ, ହେ ସଖା ବୋଲି ସମ୍ବୋଧନ କରି ଅଜ୍ଞାନବଶତଃ ଏବଂ ପ୍ରମାଦବଶତଃ ଯାହା କହିଅଛି, ତୁମେ ମୋର ସେହି ଅପରାଧ କ୍ଷମା କର। ଅର୍ଜୁନ ଶ୍ରୀକୃଷ୍ଣଙ୍କୁ ଭଗବାନ ବୋଲି ଜାଣିଥିଲେ ସୁଦ୍ଧା, ମାମୁଁ ପୁଅ ଜ୍ଞାନରେ କେତେବେଳେ ହେ କୃଷ୍ଣ, କେତେବେଳେ ହେ ଯାଦବ, କେତେବେଳେ ହେ ସାଙ୍ଗ ସମ୍ବୋଧନ କରୁଥିଲେ। ଏହିପରି ଅବିନୟପୂର୍ଣ୍ଣ ସମ୍ବୋଧନ କରିଥିବାରୁ ତାଙ୍କ ମନରେ ଅବସୋସ ଜାତ ହେଉଛି। ବର୍ତ୍ତମାନ ତାଙ୍କର ଅସାଧାରଣ ମହିମା ଓ ବିଶ୍ୱରୂପ ଦେଖି ଭୟ ଓ ଭକ୍ତିରେ ସେଥିପାଇଁ କ୍ଷମା ପ୍ରାର୍ଥନା କରୁଛନ୍ତି।

# ଗୁରୁ ଦିବସ



**ଜ୍ଞାନ ସବୁଠାରୁ ବଡ଼ ଧନ ଯାହାକୁ କେହି ଚୋରି କରିପାରନ୍ତି ନାହିଁ। ସେଥିପାଇଁ ଧନ ସଞ୍ଚୟ ଭାବରେ ଜ୍ଞାନର ସଞ୍ଚୟ କରିବା ଉଚିତ- ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍।**


ଗୁରୁ ହିଁ ଏକମାତ୍ର ବ୍ୟକ୍ତି ଯିଏ ଅଜ୍ଞାନ ରୂପକ ଅନ୍ଧକାରକୁ ଦୂର କରି ଜ୍ଞାନ ରୂପକ ଆଲୋକ ପ୍ରଦାନ କରିପାରନ୍ତି। କେବେ ଆକଟଭରା କଠୋର ଅନୁଶାସନ ତ କେବେ ଉତ୍ସାହପ୍ରଦ ପ୍ରେରଣା ଦେଇ ସେ ଜୀବନର ଗତିକୁ ଆଗକୁ ବଢ଼ିବା ପାଇଁ ବାଟ ଦେଖାଇ ଥାଆନ୍ତି। ଏହି ଗୁରୁଙ୍କ ପ୍ରତି ସମ୍ମାନ ଓ ଭକ୍ତିର ପର୍ବ - ଗୁରୁ ଦିବସ। ଆମ ଦେଶର ଦ୍ୱିତୀୟ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ସମ୍ମାନରେ ତାଙ୍କ ଜନ୍ମ ଦିବସକୁ ପୂରା ଦେଶ ଗୁରୁ ଦିବସ ଭାବରେ ପାଳନ କରେ। ଆଜି ତାଙ୍କର ଜନ୍ମ ଦିବସ। ୫ ସେପ୍ଟେମ୍ବର, ୧୮୮୮ରେ ତିରୁତ୍ତନି ଠାରେ ସେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପାଠପଢ଼ା ଆରମ୍ଭ ହୋଇଥିଲା ଖ୍ରୀଷ୍ଟିଆନ୍ ମିସନାରୀ ସ୍କୁଲରୁ। ଶିକ୍ଷା ସମାପ୍ତ ପରେ ମାଡ୍ରାସ୍ ପ୍ରେସିଡେନ୍ସି ମହାବିଦ୍ୟାଳୟରେ ଦର୍ଶନଶାସ୍ତ୍ର ବିଭାଗରେ ଅଧ୍ୟାପକ ଭାବରେ ସେ ନିଯୁକ୍ତ ହୋଇଥିଲେ। ପିଲାଦିନରୁ ପୁସ୍ତକ ପଢ଼ିବା ପ୍ରତି ତାଙ୍କର ରୁଚି ଥିବାରୁ ଅଲଗା ଅଲଗା ଧର୍ମର ଗ୍ରନ୍ଥଗୁଡ଼ିକ ବ୍ୟତୀତ ସେ ସମୟରେ ସେ ଇଂରାଜୀ ପୁସ୍ତକଗୁଡ଼ିକୁ ପଢୁଥିଲେ। ଉପନିଷଦ, ବ୍ରହ୍ମସୂତ୍ର, ଭଗବଦ୍‌ଗୀତା, ଶଙ୍କର, ମାଧବ, ରାମାନୁଜନଙ୍କ ବ୍ୟାଖ୍ୟା, ବୌଦ୍ଧ ଓ ଜୈନ ଦର୍ଶନ ଉପରେ ତାଙ୍କର ଥିଲା ଅଗାଧ ପାଣ୍ଡିତ୍ୟ। ଅନେକ ବଡ଼ ବଡ଼ ବିଶ୍ୱବିଦ୍ୟାଳୟରେ ସେ ଅଧ୍ୟାପନା କରିଥିଲେ ଯେଉଁଗୁଡ଼ିକ ମଧ୍ୟରେ ମୈଶୂର ବିଶ୍ୱବିଦ୍ୟାଳୟ, କୋଲକାତା ବିଶ୍ୱବିଦ୍ୟାଳୟ, ଆନ୍ଧ୍ର ବିଶ୍ୱବିଦ୍ୟାଳୟ, ଦିଲ୍ଲୀ ୟୁନିଭର୍ସିଟି ଓ ବନାରସ୍ ହିନ୍ଦୁ ବିଶ୍ୱବିଦ୍ୟାଳୟ ସାମିଲ ଅଛି। ସେ ଥିଲେ ପ୍ରଥମ ଭାରତୀୟ ଯାହାଙ୍କୁ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ପ୍ରଫେସର ହେବାର ଅବସର ମିଳିଥିଲା ଓ ଲେକ୍‌ଚର ଦେବା ପାଇଁ ମଧ୍ୟ ସେ ଚିକାଗୋ ବିଶ୍ୱବିଦ୍ୟାଳୟକୁ ଯାଇଥିଲେ। ୟୁନେସ୍କୋରେ ଭାରତୀୟ ପ୍ରତିନିଧିମଣ୍ଡଳର ସେ ନେତୃତ୍ୱ ନେବା ସହିତ ଚେୟାରମ୍ୟାନ୍ ପଦରେ ମଧ୍ୟ ଆସୀନ ହୋଇଥିଲେ। ପ୍ରଥମେ ଦେଶର ଉପ-ରାଷ୍ଟ୍ରପତି ଓ ୧୯୬୨ରେ ଦେଶର ଦ୍ୱିତୀୟ ରାଷ୍ଟ୍ରପତି ହେବାର ସୌଭାଗ୍ୟ ମଧ୍ୟ ତାଙ୍କୁ ମିଳିଥିଲା। ୧୯୫୪ରେ ତାଙ୍କୁ ଭାରତ ରତ୍ନରେ ସମ୍ମାନିତ ମଧ୍ୟ କରାଯାଇଥିଲା। ଶିକ୍ଷା କ୍ଷେତ୍ରରେ ତାଙ୍କର ଅମୂଲ୍ୟ ଯୋଗଦାନ ସର୍ବଦୈବ ଅବିସ୍ମରଣୀୟ ହୋଇ ରହିବ। ୧୭ ଏପ୍ରିଲ୍, ୧୯୭୫ରେ ଏହି ବହୁମୁଖୀ ପ୍ରତିଭାଙ୍କର ନିଧନ ହୋଇଥିଲା।

# ମହାପୁରୁଷ ମହମ୍ମଦ



ମହାପୁରୁଷ ମହମ୍ମଦ ଥିଲେ ଜଣେ ସନ୍ଦେଶବାହକ ଯାହାଙ୍କୁ ପୈଗମ୍ବର ବୋଲି କୁହାଯାଏ। ପାଖାପାଖି ୫୭୦ ଖ୍ରୀଷ୍ଟାବ୍ଦରେ ମକ୍କା ଠାରେ ଜନ୍ମଗ୍ରହଣ କରିଥିଲେ ପୈଗମ୍ବର ମହମ୍ମଦ ଯିଏ କେବଳ ଲୋକମାନଙ୍କର ଜୀବନକୁ ଯେ ପରିବର୍ତ୍ତନ କରାଇ ପାରିଥିଲେ ତାହା ନୁହେଁ ମାନବତାକୁ ଏକ ନୂଆ ପରିଭାଷା ମଧ୍ୟ ଦେଇଥିଲେ। ତାଙ୍କର ଜନ୍ମଦିନକୁ ଇଦ୍-ଏ-ମିଲାଦ୍-ଉନ୍-ନବୀ ବା ମୌଲିଦ୍ ନବୀ ବୋଲି କୁହାଯାଏ। ନିରୀହ ଆଖି ଦୁଇଟି ଅନ୍ୟାୟର ଏକ ନିଷ୍ଠୁର ଦୃଶ୍ୟ ଦେଖିବା ପରେ ତାଙ୍କ ମନରେ ଏକ ପ୍ରଶ୍ନ ଉଠିଥିଲା- କ'ଣ ଏହା ହେଉଛି ମାନବତା ? ସେହିଦିନ ଠାରୁ ଆରମ୍ଭ ହୋଇଥିଲା ତାଙ୍କର ଗଭୀର ଆତ୍ମିକ ଯାତ୍ରା। ଏକ ବାଳକର ମନ ଶାନ୍ତିର ସନ୍ଧାନରେ ବାହାରି ପଡ଼ିଥିଲା ଏକ ଅକୁହା ପ୍ରତିଜ୍ଞା ସହିତ- ଏହି ସମାଜକୁ ମୋତେ ଦିନେ ନା ଦିନେ ପରିବର୍ତ୍ତନ କରେଇବାକୁ ପଡ଼ିବ। ଏହାପରେ ଆରମ୍ଭ ହେଲା ଏକ ମହାନ ଆତ୍ମାଙ୍କ ଅଦ୍ଭୁତ ଜୀବନଯାତ୍ରା। ପ୍ରାରମ୍ଭ ଶୂନ୍ୟରୁ ଆରମ୍ଭ ହୋଇଥିଲା କିନ୍ତୁ ଲକ୍ଷ୍ୟ ଥିଲା ଆକାଶକୁ ସ୍ପର୍ଶ କରିବା। ଯେତେବେଳେ ଜଣେ ବ୍ୟକ୍ତି ଆତ୍ମବିଶ୍ୱାସ, ସଚ୍ଚୋଟତା ଓ ଆଦର୍ଶକୁ ନେଇ ଦୃଢ଼ ପ୍ରତିଜ୍ଞା କରିଥାଏ ସେହିଠାରୁ ଆରମ୍ଭ ହୁଏ ସମାଜକୁ ପରିବର୍ତ୍ତନ କରେଇବାର ପ୍ରସ୍ତୁତି। କଠିନ ପରିସ୍ଥିତି ମଧ୍ୟରେ ଜୀବନ ଅତିବାହିତ କରିଥିଲେ ମଧ୍ୟ ଏହି ମହାପୁରୁଷ ଦିନେ ଦୁନିଆର ସବୁଠାରୁ ସଚ୍ଚା ଓ ଶ୍ରେଷ୍ଠ ମାର୍ଗଦର୍ଶକର ମାନ୍ୟତା ପାଇଥିଲେ। ସବୁବେଳେ ସତ୍ୟ କହିବା ପାଇଁ ସେ ଲୋକମାନଙ୍କୁ ପ୍ରେରିତ କରୁଥିଲେ। ତାଙ୍କ ସ୍ୱରରେ ଥିଲା ଦୃଢ଼ତା। ଜୀବନର ପ୍ରତି ମୁହୂର୍ତ୍ତରେ ସେ ସଚ୍ଚୋଟତା ଓ ନ୍ୟାୟର ମାର୍ଗକୁ ଆପଣାଇଥିଲେ। ତାଙ୍କ ନିଷ୍ଠା ଓ ଅନୁଶାସନ ଏତେ ପ୍ରସିଦ୍ଧ ଥିଲା ଯେ ମକ୍କାର ଲୋକମାନେ ତାଙ୍କୁ ଅଲ୍-ଆମିନ୍ ଉପାଧି ଦେଇଥିଲେ। ତାଙ୍କ ଜୀବନୀରୁ ଅନେକ ମହତ୍ତ୍ୱପୂର୍ଣ୍ଣ ଶିକ୍ଷା ନେବା ଉଚିତ। ତାଙ୍କ ସଚ୍ଚୋଟତା, ପରିଶ୍ରମ, ନିଷ୍ଠା ଓ ବିଶ୍ୱାସ ଆଜି ବି ଯୁବପିଢ଼ିଙ୍କୁ ପ୍ରେରଣା ଦେଉଛି। ଯୁବପିଢ଼ିଙ୍କ ପାଇଁ ତାଙ୍କର ଶିକ୍ଷା କେବଳ ଇତିହାସ ନୁହେଁ ଏହା ଏକ ଜୀବନଶୈଳୀର ରୂପ ନେଇ ସାରିଛି। ୮ ଜୁନ୍, ୬୩୨ରେ ଇସ୍‌ଲାମ୍ ଧର୍ମର ସଂସ୍ଥାପକ ମହାପୁରୁଷ ମହମ୍ମଦ ମଦିନା ଠାରେ ଦେହତ୍ୟାଗ କରିଥିଲେ।

## ଉକ୍ରଳ ଗୁରୁ:
# ପଣ୍ଡିତ ନୀଳକଣ୍ଠ ଦାସ



୧୮୮୪ ମସିହା ଆଜିର ଦିନରେ ପୁରୀର ସାକ୍ଷୀଗୋପାଳ ଠାରେ ଜନ୍ମଗ୍ରହଣ କରିଥିଲେ ପଣ୍ଡିତ ନୀଳକଣ୍ଠ ଦାସ। ସେ ଥିଲେ ଜଣେ ସେବକ, ସୁବକ୍ତା, ସୁଲେଖକ, ବାଗ୍ମୀ ଓ ଭାଷାବିତ୍। ପ୍ରବନ୍ଧ ଓ ଶିଶୁ ସାହିତ୍ୟ କ୍ଷେତ୍ରରେ ତାଙ୍କର ଅବଦାନ ଥିଲା ଅତୁଳନୀୟ। ଜଣେ ସକ୍ରିୟ ସ୍ୱାଧୀନତା ସଂଗ୍ରାମୀ ଭାବରେ ସେ ଛୁଆଁଅଛୁଆଁ ଭେଦଭାବ ଓ ନାନାଦି ସାମାଜିକ କୁସଂସ୍କାର ବିରୋଧରେ ସ୍ୱର ଉଠାଇବା ସହିତ ଛାତ୍ରନେତାମାନଙ୍କୁ ମଧ୍ୟ ସେ ଏହି ଶିକ୍ଷା ଦେଉଥିଲେ। ବାକି ପଡ଼ୋଶୀ ଭାଷାଭାଷୀଙ୍କ ଆକ୍ରମଣରୁ ଓଡ଼ିଆ ଭାଷାକୁ ଅଲଗା କରି ସ୍ୱତନ୍ତ୍ର ଭାଷାର ମର୍ଯ୍ୟାଦା ଦେବାରେ ସେ ଗ୍ରହଣ କରିଥିଲେ ମୁଖ୍ୟ ଭୂମିକା। ଅନେକ ପ୍ରସିଦ୍ଧ କର୍ମୀଙ୍କ ସହ ମିଶି ଓଡ଼ିଶା ପ୍ରଦେଶ ଗଠନ ପାଇଁ ସେ କରିଥିଲେ ଆନ୍ଦୋଳନ। ସାମ୍ବାଦିକତା କ୍ଷେତ୍ରରେ ସେ ଥିଲେ 'ସମାଜ', 'ନବଭାରତ'ର ସମ୍ପାଦକ, ସାପ୍ତାହିକ 'ଲୋକମତ'ର ପ୍ରତିଷ୍ଠାତା। ଏହା ବ୍ୟତୀତ ପଣ୍ଡିତ ନୀଳକଣ୍ଠ ଦାସ ଥିଲେ ଉତ୍କଳ ସାହିତ୍ୟ ସମାଜର ଆଜୀବନ ସଦସ୍ୟ। ଓଡ଼ିଆ ଭାଷା ଓ ଲିପିର ସୁଧାର ଦିଗରେ ସେ ନେଇଥିଲେ ଅନେକ ପଦକ୍ଷେପ। 'ଉତ୍କଳ ଗୁରୁ' ଉପାଧି ପାଇଥିବା ପଣ୍ଡିତ ଦାସଙ୍କୁ ପଦ୍ମଭୂଷଣରେ ଓ ଆତ୍ମଜୀବନୀ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଏହା ବ୍ୟତୀତ ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ତାଙ୍କୁ ଡିଲିଟ୍ ଦିଆଯାଇ ସମ୍ମାନିତ କରାଯାଇଛି। ୬ ନଭେମ୍ବର, ୧୯୬୭ରେ ଏହି ସଂଗ୍ରାମୀଙ୍କର ଦେହାନ୍ତ ହୋଇଥିଲା।

## ଶାନ୍ତିର ଦୂତ:
# ମଦର ଟେରେସା



ଦୁନିଆର ଅନେକ ଦେଶର ଦୀନ-ଦୁଃଖୀ, ରୋଗଗ୍ରସ୍ତ, ଅନାଥ, ଗରିବ ଓ ଅସହାୟ ଲୋକମାନଙ୍କ ସେବା ପାଇଁ ନିଜ ଜୀବନକୁ ସମର୍ପିତ କରିଥିବା ଦୟା, କରୁଣାର ପ୍ରତିମୂର୍ତ୍ତି ମଦର ଟେରେସା ୧୯୯୭ର ଆଜିର ଦିନରେ ଦୁନିଆରୁ ବିଦାୟ ନେଇଥିଲେ। ତାଙ୍କର ଏହି ସେବା କାର୍ଯ୍ୟଗୁଡ଼ିକ ପାଇଁ ୨୦୧୨ରେ ମିଳିତ ଜାତିସଂଘ ତାଙ୍କର ପୁଣ୍ୟତିଥିକୁ ଅନ୍ତଃରାଷ୍ଟ୍ରୀୟ ଚାରିଟି ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା। ସେବେଠାରୁ ଏହି ଦିବସ ପ୍ରତିବର୍ଷ ପାଳନ ହୋଇଆସୁଛି। ୨୬ ଅଗଷ୍ଟ, ୧୯୧୦ରେ ଉତ୍ତର ମାସିଡୋନିଆ ଠାରେ ସେ ଜନ୍ମଗ୍ରହଣ କରିଥିଲେ। କିନ୍ତୁ ସେବା କ୍ଷେତ୍ରରେ ତାଙ୍କର ଅମୂଲ୍ୟ ଯୋଗଦାନ ପାଇଁ ଆଜି ବି ସେ ଅବିସ୍ମରଣୀୟ ହୋଇ ରହିଛନ୍ତି। ମାତ୍ର ୧୮ ବର୍ଷ ବୟସରେ ସେ ଦୀକ୍ଷା ଗ୍ରହଣ କରି 'ମଦର ଟେରେସା' ନାମରେ ତାଙ୍କର ନୂଆ ପରିଚୟ ପାଇଥିଲେ। ସେ ଥିଲେ ଜଣେ ଶାନ୍ତି ଦୂତ ଯିଏ ନିଜର ଶେଷ ସମୟ ପର୍ଯ୍ୟନ୍ତ ଲୋକଙ୍କ ସେବାରେ ଲାଗି ରହିଥିଲେ। ଏଥିପାଇଁ ୧୯୭୯ରେ ନୋବେଲ୍ ପୁରସ୍କାର ଓ ୧୯୮୦ରେ ଭାରତ ରତ୍ନ ଦ୍ୱାରା ତାଙ୍କୁ ସମ୍ମାନିତ କରାଯାଇଥିଲା। ତେବେ ଭାରତ ପ୍ରତି ତାଙ୍କର ଅଧିକ ଦୁର୍ବଳତା ଥିବାରୁ ୧୯୪୮ରେ ସେ ଭାରତର ନାଗରିକତା ଗ୍ରହଣ କରିଥିଲେ। ଏଠାରେ ସେ ଅଧ୍ୟାପନା କାର୍ଯ୍ୟ ସହିତ ଜଡ଼ିତ ହୋଇଥିଲେ ମଧ୍ୟ ଲୋକମାନଙ୍କ ଦୁର୍ଦ୍ଦଶା ଦେଖିବା ପରେ ସେବା କାର୍ଯ୍ୟ କରି ଜୀବନ ଅତିବାହିତ କରିବା ଦିଗରେ ମନ ବଳାଇଥିଲେ। ଏହାପରେ ୧୯୫୦ରେ ସେ ସ୍ଥାପନା କଲେ 'ଦି ମିଶନାରିଜ୍ ଅଫ୍ ଚାରିଟି' ନାମକ ଏକ ସଂସ୍ଥା। ଏହା ଜରିଆରେ ଗରିବ, ଅନାଥ ପିଲା ଓ ସମାଜରୁ ବହିଷ୍କୃତ କୁଷ୍ଠ ରୋଗୀଙ୍କ ସେ ସେବା କଲେ। ଗରିବଙ୍କ ସେବା ସହିତ ବଞ୍ଚିତ ଶିଶୁମାନଙ୍କ ପାଇଁ ସେ ନିର୍ମଳ ହୃଦୟ ଓ ନିର୍ମଳ ଶିଶୁ ଭବନ ନାମରେ ଦୁଇଟି ଆଶ୍ରମର ସ୍ଥାପନା କରିଥିଲେ। ତାଙ୍କ ମୃତ୍ୟୁର ଅନେକ ବର୍ଷ ପରେ ଭେଟିକନ୍ ସିଟିରେ ପୋପ୍ ଫ୍ରାନ୍ସିସ୍ ଏକ ପବିତ୍ର ସାମୂହିକ ପ୍ରାର୍ଥନା ସଭାରେ ତାଙ୍କୁ 'ସନ୍ଥ' ବୋଲି ଘୋଷଣା କରିଥିଲେ।

# ଲୋକପ୍ରିୟ ଜଳଖିଆ-ଶିଙ୍ଗଡ଼ା

ଶିଙ୍ଗଡ଼ା କେବେ ରାଜଦରବାରରୁ ଆସି ଏକ ସାଧାରଣ ଲୋକର ଜଳଖିଆ ଥାଳିର ଅଂଶବିଶେଷ ହୋଇଗଲା ତାହା ଜଣାପଡ଼ିଲା ନାହିଁ। ତେବେ ଏହି ଶିଙ୍ଗଡ଼ାର ଇତିହାସ ବେଶ୍ ରୋଚକପୂର୍ଣ୍ଣ। ଦଶମ ଶତାବ୍ଦୀରେ ମହମୁଦ ଗଜନଭିଙ୍କ ଦରବାରରେ ଏକ ରାଜକୀୟ ପେଷ୍ଟ୍ରି ପେଶ୍ କରାଯାଉଥିଲା ଯେଉଁଥିରେ କିମାକୁ ଷ୍ଟଫିଂ ଭାବରେ ବ୍ୟବହାର କରାଯାଉଥିଲା। ଏହାର ଆକାର ପାଖାପାଖି ସିଙ୍ଗଡ଼ା ପରି ଦେଖାଯାଉଥିଲା। ତେବେ ତ୍ରୟୋଦଶ ଓ ଚତୁର୍ଦ୍ଦଶ ଶତାବ୍ଦୀ ମଧ୍ୟରେ ଶିଙ୍ଗଡ଼ା ଆମ ଦେଶକୁ ଆସିଥିଲା ବୋଲି ଇତିହାସରୁ ଜଣାଯାଏ। କୁହାଯାଏ ଯେ ଶିଙ୍ଗଡ଼ାର ଉତ୍ପତ୍ତି ଦଶମ ଶତାବ୍ଦୀ ପୂର୍ବରୁ ମଧ୍ୟପୂର୍ବର କେଉଁ ଏକ ସ୍ଥାନରେ ହୋଇଥିଲା। ମଧ୍ୟପୂର୍ବରୁ ଭାରତକୁ ଏହାର ଯାତ୍ରାର ଅନେକ କାହାଣୀ ଓ ରୂପ ଦେଖିବାକୁ ମିଳେ। ତେବେ ଇରାନରୁ ଆମ ଦେଶକୁ ଆସୁଥିବା ବ୍ୟାପାରୀଙ୍କ ସହିତ ଶିଙ୍ଗଡ଼ା ଆସିଥିବା ବିଷୟରେ ଅନେକ ସ୍ଥାନରେ ଉଲ୍ଲେଖ ରହିଛି। ଶିଙ୍ଗଡ଼ା କଥା ମନକୁ ଆସିବା ମାତ୍ରେ ଲୋକଙ୍କ ମୁହଁରୁ ଲାଳ ବାହାରିବା ସ୍ୱାଭାବିକ। ତେଣୁ ଏହାର ସ୍ୱାଦ ଏପରି ଯାଦୁ କରିଲା ଯେ ଦେଖୁ ଦେଖୁ ଶିଙ୍ଗଡ଼ା ଆମ ଦେଶରେ ପ୍ରସିଦ୍ଧି ଲାଭ କଲା। ଆଜିକାଲି ପ୍ରତି ଗଳି, ସହର, ବଜାରରେ ସହଜରେ ଶିଙ୍ଗଡ଼ା ମିଳିଯାଉଛି। ଏହା ବ୍ୟତୀତ ମହଙ୍ଗାରୁ ମହଙ୍ଗା ରେଷ୍ଟୁରାଣ୍ଟରେ ମଧ୍ୟ ଅନେକ ପ୍ରକାରର ଶିଙ୍ଗଡ଼ା ଖାଇବାକୁ ମିଳିଯିବ। ମଇଦା, ଆଳୁ ଓ ମସଲାରେ ପ୍ରସ୍ତୁତ ହେଉଥିବା ଶିଙ୍ଗଡ଼ା ବାସ୍ତବରେ ଆମ ଦେଶରେ ଫାଷ୍ଟ ଫୁଡ୍‌ର ମୁଖ୍ୟ ଅଂଶ ହୋଇସାରିଲାଣି। ଏହା ମଧ୍ୟ କୁହାଯାଏ ଯେ ପୂରା ବିଶ୍ୱରେ ଯେତେ ଦେଶରେ ଶିଙ୍ଗଡ଼ା ପ୍ରସ୍ତୁତ କରାଯାଉଛି ସବୁଠାରୁ ଅଧିକ ସ୍ୱାଦିଷ୍ଟ ଶିଙ୍ଗଡ଼ା ତିଆରି ହୁଏ ପାକିସ୍ତାନରେ। ପାକିସ୍ତାନରେ ତିଆରି ହେଉଥିବା ଶିଙ୍ଗଡ଼ାରେ ବ୍ୟବହୃତ ସାମଗ୍ରୀ ହିଁ ତା'ର ସ୍ୱାଦକୁ ବୃଦ୍ଧି କରାଇଥାଏ। ବିଶେଷ କରି ଦକ୍ଷିଣ ସିନ୍ଧ୍ ପ୍ରାନ୍ତ ବା ପୂର୍ବ ପଞ୍ଜାବର ମସଲାଗୁଡ଼ିକ ପାଇଁ ସେଠିକାର ଶିଙ୍ଗଡ଼ା ଖୁବ୍ ପ୍ରସିଦ୍ଧି ଲାଭ କରିଛି। ଶିଙ୍ଗଡ଼ାର ଲୋକପ୍ରିୟତା ପାଇଁ ଆଜି ବିଶ୍ୱ ସ୍ତରରେ ପାଳନ କରାଯାଉଛି ଶିଙ୍ଗଡ଼ା ଦିବସ।






## କ୍ଲାଇମାକ୍ସ ପ୍ରସ୍ତୁତିରେ
# ରନ୍‌ବୀର, ଆଲିଆ ଓ ଭିକି

୨୦୦ କୋଟି ବଜେଟ୍‌ରେ ନିର୍ମିତ ହେଉଛି ଫିଲ୍ମ 'ଲଭ୍ ଆଣ୍ଡ ୱାର୍' ଯେଉଁଥିରେ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ରନ୍‌ବୀର କପୁର, ଆଲିଆ ଭଟ୍ଟ ଓ ଭିକି କୌଶଲ୍। ସଞ୍ଜୟ ଲୀଲା ଭଂସାଲୀଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମଟି ଲଗାତର ଚର୍ଚ୍ଚାର ପରିସରରେ ରହିଛି। ତେବେ ଫିଲ୍ମଟିକୁ ଶାନ୍‌ଦାର କରିବା ପାଇଁ ସଞ୍ଜୟ କରିଛନ୍ତି ଏକ ବଡ଼ ଯୋଜନା। ଏହି ଯୋଜନା ମୁତାବକ ଫିଲ୍ମର କ୍ଲାଇମାକ୍ସ ଦୃଶ୍ୟର ସୁଟିଂ ହେବ ଏକ ବଡ଼ ଲୋକେସନ୍‌ରେ ଯାହାକୁ ସେ ସ୍ଥିର କରିସାରିଛନ୍ତି। ପୁଣି ଥରେ ସଞ୍ଜୟ ଏହା ପ୍ରମାଣିତ କରିବାକୁ ଯାଉଛନ୍ତି ଯେ ଯେବେ ବି ବଡ଼ ଧରଣର ଡ୍ରାମା ଓ ଏହାର ଭବ୍ୟତା ବିଷୟ ସାମ୍ନାକୁ ଆସେ ତେବେ ଏହାର ଲୋକେସନ୍ ଉପରେ ନିଶ୍ଚିତ ଭାବରେ ଗୁରୁତ୍ୱ ଦିଆଯାଏ। ତେଣୁ ଏହାର କ୍ଲାଇମାକ୍ସର ସୁଟିଂ ବିଦେଶରେ ହେବ। ୨୦୨୪ରୁ ଆରମ୍ଭ ହୋଇଥିବା ଏହି ପ୍ରୋଜେକ୍ଟର ୧୨୫ ଦିନର ସୁଟିଂ ସିଡ୍ୟୁଲ୍ ପୂରା ହୋଇସାରିଛି। ସୁଟିଂର ବଡ଼ ଭାଗ ମୁମ୍ବାଇର ବିଶାଳ ସେଟ୍‌ରେ କରାଯାଇଥିବା ବେଳେ ଏହାର କ୍ଲାଇମାକ୍ସ ଇଟାଲିଆନ୍ ସିଟି ସିସିଲିରେ କରାଯିବା ପାଇଁ ସ୍ଥିର ହୋଇସାରିଛି। ଏଥିପାଇଁ ପୂରା ଦଳ ଜୋର୍‌ସୋରରେ ପରିଶ୍ରମ କରୁଛନ୍ତି। ଭଂସାଲୀ ଅକ୍ଟୋବର ଶେଷ ପର୍ଯ୍ୟନ୍ତ ଏହି ତିନି ଜଣ କଳାକାରଙ୍କୁ ନେଇ ସେଠାକୁ ଯିବେ। ଏହି କ୍ଲାଇମାକ୍ସରେ କାହାଣୀର ଡ୍ରାମାଟିକ୍ ବିନ୍ଦୁ ରହିବ ଯେଉଁଥିରେ ଏହି ତିନି କଳାକାର ଏକ ଗୀତ ଦୃଶ୍ୟର ସୁଟିଂ କରିବେ। ବର୍ତ୍ତମାନ ଫିଲ୍ମର ସୁଟିଂ ସହିତ ଏଡିଟିଂ କାମ ବି ଚାଲୁଛି। ଏଥିପାଇଁ ପ୍ରଡକ୍ସନ୍‌ର କାମ ବି ଦ୍ରୁତଗତିରେ ଚାଲିଛି। ୨୦ ମାର୍ଚ୍ଚ, ୨୦୨୬ରେ ଫିଲ୍ମଟିକୁ ରିଲିଜ କରିବା ପ୍ରସ୍ତୁତିରେ ଅଛନ୍ତି ନିର୍ମାତାମାନେ। ୧୯୯୯ରେ ରିଲିଜ ହୋଇଥିବା ଫିଲ୍ମ 'ହମ୍ ଦିଲ୍ ଦେ ଚୁକେ ସନମ୍' ପରେ ସଞ୍ଜୟଙ୍କ ଏହା ପ୍ରଥମ ବିଦେଶ ସୁଟିଂ ହେବ।






# ଏକ ବିମାନ ଅପହରଣର କାହାଣୀ



୭ ସେପ୍ଟେମ୍ବର, ୧୯୬୩ରେ ଚଣ୍ଡିଗଡ଼ର ଏକ ପଞ୍ଜାବୀ ପରିବାରରେ ଜନ୍ମଗ୍ରହଣ କରିଥିଲେ ନୀରଜା ଭନୋଟ୍। ମାତ୍ର ୧୯ ବର୍ଷ ବୟସରେ ତାଙ୍କର ବିବାହ ହୋଇଗଲା। ଅନେକ ମାସ ପର୍ଯ୍ୟନ୍ତ ପତିଙ୍କ ନିର୍ଯାତନାକୁ ବରଦାସ୍ତ କରିବା ପରେ ଜୀବନ ପଥରେ ଆଗକୁ ବଢ଼ିବା ପାଇଁ ସେ ସ୍ଥିର କଲେ। ଏହାପରେ ମଡେଲିଂରୁ କ୍ୟାରିୟର୍ ଆରମ୍ଭ କରିଥିଲେ ନୀରଜା। ପରେ ପାନ୍ ଏମ୍ ଏୟାର୍‌ଲାଇନ୍ସରେ ଏୟାର୍ ହୋଷ୍ଟେସ୍ ଭାବରେ ସେ ଚାକିରି ଜୀବନ ଆରମ୍ଭ କଲେ। କିନ୍ତୁ ୧୯୮୬ ମସିହା ଆଜିର ଦିନରେ ପାନ୍ ଏମ୍ ୭୩ ବିମାନ କରାଚିରେ ଜିନ୍ନା ଅନ୍ତଃରାଷ୍ଟ୍ରୀୟ ବିମାନବନ୍ଦରରେ ପାଇଲଟ୍‌କୁ ଅପେକ୍ଷା କରିଥିବା ବେଳେ ବିମାନରେ ଅଚାନକ ପ୍ରବେଶ କରିଥିଲେ ଚାରି ଜଣ ଆତଙ୍କବାଦୀ ଯେଉଁମାନେ ପୂରା ବିମାନଟିକୁ ବନ୍ଧୁକମୁନରେ ନିଜ ନିୟନ୍ତ୍ରଣକୁ ନେଇ ଯାଇଥିଲେ। ଅପହରଣ କରିବାର ୧୬ ଘଣ୍ଟା ଅତିବାହିତ ହୋଇଥିଲେ ମଧ୍ୟ ପାକିସ୍ତାନ ସରକାର ଓ ଆତଙ୍କବାଦୀଙ୍କ ମଧ୍ୟରେ ଆଲୋଚନା ବିଫଳ ହୋଇଥିଲା। ବିମାନର ଇନ୍ଧନ ମଧ୍ୟ ଶେଷ ହୋଇ ଆସୁଥିଲା। ଏହାପରେ ଅନ୍ଧାର ହୋଇଯିବ। କ୍ରୁ ସଦସ୍ୟଙ୍କ ସହିତ ମିଶି ଯାତ୍ରୀମାନଙ୍କୁ ଖାଇବାକୁ ଦେବା ସମୟରେ ଜରୁରୀକାଳୀନ ଦ୍ୱାର ବିଷୟରେ ଯାତ୍ରୀମାନଙ୍କୁ ସେ ଜଣାଇ ଦେଇଥିଲେ। ଯେପରି ବିମାନ ଅନ୍ଧାର ହୋଇଗଲା ନୀରଜା ଜରୁରୀକାଳୀନ ଦ୍ୱାରକୁ ଖୋଲି ଦେଇଥିଲେ ଓ ଅନେକ ଯାତ୍ରୀଙ୍କୁ ବାହାରକୁ ବାହାର କରିବାରେ ସଫଳ ହୋଇଗଲେ। ଏହା ଦେଖି ଜଣେ ଆତଙ୍କବାଦୀ ଗୁଳି ଚଳେଇବା ଆରମ୍ଭ କଲା ଓ ନୀରଜା ସହିଦ ହୋଇ ଯାଇଥିଲେ। ପରେ ତାଙ୍କୁ ଅଶୋକ ଚକ୍ରରେ ସମ୍ମାନିତ କରାଯାଇଥିଲା ଓ ଏହି ସମ୍ମାନରେ ସମ୍ମାନିତ ହୋଇଥିବା ସେ ଥିଲେ ପ୍ରଥମ ମହିଳା। ମାତ୍ର ୨୩ ବର୍ଷ ବୟସରେ ୩୦୦ରୁ ଅଧିକ ଲୋକଙ୍କର ଜୀବନ ବଞ୍ଚାଇ ସେ ସବୁଦିନ ପାଇଁ ଏକ ସାହସୀ ଓ ବାହାଦୁର ଝିଅ ଭାବରେ ନିଜ ନାମକୁ ଇତିହାସ ପୃଷ୍ଠାରେ ସାମିଲ କରିଦେଇ ଚାଲିଗଲେ।



# ତିନି କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

## ଓଡ଼ିଶା ସ୍ୱାର୍ଥ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା





**ଭୁବନେଶ୍ୱର,୪।୯/ଏନ୍ଏନ୍ଏସ୍:** ଚାରି ଦିନିଆ ନୂଆ ଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତିନି କେନ୍ଦ୍ର ମନ୍ତ୍ରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ସେମାନେ ହେଉଛନ୍ତି କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ମନୋହର ଲାଲ ଖଟ୍ଟର, କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ କେନ୍ଦ୍ର ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ। ଏମାନଙ୍କ ସହ ମୁଖ୍ୟମନ୍ତ୍ରୀ ଓଡ଼ିଶା ସ୍ୱାର୍ଥ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିବା ନିଜ ସାମାଜିକ ଗଣମାଧ୍ୟମ ଏକ୍ସରେ ସ୍ପଷ୍ଟ କରିଛନ୍ତି।

ଗୁରୁବାର ନୂଆଦିଲ୍ଲୀଠାରେ ଏହି ଭେଟଘାଟ୍ ହୋଇଛି। କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ମନୋହର ଲାଲ୍ ଖଟ୍ଟରଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସୌଜନ୍ୟମୂଳକ ସାକ୍ଷାତ କରି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ସେହିପରି କେନ୍ଦ୍ର ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ଯାଦବଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିବା ଅବସରରେ ଓଡ଼ିଶା ସମ୍ବନ୍ଧୀୟ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ସହ ପରିବେଶ ସୁରକ୍ଷା, ବନ ସଂରକ୍ଷଣ, ଜଳବାୟୁ ଅନୁକୂଳତା ଏବଂ ବୃହତ୍ତର ବିକାଶ ଆଦି ବିଷୟଗୁଡିକ ଉପରେ ଆଲୋଚନା କରିଛନ୍ତି।

ଅନ୍ୟପକ୍ଷରେ କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଶ୍ରୀ ବୈଷ୍ଣବଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରି ଶ୍ରୀ ମାଝୀ ଓଡ଼ିଶା ସମ୍ବନ୍ଧୀୟ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ସହ ରାଜ୍ୟରେ ରେଳ ଭିତ୍ତିଭୂମିର ବିକାଶ, ସେମିକଣ୍ଡକ୍ଟର ଶିଳ୍ପ ଏବଂ ଆଇଟି କ୍ଷେତ୍ରର ପ୍ରସାର ଆଦି ବିଷୟରେ ଆଲୋଚନା କରିଥିବା ପ୍ରକାଶ କରିଛନ୍ତି।

## ବିଭିନ୍ନ ପ୍ରକଳ୍ପର ସମୀକ୍ଷା କଲେ ରାଜ୍ୟପାଳ

# ସମୟୋଚିତ କାର୍ଯ୍ୟାନ୍ୱୟନ ପାଇଁ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୪।୯/ଏନ୍ଏନ୍ଏସ୍:** ବିଭିନ୍ନ ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ପ୍ରକଳ୍ପଗୁଡ଼ିକର ସମୟୋଚିତ କାର୍ଯ୍ୟାନ୍ୱୟନ ପାଇଁ ସଂପୃକ୍ତ ବିଭାଗଗୁଡ଼ିକ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ଉପରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଗୁରୁତ୍ୱାରୋପ କରିଛନ୍ତି। ଗୁରୁବାର ରାଜଭବନର ନ୍ୟୁ ଅଭିଷେକ ହଲ୍ଠାରେ ଜାତୀୟ ରାଜପଥ ପ୍ରାଧିକରଣ, ଜାତୀୟ ରାଜପଥ, ବିମାନ ଚଳାଚଳ ଏବଂ ରେଳବାଇର ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତା ଓ ବର୍ତ୍ତମାନର ସ୍ଥିତି ସଂପର୍କରେ ସମୀକ୍ଷା ଅବସରରେ ରାଜ୍ୟପାଳ ଏପରି ଗୁରୁତ୍ୱାରୋପ କରିଛନ୍ତି। ଏହି ସମୀକ୍ଷା ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ରୂପା ରୋଶନ ସାହୁ, ଜାତୀୟ ରାଜପଥ ପ୍ରାଧିକରଣର ରିଜିଓନାଲ ଅଫିସର ବୀରେନ୍ଦ୍ର ସିଂହ, ପୂର୍ବତଟ ରେଳବାଇର ଜି.ଏମ୍. ପରମେଶ୍ୱର ଫଙ୍କୱାଲ, ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରର ଏପିଡି ପ୍ରସନ୍ନ ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗୀୟ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।



ପ୍ରାରମ୍ଭରେ ଉପରୋକ୍ତ ବିଭାଗ ତରଫରୁ ପାୱାର ପଏଣ୍ଟ ପ୍ରେଜେଣ୍ଟେସନ ମାଧ୍ୟମରେ ବିଭିନ୍ନ ବିଭାଗର ପ୍ରକଳ୍ପ ସଂପର୍କରେ ତଥ୍ୟ ଉପସ୍ଥାପନା କରି ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ରାଜ୍ୟରେ ବିମାନ ଚଳାଚଳ କ୍ଷେତ୍ରର ସମୀକ୍ଷା କରି ରାଜ୍ୟପାଳ କହିଥିଲେ ଯେ 'ହେଲି ପୋର୍ଟ' ସ୍ଥାପନ ଏକ ଭଲ ଚିନ୍ତାଧାରା। ଏହା ଯଦି କାର୍ଯ୍ୟକାରୀ କରାଯାଏ, ତେବେ ଜନସାଧାରଣ ଉପକୃତ ହୋଇପାରିବେ। ପିପିପି ମୋଡରେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟରେ ଦୁଇ ତିନୋଟି ସ୍ଥାନରେ ହେଲି ପୋର୍ଟ ଆରମ୍ଭ କରିବା ପାଇଁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଏତଦ୍ବ୍ୟତୀତ ରାଜ୍ୟରେ ବିମାନ ପରିଚାଳନାକୁ ସହଜ କରିବା ପାଇଁ ରାଜ୍ୟ ମାଲିକାନାରେ ଥିବା ଏୟାରଷ୍ଟ୍ରିପର ରନୱେକୁ ସଂପ୍ରସାରଣ କରିବାର ଆବଶ୍ୟକତା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ ଏବଂ ଜନଜାତି ଝିଅମାନଙ୍କ ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା କ୍ୟାଡେଟ୍ ପାଇଲଟ୍ କାର୍ଯ୍ୟକ୍ରମ ସଂପର୍କରେ ପଚାରି ବୁଝିଥିଲେ। ଏତଦ୍ବ୍ୟତୀତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ପରିଚାଳିତ ହେଉଥିବା ଅନ୍ତର୍ଜାତୀୟ ବିମାନ ଉଡାଣ ସଂପର୍କରେ ବିଶଦ ବିବରଣୀ ଦେବାକୁ କର୍ତ୍ତୃପକ୍ଷଙ୍କୁ ରାଜ୍ୟପାଳ କହିଥିଲେ। ରାଜ୍ୟରେ ଥିବା ବନ୍ଦରମାନଙ୍କରେ ଗ୍ରୀନ ଫିଲ୍ଡ ଟର୍ମିନାଲ ପରିବର୍ତ୍ତେ କ୍ରୁଜ ଟର୍ମିନାଲ ବିକାଶ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଏତଦ୍ବ୍ୟତୀତ ମତ୍ସ୍ୟଜୀବୀମାନଙ୍କ ଜୀବିକା ସୁରକ୍ଷା ପାଇଁ ବନ୍ଦରଗୁଡ଼ିକରେ ମାଛଧରା ଜେଟି ପ୍ରଚଳନ କରିବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ।ଛତିଆଠାରେ ଡ୍ରାଇଭିଂ ପ୍ରତିଷ୍ଠାନ ବିଷୟରେ ଆଲୋଚନାବେଳେ ସରକାରୀ ପଲିଟେକନିକ୍ ଏବଂ ଆଇଟିଆଇରେ ଡ୍ରାଇଭିଂ ତାଲିମ୍ ପାଠ୍ୟକ୍ରମ ଆରମ୍ଭ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ବିଭିନ୍ନ ରେଳ ପ୍ରକଳ୍ପର ସମୀକ୍ଷା କରି ରାଜ୍ୟପାଳ ଭୁବନେଶ୍ୱର ରେଳଷ୍ଟେସନ ତଥା ଅନ୍ୟ ଷ୍ଟେସନମାନଙ୍କର ପୁନଃ ବିକାଶ ଏବଂ ବିକାଶ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ଆଲାଇନ୍‌ମେଣ୍ଟ ଚୂଡ଼ାନ୍ତ କରିବା ପୂର୍ବରୁ ରାଜ୍ୟ ସରକାରଙ୍କ ସହ ପରାମର୍ଶ କରିବାକୁ ରେଳବାଇ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ। ଜାତୀୟ ରାଜପଥ ପ୍ରାଧିକରଣ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପର ସମୀକ୍ଷା କରି କହିଥିଲେ ଯେ ରାଜପଥ ନିବେଶର ଲାଭ ଜନସାଧାରଣଙ୍କୁ ଦୃଶ୍ୟମାନ ହେବା ଆବଶ୍ୟକ। ରାଜପଥରେ ଯାତ୍ରୀ ସୁବିଧା ଏବଂ ବୈଦ୍ୟୁତିକ ଯାନ ଚାର୍ଜିଂ ଷ୍ଟେସନ ପାଇଁ ବ୍ୟବସ୍ଥା ସଂପର୍କରେ ରାଜ୍ୟପାଳ ପଚାରି ବୁଝିଥିଲେ।

## ଏନ୍ଆଇଆର୍ଏଫ୍-୨୦୨୫

# ସ୍ଥାନ ପାଇଲାନି ଓଡ଼ିଶାର ସରକାରୀ କଲେଜ୍

**ଭୁବନେଶ୍ୱର,୪।୯/ଏନ୍ଏନ୍ଏସ୍:** ଗୁରୁବାର ଚଳିତବର୍ଷର ନ୍ୟାସନାଲ ଇନଷ୍ଟିଚ୍ୟୁସନାଲ ରାଙ୍କିଙ୍ଗ ଫ୍ରେମୱର୍କ(ଏନଆଇଆର୍ଏଫ୍)-୨୦୨୫ ଘୋଷଣା କରାଯାଇଛି। ସର୍ବଭାରତୀୟସ୍ତରରେ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ସାମିଲ କରାଯାଇ ୧୬ଟି ବର୍ଗରେ ତାଲିକା ପ୍ରସ୍ତୁତ କରାଯାଇଛି। ଉଭୟ ସାମଗ୍ରିକ(ଓଭରଅଲ୍) ବର୍ଗରେ ଓଡ଼ିଶାର ୫ଟି ଶିକ୍ଷାନୁଷ୍ଠାନ ସ୍ଥାନ ପାଇଥିବା ବେଳେ ସେଥିରୁ ଟପ୍ ୧୦୦ରାଙ୍କରେ ୨୫ତମ ସ୍ଥାନରେ ସୋଆ ୬୧.୦୧% ସ୍କୋର ହାସଲ କରିଛି। ସେହିପରି କିଟ୍ ୬୦.୧୩% ସ୍କୋର ହାସଲ କରି ୨୭ ର୍ୟାଙ୍କ, ରାଉରକେଲା ଏନ୍ଆଇଟି ୫୮.୫୫% ସ୍କୋର ହାସଲ କରି ୩୪ ର୍ୟାଙ୍କ, ଭୁବନେଶ୍ୱର ଆଇଆଇଟି ୫୧.୧୬ % ସ୍କୋର ହାସଲ କରି ୮୦ ର୍ୟାଙ୍କ ଏବଂ ଭୁବନେଶ୍ୱର ଏମ୍ସ ୪୯.୦୪% ସ୍କୋର ହାସଲ କରି ୧୦୦ତମ ସ୍ଥାନରେ ରହିଛି। ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ବର୍ଗରେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ୬୩.୧୪% ସ୍କୋର ହାସଲ କରି ୧୫ତମ ର୍ୟାଙ୍କ ଏବଂ କିଟ୍ ୬୨.୮୭% ସ୍କୋର ହାସଲ କରି ୧୭ତମ ର୍ୟାଙ୍କ ପାଇଛି। ତେବେ ଦେଶର ଶ୍ରେଷ୍ଠ ୧୦୦ କଲେଜ ଭିତରେ ଓଡ଼ିଶାର ଗୋଟିଏ ବି କଲେଜ ସ୍ଥାନ ପାଇନାହିଁ।

ଅନ୍ୟପଟେ ଗବେଷଣା ଶିକ୍ଷାନୁଷ୍ଠାନ ବର୍ଗରେ କିଟ୍ ୪୬.୭୩% ସ୍କୋର ପାଇ ୪୩ ର୍ୟାଙ୍କରେ ରହିଥିବା ବେଳେ ସୋଆ ୪୫.୧୨% ସ୍କୋର ପାଇ ୪୯ ର୍ୟାଙ୍କରେ ରହିଛି। ଶ୍ରେଷ୍ଠ ଇଞ୍ଜିନିୟରିଂ ବର୍ଗରେ ଏନ୍ଆଇଟି ରାଉରକେଲା ୬୬.୬୨% ସ୍କୋର ପାଇ ୧୩ ର୍ୟାଙ୍କ, ସୋଆ ୬୨.୫୮% ସ୍କୋର ପାଇ ୨୨ ର୍ୟାଙ୍କ ଏବଂ କିଟ୍ ୫୮.୭୯% ସ୍କୋର ପାଇ ୩୬ ର୍ୟାଙ୍କରେ ରହିଛି। ଭୁବନେଶ୍ୱର ଆଇଆଇଟି ୫୮.୨୨% ସ୍କୋର ପାଇ ୩୯ ର୍ୟାଙ୍କ ଏବଂ ସିଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ୪୬.୨୨% ସ୍କୋର ପାଇ ୯୫ ର୍ୟାଙ୍କରେ ରହିଛି। ଶ୍ରେଷ୍ଠ ୧୦୦ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନ ଭିତରେ ଏକ୍ସଆଇଏମ୍ ବିଶ୍ୱବିଦ୍ୟାଳୟ ୫୪.୭୩% ସ୍କୋର ହାସଲ କରି ୪୫ ର୍ୟାଙ୍କରେ ରହିଥିବା ବେଳେ ସୋଆ ୫୦.୮୮ % ସ୍କୋର ପାଇ ୬୬ ର୍ୟାଙ୍କ, କିଟ୍ ୫୦.୬୮ % ସ୍କୋର ପାଇ ୬୮ ର୍ୟାଙ୍କ ଏବଂ ଆଇଏମ୍ଆଇ ୪୬.୨୪% ସ୍କୋର ପାଇ ୯୪ ର୍ୟାଙ୍କରେ ରହିଛି।

ସେହିପରି ଫାର୍ମାସୀ ଶିକ୍ଷାନୁଷ୍ଠାନ ବର୍ଗରେ ଶ୍ରେଷ୍ଠ ୧୦ ଭିତରେ ଓଡ଼ିଶାର କୌଣସି ଶିକ୍ଷାନୁଷ୍ଠାନ ସ୍ଥାନ ପାଇ ନ ଥିବା ଦେଖାଯାଇଛି। ତେବେ ଶ୍ରେଷ୍ଠ ୧୦ ଆର୍କିଟେକ୍ଚର ଆଣ୍ଡ ପ୍ଲାନିଙ୍ଗ ଶିକ୍ଷାନୁଷ୍ଠାନ ଭିତରେ ଏନ୍ଆଇଟି ରାଉରକେଲା ୬୫.୦୪% ସ୍କୋର ପାଇ ୭ ର୍ୟାଙ୍କ ପାଇଛି। ଆଇନ ଶିକ୍ଷାନୁଷ୍ଠାନ ଭିତରେ ଓଡ଼ିଶାର ଶିକ୍ଷା ଓ ଅନୁସନ୍ଧାନ ୬୫.୩୬% ସ୍କୋର ପାଇ ୧୦ର୍ୟାଙ୍କ ଏବଂ କିଟ୍ ୬୫.୦୪% ସ୍କୋର ପାଇ ୧୪ର୍ୟାଙ୍କ ହାସଲ କରିଛି। ସେହିଭଳି ଶ୍ରେଷ୍ଠ ଡାକ୍ତରୀ କଲେଜ ଭିତରେ ଏମ୍ସ ଭୁବନେଶ୍ୱର ୬୪.୩୧% ସ୍କୋରରେ୧୪ତମ ର୍ୟାଙ୍କ ପାଇଥିବା ବେଳେ ଶିକ୍ଷା ଓ ଅନୁସନ୍ଧାନ ୬୪.୩୧% ସ୍କୋର ପାଇ ୧୫ର୍ୟାଙ୍କ ପାଇଥିବା ବେଳେ କିଟ୍ ୬୧% ସ୍କୋର ପାଇ ୨୪ ର୍ୟାଙ୍କରେ ରହିଛି। ସେହିଭଳି ଶ୍ରେଷ୍ଠ ଡେଣ୍ଟାଲ ଇନଷ୍ଟିଚ୍ୟୁଟ୍ ଭିତରେ ଓଡ଼ିଶାର ଶିକ୍ଷା ଓ ଅନୁସନ୍ଧାନ ୬୩.୧୨% ସ୍କୋର ପାଇ ୯ର୍ୟାଙ୍କ ପାଇଥିବା ବେଳେ କିଟ୍ ୫୬.୩୪% ସ୍କୋର ପାଇ ୨୬ ର୍ୟାଙ୍କ ହାସଲ କରିଛି। ଏଗ୍ରିକଲ୍ଚର ଆଣ୍ଡ ଆଲାଏଡ୍ ସେକ୍ଟର ବର୍ଗରେ ଓଡ଼ିଶାର କୌଣସି ଶିକ୍ଷାନୁଷ୍ଠାନ ର୍ୟାଙ୍କ ହାସଲ କରିପାରି ନାହିଁ। ସେହିପରି ମୁକ୍ତ ବିଶ୍ୱବିଦ୍ୟାଳୟ, ଦକ୍ଷତା ବିଶ୍ୱବିଦ୍ୟାଳୟ ଓ ସରକାରୀ ଅନୁଦାନ ବିଶ୍ୱବିଦ୍ୟାଳୟ ବର୍ଗରେ ଓଡିଶାର କୌଣସି ଶିକ୍ଷାନୁଷ୍ଠାନ ରାଙ୍କ ହାସଲ କରିପାରି ନାହାଁନ୍ତି।

# ସିଙ୍ଗାପୁର ପ୍ରଧାନମନ୍ତ୍ରୀ-କେନ୍ଦ୍ରମନ୍ତ୍ରୀ ସାକ୍ଷାତ୍ ଆଲୋଚନା

**ନୂଆଦିଲ୍ଲୀ,୪।୯/ଏନ୍ଏନ୍ଏସ୍:** ଭାରତ ଓ ସିଙ୍ଗାପୁର ମଧ୍ୟରେ ଶିକ୍ଷା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ମଜଭୁତ୍ କରିବା ଦିଗରେ ଗୁରୁବାର ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଲରେନ୍ସ ୱଙ୍ଗଙ୍କ ମଧ୍ୟରେ ଏକ ଫଳପ୍ରଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତ ଓ ସିଙ୍ଗାପୁରର ଦ୍ୱିପାକ୍ଷିକ ସହଯୋଗରେ ଶିକ୍ଷା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ସିଙ୍ଗାପୁର ପ୍ରଧାନମନ୍ତ୍ରୀଙ୍କ ଭାରତ ଗସ୍ତ ଏଥର ବିଶେଷ ହୋଇଛି, କାରଣ ଚଳିତବର୍ଷ ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କର ଷାଠିଏ ବର୍ଷ ପୂରଣ ହୋଇଛି। ବୈଠକରେ ସ୍କୁଲ ଶିକ୍ଷା, ଉଚ୍ଚଶିକ୍ଷା, ଧନ୍ଦାମୂଳକ ଶିକ୍ଷା, ଗବେଷଣା, ନବସୃଜନ ଏବଂ ଉଦ୍ୟମିତା କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଉପରେ ଚର୍ଚ୍ଚା ହୋଇଛି । ଶିକ୍ଷକଙ୍କ କାପାସିଟି ବିଲଡିଂ, ଗବେଷଣା ଦକ୍ଷତା ଏବଂ କ୍ଷମତା ବୃଦ୍ଧି, ଦକ୍ଷତା ଇକୋସିଷ୍ଟମକୁ ସୁଦୃଢ଼ କରିବା ଉପରେ ମଧ୍ୟ ଉଭୟ ଗୁରୁତ୍ୱାରୋପ କରିଛନ୍ତି । ସେହିପରି ଛାତ୍ରଛାତ୍ରୀଙ୍କୁ ବିଶ୍ୱସ୍ତରୀୟ ଦୃଷ୍ଟିକୋଣ ଏବଂ ସମୃଦ୍ଧ ପରିବେଶ ପ୍ରଦାନ କରିବା ଉଦ୍ଦେଶ୍ୟରେ ଆମ ଉଭୟ ଦେଶର ଉଚ୍ଚଶିକ୍ଷା ପ୍ରତିଷ୍ଠାନ ମଧ୍ୟରେ ଅଧିକ ଷ୍ଟୁଡେଣ୍ଟ୍ ଏକ୍ସଚେଞ୍ଜକୁ ସୁଗମ କରିବା ପାଇଁ ଏକାଠି କାମ କରିବା ଦିଗରେ ସମ୍ମତି ପ୍ରକାଶ କରିଛନ୍ତି । ଶିକ୍ଷା, ଦକ୍ଷତା ବିକାଶ, ଷ୍ଟାର୍ଟ-ଅପ୍ ଏବଂ ଅଗ୍ରଣୀ ଗବେଷଣା କ୍ଷେତ୍ରରେ ଭାରତ - ସିଙ୍ଗାପୁର ସହଯୋଗକୁ ଉଚ୍ଚ ସ୍ତରକୁ ନେବା ଦିଗରେ ସିଙ୍ଗାପୁର ପିଏମଙ୍କ ନିରନ୍ତର ପ୍ରଚେଷ୍ଟାକୁ ଶ୍ରୀ ପ୍ରଧାନ ପ୍ରଶଂସା କରିଛନ୍ତି।

## ଜିଏସ୍ଟି ସମ୍ପର୍କରେ ବିଜେଡିର ଦାବି

# କେନ୍ଦୁପତ୍ର, ହ୍ୟାଣ୍ଡଲୁମ୍ ଉପରୁ ସମ୍ପୂର୍ଣ୍ଣ ଛାଡ଼ କର

**ଭୁବନେଶ୍ୱର,୪।୯/ଏନ୍ଏନ୍ଏସ୍:** କେନ୍ଦୁପତ୍ର ଓ ହ୍ୟାଣ୍ଡଲୁମ ଉପରେ ଏବେବି ୫% ଜିଏସ୍ଟି ରହିଛି। ଏସବୁ ସାମଗ୍ରୀ ଉପରୁ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଜିଏସ୍ଟି ଛାଡ଼ ହେବା ଜରୁରୀ। ଓଡ଼ିଶା ସରକାରଙ୍କୁ ପ୍ରତି ମାସରେ ପ୍ରାୟ ୧୦୦୦ କୋଟି ଟଙ୍କାର ରାଜସ୍ୱହାନୀ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏହାକୁ କେନ୍ଦ୍ର ସରକାର ଭରଣା କରିବା ଦରକାର ବୋଲି ବିଜେଡି କହିଛି । ଗୁରୁବାର ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଓ ବିଧାୟକ ତଥା ଦଳର ବରିଷ୍ଠ ଉପସଭାପତି ନିରଞ୍ଜନ ପୂଜାରୀ ଜିଏସଟି ସ୍ଲାବ ପରିବର୍ତ୍ତନ ଯୋଗୁଁ ଓଡ଼ିଶାରେ କ'ଣ ପ୍ରଭାବ ପଡ଼ିବ ସେନେଇ ସୂଚନା ଦେଇଥିଲେ। ଶ୍ରୀ ମିଶ୍ର କହିଥିଲେ ଯେ ୨୦୧୮ ମସିହାରୁ କେନ୍ଦୁପତ୍ର ଉପରେ ଜିଏସଟି ସମ୍ପୂର୍ଣ୍ଣ ଛାଡ଼ ପାଇଁ ବିଜୁ ଜନତା ଦଳ କହି ଆସୁଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ କେନ୍ଦୁପତ୍ର ଉପରୁ ସମ୍ପୂର୍ଣ୍ଣ ଜିଏସଟି ଛାଡ଼ ପାଇଁ ଚିଠି ଲେଖିଥିଲେ। ଜିଏସଟିର ନୂତନ ସ୍ଲାବ ଅନୁଯାୟୀ କେନ୍ଦୁପତ୍ର ଉପରେ ଜିଏସଟିକୁ ୧୮%ରୁ ୫%କୁ ଖସାଇ ଦିଆଯାଇଛି। କିନ୍ତୁ ଏହା କମିଥିଲେ ମଧ୍ୟ କେନ୍ଦୁପତ୍ର ତୋଳାଳିଙ୍କୁ ବିଶେଷ ଫାଇଦା ମିଳିବ ନାହିଁ। କେନ୍ଦୁପତ୍ର ତୋଳାଳି ମାନେ କୌଣସି ସୁବିଧା ପାଇବେ ନାହିଁ। ନିରଞ୍ଜନ ପୂଜାରୀ କହିଥିଲେ ଯେ କେନ୍ଦୁପତ୍ର ଭଳି ହ୍ୟାଣ୍ଡଲୁମ କ୍ଷେତ୍ରରେ ମଧ୍ୟ ବୁଣାକାରମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜିଏସଟି ଛାଡ଼ ପାଇଁ ବିଜେଡି ତରଫରୁ ଦାବି ହୋଇ ଆସୁଥିଲା। ଟେକ୍ସଟାଇଲ କ୍ଷେତ୍ରରେ ପାୱାରଲୁମ ଓ ହ୍ୟାଣ୍ଡଲୁମ ରହିଛି। ପାୱାରଲୁମରେ ଶିଳ୍ପପତିମାନେ ସମ୍ପୃକ୍ତ ଥିବାବେଳେ ହ୍ୟାଣ୍ଡଲୁମରେ ଗରିବ ବୁଣାକାର ମାନେ ରହିଛନ୍ତି। ସେମାନେ ବିଭିନ୍ନ ସୂତା ଶାଢ଼ୀ, ପାଟ ଶାଢ଼ୀ ଇତ୍ୟାଦି ଜିନିଷ ତିଆରି କରିଥାନ୍ତି। ଏହି ଗରିବ ଶ୍ରେଣୀର ବୁଣାକାରମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଜିଏସଟି ଛାଡ଼ ପାଇଁ ଦାବି ହୋଇ ଆସୁଥିଲା। କିନ୍ତୁ ସେମାନଙ୍କ ପାଇଁ ମଧ୍ୟ ୫% ଜିଏସଟି ରହିଛି। ତେଣୁ ଉଭୟ କେନ୍ଦୁପତ୍ର ଓ ହ୍ୟାଣ୍ଡଲୁମ ଟେକ୍ସଟାଇଲ ଉପରୁ ସମ୍ପୂର୍ଣ୍ଣ ଜିଏସଟି ଛାଡ଼ ପାଇଁ ବିଜୁ ଜନତା ଦଳ ଆଉଥରେ ଦାବି କରୁଛି।

# 'ସୁଭଦ୍ରା' ଯୋଜନା: ବାଦ୍ ପଡ଼ିବେ ଅଯୋଗ୍ୟ

**ଭୁବନେଶ୍ୱର,୪।୯/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ଆକାଂକ୍ଷୀ ଯୋଜନା 'ସୁଭଦ୍ରା'ରେ ଲକ୍ଷାଧିକ ଅଯୋଗ୍ୟ ଚତୁରତାର ସହିତ ସାମିଲ ହୋଇଛନ୍ତି। ଏହି ଯୋଜନାରେ ଲକ୍ଷାଧିକ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଇ ନଥିବା ଅଭିଯୋଗ ମଧ୍ୟ ହେଉଛି। ସରକାର ଏବେ ସଚେତନ ହୋଇଛନ୍ତି। ଅଯୋଗ୍ୟଙ୍କୁ ବାଦ ଦେବାକୁ ତତ୍ପରତା ପ୍ରକାଶ କରିଛନ୍ତି। 'ସୁଭଦ୍ରା' ଆବେଦନକାରୀଙ୍କ ସତ୍ୟାସତ୍ୟ ଯାଂଚ ନିମନ୍ତେ ଅନ୍ୟ ୩ଟି ବିଭାଗର ସହାୟତା ଲୋଡ଼ିଛି ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ । ବିଭିନ୍ନ କାରଣରୁ ଖାରଜ ହୋଇଥିବା ଆବେଦନଗୁଡ଼ିକର ସତ୍ୟାସତ୍ୟ ଯାଂଚ ନିମନ୍ତେ ରାଜ୍ୟ ଯୋଗାଣ ବିଭାଗ, ପରିବହନ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗକୁ ତଥ୍ୟ ମଗାଯାଇଥିବା ଜଣାପଡ଼ିଛି।ମହିଳା ଓ ଶିଶୁବିକାଶ ବିଭାଗର ନିର୍ଦ୍ଦେଶିକା ମୋନିଷା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ସୁଭଦ୍ରା ଯୋଜନାରେ ଖାରଜ ହୋଇଥିବା ଆବେଦନର ଯାଂଚ ନିମନ୍ତେ ବିଭିନ୍ନ ବିଭାଗର ସହାୟତା ଲୋଡ଼ିବାକୁ ନିଷ୍ପତ୍ତି ନିଆଯାଇଛି । ବିଶେଷକରି ପରିବାରରେ ଚାରିଚକିଆ ଯାନ ମାଲିକାନା ଆଧାରରେ ପ୍ରତ୍ୟାଖ୍ୟାନ ହୋଇଥିବା ଆବେଦନଗୁଡ଼ିକର ସତ୍ୟତା ଯାଂଚ କରିବା ପାଇଁ ବିଭାଗକୁ 'ବାହାନ' ଡାଟାବେସ୍ ସହିତ ତଥ୍ୟ ମିଳାଇବାକୁ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗକୁ କୁହାଯାଇଛି। ସେହିପରି ୨୫୦ଜଣ ହିତାଧିକାରୀଙ୍କ ମୃତ୍ୟୁହୋଇଥିବା ଯୋଗୁ ସେମାନଙ୍କର ଆବେଦନ ଖାରଜ ହୋଇଥିବାର ସତ୍ୟାସତ୍ୟ ଯାଞ୍ଚ ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ତଥ୍ୟ ଦେବାକୁ କୁହାଯାଇଛି । ସ୍ୱାସ୍ଥ୍ୟ ବିଭାଗ ଏନେଇ ଏକ ନମୁନା ସର୍ଭେ କରି ସତ୍ୟାସତ୍ୟ ଜଣାଇବ। ଓକାକ୍ ଦ୍ୱାରା ଓଡ଼ିଶା ଜନ୍ମ ଓ ମୃତ୍ୟୁ ରେଜିଷ୍ଟ୍ରେସନ ସିଷ୍ଟମ (ଓବିଡିଆରଏସ) ରୁ ପ୍ରାପ୍ତ ମୃତ୍ୟୁ ତଥ୍ୟର ସତ୍ୟତା ନିଶ୍ଚିତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ସେହିପରି ଆବେଦନକାରୀଙ୍କ ଆୟ ସମ୍ପର୍କରେ ତଥ୍ୟ ହାସଲ ପାଇଁ ପି-ପାସ୍ ଡାଟା ଓ ଓକାକ୍ ତଥ୍ୟକୁ ମେଳ କରିବାକୁ ରାଜ୍ୟ ଖାଦ୍ୟଯୋଗାଣ ବିଭାଗକୁ କୁହାଯାଇଛି।

## ସଂଗଠନ ସୃଜନ ଅଭିଯାନ

# ନାଗରିକ ସମାଜର ସମ୍ପୃକ୍ତି ଲୋଡ଼ିଲା କଂଗ୍ରେସ

**ଭୁବନେଶ୍ୱର,୪।୯/ଏନ୍ଏନ୍ଏସ୍:** ଓଡ଼ିଶାରେ କଂଗ୍ରେସର ସମସ୍ତ ୩୫ଟି ସାଙ୍ଗଠନିକ ଜିଲ୍ଲାର ସଭାପତି ଚୟନ ପାଇଁ ଆରମ୍ଭ ହୋଇଥିବା ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ ରାଜ୍ୟବ୍ୟାପୀ କଂଗ୍ରେସ ନେତା ଓ କର୍ମୀଙ୍କ ମଧ୍ୟରେ ନାହିଁ ନ ଥିବା ଉତ୍ସାହ ସୃଷ୍ଟି କରିଛି। ଦେଶର ବିଭିନ୍ନ ପ୍ରାନ୍ତରରୁ ବଛାବଛା ୩୫ ଜଣ ବରିଷ୍ଠ, ଅଭିଜ୍ଞ ଓ ଜଣାଶୁଣା କଂଗ୍ରେସ ନେତାଙ୍କୁ ଏଆଇସିସି କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ଓଡ଼ିଶା ପଠାଇଛି। ପ୍ରତ୍ୟେକ ଜିଲ୍ଲାରେ ସଂପୃକ୍ତ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କୁ ସାହାଯ୍ୟ କରିବା ପାଇଁ ପିସିସି ପକ୍ଷରୁ ୩ ଜଣ ଲେଖାଏଁ ରାଜ୍ୟ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି। ସଂପୃକ୍ତ ଜିଲ୍ଲାରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକମାନେ ଅନ୍ୟୁନ ୭ ଦିନ ଅବସ୍ଥାନ କରିବା ଭିତରେ ଦଳୀୟ କର୍ମୀ ଓ ନେତାଙ୍କ ମତାମତ ନେଇ ସବୁ ବର୍ଗର ପ୍ରତିନିଧିତ୍ୱ କରୁଥିବା ମୋଟ ୬ ଜଣ ଯୋଗ୍ୟ ଓ ଦକ୍ଷ ସଂଗଠକଙ୍କ ତାଲିକା ପ୍ରସ୍ତୁତ କରି ଏଆଇସିସି ଦ୍ୱାରା ଚୂଡ଼ାନ୍ତ ଚୟନ ନିମନ୍ତେ ଏହା ନିକଟରେ ଆସନ୍ତା ୧୪ ତାରିଖ ସୁଦ୍ଧା ଦାଖଲ କରିବେ।

କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି ଯେ ଏକ ଶକ୍ତିଶାଳୀ ବିରୋଧୀ ଦଳ ସମୃଦ୍ଧ ଗଣତନ୍ତ୍ର ପାଇଁ ଅପରିହାର୍ଯ୍ୟ। ଦେଶରେ ବିଶେଷ କରି ଓଡ଼ିଶାରେ ସାଂପ୍ରତିକ ରାଜନୈତିକ ସ୍ଥିତି ଦୃଷ୍ଟିରୁ କଂଗ୍ରେସ ଏକ ଶକ୍ତିଶାଳୀ ଦଳ ଭାବେ ଉଭା ହେବାର ଆବଶ୍ୟକତା ରହିଛି। ତେଣୁ ତୃଣମୂଳ ସ୍ତରରେ ଦଳର ସଂଗଠନକୁ ସୁଦୃଢ଼ କରିବା ପାଇଁ ଅଭିପ୍ରେତ ସୃଜନ କାର୍ଯ୍ୟକ୍ରମରେ ନାଗରିକ ସମାଜର ସଂପୃକ୍ତି ଲୋଡ଼ା ବୋଲି ଶ୍ରୀ ଗାନ୍ଧୀ ମତପ୍ରକାଶ କରିଛନ୍ତି। ରାହୁଲଙ୍କ ଆହ୍ୱାନକୁ କାର୍ଯ୍ୟକାରୀ କରିବା ପାଇଁ ଆଗେଇ ଆସିବାକୁ ପିସିସି ସଭାପତି ଭକ୍ତ ଚରଣ ଦାସ ଓଡ଼ିଶାର ନାଗରିକ ସମାଜକୁ ନିବେଦନ କରିଛନ୍ତି। ନିଜନିଜ ଜିଲ୍ଲାରେ ଜଣେ ଲେଖାଏଁ ଦକ୍ଷ ଓ ଯୋଗ୍ୟ କଂଗ୍ରେସ ନେତାଙ୍କୁ ଡିସିସି ସଭାପତି ଚୟନ କରାଇବା ସମଭାବାପନ୍ନ ନାଗରିକ ସମାଜଗୁଡ଼ିକର ମଧ୍ୟ କର୍ତ୍ତବ୍ୟ ବୋଲି ଶ୍ରୀ ଦାସ କହିଛନ୍ତି।

# 'ନାଗରିକ କୈନ୍ଦ୍ରିକ ସେବା ପ୍ରଦାନ ବ୍ୟବସ୍ଥାକୁ ସୁଦୃଢ଼ କରୁଛି ଏଆଇ'

**ଭୁବନେଶ୍ୱର,୪।୯/ଏନ୍ଏନ୍ଏସ୍:** ରାଜ୍ୟ ସୂଚନା ବିଜ୍ଞାନ କେନ୍ଦ୍ର, ଓଡ଼ିଶା ଦ୍ୱାରା ଏହାର ଭୁବନେଶ୍ୱର ସ୍ଥିତ ମୁଖ୍ୟାଳୟରେ ଏକ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ସଚେତନତା କର୍ମଶାଳା ଉଦଘାଟିତ ହୋଇଯାଇଛି। ଏହି କର୍ମଶାଳାରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଏବଂ ସଂଗଠନରୁ ଶତାଧିକ ଅଧିକାରୀ ଯୋଗ ଦେଇଥିଲେ। କର୍ମଶାଳାକୁ ରାଜ୍ୟ ସରକାରଙ୍କ ଉନ୍ନୟନ କମିଶନର ତଥା ଯୋଜନା ଓ ସଂଯୋଜନ ଏବଂ ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଉଦ୍ଘାଟନ କରି ଏଆଇ ତଥା ଅନ୍ୟ କେତେକ ଟେକ୍ନୋଲୋଜି ରାଜ୍ୟରେ ନାଗରିକ କୈନ୍ଦ୍ରିକ ସେବା ପ୍ରଦାନ ବ୍ୟବସ୍ଥାକୁ ସୁଦୃଢ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ପ୍ରକାଶ କରିଥିଲେ। ଏହା ଦ୍ୱାରା ବିଭିନ୍ନ ଜନକଲ୍ୟାଣ ଯୋଜନା କାର୍ଯ୍ୟକାରିତା କିଭଳି ଅଧିକ ତ୍ୱରାନ୍ୱିତ ହୋଇପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏଆଇକୁ ବ୍ୟବହାର କରି ନୋଟିଂ, ଡ୍ରାଫ୍ଟିଙ୍ଗ ଭଳି ଦୈନନ୍ଦିନ ସରକାରୀ କାର୍ଯ୍ୟକୁ ସହଜରେ କରାଯାଇ ପାରିବ ବୋଲି ସେ ସମସ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେବା ସହିତ ଏଆଇର ଉପଯୋଗ କରି ଶାସନ ପରିଚାଳନା ବ୍ୟବସ୍ଥାକୁ ସୁଦୃଢ କରିବାରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ଶ୍ରୀମତୀ ଗର୍ଗ ପ୍ରକାଶ କରିଥିଲେ।



ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଦିଲ୍ଲୀ ସ୍ଥିତ ରାଜ୍ୟ ସୂଚନା ବିଜ୍ଞାନ କେନ୍ଦ୍ର ମୁଖ୍ୟାଳୟର ଉପ ମହାନିର୍ଦ୍ଦେଶକ ତଥା ଓଡ଼ିଶା ରାଜ୍ୟ ସଂଯୋଜକ ଟିମୋଥୀ ଦଖର କୃତ୍ରିମ ବୁଦ୍ଧିମତ୍ତା ଉପରେ ନିଜର ଅନୁଭୂତିକୁ ବିଶେଷ ଭାବରେ ଉପସ୍ଥାପନ କରିବା ସହିତ ଏହାର ଆଇନଗତ, ଗୋପନୀୟତା, ପାରଦର୍ଶିତା, ସାମାଜିକ, ନୈତିକ ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ। ଓଡିଶା ଏନ୍ଆଇସିର ଉପ ମହାନିର୍ଦ୍ଦେଶକ ତଥା ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ ଡଃ. ଅଶୋକ କୁମାର ହୋତା ନିଜର ସ୍ୱାଗତ ଭାଷଣରେ କର୍ମଶାଳାର ଆଭିମୁଖ୍ୟ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ ଏବଂ ଭବିଷ୍ୟତରେ ଏହିପରି ଅଧିକ କର୍ମଶାଳା ଓଡିଶା ସରକାରଙ୍କର ଅଧିକାରୀମାନଙ୍କ ପାଇଁ କରାଯିବାର ଯୋଜନା ରହିଛି ବୋଲି ପ୍ରକାଶ କରିଥିଲେ।

ଅନୁଷ୍ଠାନର ସମସ୍ତ ବୈଜ୍ଞାନିକ, ଜିଲ୍ଲା ସୂଚନା ବିଜ୍ଞାନ ପଦାଧିକାରୀ ତଥା କର୍ମଚାରୀମାନେ ଏଥିରେ ଯୋଗଦାନ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା କୃତ୍ରିମ ବୁଦ୍ଧିମତ୍ତା ସଂପର୍କିତ ଏକ ପ୍ରଚାର ପୁସ୍ତିକା ଉନ୍ମୋଚିତ ହୋଇଥିଲା। ପରିଶେଷରେ ଏନ୍.ଆଇ.ସି.ରେ ନବୀକରଣ କରାଯାଇଥିବା ପ୍ରଶିକ୍ଷଣ କେନ୍ଦ୍ରକୁ ଅତିଥିମାନେ ଉଦଘାଟନ କରିଥିଲେ। ଅତିରିକ୍ତ ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ ଡଃ. ପବିତ୍ରାନନ୍ଦ ପଟ୍ଟନାୟକ ଧନ୍ୟବାଦ ଦେଇଥିବା ବେଳେ ପ୍ରଶିକ୍ଷଣ ବିଭାଗ ମୁଖ୍ୟ ଜୟନ୍ତ କୁମାର ମିଶ୍ର କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ।

## ବସ୍ ଟିକେଟ ହେବ ଡିଜିଟାଇଜ୍

# କ୍ରୁଟ୍ ଓ ଓଏନ୍ଡିସି ସହ ଜାକ୍‌ପେର ସହଯୋଗିତା

**ଭୁବନେଶ୍ୱର,୪।୯/ଏନ୍ଏନ୍ଏସ୍:** ଜାକପେ ଏବଂ ସିଆରୟୁଟିର ନୂତନ ଉଦ୍ୟମ ଫଳରେ ଓଡ଼ିଶାରେ ବସ୍ ଟିକେଟ୍ ଏବେ ହ୍ୱାଟ୍ସଆପରେ କ୍ରୟ କରାଯାଇପାରିବ। କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ) ଏବଂ ଓଏନଡିସି ନେଟୱାର୍କ ସହିତ ଜାକପେର ଏକ ଉଲ୍ଲେଖନୀୟ ସହଯୋଗିତା ହେତୁ ଓଡ଼ିଶାର ଲକ୍ଷାଧିକ ଯାତ୍ରୀ ଏବେ ହ୍ୱାଟ୍ସଆପ୍ ମାଧ୍ୟମରେ ସହଜରେ ବସ୍ ଟିକେଟ ବୁକ୍ କରିପାରିବେ। ଏହି ଚାଟ୍ ଆଧାରିତ ସେବା ରାଜ୍ୟର ୨୪ ନିୟୁତ ଯାତ୍ରୀ ଏବଂ ପ୍ରାୟ ୩୬ ନିୟୁତ ବସ୍ ଯାତ୍ରାକୁ ଡିଜିଟାଇଜ୍ କରିବାର ଲକ୍ଷ୍ୟ ରଖିଛି। ଏହି ସେବା ଭୁବନେଶ୍ୱର, କଟକ, ଖୋର୍ଦ୍ଧା, ପିପିଲି, ପୁରୀ, କୋଣାର୍କ, ରାଉରକେଲା, ସମ୍ବଲପୁର ଏବଂ ବ୍ରହ୍ମପୁର ଆଦି ନଅଟି ମୁଖ୍ୟ ସହରରେ ଚାଲୁ ହୋଇଛି। ଏହି ପରିପ୍ରେକ୍ଷୀରେ ଜାକପେର ଉପ-ସଭାପତି ଏବଂ ବ୍ୟବସାୟ ମୁଖ୍ୟ ଅଭିଷେକ ମୁଖାର୍ଜୀ କହିଛନ୍ତି ଯେ, "କ୍ରୁଟ ସହିତ ଆମର ଭାଗିଦାରୀ ସର୍ବସାଧାରଣଙ୍କ ପାଇଁ ଯାତାୟାତକୁ ସହଜ ଏବଂ ଅଧିକ ପ୍ରବେଶଯୋଗ୍ୟ କରିବାର ଦିଗରେ ଏକ ପଦକ୍ଷେପ।" କ୍ରୁଟର ପରିଚାଳନା ନିର୍ଦ୍ଦେଶକ ଏନ୍ ତିରୁମଲା ନାୟକ କହିଛନ୍ତି ଯେ, " କ୍ରୁଟରେ ଆମର ଲକ୍ଷ୍ୟ ହେଉଛି ସହରୀ ଯାତାୟାତକୁ ଅଧିକ ସ୍ମାର୍ଟ, ଅନ୍ତର୍ଭୁକ୍ତିକରଣ ଏବଂ ଯାତ୍ରୀ ଅନୁକୂଳ କରିବା। ହ୍ୱାଟ୍ସଆପ୍-ଆଧାରିତ ଟିକେଟିଂ ସମାଧାନ ଆମ ନାଗରିକଙ୍କ ପାଇଁ ଡିଜିଟାଲ୍ ସଶକ୍ତିକରଣ ଏବଂ ସୁବିଧା ଦିଗରେ ଆଉ ଏକ ପଦକ୍ଷେପ। ପ୍ରଯୁକ୍ତି ସହିତ ଯାତାୟାତକୁ ସଂଯୋଗ କରି ଆମେ କେବଳ ଯାତ୍ରା ଅନୁଭବକୁ ସରଳ କରୁନାହୁଁ, ବରଂ ଅଧିକ ଲୋକଙ୍କୁ ସ୍ଥାୟୀ ଯାତାୟାତ ବିକଳ୍ପ ଗ୍ରହଣ କରିବାକୁ ଉତ୍ସାହିତ କରୁଛୁ।" ଓଏନଡିସିର କାର୍ଯ୍ୟକାରୀ ସିଇଓ ଏବଂ ସିଓଓ, ବିଭୋର ଜୈନ କହିଛନ୍ତି ଯେ ଓଏନଡିସି ନେଟୱାର୍କର ଓପନ୍ ରେଲ୍ସ ଓଡ଼ିଶାରେ ସର୍ବସାଧାରଣ ଯାତାୟାତ ଭଣ୍ଡାରକୁ ଉଜାଗର କରୁଛି। ଏହାକୁ ସମସ୍ତଙ୍କ ପାଇଁ ଡିଜିଟାଲ୍ ଭାବରେ ପହଞ୍ଚାଉଛି।

# କ୍ରିକେଟ୍‌ରୁ ଅମିତ୍ ମିଶ୍ରାଙ୍କ ସନ୍ନ୍ୟାସ



**ନୂଆଦିଲ୍ଲୀ,୪।୯/ଏଜେନ୍ସି:** ଟିମ୍ ଇଣ୍ଡିଆର ମହାନ୍ ଲେଗ୍ ସ୍ପିନର୍ ଅମିତ ମିଶ୍ରା ଗୁରୁବାର କ୍ରିକେଟ୍‌ର ସମସ୍ତ ଫର୍ମାଟ୍‌ରୁ ସନ୍ନ୍ୟାସ ଘୋଷଣା କରିଛନ୍ତି। ଦୀର୍ଘ ସମୟ ପର୍ଯ୍ୟନ୍ତ ନିଜ ଭାରିଏସନ୍ ଏବଂ ଉନ୍ନତ ନିୟନ୍ତ୍ରଣ ପାଇଁ ପ୍ରସିଦ୍ଧ ମିଶ୍ରା ଭାରତ ପକ୍ଷରୁ ଚମତ୍କାର ପ୍ରଦର୍ଶନ କରିଥିଲେ। ଅମିତ୍ ମିଶ୍ରା ସୋସିଆଲ୍ ମିଡିଆରେ ନିଜ ଅବସର ଘୋଷଣା କରିଛନ୍ତି। ଆଇପିଏଲ୍‌ରେ ମଧ୍ୟ ସେ ଉନ୍ନତ ପ୍ରଦର୍ଶନ କରିଥିଲେ। ଏହି ଫର୍ମାଟ୍‌ରେ ସେ ୩ ହ୍ୟାଟ୍ରିକ୍ ଅର୍ଜନ କରିବାରେ ଏକମାତ୍ର ବୋଲର୍। ୪୨ ବର୍ଷୀୟ ଏହି ସ୍ପିନର୍ ଭାରତ ପାଇଁ ୨୨ ଟେଷ୍ଟ, ୩୬ ଦିନିକିଆ ଏବଂ ୧୦ ଟି-୨୦ ଅନ୍ତର୍ଜାତୀୟ ଖେଳି ମୋଟ ୧୫୬ ୱିକେଟ୍ ଅକ୍ତିଆର କରିଛନ୍ତି। ଆଇପିଏଲ୍‌ରେ ତାଙ୍କ ନାମ ରେକର୍ଡ ବୁକ୍‌ରେ ସାମିଲ ହୋଇଛି। ସେ ଏକମାତ୍ର ବୋଲର୍ ଭାବେ ତିନି ହ୍ୟାଟ୍ରିକ୍ ହାସଲ କରିଛନ୍ତି। ଟୁର୍ଣ୍ଣାମେଣ୍ଟ୍‌ରେ ସେ ୧୬୨ ମ୍ୟାଚ୍‌ରେ ୧୭୪ ୱିକେଟ୍ ହାସଲ କରିଛନ୍ତି ଏବଂ ନିଜ ଗୁଗ୍‌ଲୀ ଏବଂ ଫ୍ଲିପର୍ ଦ୍ୱାରା ବ୍ୟାଟ୍ସମ୍ୟାନ୍‌ଙ୍କୁ ବହୁ ହଇରାଣ କରୁଥିଲେ।

ସନ୍ନ୍ୟାସ ଘୋଷଣା କରି ଅମିତ୍ ମିଶ୍ରା କହିଛନ୍ତି, ଏହି ନିଷ୍ପତ୍ତି ତାଙ୍କ ପାଇଁ ସହଜ ନଥିଲା। ଲଗାତାର ଆଘାତ ତାଙ୍କୁ ବାରମ୍ବାର ହଇରାଣ କରିବାରୁ ଏବେ କ୍ରିକେଟ୍‌କୁ ଅଲ୍‌ବିଦା କହିବାକୁ ମନ ସ୍ଥିର କରିଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ ମୁଁ ସର୍ବଦା ଟିମ୍‌କୁ ପ୍ରାଥମିକତା ଦେଇଛି ଏବଂ ଏବେ ନୂଆ କ୍ରିକେଟର୍‌ଙ୍କୁ ସୁଯୋଗ ମିଳୁ ଏହା ଚାହୁଁଛି। ଏହି ଅବସରରେ ସେ ବିସିସିଆଇ, ହରିଆଣା କ୍ରିକେଟ୍ ସଂଘ, ନିଜ କୋଚ୍, ସପୋର୍ଟ ଷ୍ଟାଫ୍, ସାଥୀ ଖେଳାଳି ଏବଂ ପ୍ରଶଂସକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଅମିତ୍ ଭାରତ ପାଇଁ ୨୦୧୭ରେ ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ଏହାପରେ ସେ ହାର ମାନି ନଥିଲେ ଏବଂ ଘରୋଇ କ୍ରିକେଟ୍ ଓ ଆଇପିଏଲ୍‌ରେ ଖେଳ ଜାରି ରଖିଥିଲେ। ୨୦୨୪ରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ପକ୍ଷରୁ ରାଜସ୍ଥାନ ରୟାଲ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚ୍ ତାଙ୍କର ଶେଷ ମ୍ୟାଚ୍ ଥିଲା।

## ହକି ଏସିଆ କପ୍ ୨୦୨୫

# ମାଲେସିଆକୁ ୪-୧ରେ ହରାଇଲା ଭାରତ

**ରାଜଗିରି,୪।୯/ଏଜେନ୍ସି:** ବିହାରର ରାଜଗିରିରେ ଖେଳାଯାଉଥିବା ଏସିଆ କପ୍ ୨୦୨୫ରେ ଭାରତୀୟ ହକି ଟିମ୍ ଉନ୍ନତ ପ୍ରଦର୍ଶନ ଜାରି ରଖିଛି। ଭାରତୀୟ ଟିମ୍ ଗୁରୁବାର ସୁପର୍-୪ରେ ନିଜର ଦ୍ୱିତୀୟ ମ୍ୟାଚ୍‌ରେ ମାଲେସିଆକୁ ୪-୧ ଗୋଲ୍‌ରେ ହରାଇ ଦେଇଛି। ଭାରତ ପକ୍ଷରୁ ମନ୍‌ପ୍ରୀତ୍ ସିଂହ (୧୭ତମ ମିନିଟ୍), ସୁଖଜିତ୍ ସିଂହ (୧୯ତମ ମିନିଟ୍), ଶିଳାନନ୍ଦ ଲାକ୍ରା (୨୪ତମ ମିନିଟ୍) ଏବଂ ବିବେକ ସାଗର ପ୍ରସାଦ (୩୮ତମ ମିନିଟ୍) ଗୋଲ୍ ସ୍କୋର୍ କରିଥିଲେ। ମାଲେସିଆ ପକ୍ଷରୁ ଏକମାତ୍ର ଗୋଲ୍‌ଟି ଶଫିକ୍ ହସନ୍ ମ୍ୟାଚ୍‌ର ପ୍ରାରମ୍ଭିକ ମିନିଟ୍‌ରେ ଦେଇଥିଲେ। ଏହି ବିଜୟ ଫଳରେ ଭାରତ ୪ ପଏଣ୍ଟ୍ ହାସଲ କରି ସୁପର୍-୪ ଶୀର୍ଷରେ ରହିଛି ଏବଂ ଫାଇନାଲ୍ ନିକଟତର ହୋଇଛି। ମାଲେସିଆ ଦ୍ୱିତୀୟ ଏବଂ ଚୀନ୍ ତୃତୀୟ ସ୍ଥାନରେ ରହିଥିବା ବେଳେ ଗତ ଚାମ୍ପିଅନ୍ କୋରିଆ ବାଦ୍ ପଡ଼ିଛି। ଏବେ ସୁପର୍-୪ରେ ଭାରତ ନିଜର ଅନ୍ତିମ ମ୍ୟାଚ୍ ସେପ୍ଟେମ୍ବର ୪ରେ ଚୀନ୍ ବିପକ୍ଷରେ ଖେଳିବ।

ମ୍ୟାଚ୍‌ରେ ମାଲେସିଆ ଚମତ୍କାର ଆରମ୍ଭ କରି ପ୍ରଥମ ମିନିଟ୍‌ରେ ହିଁ ଅଗ୍ରଣୀ ହାସଲ କରିଥିଲା।

### ସୁପର୍-୪ ଶୀର୍ଷରେ ଟିମ୍ ଇଣ୍ଡିଆ




ଶଫିକ୍ ହସନ୍ ଭାରତୀୟ ଡିଫେନ୍ସକୁ ପ୍ରତିହତ କରି ଏକ ଆକର୍ଷଣୀୟ ଫିଲ୍ଡ ଗୋଲ୍ କରିଥିଲେ। ପ୍ରଥମ କ୍ୱାର୍ଟର୍‌ରେ ଭାରତ ସ୍ଥିତି ସମାନ ପାଇଁ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲା। ତେବେ ଦ୍ୱିତୀୟ କ୍ୱାର୍ଟର୍ ସମ୍ପୂର୍ଣ୍ଣ ଭାବେ ଭାରତ ନାମରେ ରହିଥିଲା। କ୍ୱାର୍ଟର୍‌ର ଦ୍ୱିତୀୟ ମିନିଟ୍‌ରେ ହିଁ ପୂର୍ବତନ ଭାରତୀୟ କ୍ୟାପ୍‌ଟେନ୍ ମନ୍‌ପ୍ରୀତ୍ ସିଂହ ପେନାଲ୍ଟି କର୍ଣ୍ଣର୍‌ରେ ରିବାଉଣ୍ଡ୍‌ରୁ ଗୋଲ୍ ଦେଇ ସ୍ଥିତି ସମାନ କରିଥିଲେ। କିଛି ସମୟ ପରେ ସୁଖଜିତ୍ ସିଂହ ଏକ ଫିଲ୍ଡ ଗୋଲ୍ ଦେଇ ଭାରତକୁ ୨-୧ରେ ଆଗୁଆ କରିଥିଲେ। ଶିଳାନନ୍ଦ ଲାକ୍ରା ମଧ୍ୟ ଦ୍ୱିତୀୟ କ୍ୱାର୍ଟର୍‌ରେ ଫିଲ୍ଡ ଗୋଲ୍ କରିବାରେ ସଫଳ ହୋଇଥିଲେ। ଫଳରେ ସ୍କୋର୍ ୩-୧ ହୋଇଥିଲା ଏବଂ ପ୍ରଥମାର୍ଦ୍ଧ ଶେଷ ପର୍ଯ୍ୟନ୍ତ ଏହି ସ୍ଥିତି ରହିଥିଲା।

ତୃତୀୟ କ୍ୱାର୍ଟର୍‌ରେ ଭାରତୀୟ ଟିମ୍ ପ୍ରଭାବଶାଳୀ ରହିଥିଲା ଏବଂ ୮ମ ମିନିଟ୍‌ରେ ବିବେକ ସାଗର ପ୍ରସାଦ ଏକ ଚମତ୍କାର ଫିଲ୍ଡ ଗୋଲ୍ କରିଥିଲେ। ମାଲେସିଆ ପ୍ରତ୍ୟାବର୍ତ୍ତନ ପାଇଁ ଉଦ୍ୟମ କରିଥିଲେ ମଧ୍ୟ ଭାରତୀୟ ଗୋଲ୍‌ପୋଷ୍ଟ ଭେଦ କରିପାରି ନଥିଲା। ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟର୍ ବହୁ ରୋମାଞ୍ଚର ହୋଇଥିଲା। କିନ୍ତୁ ଏଥିରେ ଗୋଟିଏ ବି ଗୋଲ୍ ହୋଇନଥିଲା ଏବଂ ଭାରତ ୪-୧ରେ ମ୍ୟାଚ୍ ନିଜ ନାମରେ କରିଥିଲା। ଏହି ମ୍ୟାଚ୍ ଭାରତୀୟ କ୍ୟାପ୍‌ଟେନ୍ ହରମନ୍‌ପ୍ରୀତ୍ ସିଂହଙ୍କ ଅନ୍ତର୍ଜାତୀୟ କ୍ୟାରିୟର୍‌ର ୨୫୦ତମ ମ୍ୟାଚ୍ ଥିବାବେଳେ ଭାରତୀୟ ଖେଳାଳି ନିଜ କ୍ୟାପ୍‌ଟେନ୍‌ଙ୍କୁ ବିଜୟ ସହିତ ଆକର୍ଷଣୀୟ ଉପହାର ଦେଇଛନ୍ତି। ହରମନ୍‌ପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଭାରତୀୟ ଟିମ୍ ଚଳିତ ଟୁର୍ଣ୍ଣାମେଣ୍ଟ୍‌ରେ ଅଜେୟ ରହିଛି। ଭାରତ ଗ୍ରୁପ୍ ପର୍ଯ୍ୟାୟରେ ନିଜର ସମସ୍ତ ତିନିଟି ଯାକ ମ୍ୟାଚ୍ ଜିତିଥିଲା। ପ୍ରଥମେ ଚୀନ୍‌କୁ ୪-୩ରେ ହରାଇବା ପରେ ଜାପାନକୁ ୩-୨ ଏବଂ କଜାଖସ୍ତାନକୁ ୧୫-୦ରେ ମାତ୍ ଦେଇଥିଲା। ଏହାପରେ ଟିମ୍ ସୁପର୍-୪ ପର୍ଯ୍ୟାୟର ପ୍ରଥମ ମ୍ୟାଚ୍‌ରେ ସାଉଥ୍ କୋରିଆକୁ ୨-୨ରେ ରୋକିଥିଲା।

## ୟୁଏସ୍ ଓପନ୍: ସ୍ୱିଆଟେକ୍‌ଙ୍କୁ ହରାଇଲେ ଆନିସିମୋଭା

# ପୁରୁଷ ଡବଲ୍ସ ସେମିଫାଇନାଲ୍‌ରେ ୟୁକି ଭାମ୍ବ୍ରୀ

**ନ୍ୟୁୟର୍କ,୪।୯/ଏଜେନ୍ସି:** ଭାରତୀୟ ଟେନିସ୍ ଷ୍ଟାର୍ ୟୁକି ଭାମ୍ବ୍ରୀ ଓ ତାଙ୍କ ନ୍ୟୁଜିଲାଣ୍ଡ ଯୋଡ଼ିଦାର ମାଇକେଲ୍ ଭେନସ୍ ଚଳିତ ୟୁଏସ୍ ଓପନ୍‌ରେ ଚମତ୍କାର ପ୍ରଦର୍ଶନ ଜାରିରଖି ପୁରୁଷ ଡବଲ୍ସ ସେମିଫାଇନାଲ୍‌ରେ ସ୍ଥାନ ହାସଲ କରିଛନ୍ତି। ବୁଧବାର ନ୍ୟୁୟର୍କ କୋର୍ଟ ନଂ-୧୭ରେ ଖେଳାଯାଇଥିବା କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍‌ରେ ସେ ଏକାଦଶ ସିଡ୍ ନିକୋଲା ମେକ୍ଟିକ ଓ ରାଜୀବ ରାମଙ୍କ ଯୋଡ଼ିକୁ ୬-୩, ୭-୬, ୬-୩ ସିଧା ସେଟ୍‌ରେ ହରାଇ ଦେଇଛନ୍ତି। ବିଶ୍ୱ ଡବଲ୍ସ ର୍ୟାଙ୍କିଙ୍ଗ୍‌ର ୩୨ତମ ସ୍ଥାନରେ ଥିବା ୩୩ ବର୍ଷୀୟ ଭାମ୍ବ୍ରୀ ଭାରତର ଶୀର୍ଷ ଡବଲ୍ସ ଖେଳାଳି। ସେ ପ୍ରଥମ ଥର ପାଇଁ କୌଣସି ଗ୍ରାଣ୍ଡସ୍ଲାମ୍ ଟୁର୍ଣ୍ଣାମେଣ୍ଟର ଡବଲ୍ସ ସେମିଫାଇନାଲ୍‌ରେ ପହଞ୍ଚିଛନ୍ତି। ଏହା ପୂର୍ବରୁ ଫ୍ରାନ୍ସର ଅଲ୍‌ବାନୋ ଓଲିଭେଟିଙ୍କ ସହ ସେ ୨୦୨୪ ୟୁଏସ୍ ଓପନ୍ ପ୍ରି-କ୍ୱାର୍ଟର୍ ଫାଇନାଲ୍ ପର୍ଯ୍ୟନ୍ତ ପହଞ୍ଚିଥିଲେ। ଭାମ୍ବ୍ରୀଙ୍କ ନିକଟରେ ୨୦୧୫ ପରେ ପ୍ରଥମ ଭାରତୀୟ ଭାବେ ୟୁଏସ୍ ଓପନ୍ ଜିତିବା ସୁଯୋଗ ରହିଛି। ଭାରତ ପକ୍ଷରୁ ଲିଆଣ୍ଡର ପେସ୍ ମିକ୍ସଡ୍ ଡବଲ୍ସ ଏବଂ ସାନିୟା ମିର୍ଜା ମହିଳା ଡବଲ୍ସ ଟାଇଟଲ୍ ଜିତିଥିଲେ।

ଏହା ପୂର୍ବରୁ ଭାମ୍ବ୍ରୀ ଓ ଭେନସ୍ ପ୍ରି-କ୍ୱାର୍ଟର୍ ଫାଇନାଲ୍‌ରେ କେଭିନ୍ କ୍ରାଭିଏଟ୍‌ଜ ଓ ଟିମ୍ ପୁଟ୍‌ଜଙ୍କ ଚତୁର୍ଥ ସିଡ୍ ଯୋଡ଼ିକୁ ମାତ୍ର ୧ ଘଣ୍ଟା ୨୩ ମିନିଟ୍ ମଧ୍ୟରେ ୬-୪, ୬-୪ ସେଟ୍‌ରେ ହରାଇ କ୍ୟାରିୟର୍‌ରେ ପ୍ରଥମ ଥର କୌଣସି ଗ୍ରାଣ୍ଡସ୍ଲାମ୍ ଟୁର୍ଣ୍ଣାମେଣ୍ଟ୍‌ର କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଥିଲେ।

ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍ସରେ ଆମେରିକାର ଅଷ୍ଟମ ସିଡ୍ ଅମାଣ୍ଡା ଆନିସିମୋଭା ଚମତ୍କାର ପ୍ରଦର୍ଶନ କରି ଦ୍ୱିତୀୟ ସିଡ୍ ପୋଲାଣ୍ଡର୍ ଇଗା ସ୍ୱିଆଟେକ୍‌ଙ୍କୁ ୬-୪, ୬-୩ ସିଧା ସେଟ୍‌ରେ ହରାଇ ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଏହା ସହିତ ଆନିସିମୋଭା ୱିମ୍ବଲଡନ୍ ଫାଇନାଲ୍ ପରାଜୟର ପ୍ରତିଶୋଧ ମଧ୍ୟ ନେଇଛନ୍ତି। ଜୁଲାଇରେ ୱିମ୍ବଲଡନ୍ ଫାଇନାଲ୍‌ରେ ସ୍ୱିଆଟେକ୍ ତାଙ୍କୁ ୬-୦, ୬-୦ରେ ହରାଇ ଟାଇଟଲ୍ ହାସଲ କରିଥିଲେ। ୨୪ ବର୍ଷୀୟା ଆନିସିମୋଭା ସେମିଫାଇନାଲ୍‌ରେ ଦୁଇଥର ୟୁଏସ୍ ଓପନ୍ ଚାମ୍ପିଅନ୍ ନାଓମୀ ଓସାକାଙ୍କୁ ଭେଟିବେ। ଓସାକା ଅନ୍ୟ ଏକ କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍‌ରେ ଏକାଦଶ ସିଡ୍ ଚେକ୍ ଗଣରାଜ୍ୟର କାରୋଲିନା ମୁଚୋଭାଙ୍କୁ ୬-୪, ୭-୬ (୭)ରେ ହରାଇ ଅନ୍ତିମ ୪ରେ ସ୍ଥାନ ପକ୍କା କରିଛନ୍ତି।



### ପ୍ରଥମ ଥର ଗ୍ରାଣ୍ଡସ୍ଲାମ୍ ଶୀର୍ଷ-୪ରେ ସ୍ଥାନ ହାସଲ

ପୁରୁଷ ସିଙ୍ଗଲ୍ସରେ ବିଶ୍ୱର ଏକ ନମ୍ବର ଖେଳାଳି ତଥା ଡିଫେଣ୍ଡିଂ ଚାମ୍ପିଅନ୍ ଇଟାଲୀର ଜାନିକ୍ ସିନର୍ ନିଜ ଦେଶର ଲୋରେଞ୍ଜୋ ମୁସେଟ୍ଟିଙ୍କୁ ୬-୧, ୬-୪, ୬-୨ ସିଧା ସେଟ୍‌ରେ ହରାଇ ସେମିଫାଇନାଲ୍‌ରେ ସ୍ଥାନ ପକ୍କା କରିଛନ୍ତି। ଶନିବାର ସେମିଫାଇନାଲ୍‌ରେ ସିନର୍ କାନାଡାର ଫେଲିକ୍ସ ଆଗର-ଆଲିଆସିମିଙ୍କୁ ଭେଟିବେ।

## ଦୁଲୀପ୍ ଟ୍ରଫି ସେମିଫାଇନାଲ୍: ରତୁରାଜ ଗାଏକ୍‌ୱାଡ୍‌ଙ୍କ ୧୮୪ ରନ୍

# ୱେଷ୍ଟ ଜୋନ୍ ୩୬୩/୬, ସାଉଥ୍ ଜୋନ୍ ୨୯୭/୩

**ବେଙ୍ଗାଲୁରୁ,୪।୯/ଏଜେନ୍ସି:** ଦୁଲୀପ୍ ଟ୍ରଫିର ଦୁଇ ସେମିଫାଇନାଲ୍ ମ୍ୟାଚ୍ ଗୁରୁବାରଠାରୁ ସ୍ଥାନୀୟ ବିସିସିଆଇ ସେଣ୍ଟର୍ ଅଫ୍ ଏକ୍ସେଲେନ୍ସର ଉଭୟ ଗ୍ରାଉଣ୍ଡ୍‌ରେ ଆରମ୍ଭ ହୋଇଛି। ମ୍ୟାଚ୍‌ର ପ୍ରଥମ ଦିନ ନର୍ଥ ଜୋନ୍ ବିପକ୍ଷରେ ସାଉଥ୍ ଜୋନ୍ ୩ ୱିକେଟ୍ ବିନିମୟରେ ୨୯୭ ରନ୍ କରିଥିବା ବେଳେ ସେଣ୍ଟ୍ରାଲ୍ ଜୋନ୍ ବିପକ୍ଷରେ ୱେଷ୍ଟ ଜୋନ୍ ୩୬୩ ରନ୍ ମଧ୍ୟରେ ୬ ୱିକେଟ୍ ହରାଇଛି।

ଗ୍ରାଉଣ୍ଡ-ଏ'ରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସାଉଥ୍ ଜୋନ୍ ପକ୍ଷରୁ ତନ୍ମୟ ଅଗ୍ରୱାଲ୍ ଓ ନାରାୟଣ ଜଗଦୀଶନ୍ ଶତକୀୟ ଓପ୍ନିଂ ପାର୍ଟନରସିପ୍ କରିଥିଲେ। ତନ୍ମୟ ୪୩ ରନ୍‌ରେ ଆଉଟ୍ ହେବାପରେ ଦେବଦତ୍ତ ପାଡ଼ିକ୍କଲ୍ ଅର୍ଦ୍ଧଶତକ ହାସଲ କରି ଟିମ୍‌ର ସ୍କୋର୍ ୨୦୦ ପାର୍ ପହଞ୍ଚାଇଥିଲେ। ମୋହିତ କାଲେ ମାତ୍ର ୧୫ ରନ୍ କରି ଫେରିଥିଲେ। ଜଗଦୀଶନ୍ ଦିନର ଖେଳ ଶେଷ ପର୍ଯ୍ୟନ୍ତ ଟିଷ୍ଟି ରହି ୧୪୮ ରନ୍ କରିଛନ୍ତି। ତାଙ୍କ ସହିତ କ୍ୟାପ୍‌ଟେନ୍ ମହମ୍ମଦ ଆଝାରୁଦ୍ଦିନ୍ ୧୧ ରନ୍ କରି ଅପରାଜିତ ରହିଛନ୍ତି। ନର୍ଥ ଜୋନ୍ ପକ୍ଷରୁ ନିଶାନ୍ତ ସିନ୍ଧୁ ୨ଟି ଏବଂ ଅଂଶୁଲ କମ୍ବୋଜ ଗୋଟିଏ ୱିକେଟ୍ ନେଇଛନ୍ତି।



ଗ୍ରାଉଣ୍ଡ-ବି'ରେ ଟସ୍ ଜିତି ବ୍ୟାଟିଂ ନେଇଥିବା ୱେଷ୍ଟ ଜୋନ୍‌ର ଦୁଇ ଓପ୍ନର୍ ଯଶସ୍ୱୀ ଜୟସ୍ୱାଲ୍ ୪ ଏବଂ ୱିକେଟ୍‌କିପର୍ ହାର୍ଭିକ୍ ଦେସାଇ ମାତ୍ର ୧ ରନ୍‌ରେ ଶୀଘ୍ର ଆଉଟ୍ ହୋଇଥିଲେ। ଏହାପରେ ଆର୍ଯ୍ୟ ଦେସାଇ ୩୯ ରନ୍ କରି ଟିମ୍‌ର ସ୍କୋର୍ ୧୦୦ ରନ୍ ନିକଟରେ ପହଞ୍ଚାଇଥିଲେ। ନଂ-୪ରେ ବ୍ୟାଟିଂ ପାଇଁ ଆସିଥିବା ରତୁରାଜ ଗାଏକ୍‌ୱାଡ୍‌ଙ୍କ ସାମ୍ନାରେ ଶ୍ରେୟସ୍ ଆୟର ୨୫ ଏବଂ ଶମ୍ସ ମୁଲାନୀ ୧୮ ରନ୍ କରି ଆଉଟ୍ ହୋଇଥିଲେ। ଏହାପରେ ତନୁଷ କୋଟିୟାନ୍‌ଙ୍କ ସହ ଇନିଂସ୍ ସମ୍ଭାଳି ଗାଏକ୍‌ୱାଡ୍ ଟିମ୍‌ର ସ୍କୋର୍ ୩୦୦ ରନ୍ ପାର୍ କରିଥିଲେ। ଗାଏକ୍‌ୱାଡ୍ ୧୮୪ ରନ୍ କରି ଆଉଟ୍ ହୋଇଥିଲେ। ପ୍ରଥମ ଦିନ ଖେଳ ଶେଷ ବେଳକୁ ଟିମ୍ ୬ ୱିକେଟ୍ ବିନିମୟରେ ୩୬୩ ରନ୍ କରିଥିଲା। କୋଟିୟାନ୍ ୬୫ ଏବଂ କ୍ୟାପ୍‌ଟେନ୍ ଶାର୍ଦ୍ଦୁଳ ଠାକୁର ୨୪ ରନ୍‌ରେ ଅପରାଜିତ ଫେରିଥିଲେ। ସେଣ୍ଟ୍ରାଲ୍ ଜୋନ୍ ପକ୍ଷରୁ ଖଲିଲ୍ ଅହମଦ ଓ ସାରାଂଶ ଜୈନ ୨-୨ ୱିକେଟ୍ ନେଇଥିବା ବେଳେ ଦୀପକ ଚହର ଓ ହର୍ଷ ଦୁବେଙ୍କୁ ୧-୧ ସଫଳତା ମିଳିଥିଲା।

## ଦେଶ ବିଦେଶ

### ଭାରତ ଉପରେ ଶୁଳ୍କ ଜରୁରୀ ଥିଲା: ଟ୍ରମ୍ପ୍

**ୱାଶିଂଟନ୍, ୪।୯/ଏଜେନ୍ସି:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଉପରେ ୫୦% ଶୁଳ୍କ ଲାଗୁ କରିବା ପରେ ଆମେରିକାର ଏକ ଫେଡେରାଲ୍ କୋର୍ଟ ତାଙ୍କୁ କଡ଼ା ଭର୍ତ୍ସନା କରିଥିଲେ। ଏହି ପଦକ୍ଷେପ ଅବୈଧ ବୋଲି କୋର୍ଟ ଘୋଷଣା କରିଥିଲେ। ଟ୍ରମ୍ପ୍ ନିଜ ସୀମା ଲଂଘନ କରି ଜରୁରିକାଳୀନ ଶକ୍ତିର ଦୁରୁପଯୋଗ କରିଥିବା କୋର୍ଟ କହିଥିଲେ। ତେବେ ଟ୍ରମ୍ପ ପ୍ରଶାସନ ଏନେଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ଖଣ୍ଡପୀଠଙ୍କ ସମ୍ମୁଖରେ ଏକ ସତ୍ୟପାଠ ଦାଖଲ କରିଛି। ଏଥିରେ ଦର୍ଶାଯାଇଛି ଯେ, ୟୁକ୍ରେନ୍‌ରେ ଶାନ୍ତି ପାଇଁ ଭାରତ ଉପରେ ଶୁଳ୍କ ଲାଗୁ କରିବା ଅତ୍ୟନ୍ତ ଜରୁରି ଥିଲା। ଏଥିସହ ଭାରତ ସହିତ ଅନେକ ଦେଶ ଉପରେ ଲଗାଯାଇଥିବା ଟାରିଫ୍ ହଟାଗଲେ ଅନେକ ବାଣିଜ୍ୟିକ ସମସ୍ୟା ଉପୁଜିନ୍ନ ହେବ। ବିଦେଶରେ ଶାନ୍ତି ପ୍ରତିଷ୍ଠା କରିବାର ପ୍ରୟାସ ମଧ୍ୟ ଦୁର୍ବଳ ହୋଇଯିବ। ରୁଷ୍ -ୟୁକ୍ରେନ ଯୁଦ୍ଧକୁ ନେଇ ଜାରି ହୋଇଥିବା ଜାତୀୟ ଜରୁରିକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଭାରତ ଉପରେ ଟାରିଫ୍ ଲଗାଯାଇଛି।

## ଜିଏସ୍‌ଟି ସ୍ଲାବ୍‌ରେ ପରିବର୍ତ୍ତନ ପ୍ରସଙ୍ଗ

# ଟାଇମିଂକୁ ନେଇ କଂଗ୍ରେସର ପ୍ରଶ୍ନ, ମୋଦୀଙ୍କ ଶାଣିତ ଜବାବ

**ନୂଆଦିଲ୍ଲୀ, ୪।୯/ଏଜେନ୍ସି:** ବ୍ୟବସାୟ କ୍ଷେତ୍ରରେ ଟିକସ ବୋଝ କମ୍ କରିବା ଉଦ୍ଦେଶ୍ୟରେ ଦିନକ ପୂର୍ବେ ଜିଏସ୍‌ଟି ପରିଷଦ ଏକ ବଡ଼ ନିଷ୍ପତ୍ତି ନେଇଛି। ପରିଷଦର ୫୬ତମ ବୈଠକରେ ପୂର୍ବ ପ୍ରଚଳିତ ଜିଏସ୍‌ଟି ବ୍ୟବସ୍ଥାରୁ ୧୨% ଏବଂ ୨୮% ଟିକସ ସ୍ଲାବ୍ ହଟାଇବା ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏଣିକି କେବଳ ଜିଏସ୍‌ଟି ବ୍ୟବସ୍ଥାରେ ଦୁଇଟି ସ୍ଲାବ୍ ୫% ଏବଂ ୧୮% ପ୍ରଯୁଜ୍ୟ ହେବ। ବୈଠକ ପରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏକ ସାମ୍ବାଦିକ ସମ୍ମିଳନୀରେ ଏସମ୍ପର୍କରେ ସୂଚନା ଦେଇଥିଲେ। ତେବେ ଏହା ପରେ ପରେ ବିରୋଧୀ ଦଳ ବିଶେଷକରି କଂଗ୍ରେସ ପକ୍ଷରୁ ସରକାରଙ୍କ ଆଭିମୁଖ୍ୟ ଉପରେ ଏବେ ପ୍ରଶ୍ନ ଉଠାଯିବା ଆରମ୍ଭ ହୋଇଛି। ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ବିରୋଧୀ କଂଗ୍ରେସକୁ ଶାଣିତ ସ୍ୱରରେ ଜବାବ ଦେଇଛନ୍ତି। ମୋଦୀ କହିଛନ୍ତି, କଂଗ୍ରେସ ପିଲାମାନଙ୍କ ଟଫି ଚକୋଲେଟ୍ ଉପରେ ମଧ୍ୟ ଟିକସ ଲଗାଇଥିଲା। ମୋଦୀଙ୍କ କହିବାନୁସାରେ '୨୦୧୪ରେ ବିଜେପି କ୍ଷମତାକୁ ଆସିବା ପୂର୍ବରୁ, କଂଗ୍ରେସ ରୋଷେଇ ଘରର ସାମଗ୍ରୀ ହେଉ କିମ୍ବା କୃଷି ସାମଗ୍ରୀ, କିମ୍ବା ଔଷଧ, ଏପରିକି ଜୀବନ ବୀମା ସବୁକ୍ଷେତ୍ରରେ ଏପରି ବିଭିନ୍ନ ଜିନିଷ ଉପରେ ଭିନ୍ନ ଭିନ୍ନ ଟିକସ ନେଉଥିଲା। ଆଜି ଯେତେବେଳେ ଦେଶରେ କିଛି ଭଲହେବାକୁ ଯାଉଛି, ସେତେବେଳେ କଂଗ୍ରେସକୁ ଏସବୁ ଖରାପ ଲାଗୁଛି। ସେଥିପାଇଁ ସରକାରଙ୍କ ପ୍ରତ୍ୟେକ ଯୁକ୍ତିଯୁକ୍ତ ନିଷ୍ପତ୍ତିକୁ ମଧ୍ୟ କଂଗ୍ରେସ ସମାଲୋଚନା କରୁଛି। କଂଗ୍ରେସ ଏବେ ୮ ବର୍ଷ ପୂର୍ବରୁ ଏନେଇ ଦାବି କରିଆସୁଥିବା କଥା କହି ଏହାକୁ ମଧ୍ୟ ନିଜ ନାମରେ କରିବାକୁ ଚେଷ୍ଟା କରୁଛି। ତେବେ ମୋଦୀଙ୍କ ଏପ୍ରକାର ଶାଣିତ ଉତ୍ତର କଂଗ୍ରେସର ସେସବୁ ନେତାମାନଙ୍କୁ ଶକ୍ତ ଜବାବ ଯେଉଁମାନେ ଜିଏସ୍‌ଟିର ସଂସ୍କାରକୁ ନେଇ ପ୍ରଶ୍ନ ଉଠାଇଛନ୍ତି।



### ପିଲାଙ୍କ ଟଫି ଚକୋଲେଟ୍ ଉପରେ ବି ଟ୍ୟାକ୍ସ ନେଉଥିଲା କଂଗ୍ରେସ: ପ୍ରଧାନମନ୍ତ୍ରୀ

ସରକାରଙ୍କ ପକ୍ଷରୁ ଏପ୍ରକାର ନିଷ୍ପତ୍ତିକୁ ଯେଉଁଠି ଦେଶବ୍ୟାପୀ ପ୍ରଶଂସା କରାଯାଉଛି ବିରୋଧୀ କଂଗ୍ରେସ କିନ୍ତୁ ଏହାକୁ ତୀବ୍ର ସମାଲୋଚନା କରିଛି। କଂଗ୍ରେସ ଜିଏସ୍‌ଟି ବ୍ୟବସ୍ଥାରେ ଏପ୍ରକାର ପରିବର୍ତ୍ତନର ସମୟକୁ ନେଇ ପ୍ରଶ୍ନ ଉଠାଇଛି। ରିପୋର୍ଟ ଅନୁସାରେ ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍ କହିଛନ୍ତି, ଜିଏସ୍‌ଟିରେ ଏପ୍ରକାର ପରିବର୍ତ୍ତନ ସ୍ୱାଗତଯୋଗ୍ୟ। କିନ୍ତୁ ଏଥିପାଇଁ ୮ ବର୍ଷର ସମୟ ବହୁ ଅଧିକ। ଏତଦ୍‌ବ୍ୟତୀତ ସରକାର ଜିଏସ୍‌ଟିରେ ସରଳୀକରଣ ପାଇଁ ଏପରି ଏକ ସମୟକୁ କାହିଁକି ବାଛିଲେ ତାହା ମଧ୍ୟ ସନ୍ଦେହ ସୃଷ୍ଟି କରୁଛି। ଆଗକୁ ବିହାର ସମେତ କେତେକ ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ସୁତରାଂ ନିର୍ବାଚନରେ ଏକ ବଡ଼ ଧରଣର ଲାଭ ପାଇବା ଉଦ୍ଦେଶ୍ୟରେ କେନ୍ଦ୍ରରେ କ୍ଷମତାସୀନ ଏନ୍‌ଡିଏ ସରକାର ଏପରି ନିଷ୍ପତ୍ତି ନେଇଥିବା ଅନୁମାନ ଆଦୌ ଅମୂଳକ ନୁହେଁ। ସେହିପରି କଂଗ୍ରେସର ଅନ୍ୟତମ ବରିଷ୍ଠ ନେତା ଜୟରାମ ରମେଶ ମଧ୍ୟ ନିର୍ବାଚନ ସମୟରେ ଜିଏସ୍‌ଟି ସଂସ୍କାରକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେ ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି ଏବଂ କହିଛନ୍ତି ଯେ, ୮ ବର୍ଷ ପରେ ସରକାର ନିଜ ଭୁଲ୍‌କୁ ସ୍ୱୀକାର ନକରି ମଧ୍ୟ ସୁଧାରିବାକୁ ଉତ୍ତମ ପ୍ରୟାସ କରିଛନ୍ତି। ଜୟରାମ କହିଛନ୍ତି, ମୋଦୀ ସରକାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଭାରତ ଉପରେ ଲାଗୁ କରାଯାଇଥିବା ୫୦% ଶୁଳ୍କ ସମେତ ଅନେକ ପ୍ରସଙ୍ଗ ଉପରେ ଅନୁମାନ କରି ଏପ୍ରକାର ନିଷ୍ପତ୍ତି ନେଇଛନ୍ତି। ଅନ୍ୟପକ୍ଷେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖର୍ଗେ ନିଜ ସୋସିଆଲ ମିଡିଆ ଏକ୍ସ' ଆକାଉଣ୍ଟରେ ଏକ ପୋଷ୍ଟ କରି ଲେଖିଛନ୍ତି ଯେ ଏହା ଭଲକଥା ଯେ, ୮ ବର୍ଷ ବିଳମ୍ବରେ ହେଲେ ମଧ୍ୟ ମୋଦୀ ସରକାର ନିଜ ଭୁଲ୍ ବୁଝିପାରିଛନ୍ତି। ପ୍ରଚଳିତ ଜିଏସ୍‌ଟି ବ୍ୟବସ୍ଥାରେ ତ୍ରୁଟି ରହିଥିବାକୁ ପ୍ରତ୍ୟକ୍ଷ ଭାବେ ନହେଲେ ମଧ୍ୟ ପରୋକ୍ଷରେ ସରକାର ସ୍ୱୀକାର କରିଛନ୍ତି। ତେବେ ଦେଶବାସୀ ଭଲଭାବେ ଜାଣିଛନ୍ତି ଯେ ଦେଶରେ ଜିଏସ୍‌ଟି ବ୍ୟବସ୍ଥା ଆରମ୍ଭ ହେବା ପରଠାରୁ ଆଜି ପର୍ଯ୍ୟନ୍ତ ଅର୍ଥାତ୍ ପ୍ରାୟ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି କଂଗ୍ରେସ ପ୍ରଚଳିତ ଜିଏସ୍‌ଟି ବ୍ୟବସ୍ଥାକୁ ସରଳୀକରଣ କରିବାକୁ ଦାବି କରିଆସୁଥିଲା। ଖର୍ଗେ କହିଛନ୍ତି, ୨୦୧୧ରେ, ଯେତେବେଳେ ତତ୍କାଳୀନ ଅର୍ଥମନ୍ତ୍ରୀ ପ୍ରଣବ ମୁଖାର୍ଜୀ ଜିଏସ୍‌ଟି ବିଲ୍ ଆଣିଥିଲେ, ସେତେବେଳେ ବିଜେପି ଏହାକୁ ବିରୋଧ କରିଥିଲା। ଆଜି, ସେହି ବିଜେପି ସରକାର ଜିଏସ୍‌ଟିକୁ ନେଇ ଏକ ମହାନ କାର୍ଯ୍ୟ କରିଥିବାର ଡ୍ରାମା କରୁଛି।

# ୧୧୦୦ କୋଟିରେ ବିକ୍ରି ହେଲା ନେହରୁଙ୍କ ପ୍ରଥମ ସରକାରୀ ବାସଭବନ

**ନୂଆଦିଲ୍ଲୀ,୪।୯/ଏଜେନ୍ସି:** ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ପ୍ରଥମ ସରକାରୀ ବାସଭବନ ବିକ୍ରି ହୋଇଛି। ପ୍ରାୟ ୧୧୦୦ କୋଟି ଟଙ୍କାରେ ଏହି ଡିଲ୍ ହୋଇଥିବା ସୂଚନା ମିଳିଛି। ପ୍ରକାଶ, ୧୯୪୮ରେ ତିନ୍ ମୂର୍ତ୍ତି ଭବନକୁ ସ୍ଥାନାନ୍ତରିତ ହେବା ପୂର୍ବରୁ ୧ ୟର୍କ ରୋଡ୍ (ବର୍ତ୍ତମାନ ୧୭ ମୋତିଲାଲ ନେହେରୁ ମାର୍ଗ) ସ୍ଥିତ ଏହି ବାସଭବନରେ ନେହରୁ ବାସ କରୁଥିଲେ। ସୁବିସ୍ତୃତ ଲନ୍, ଶାସ୍ତ୍ରୀୟ ସ୍ଥାପତ୍ୟ ସହ ରାଜଧାନୀ ଦିଲ୍ଲୀର କେନ୍ଦ୍ରସ୍ଥଳରେ ଅବସ୍ଥିତ ଏହି ମୂଲ୍ୟବାନ ସ୍ଥାନ ସହିତ, ଏହି ବଙ୍ଗଳା କେବଳ ଯେ ଏକ ବିଳାସପୂର୍ଣ୍ଣ ବାସଭବନ ତାହା ନୁହେଁ ବରଂ ଭାରତର ଆଧୁନିକ ରାଜନୈତିକ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟକୁ ମଧ୍ୟ ଏହା ମୂର୍ତ୍ତିମନ୍ତ କରିଥାଏ।

ସୂତ୍ରରୁ ମିଳିଥିବା ସୂଚନାନୁସାରେ ଏହି ଚୁକ୍ତି ଏହାର ମୂଳ ଉଦ୍ଧୃତ ମୂଲ୍ୟ ଠାରୁ ପ୍ରାୟ ୨୦% ରିହାତିରେ ଚୂଡାନ୍ତ ହୋଇଛି। ତଥାପି, ଏହା ଦିଲ୍ଲୀ ଏବଂ ମୁମ୍ବାଇ ଉଭୟରେ ପୂର୍ବ ପ୍ରତ୍ୟେକ ଉଚ୍ଚ-ପ୍ରୋଫାଇଲ୍ ଆବାସିକ ବିକ୍ରୟକୁ ଅତିକ୍ରମ କରିଛି, ଯାହା ଲୁଟିୟନ୍ସର ଦିଲ୍ଲୀରେ ସମ୍ପତ୍ତି ସହିତ ଜଡିତ ଅସାଧାରଣ ମୂଲ୍ୟକୁ ପ୍ରଦର୍ଶିତ କରିଥାଏ। ନେହରୁଙ୍କ ଏହି ବାସଭବନ ସ୍ୱାଧୀନତାର ସୂର୍ଯ୍ୟୋଦୟ ଏବଂ ବିଭାଜନର ଯନ୍ତ୍ରଣାକୁ ନିକଟରୁ ଦେଖିଛି। ଏହି ବଙ୍ଗଳାର କାନ୍ଥଗୁଡ଼ିକ ଦେଶର ଉତ୍ଥାନ ଏବଂ ପତନ ଦେଖିଛି, ନେତାଙ୍କ ବୈଠକ ଏବଂ ସାଧାରଣ ଲୋକଙ୍କ ଅଭିଯୋଗ ଶୁଣିଛି। ସ୍ୱାଧୀନତା ପରେ ନେହରୁ ଦେଶର ଶାସନ ଭାର ଏହି ସ୍ଥାନରୁ ସମ୍ଭାଳୁଥିଲେ। ଏହା କୌଣସି ସାଧାରଣ ସମ୍ପତ୍ତି ନୁହେଁ। ସୁତରାଂ ଏହାର ବିକ୍ରି ମୂଲ୍ୟ ଏହାକୁ ଦେଶର ସବୁଠାରୁ ମହଙ୍ଗା ଚୁକ୍ତିରେ ପରିଣତ କରିଛି। ପ୍ରାୟ ୩.୭ ଏକର ଜମିରେ ବ୍ୟାପିଥିବା ଏହି ବଙ୍ଗଳାର ପ୍ରାରମ୍ଭିକ ମୂଲ୍ୟ ୧୪୦୦କୋଟି ଟଙ୍କା ଥିଲା। କିନ୍ତୁ ଏହାକୁ ୧୧୦୦କୋଟି ଟଙ୍କାରେ ବିକ୍ରି କରାଯାଇଛି। ଏହି ଐତିହାସିକ ମୂକସାକ୍ଷୀ ରୂପୀ ବଙ୍ଗଳାକୁ ଜଣେ ଭାରତୀୟ ବ୍ୟବସାୟୀ କିଣିଛନ୍ତି ବୋଲି କୁହାଯାଉଛି। କିନ୍ତୁ ତାଙ୍କ ନାମ ଗୋପନ ରଖାଯାଇଛି।

## କୋଇଲା ମନ୍ତ୍ରଣାଳୟର ଷ୍ଟାର୍ ରେଟିଂ ଆୱାର୍ଡ

# ଏମ୍‌ସିଏଲ୍‌ର ୯ କୋଇଲା ଖଣିକୁ ୫ ଷ୍ଟାର୍ ରେଟିଂ




**ସମ୍ବଲପୁର, ୪।୯/ଏଜେନ୍ସି:** ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) କୋଇଲା ମନ୍ତ୍ରଣାଳୟର ଷ୍ଟାର ରେଟିଂ ପୁରସ୍କାରରେ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ମନ୍ତ୍ରଣାଳୟ ପକ୍ଷରୁ ଏମ୍‌ସିଏଲ୍‌ର ୯ଟି କୋଇଲା ଖଣିକୁ ୨୦୨୩-୨୪ ବର୍ଷ ପାଇଁ ସମ୍ମାନଜନକ ୫-ଷ୍ଟାର ରେଟିଂ ପ୍ରଦାନ କରାଯାଇଛି। ଏଥିରେ ୨ଟି ଭୂତଳ ଖଣି (ହୀରାଖଣ୍ଡ-ବୁନ୍ଦିଆ ଏବଂ ଓରିଏଣ୍ଟ କୋଲିଏରୀ ଖଣି ନମ୍ବର ୧ ଏବଂ ୨); ଏବଂ ୬ଟି ଓପନ୍‌କାଷ୍ଟ ଖଣି (କୁଲଡା; ଅନନ୍ତା; ସମଲେଶ୍ୱରୀ; ଭୁବନେଶ୍ୱରୀ; ଲାଜକୁରା; ବେଲପାହାଡ଼ ଏବଂ ଗୋପାଳଜୀ-କଣିହା ସମ୍ପ୍ରସାରଣ ପ୍ରକଳ୍ପ) ଅନ୍ତର୍ଭୁକ୍ତ। ମୁମ୍ବାଇରେ ଆୟୋଜିତ ଏକ ଉତ୍ସବରେ କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ଜି କିଶନ ରେଡ୍ଡୀ, ରାଜ୍ୟ କୋଇଲା ଏବଂ ଖଣିମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ଏବଂ ଭାରତ ସରକାରଙ୍କ କୋଇଲା ମନ୍ତ୍ରଣାଳୟର ସଚିବ ବିକ୍ରମ ଦେବ ଦତ୍ତ (ଆଇଏଏସ୍)ଙ୍କ ଉପସ୍ଥିତିରେ ଏମ୍‌ସିଏଲ୍‌କୁ ପୁରସ୍କୃତ କରିଥିଲେ। ଏମ୍‌ସିଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ଏବଂ ଏମ୍‌ସିଏଲ୍‌ର ନିର୍ଦ୍ଦେଶକ (ଅର୍ଥ) ଏ କେ ବେହୁରା ଏହି ୯ ଖଣିର କ୍ଷେତ୍ର ମହାପ୍ରବନ୍ଧକଙ୍କ ସହିତ ପୁରସ୍କାର ଗ୍ରହଣ କରିଛନ୍ତି।

ଭାରତ ସରକାର ପ୍ରତ୍ୟେକ ଖଣିର ସଫଳତାକୁ ସାମଗ୍ରିକ ଭାବରେ ମୂଲ୍ୟାଙ୍କନ କରି ୧ ରୁ ୫ ପର୍ଯ୍ୟନ୍ତ ସ୍କେଲରେ ଷ୍ଟାର ରେଟିଂ ପ୍ରଦାନ କରନ୍ତି। ଷ୍ଟାର ରେଟିଂ କାର୍ଯ୍ୟକ୍ଷମ ଉତ୍କର୍ଷତା, ସୁରକ୍ଷା ମାନଦଣ୍ଡ, ପରିବେଶଗତ ସ୍ଥାୟୀତ୍ୱ, ଆଧୁନିକ ପ୍ରଯୁକ୍ତିବିଦ୍ୟା ଗ୍ରହଣ ଏବଂ ଆର୍ଥିକ ପ୍ରଦର୍ଶନ ସମେତ ବିଭିନ୍ନ କ୍ଷେତ୍ରରେ ଖଣି ବିକାଶର ଏକ ସୂଚକ। ଏହି ମାନ୍ୟତା ରାଷ୍ଟ୍ରରେ ସ୍ଥାୟୀ ଏବଂ ଦାୟିତ୍ୱପୂର୍ଣ୍ଣ ଖଣି, ନବସୃଜନ ଏବଂ ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବା ପ୍ରତି ଏମ୍‌ସିଏଲର ପ୍ରତିବଦ୍ଧତାର ଏକ ଦୃଢ଼ ପ୍ରମାଣ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra